# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 17/2024 Page 20 ₹ 7.00

୫୦ଶ ଭାଗ ୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 85 ମୂଲ୍ୟ₹୭/-





ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/2024



DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/2024 ପୃଷ୍ଠା-୧

# ୟୁନିଫର୍ମ ପିନ୍ଧିବେ ଏସ୍‌ଏଚ୍‌ଜି ସଦସ୍ୟା

## କ୍ୟାବିନେଟ ନିଷ୍ପତ୍ତି: ୭୦ ଲକ୍ଷ ମହିଳାଙ୍କୁ ମିଳିବ ୧ ହଜାର ଲେଖାଏ



ଭୁବନେଶ୍ୱର,୧୬।୨(ଅନିଲ ଦାସ)

ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସାମାଜିକ କ୍ଷେତ୍ରରେ ସଶକ୍ତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଓଡ଼ିଶାର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କୁ ରାଜ୍ୟ ସରକାର ୟୁନିଫର୍ମ ପାଇଁ ୧ ହଜାର ଟଙ୍କା ଲେଖାଏ ସହାୟତା ଦେବେ। ଏଥିସହିତ ପ୍ରାୟ ୧.୫ ଲକ୍ଷ ପରିଚାଳନା କମିଟି(ଏମ୍‌ସି) ଓ କାର୍ଯ୍ୟନିର୍ବାହୀ କମିଟି(ଇସି) ସଦସ୍ୟଙ୍କୁ ବ୍ଲେଜର କିଣିବା ପାଇଁ ଅତିରିକ୍ତ ୨ ହଜାର ଟଙ୍କା ଲେଖାଏ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୭୩୦କୋଟି ଟଙ୍କା ଖର୍ଚ୍ଚ କରିବେ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏଥିସହିତ କ୍ୟାବିନେଟରେ ମୋଟ ୧୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ସହାୟତା ରାଶି ଏସ୍‌ଏଚ୍‌ଜି ଏବଂ ମହାସଂଘର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ। ଏହି ନିଷ୍ପତ୍ତି ମିଶନ ଶକ୍ତି ଅଧୀନରେ ଥିବା ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ପରିବର୍ତ୍ତନକାରୀ ଭୂମିକାକୁ ସୁଦୃଢ଼ କରିବ। ୫-ଟି ଶାସନ ଅଧୀନରେ ଓଡ଼ିଶା ହେଉଛି ମହିଳା ସଶକ୍ତୀକରଣର ଏକ ଅନନ୍ୟ ମଡେଲ। ମିଶନ ଶକ୍ତି ମହିଳାଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ। ମିଶନ ଶକ୍ତି ଦେଶରେ ମହିଳା ସଶକ୍ତୀକରଣର ଏକ ଆଦର୍ଶ ମଡେଲ ଭାବେ ଉଭା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମିଶନ ଶକ୍ତି ମହିଳାମାନଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧ ସମ୍ଭବ ହୋଇପାରିଛି। ପରିବାର ପରିଚାଳନାଠାରୁ ଉଦ୍ୟୋଗୀରେ ପରିଣତ ହେବା ପର୍ଯ୍ୟନ୍ତ ମିଶନ ଶକ୍ତି ଅଧୀନରେ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟରେ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ଓ ପରିବର୍ତ୍ତନର ଏକ ଜ୍ୱଳନ୍ତ ଉଦାହରଣ ହୋଇ ପାରିଛି।

**ଆଜିର ସମ୍ପାଦକୀୟ** **ପୁନର୍ଗଠନ ସଙ୍କେତ**

## ନିଯୁକ୍ତ ହେବେ ୭୧୪୨ ଡାଟାଏଣ୍ଟ୍ରି ଅପରେଟର

ଗ୍ରାମ ପଞ୍ଚାୟତଗୁଡ଼ିକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାଗୁଡ଼ିକର ଆର୍ଥିକ ପରିଚାଳନା ଓ ଡକୁମେଣ୍ଟେଶନ ସୁବିଧା ପାଇଁ ସମସ୍ତ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲାଗୁଡ଼ିକରେ ରାଜ୍ୟ ସରକାର ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରରେଟର ପଦବୀ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ୭,୧୪୨ ପଦବୀ ସୃଷ୍ଟି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରରେଟରମାନେ ଗ୍ରାମ ପଞ୍ଚାୟତ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବେ। ଗ୍ରାମପଞ୍ଚାୟତକୁ ଅଧିକ ଜୀବନ୍ତ ଓ ଗତିଶୀଳ କରିବା ପାଇଁ ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରେଟର(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ-୨୦୨୪ ନାମରେ ଏକ ନୂତନ ନିୟମ ପ୍ରସ୍ତୁତ କରାଯାଇଛି। ଗ୍ରାମପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିବା ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆକାଉଣ୍ଟାଣ୍ଟ- କମ୍-ଡାଟାଏଣ୍ଟ୍ରି ଅପରେଟର ୩୦ ପ୍ରତିଶତ ପଦବୀରେ ସେମାନଙ୍କୁ ମନୋନୀତ କରାଯିବ। ଅବଶିଷ୍ଟ ୭୦ ପ୍ରତିଶତ ପଦବୀ ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯିବ। ଯେଉଁ ଗ୍ରାମ ରୋଜଗାର ସେବକ ଲଗାତର ୫ ବର୍ଷ ପୂରଣ କରିଥିବେ ଓ ସେମାନଙ୍କର ଆବଶ୍ୟକ ଯୋଗ୍ୟତା ଥିବ ସେମାନଙ୍କୁ ଖାଲି ପଦବୀରେ ଥଇଥାନ କରାଯିବ।

## ଜିଲାପାଳଙ୍କ ପ୍ରଶାସନିକ ଅନୁମୋଦନ କ୍ଷମତା ୧ କୋଟିକୁ ବଢ଼ିଲା

ଭୁବନେଶ୍ୱର,୧୬।୨(ଅନିଲ ଦାସ)

ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପରେ ଜିଲାପାଳମାନଙ୍କ ପ୍ରଶାସନିକ ଅନୁମୋଦନ କ୍ଷମତା ୫୦ ଲକ୍ଷରୁ ୧ କୋଟିକୁ ବୃଦ୍ଧି କରିଛନ୍ତି। ଏଥିସହିତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ସ୍ତରରେ ନିଯୁକ୍ତ ବୈଷୟିକ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ସୀମା ☞ପୃଷ୍ଠା-୭






**ଆଜିର ମନ୍ତବ୍ୟ**

"ବିଗତ ୧୦ ବର୍ଷ ମଧ୍ୟରେ ୟୁପିଆଇ ମଡେଲ ଦେୟ ବ୍ୟବସ୍ଥା ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଅନୁସରଣଯୋଗ୍ୟ ଦୃଷ୍ଟାନ୍ତ ପାଲଟିଛି।
– ରାମନାଥ କୋବିନ୍ଦ, ପୂର୍ବତନ ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମାସ୍ ଇଭେଣ୍ଟସ ପକ୍ଷରୁ ଯୁବ ପ୍ରେରଣା ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ ୯ଟା ୩୦।
- ଯାଦବ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସଂକ୍ରାନ୍ତୀୟ ଆଲୋଚନାଚକ୍ର, ସ୍ଥାନ: ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ମୃତି ସାନ୍ତ୍ୱନା ପତ୍ରିକାର ତ୍ରୟୋଦଶ ବର୍ଷର ସ୍ୱତନ୍ତ୍ର ସାହିତ୍ୟ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ କଲ୍ୟାଣ ପକ୍ଷରୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ, ସ୍ଥାନ: ଓଟିଡିସି ପାନ୍ଥିକା, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞର ଅହୋରାତ୍ର ନାମକୀର୍ତ୍ତନ, ସ୍ଥାନ: ବିଏମ୍‌ସି ୪ନଂ. ୱାର୍ଡର ସୁନ୍ଦରାପାଟଣା, ସମୟ: ସକାଳ ୮ଟା।
- ବାଗ୍‌ଦେବୀ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ:ରାଧାମାଧବ କଲ୍ୟାଣ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଔର ଆଦିତ୍ୟ ବିଦ୍ୟାମନ୍ଦିର ୫ମ ବାର୍ଷିକ ସମାରୋହ, ସ୍ଥାନ: ଶିଙ୍ଗିରି ଶାସନ, ବାଲକାଟୀ, ସମୟ: ଅପରାହ୍ନ ୫ଟା ୩୦।
- ୮ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିସର, ଇଚ୍ଛାଦେଇପାଟଣା ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ଦେବଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ଭୁବନପୁର, ବାରଙ୍ଗ, ସମୟ: ରାତି ୭ଟା।

## ପୁରୀ

- ସୁଧା ପକ୍ଷରୁ ଭାରତୀୟ କ୍ଲାସିକାଲ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବାଲି ନୋଳିଆସାହି ୟୁଜିୟୁପି ସ୍କୁଲ ପରିସର, ସମୟ: ସକାଳ ୮ଟା।
- ବଚ୍ପନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ, ସ୍ଥାନ: ଜଟେଶ୍ୱର ମନ୍ଦିର ଶଗଡ଼ା ପଞ୍ଚାୟତ, ନିମାପଡ଼ା, ସମୟ: ସକାଳ ୯ଟା ୩୦।

## କଟକ

- 'ଇଣ୍ଟ୍ରୋଡକ୍ସନ ଟୁ ଏଲ ଆଣ୍ଡ ବି ପେନ ଥେରାପି' ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳା, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଭାଜପା-ବିଜେଡି ବାହାଘର, ସ୍ଥାନ: ନିଶ୍ଚିନ୍ତକୋଇଲି ବନ୍ଧନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ପଞ୍ଚାୟତ କାର୍ଯ୍ୟକ୍ରମ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର, ବେଣ୍ଟକାର, ଝାରକଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୱେଲସ୍ପନ୍ କମ୍ପାନୀର ଶିଳାନ୍ୟାସ, ସ୍ଥାନ: ଚୌଦ୍ୱାର, ସମୟ: ପୂର୍ବାହ୍ନ ୧୧ଟା ୫୨।
- ମା' ଶାରଳା ସଦନର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଟକ ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- କଟକ ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ଗହିରଗାଡିଆ ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣ, ବେଗୁନିଆ, ସମୟ: ସକାଳ ୮ଟା।
- ବେଗୁନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବେଗୁନିଆ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- କୋଲୁହାପାଟଣା ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା ଖେଳପଡ଼ିଆ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ କ୍ଲବ ଆନୁକୂଲ୍ୟରେ ବସନ୍ତ ପଞ୍ଚମୀ ମହୋତ୍ସବ, ସ୍ଥାନ:ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ଗୋଲେଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପାଟପୁର ବଜାର ଗୋଛାୟତ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ସିଦ୍ଧ ମହାବୀର ପ୍ରଭୁ ଶ୍ରୀରାମ ଲକ୍ଷ୍ମଣ ଓ ମାତା ସୀତାଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଦୁବୁଲାଗଡ଼ି, ବାହାବଳପୁର, ରୂପସା, ସମୟ: ସକାଳ ୯ଟା।
- ବାସୁଦେବପୁରରେ ମା' ଗଡ଼ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ପ୍ରଥମ ଯଜ୍ଞ ଓ ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରା, ସ୍ଥାନ: ବାସୁଦେବପୁର, ବାଲିଆପାଳ, ସମୟ: ସକାଳ ୭ଟା।
- ବକ୍ରେଶ୍ୱର ଶୈବପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଟିପସଗଡିଆସ୍ଥିତ ବକ୍ରେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଲିପୁର ବାବା ବାଲୁକେଶ୍ୱର ସାଂସ୍କୃତିକ ସଙ୍ଗଠନର ବାର୍ଷିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସଙ୍ଗଠନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ନୂଆଗାଁ ପଞ୍ଚାୟତ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ସାଂସ୍କୃତିକ ସମ୍ମିଳନୀ-୨୦୨୪, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ:ମଧ୍ୟାହ୍ନ ୧୨ଟା।
- ୫-ଟି ଯୋଜନାରେ ଆମ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିରସା ସିଏଚ୍‌ସି ଅଧୀନ ବଡ଼ଚାଟରା, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସର, କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନିକଟ ଅଟୋନମସ କଲେଜ ପଡ଼ିଆ, ଉଦଳା ଉପଖଣ୍ଡ ଚିକିତ୍ସାଳୟ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର, କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ହାଇସ୍କୁଲ ପଡ଼ିଆ, ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର ଓ ବାରିପଦା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ୱାର୍ଡ ନଂ.୨୭ କ୍ରେସର ପଡ଼ିଆ ଏବଂ ବିଜେପି ପଡ଼ିଆ, ସମୟ:ମଧ୍ୟାହ୍ନ ୧୨ଟା।
- ୪୨ତମ ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ବାରିପଦା ଗରୁଡ଼ବସା,ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ବିଜେଡି ଓ ଭାଜପା ବାହାଘର, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଜଗନ୍ନାଥପ୍ରସାଦ, ସୁଗୋ ଓ ପଦ୍ମପୁର ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ଯୋଜନାର ସମୀକ୍ଷା, ସ୍ଥାନ: ଗୋଲିଆଡ଼ି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ କଂଗ୍ରେସର ମହାମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାଂଶଡ଼ା, ମୌସୁଧା ଓ ନୂଆଗାଁ ପଞ୍ଚାୟତ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଜିଲାସ୍ତରୀୟ ଆଦିବାସୀ ସଂସ୍କୃତି କାର୍ଯ୍ୟକ୍ରମ, ଆଦି ମହୋତ୍ସବ-୨୦୨୪, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ ଟା।
- ୫-ଟିମାଧ୍ୟମରେ ରୂପାନ୍ତରଣ ହୋଇଥିବା ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବ, ସ୍ଥାନ: ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ, ସମୟ: ଅପରାହ୍ନ ୪ଟା ୩୦।
- ରୋଟାରୀ କ୍ଲବ୍ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ରୋଟାରୀ ଭବନ, ସିନେମା ହଲ ଛକ ନିକଟ, ବଡ଼ବିଲ, ସମୟ: ସକାଳ ୯ ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।

## ରାୟଗଡ଼ା

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୧୧ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ, ସ୍ଥାନ: ଗୁଣପୁର ଜିଆଇଆଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା ସହ ବିଜେଡିର ବାହାଘର, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା୧୫।

## ନବରଙ୍ଗପୁର

- ମୋ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ବଡ଼ଓଲମା ଓ ଘୋଡାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ବ୍ଲକସ୍ତରୀୟ ତ୍ରିଦିବସୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଭାମିନୀ ଖେଳ ପଡ଼ିଆ, ସମୟ: ସକାଳ ୯ଟା
- ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ ସଭା, ସ୍ଥାନ: ବୁର୍ଜା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ପରିଚୟପତ୍ର ବଣ୍ଟନ, ସ୍ଥାନ: ଉଦ୍ୟାନ କୃଷି ତାଲିମ କେନ୍ଦ୍ର, ନୀଳଡୁଙ୍ଗରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଓସିଏ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନୂଆଁ ଓ କାର୍ଯ୍ୟକ୍ରମ, ସ୍ଥାନ: ରେଢାଖୋଲ ବ୍ଲକର ଚାରମାଲ, ମୋଚିବାହାଲ ଏବଂ ଭରତପୁର, ସମୟ: ପୂର୍ବାହ୍ନ ୧୦ ଟା।

## ବଲାଙ୍ଗୀର

- ସଇଁତଳା କଅଁସର ଶାନ୍ତିଦେବୀ କିଣ୍ଡର ଗାର୍ଟେନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ୨ୟ ବାର୍ଷିକ ଗୋପାଳ କାଣ୍ଡ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ, ବଡ଼ଗମ ବନାମ ଖଲିଆଖମାର, ସ୍ଥାନ: ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ବେଦେର ଓ ପଡ଼ିଆବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- କଂଗ୍ରେସର ବିକ୍ଷୋଭ, ସ୍ଥାନ: ଏଡିଏମ୍‌ଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.ଟା ୩୦।
- ଏସ୍ଏରଜି ପକ୍ଷରୁ ବୈଠକ, ସ୍ଥାନ: ସୁଭାଷ ବୋଷ ପାର୍କ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ହକି ପ୍ରୋ ଲିଗ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା୩୦।
- ସୂର୍ଯ୍ୟକାନ୍ତ ମେମୋରିଆଲ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡ଼ିଆ ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣି ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଆମ ହସ୍ପିଟାଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଙ୍ଗାମୁଣ୍ଡା ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତାଲଗଡ଼ ଉତ୍ସବ୍-୨୦୨୪, ସ୍ଥାନ: ଖଗେଶ୍ୱର ମଣ୍ଡପ, ତାଲପଦର, ସମୟ: ସନ୍ଧ୍ୟା ୭ଟା
- ଆମ ହସ୍ପିଟାଲ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଏସ୍ଏସ୍‌ଡି ବାଳିକା ହାଇସ୍କୁଲ, ପଦ୍ମପୁର, ସମୟ: ଅପରାହ୍ନ ୪ଟା ୩୦ମିନିଟ।
- ରକ୍ତଦାନ ଶିବିର, ସ୍ଥାନ: କତାବଗା, ଅତାବିରା, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ମୁଁ ବି ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ କାଉଡୋଲା ଧାନମଣ୍ଡି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଦୁର୍ଗା ମଣ୍ଡପ ପରିସର, ସମୟ: ଅପରାହ୍ନ ୧ଟା।
- ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୫-ଟି ରୂପାନ୍ତର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ସାଢ଼େ ୪ଟା।
- ସିର୍ଜାପାଲି ଗ୍ରାମରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା, ସ୍ଥାନ: କେସିଙ୍ଗା ବ୍ଲକ ସିର୍ଜାପାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଡିଫାଇନ କଳାହାଣ୍ଡିର ଶୋଭାଯାତ୍ରା, ସାଧାରଣ ସଭା, ସ୍ଥାନ: ଭବାନୀପାଟଣା ବ୍ଲକ ଦେପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଆଭାସି ମାଧ୍ୟମରେ ଡାଇଲେସିସ ସେଣ୍ଟର, ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଖଡ଼ିଆଳ ରାଜା ଏଟି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।

## ବୌଦ୍ଧ

- ହରଭଙ୍ଗା ବ୍ଲକର କରଞ୍ଜକଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହରଭଙ୍ଗା ବ୍ଲକର ଧଳପୁର ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧଳପୁର ଖେଳପଡିଆ, ସମୟ: ପୂର୍ବାହ୍ନ : ୧୦ଟା।

## ସୁବର୍ଣ୍ଣପୁର

- ୧୯ତମ ପାତାଳି ମହୋତ୍ସବ ଅଷ୍ଟମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ: ଅପରାହ୍ନ ୫ଟା ୩୦।
- ସର୍ବଭାରତୀୟ ୧୫ତମ ରାମଧୂନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଇଙ୍କଫେଷ୍ଟ ଅବସରରେ ଦ୍ୱିତୀୟ ଆଲୋଚନାଚକ୍ର, ସାଇବର ଅପରାଧ ଓ ସୁରକ୍ଷା, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ପୁଆ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ପୁଆ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଏନ୍‌ଏସିରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣ ମୁରଲୀ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣର ପ୍ରଥମ ଦିବସ, ସ୍ଥାନ: ଭୁଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୭.୧୦ ଘଟିକା।
- ମା' ଫଟାକାଞ୍ଜିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଡିସାହି ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ନିର୍ବାଚନ ପାଇଁ ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳସ୍ଥିତ ସଭାଘର। ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇନ ସେବା ପ୍ରାଧିକାରଣ ବୈଠକ,ସ୍ଥାନ: ସିଭିଲ କୋର୍ଟ ଅନୁଗୋଳ।
- ସମୟ:ଅପରାହ୍ନ ୪ ଘଟିକା।
- ତାଳଚେର-ବିମଳାଗଡ଼ା ରେଳ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟସ, ସମୟ: ଅପରାହ୍ନ ୫ଟା ୩୦।

## ଗଞ୍ଜାମ

- ରୂପାନ୍ତରିତ ସରକାରୀ ଡାକ୍ତରଖାନା ଉଦ୍‌ଘାଟନ, ସ୍ଥାନ: ସୋରଡ଼ା, ସମୟ:ଅପରାହ୍ନ ୪ଟା
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ସୋରଡ଼ା ପଦରାଇସୁଣୀ, ସମୟ: ସକାଳ ୯ଟା।
- ଆମ ଓ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା।
- ଭଞ୍ଜନଗର ମେଡିକାଲ ରୂପାନ୍ତରଣ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ମେଡିକାଲ, ସମୟ: ଅପରାହ୍ନ ୪ ଟା୩୦।

## ନୟାଗଡ଼

- ଭାଗବତ ସପ୍ତାହର ୫ମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବର ଜଳଯାତ୍ରା, ସ୍ଥାନ: ନୟାଗଡ ବ୍ଲକର କଳାହାଣ୍ଡି, ସମୟ: ସକାଳ ୯ଟା।
- ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ବିହାର ରଘୁନାଥ ପୀଠ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଗବତ ପାରାୟଣ ସପ୍ତାହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତର ବେତାଙ୍କି, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗଡିଆସାହି, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତଅଁରା ପଞ୍ଚାୟତ ରଘୁନାଥପୁର, ସମୟ: ସକାଳ ୯ଟା।
- ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ପକ୍ଷରୁ କର୍ମଶାଳା, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଫକୀରାବାଦସ୍ଥ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ବାହାର ରାଜ୍ୟ ଲୋକଙ୍କୁ ରାଜ୍ୟସଭା ପଠାଇବା ବିରୋଧରେ ଜିଲା କଂଗ୍ରେସର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗରାଜପୁର, ବଟିରା ପଞ୍ଚାୟତ କାର୍ଯ୍ୟାଳୟ ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଅଡ଼ି ଓ ରାଜଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚନ୍ଦନପୋଖରୀ ଛକ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଡେରାବିଶ ମିନିଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ ବସୁପୁର, ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ପଞ୍ଚମ ବାର୍ଷିକ ଉତ୍ସବ, ସାଂସ୍କୃତିକ ସମାରୋହ ଓ ମୁଖପତ୍ର ଲୋକାର୍ପଣ, ସ୍ଥାନ: ଗୌତମବୁଦ୍ଧ ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ସହିତ ବିଜେଡିର ଶୁଭ ପରିଣୟ, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନିଆ ଧମକ ଧମେଇଲା,
ଯାଉଁଳି ନାକରେ ସାଉଁଳି ଗୁଣା,
ମାରି ତ ପକେଇଲା।**

ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ମଣିଷ ନିଜକୁ ଦୁର୍ବଳ ମନେକରିଥାଏ। ନାକରେ ଗୁଣା ପିନ୍ଧିଥିବା ଶ୍ୟାମଳୀ ଯୁବତୀର ରୂପ ଲାବଣ୍ୟରେ ବିମୋହିତ ହୋଇପଡିଥିବା ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧନ ଯଉବନ କୁଆର ପାଣି,
ସବୁବେଳେ ନ ଥାଉ ଉଜାଣି।**

ଧନ ଓ ଯୌବନ ଉଭୟେ ଅଚିରସ୍ଥାୟୀ। ଯେମିତି କୁଆର ପରେ ଭଟ୍ଟା ଆସିଥାଏ ସେମିତି ଧନ ମଧ୍ୟ ସମୟକ୍ରମେ ସରି ଯାଇଥାଏ। ସେହିପରି ଯୌବନ ମଧ୍ୟ ଚିରସ୍ଥାୟୀ ହୋଇ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କୂଅରେ ପଡ଼ି ୭ବର୍ଷ ବାଳକଙ୍କ ମୃତ୍ୟୁ

ଦଶପଲ୍ଲା ୧୬।୨
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ମଦନପୁର ଗ୍ରାମରେ ଖେଳୁଥିବା ବେଳେ ଅସାବଧନତା ହେତୁ ଏକ କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ମହାରଣା ପୁଅ ସ୍ମୃତି ରଞ୍ଜନ (୭) ବୋଲି ଜଣାପଡ଼ିଛି। କୂଅରେ ପଡ଼ିଯିବା ପରେ ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ୭/୨୪ ରେ ରୁଜୁ ହୋଇଥିବା ଆଇଆଇସି ମୁକେଶ କୁମାର ବେହେରା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ମିଠା କଥାରେ ଅନ୍ୟକୁ ଆପଣେଇନେବାରେ ସମର୍ଥ ହେବେ। କୃତ୍ତିକା ନକ୍ଷତ୍ରର ପାରିବାରିକ କାରଣରୁ କଳହଜନିତ ମାନସିକ ଅସ୍ଥିରତା ଲାଗି ରହିବ। ଘରର ଅଟକି ରହିଥିବା କାମକୁ ଯଥାଶୀଘ୍ର ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। ସଭାସମିତି, ସଙ୍ଗୀତ, ଚଳଚ୍ଚିତ୍ର ଓ ସାଂସ୍କୃତିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଚତୁର୍ଥସ୍ଥାନ ଶନି ଓ ରବି ଦୃଷ୍ଟ ଯୋଗୁ ପରିବାରର ବ୍ୟୟ ଭରଣା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିପାରନ୍ତି। ରୋହିଣୀ ନକ୍ଷତ୍ରର ମନୋରଞ୍ଜନରେ ରୁଚି ବଳିବ ଓ ଖୁସି ରହିବେ।

**ମିଥୁନ** ଆଜି ଅଷ୍ଟମସ୍ଥ ତିନୋଟି ଗ୍ରହ ହେତୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ କିନ୍ତୁ ଆର୍ଥିକ ଅଭିବୃଦ୍ଧି ନିରୁପଦ୍ରବ ରହିବ। କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିପାରନ୍ତି। ସହକର୍ମୀଙ୍କ ସହ ଆଲୋଚନାରୁ ସନ୍ତୋଷ ପାଇବେ। ନିଜ ପରିସରର ବ୍ୟକ୍ତିଙ୍କ ଆହ୍ୱାନ କ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ସନ୍ତାନଙ୍କ ଶିକ୍ଷା, ବନ୍ଧୁ ସମ୍ପର୍କ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ଉପକୃତ ହେବେ। ଭାବପ୍ରବଣତା କାରଣରୁ ଅଧିକାଂଶ ସମୟ ତର୍କ ବିତର୍କଜନିତ ଅସ୍ଥିରତା ଲାଗି ରହିବ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହୋଇପାରନ୍ତି।

**ସିଂହ** ତୃତୀୟଭାବ ଗୁରୁଦୃଷ୍ଟ ହେତୁ ନିକଟ ସମ୍ପର୍କୀୟ ମାନଙ୍କ ସହ ଦ୍ୱନ୍ଦ୍ୱଯୁକ୍ତ ବାକ୍ୟାଳାପ କରିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ସ୍ନାୟବିକ ଦୁର୍ବଳତା ବିସ୍ମରଣର କାରଣ ହେବ। ବନ୍ଧୁଙ୍କ ସହାୟତାରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ଓ ଖୁସି ହେବେ।

**କନ୍ୟା** ରାଶିରେ କେତୁଙ୍କ ପ୍ରଭାବରେ ସ୍ୱାସ୍ଥ୍ୟହାନି ଓ ମାନସିକ ଅଶାନ୍ତିରେ ଅତିଷ୍ଠ ହୋଇପାରନ୍ତି। ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ତୃତୀୟ ଷଷ୍ଠାଧିପଙ୍କ ଦୃଷ୍ଟିଜନିତ କ୍ରନିକ୍ ରୋଗର ପୀଡ଼ା ଅନୁଭବ କରିବେ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଭୂତପୂର୍ବ ସଫଳତା ହାସଲ କରିବେ। ସ୍ୱାତୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଉଚ୍ଚସ୍ଥ ରାଶ୍ୟାଧିପ ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ଖୁସି ମନରେ କାମ କରିବେ। ଯାହା ଚିନ୍ତା କରିଥିବେ ତାହାକୁ କାର୍ଯ୍ୟରେ ପରିଣତ କରିବେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆର୍ଥିକ ସମସ୍ୟା ଦୂର ହୋଇଯିବ। ପ୍ରଶାସନିକ ସ୍ତରରେ କଠୋର ବାକ୍ୟାଳାପ କାରଣରୁ ଅଧସ୍ତନ କର୍ମଚାରୀଙ୍କଠାରୁ ଆସ୍ଥା ହରାଇପାରନ୍ତି।

**ଧନୁ** ଅନୁକୂଳ ଗ୍ରହସ୍ଥିତି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ବିଜଡିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ବନ୍ଧୁମାନଙ୍କ ଜରିଆରେ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**ମକର** ଆଜି ଏକାଧିକ ଗ୍ରହ ରାଶିରେ ଥିବାରୁ କୌଣସି କ୍ଷେତ୍ରରେ ତରବର ନ ହୋଇ ସତର୍କତାର ସହ କାମ କରିବା ଭଲ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଇଚ୍ଛା ନ ଥାଇ ମଧ୍ୟ ବନ୍ଧୁ ଦ୍ୱାରକୁ ଯିବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରା କରିବେ। ସ୍ୱାର୍ଥକୁ କେନ୍ଦ୍ରକରି ନିଜ ଲୋକଙ୍କଠାରୁ ସମ୍ପର୍କ ହରାଇପାରନ୍ତି।

**କୁମ୍ଭ** ସ୍ୱରାଶିସ୍ଥ ରବି ଓ ଶନି ହେତୁ ବିବାଦୀୟ ଚିନ୍ତାଧାରା ଜନିତ କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ସକାଳୁ ଭ୍ରମଣ ସକାଶେ ମନ ବଳାଇବେ ଓ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ରକରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ଧନଭାବସ୍ଥ ଗୁରୁ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ସଭାସମିତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଆଜି ସଫଳତା ପାଇବେ କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

ଆଜି ଫେବୃଆରୀ ୧୭ ତାରିଖ, ମାଘ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ରାଶିନକ୍ଷତ୍ର-ଘ.୦୮।୪୭ ଗତେ ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୯ ଗତେ ଘ. ୧୦।୩୫ ମଧ୍ୟେ ରାହୁକାଳ।

सत्यमेव जयते
MINISTRY OF
NEW AND
RENEWABLE ENERGY
GOVERNMENT OF INDIA

ନିଜ ଘରକୁ ଦିଅନ୍ତୁ ମାଗଣା ବିଜୁଳି
ଓ ସୌର ଶକ୍ତିର ଉପହାର

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା

ସହିତ ଯୋଡ଼ି ହୁଅନ୍ତୁ



"ଏହି ଯୋଜନା ଅଧିକ ଆୟ, କମ୍ ବିଜୁଳି ବିଲ୍
ଏବଂ ଲୋକଙ୍କ ପାଇଁ କର୍ମନିଯୁକ୍ତି
ସୃଷ୍ଟି କରିବ ।"

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

## ୧ କୋଟି ଘର ପାଇଁ ₹୭୫୦୦୦ କୋଟିର ଯୋଜନା

ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟାବଳୀ

- ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି
- ₹୭୮୦୦୦ ପର୍ଯ୍ୟନ୍ତ ସବ୍‌ସିଡି
- ସ୍ୱଳ୍ପତର ସୁଧ ହାରରେ ଋଣ
- ସହଜ ପଞ୍ଜୀକରଣ ପ୍ରକ୍ରିୟା





pmsuryaghar.gov.in
ପଞ୍ଜୀକରଣ ପାଇଁ ଲଗ୍‌ଇନ୍ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

cbc 28101/13/0015/2324

# ପୁନର୍ଗଠନ ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଧ୍ୟପ୍ରଦେଶର ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନର ହାୱା ବହୁଛି। ନୂତନ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଧିକାରୀମାନଙ୍କୁ କୋର୍ ଟିମ୍‌ରେ ଏକତ୍ର କରିବାକୁ ତ୍ୱରିତ ପଦକ୍ଷେପ ନେଉଛନ୍ତି। ଯାଦବଙ୍କ ସକ୍ରିୟ ଆଭିମୁଖ୍ୟ ରାଜ୍ୟର ଶାସନ ବ୍ୟବସ୍ଥାର ପରିବର୍ତ୍ତନକୁ ସୂଚାଉଛି ଏବଂ ଏହା ନିଃସନ୍ଦେହ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପଛରେ ପକାଇବା ଲାଗି ସେ କେନ୍ଦ୍ର ସହ ଆଲୋଚନା କରୁଛନ୍ତି। କିଛି ସପ୍ତାହ ହେଲା ଆମେ ଏକ ନିର୍ଦ୍ଦିଷ୍ଟ ପ୍ରକାର ନିଯୁକ୍ତି ଓ ପୁନଃ ଆବଣ୍ଟନ ପ୍ରକ୍ରିୟା ଦେଖିବାକୁ ପାଉଛୁ। ବିଶେଷକରି ଚୌହାନଙ୍କ ଶାସନ ପାଳିରେ କାର୍ଯ୍ୟରତ ବରିଷ୍ଠ ବାବୁମାନଙ୍କୁ ଏଡ଼ାଇଯାଇ ନୂଆ ଅଧିକାରୀ ଓ ନୂଆ ଆଭିମୁଖ୍ୟ ନେଇ ନିଯୁକ୍ତି କରିବାରେ ଲାଗିଛନ୍ତି ଯାଦବ । ଲୋକ ସମ୍ପର୍କ କମିଶନର ଭାବରେ ସନ୍ଦୀପ ଯାଦବଙ୍କ ନିଯୁକ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ମୁଖ୍ୟ ଭାବେ ସମୀର ଯାଦବଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ଦୃଢ଼ତା ଏବଂ ଦକ୍ଷତା ଦର୍ଶାଇବାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟକୁ ପରିପ୍ରକାଶ କରିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରମୁଖ ଶାସନ ସଚିବ ଭାବରେ ରଘୁଭେନ୍ଦ୍ର ସିଂଙ୍କ ପଦୋନ୍ନତି ନୂତନତ୍ୱ ସହିତ ଅଭିଜ୍ଞତା ମିଶ୍ରଣର ଏକ ରଣନୀତିକ ପଦକ୍ଷେପକୁ ପ୍ରତିଫଳିତ କରିଛି। ନୂତନ ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି- ଭରତ ଯାଦବ, ଅବିନାଶ ଲାଭାନିଆ, ଚନ୍ଦ୍ରଶେଖର ୱାଲିମ୍ବେ, ଆଦିତ୍ୟ ଗର୍ଗ ଏବଂ ଅନସୁଲ ଗୁପ୍ତା। ସୂତ୍ରରୁ ପ୍ରକାଶ, ନିକଟରେ ପୋଲିସ ମହାନିର୍ଦ୍ଦେଶକ ସୁଧୀର ସକ୍‌ସେନାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଆଇପିଏସ୍ ଅଧିକାରୀଙ୍କ ପୁନର୍ଗଠନର ସଂକେତ ଦେଇଛି ।

### ଅଭିବୃଦ୍ଧି ମଡେଲ୍‌ର ବାସ୍ତବତା

ସମସ୍ତେ ଜାଣନ୍ତି ଯେ ଅର୍ଥ ବ୍ୟବସ୍ଥା ଉପରେ ହ୍ୱାଇଟ୍ ପେପର ଓ ବ୍ଲାକ୍ ପେପରଗୁଡ଼ିକ ପ୍ରାୟତଃ ସାଂଖ୍ୟିକ ତଥ୍ୟଭିତ୍ତିକ ରାଜନୀତିକ ଅସ୍ତ୍ର ହୋଇଥାଏ। ତଥାପି ଏ ସବୁ ପାଇଁ ଏବେ ଉଭୟ ପୂର୍ବତନ ଏବଂ କାର୍ଯ୍ୟରତ ଅମଲାତନ୍ତ୍ରୀମାନେ ନୂତନ ସୂତ୍ର ବାହାର କରିବାକୁ କଠିନ ସଂଘର୍ଷ କରୁଛନ୍ତି, ଯାହା ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଆରମ୍ଭ କରାଯାଇଥିବା ନୀତିଗତ ପଦକ୍ଷେପକୁ ଯଥାର୍ଥ କରିପାରିବ। ଏହି ସଂଘର୍ଷ ମଧ୍ୟରେ ତାମିଲନାଡୁର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବର୍ତ୍ତମାନର ଡିଏମ୍‌କେ ଆଇଟି ମନ୍ତ୍ରୀ ପି.ଥିଆଗା ରାଜନଙ୍କଠାରୁ ଏକ ଅତ୍ୟଧିକ ଶିକ୍ଷଣୀୟ ତଥା ପାଣ୍ଡିତ୍ୟପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିଲା। ଏଥିପାଇଁ କେତେଜଣ ଲୋକ ତାଙ୍କୁ ଆର୍ଥିକ ରାଜନେତା କହି ପ୍ରଶଂସା କରିଥିଲେ। ଆର୍ଥିକ ଅଭିବୃଦ୍ଧି ଓ ଏ ସମ୍ପର୍କିତ ଲାଭକୁ ବିଚାରକଲେ ଯେକୌଣସି ଜାତୀୟ ମଡେଲ ବିଶେଷକରି ବର୍ତ୍ତମାନର ଉତ୍ତରପ୍ରଦେଶ ମଡେଲଠାରୁ କିଭଳି ଦ୍ରାବିଡ଼ିଆନ ମଡେଲ ଅଧିକ ଭଲ ତାହା ଦର୍ଶାଇବାକୁ ସକ୍ଷମ ହୋଇଥିଲେ। ରାଜନଙ୍କ ଯୁକ୍ତି ଯେ ୟୁପି ମଡେଲ ବାସ୍ତବତା ଅପେକ୍ଷା ଅଧିକ ଭ୍ରମାତ୍ମକ। ସେ ତଥ୍ୟ ଦର୍ଶାଇଥିଲେ ଯେ ତାମିଲନାଡୁର ତ୍ୱରିତ ଅଭିବୃଦ୍ଧି ହାର ପ୍ରତିବର୍ଷ ତୁଳନାରେ ୨ ପ୍ରତିଶତ ଅଧିକ ହୋଇଚାଲିଛି। ତେବେ ତାମିଲନାଡୁର ଏହି ଅଭିବୃଦ୍ଧି ପ୍ରତିଶତକୁ ଛୁଇଁବାକୁ ହେଲେ ଉତ୍ତରପ୍ରଦେଶର ମୁଣ୍ଡ ପିଛା ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଏସ୍‌ଡିପି)କୁ ୬୪ ବର୍ଷ ଲାଗିବ! କିନ୍ତୁ ଯେହେତୁ ଆଗକୁ ନିର୍ବାଚନ ହେବାକୁ ଯାଉଛି କେନ୍ଦ୍ରର ବାବୁମାନଙ୍କ ପାଇଁ ୟୁପି ସଫଳତାର ବିଷୟ ଏକ ଭଲ କାହାଣୀ ହୋଇଛି।

### ନିଯୁକ୍ତିରେ ସମସ୍ୟା

କର୍ଣ୍ଣାଟକରେ ୬ଟି ସୂଚନା କମିଶନର ପଦବୀ ପାଇଁ ଆବେଦନ କରିଥିବା ୩୬୦ ଜଣଙ୍କ ମଧ୍ୟରେ ଅଛନ୍ତି କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ, ଅବସରପ୍ରାପ୍ତ ଆଇପିଏସ୍ ଏବଂ ଆଇଏଫ୍ଏସ୍ ଅଧିକାରୀ, ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଜିଲା ଜଜ୍ ଓ ଅଧିକାରୀମାନେ। ନଭେମ୍ବରରେ ସୂଚନା କମିଶନରଙ୍କ ୬ଟି ପଦବୀ ପୂରଣ କରିବାକୁ ସରକାର ବିଜ୍ଞପ୍ତି ଜାରି କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ଅଛନ୍ତି ଆଇଏଏସ୍ ଅଧିକାରୀ ମମତା ବି. ଆର୍ . ଏବଂ ରିଚାର୍ଡ ଭିନ୍‌ସେଣ୍ଟ ଡି'ସୁଜା ଏବଂ ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଅଧିକାରୀ ଏ.ବି.ଇବ୍ରାହିମ, ବି.ବାଲଗୋପାଳ, ଆଲାପ୍ପା ଆର୍, ଏମ୍.ଜି. ହିରେମାଥ, ଅସିତ ମୋହନ ପ୍ରସାଦ, କେ.ଟି.ବାଲାକ୍ରିଷ୍ଣା, ଏମ୍.ଭି .ଅମରନାଥ ଏବଂ ରାଜୀବ ରଞ୍ଜନ। ଏହି ତାଲିକାରେ ଅଛନ୍ତି ୪ଜଣ ଜିଲା ବିଚାରପତି ଓ ୩୦ରୁ ଅଧିକ ଅବସରପ୍ରାପ୍ତ ଅଧିକାରୀ,ଯେଉଁମାନେ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭକରି ଯୁଗ୍ମ ସଚିବ ଏବଂ ଫାଷ୍ଟ ଡିଭିଜନ ଆସିଷ୍ଟାଣ୍ଟ ଯାଏ ପଦବୀରେ କାର୍ଯ୍ୟ କରିଥିଲେ। ତେବେ ଏକ ବିବାଦୀୟ ପ୍ରସଙ୍ଗ ରହିଛି ଯାହାକି ବର୍ଷ ବର୍ଷ ଧରି ଏହିପରି ନିଯୁକ୍ତିରେ ସମସ୍ୟା ସୃଷ୍ଟି କରିଛି। ଯୋଗ୍ୟତା ଆଧାରିତ ବ୍ୟବସ୍ଥା ଉପରେ ରାଜନୈତିକ ସମ୍ପୃକ୍ତିର ପ୍ରଭାବ ବି ରହିଛି। ଆର୍‌ଟିଆଇ ଜରିଆରେ ଅନେକ ବିଭାଗରେ ତ୍ରୁଟି ସାମ୍ନାକୁ ଆଣିଥିବା ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି, ଚୟନ ସମୟରେ ମୌଳିକ ନୀତିକୁ ଲଗାତର ଭାବେ ସରକାରଗୁଡ଼ିକ ଅବହେଳା କରିଆସିଛନ୍ତି। ଅନେକ କ୍ଷେତ୍ରରେ ସନ୍ଦେହଜନକ ରେକର୍ଡ ଥିବା ବ୍ୟକ୍ତିବିଶେଷଙ୍କୁ ଏପରି ପଦବୀରେ ନିଯୁକ୍ତ କରାଯାଇଛି, ଯାହା ସ୍ୱଚ୍ଛତାର ମହତ୍ତ୍ୱକୁ ଦୁର୍ବଳ କରିଦେବା ସହ ଅନୁଷ୍ଠାନଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ନଷ୍ଟ କରିଦେଇଛି।

Email: dilipcherian@gmail.com

# ଈଶ୍ୱର ଦର୍ଶନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଜନ୍ମ ଓ ମୃତ୍ୟୁ ମଧ୍ୟରେ କେବଳ ସୁଖ ଭୋଗ କରେନାହିଁ, ଦୁଃଖ ଓ ଯନ୍ତ୍ରଣାରେ ମଧ୍ୟ ଦଗ୍ଧୀଭୂତ ହୁଏ। ପୁନଶ୍ଚ ହିନ୍ଦୁଧର୍ମ ଅନୁସାରେ ନିଜର କର୍ମ ଅନୁଯାୟୀ ବାରମ୍ବାର ଜନ୍ମଗ୍ରହଣ କରେ। ଏହି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇବା ପାଇଁ ସେ ବିଭିନ୍ନ ସାଧନା କରେ ଓ ବହୁ ଦେବଦେବୀଙ୍କୁ ଆରାଧନା କରେ। ସ୍କନ୍ଦ ପୁରାଣ କହେ-''ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।'' ଅର୍ଥାତ୍ ରଥ ଉପରେ ଜଗନ୍ନାଥଙ୍କ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ। ଏଣୁ ରଥଯାତ୍ରା ସମୟରେ ଜଗନ୍ନାଥ ଦର୍ଶନ ପାଇଁ ଲକ୍ଷାଧିକ ଲୋକ ବଡ଼ଦାଣ୍ଡରେ ସମବେତ ହୁଅନ୍ତି। କେବଳ ଜଗନ୍ନାଥ ମନ୍ଦିର ନୁହେଁ, ଭାରତର ବିଭିନ୍ନ ବିଶିଷ୍ଟ ମନ୍ଦିର ଯଥା ତିରୁପତି ମନ୍ଦିର, ରାମେଶ୍ୱର ମନ୍ଦିର, ମୀନାକ୍ଷୀ ମନ୍ଦିର, କାମାକ୍ଷା ମନ୍ଦିର, ପଦ୍ମନାଭ ମନ୍ଦିର ଆଦିରେ ପ୍ରବଳ ଭିଡ଼ ହୁଏ ଓ ବେଳେବେଳେ ଦଳାଚକଟାରେ ଭକ୍ତମାନେ ଆହତ ହେବାର ଉଦାହରଣ ମଧ୍ୟ ଅଛି। ପ୍ରଶ୍ନ ହେଉଛି, ପ୍ରକୃତରେ ଭକ୍ତମାନେ ମନ୍ଦିରକୁ ଯାଇ ଈଶ୍ୱର ଦର୍ଶନ କରନ୍ତି କି? ଋକ୍‌ବେଦ କହେ- ଈଶ୍ୱର ସର୍ବବ୍ୟାପୀ, ନିରାକାର, ନିର୍ଲିପ୍ତ, କର୍ମାଧ୍ୟକ୍ଷ, ସମସ୍ତ କର୍ମର ସାକ୍ଷୀସ୍ୱରୂପ ଓ ସର୍ବଭୂତର ଅନ୍ତରାତ୍ମାସ୍ୱରୂପ। ଯଜୁର୍ବେଦ କହେ-''ନ ତସ୍ୟ ପ୍ରତିମା ଅସ୍ତି'' ଅର୍ଥାତ୍ ଈଶ୍ୱରଙ୍କ ପ୍ରତିମା ନାହିଁ। ଆମେ ଯେଉଁମାନେ ମନ୍ଦିରକୁ ଯାଉ, ଈଶ୍ୱରଙ୍କୁ ଦେଖି ନ ଥାଉ, ଦେଖୁ ଈଶ୍ୱରଙ୍କ ପ୍ରତିମା। ଚର୍ମଚକ୍ଷୁରେ ଈଶ୍ୱରଙ୍କୁ ଦେଖିହୁଏ ନାହିଁ। ଏଣୁ ମଣିଷ ଈଶ୍ୱରଙ୍କୁ କଳ୍ପନା ଚକ୍ଷୁରେ ଦେଖେ ଓ ତଦନୁଯାୟୀ ତାଙ୍କ ରୂପ ନିଏ ଓ ତାଙ୍କର ପ୍ରତିମା ଗଢ଼େ। ସେହି ପ୍ରତିମା ଭିତରେ ସେ ଈଶ୍ୱରଙ୍କୁ ଅନୁଭବ କରେ। ଏଣୁ ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ ଓ ଚାଣକ୍ୟ ନୀତିରେ କୁହାଯାଇଛି-''ନ ଦେବୋ ବିଦ୍ୟତେ କାଷ୍ଠେ, ନ ପାଷାଣେ, ନ ମୃଣ୍ମୟେ/ ଭାବେ ହିଁ ବିଦ୍ୟତେ ଦେବୋସ୍ତସ୍ମାତ୍ ଭାବୋ ହି କାରଣମ୍।'' ଅର୍ଥାତ୍ କାଠ, ପଥର ବା ମାଟିରେ ଦେବତା ନ ଥା'ନ୍ତି। ସେ ଥା'ନ୍ତି ଭାବରେ। ଏଣୁ ଭାବ ହିଁ କାରଣ।

ଆମେ ଆମ ପ୍ରିୟବ୍ୟକ୍ତିଙ୍କୁ ଦେଖିବାକୁ ଚାହୁଁ। ମାତ୍ର ଯାହାଙ୍କୁ ଦେଖିବାକୁ ଚାହୁଁ ଯଦି ସେ ଦେଖାଦେବାକୁ ନ ଚାହାନ୍ତି, ତେବେ ଆମେ ତାଙ୍କୁ ଦେଖିପାରିବା ନାହିଁ। ଠିକ୍ ସେହିପରି ଭକ୍ତ ଈଶ୍ୱରଙ୍କୁ ଦର୍ଶନ କରିବାକୁ ଚାହେଁ ମାତ୍ର ଈଶ୍ୱର ଦର୍ଶନ ଦେବାକୁ ନ ଚାହିଁଲେ ସେ ତାଙ୍କୁ ଦେଖିପାରିବ ନାହିଁ। ଈଶ୍ୱର ଭକ୍ତର ପ୍ରିୟ ହୋଇପାରନ୍ତି, ମାତ୍ର ଯଦି ଭକ୍ତ ଈଶ୍ୱରଙ୍କ ପ୍ରିୟ ହୋଇ ନ ଥିବ, ଈଶ୍ୱର ଭକ୍ତକୁ ଦର୍ଶନ ଦେବେ କିପରି? ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାକୁ ଗଲେ ଈଶ୍ୱର ଦର୍ଶନ ହୁଏନାହିଁ।



ଭଗବଦ୍ ଗୀତାର ଦ୍ୱାଦଶ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ପ୍ରିୟଭକ୍ତର ଲକ୍ଷଣ ବର୍ଣ୍ଣନା କରିଛନ୍ତି। ଅର୍ଜୁନଙ୍କ ପ୍ରଶ୍ନ ''କେଉଁ ଭକ୍ତ ଆପଣଙ୍କର ପ୍ରିୟ?'' ଏହାର ଉତ୍ତରରେ ସେ କହିଛନ୍ତି, ଯିଏ ନିଃସ୍ୱାର୍ଥ ଭାବେ ସମସ୍ତଙ୍କୁ ପ୍ରେମକରେ, ଦ୍ୱେଷଶୂନ୍ୟ, ଅହଂକାରରହିତ, ଆସକ୍ତିରହିତ, ଦୁଃଖ ଓ ସୁଖରେ ସମଭାବାପନ୍ନ କ୍ଷମାଶୀଳ, ସଂଯମୀ, ଅନୁଦ୍‌ବିଗ୍ନ, ନିଷ୍କାମ, ଶୁଚିସମ୍ପନ୍ନ, ମାନ ଅପମାନରେ ସମଭାବାପନ୍ନ, ସ୍ଥିରବୁଦ୍ଧି, ଶ୍ରଦ୍ଧାଯୁକ୍ତ ଓ ମହତ୍ ପରାୟଣ ସେହି ଭକ୍ତ ମୋର ପ୍ରିୟ। ଏଣୁ ଈଶ୍ୱରଙ୍କ ପ୍ରିୟ ହେବାକୁ ହେଲେ ଏହିସବୁ ଗୁଣର ଅଧିକାରୀ ହେବାକୁ ପଡ଼ିବ ଓ ଈଶ୍ୱରଙ୍କ ପ୍ରିୟ ନ ହେଲେ ଈଶ୍ୱର ଦର୍ଶନ ଦେବେ କିପରି?

ଈଶ୍ୱର ଦର୍ଶନ ସମ୍ପର୍କରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଉପନ୍ୟାସ 'ପ୍ରଭଞ୍ଜନ'ରେ ସୋମ୍ୟଦେବ ଓ ରୀନା ମଧ୍ୟରେ ହୋଇଥିବା କଥୋପକଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରୀନା ସୋମ୍ୟଦେବଙ୍କୁ ପ୍ରଶ୍ନ କଲା, ''ସାଧୁବାବା! ଆପଣ ଭଗବାନ୍‌ଙ୍କୁ ଦେଖିଛନ୍ତି?'' ସୋମ୍ୟଦେବ ଉତ୍ତର ଦେଲେ, ''ହଁ''। ରୀନା କହିଲା ''ମୋତେ ଦେଖାଇପାରିବେ?'' ସୋମ୍ୟଦେବ ହସିଲେ, କିନ୍ତୁ କିଛି କହିଲେ ନାହିଁ। ରୀନା ପୁଣି ପଚାରିଲା, ''ଆପଣ ଯଦି ଦେଖିଛନ୍ତି ମୋତେ ଦେଖାଇ ନ ଦେବେ କିଆଁ? ମୁଁ ତ ଦେଖିବାକୁ ଉତ୍ସୁକ।''

ସୋମ୍ୟଦେବ ଉତ୍ତର ଦେଲେ, ''ଝିଅ! ସେ ତ ପୁଣି ତୁମକୁ ଦେଖିବାକୁ ଉତ୍ସୁକ ହେବା ଲୋଡ଼ା।'' ଆମେ ଯଦି ଜୀବନରେ ଗୀତାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କଥିତ ବିପରୀତ ଗୁଣର ଅଧିକାରୀ ହେବା ଯଥା ଅସଂଯମୀ, ବର୍ବର, ହିଂସ୍ର, ସ୍ୱାର୍ଥାନ୍ୱେଷୀ, ଅହଂକାରୀ ଓ ଦ୍ୱେଷପୂର୍ଣ୍ଣ ହେବା, ତା'ହେଲେ ଈଶ୍ୱର ଆମକୁ ଦର୍ଶନ ଦେବାକୁ ଉତ୍ସୁକ ହେବେ କିପରି? ଆମେ ଈଶ୍ୱରଙ୍କୁ ଭଲ ପାଇପାରୁ। ମାତ୍ର ଈଶ୍ୱର ଆମକୁ ଭଲପାଇବା ଦରକାର, ତା'ହେଲେ ସିନା ସେ ଦର୍ଶନ ଦେବେ। ଏହି ପ୍ରସଙ୍ଗ ଇଂରାଜୀ କବି ଲେ ହଣ୍ଟ ତାଙ୍କ କବିତା ''ଆବୁ ବେନ୍ ଆଦେମ୍''ରେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି।

ଦିନେ ରାତିରେ ଆବୁ ବେନ୍ ଆଦେମ୍‌ଙ୍କ ନିଦ ଭାଙ୍ଗିଗଲା। ସେ ଦେଖିଲେ ଘରର ଏକ କୋଣରେ ଜଣେ ଦେବଦୂତ ଏକ ଖାତାରେ କିଛି ଲେଖୁଛନ୍ତି। ଆବୁ ବେନ୍ ସେ କ'ଣ ଲେଖୁଛନ୍ତି ଜାଣିବାକୁ ଚାହାନ୍ତେ ଦେବଦୂତ କହିଲେ- ମୁଁ ସେହିମାନଙ୍କ ନାମ ଲେଖୁଛି, ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି। ଆବୁ ବେନ୍ ତାଙ୍କ ନାମଟି ତା' ଭିତରେ ଅଛି କି ନା ସେକଥା ଜାଣିବାକୁ ଚାହିଁଲେ। ଦେବଦୂତ ମନା କରିବାରୁ ଆବୁ ବେନ୍ ଭାବିଲେ ବାସ୍ତବିକ୍ ସେ ଜୀବନରେ କେବେ ଈଶ୍ୱରଙ୍କ କଥା ଚିନ୍ତା କରିନାହାନ୍ତି। ଚିନ୍ତା କରିଛନ୍ତି କେବଳ ତାଙ୍କ ଚତୁଃପାର୍ଶ୍ୱରେ ରହୁଥିବା ଦୀନ ଦୁଃଖୀ ମଣିଷଙ୍କ କଥା। ତାଙ୍କ ନାମଟି ସେହି ତାଲିକାରେ ନ ରହିବା ସ୍ୱାଭାବିକ। ଏଣୁ ସେ ଦେବଦୂତଙ୍କୁ କହିଲେ, ''ତା'ହେଲେ ତୁମେ ମଣିଷମାନଙ୍କୁ ଭଲ ପାଉଥିବା ଲୋକଙ୍କ ତାଲିକାରେ ମୋର ନାମଟି ଲେଖିଦିଅ।'' ଦେବଦୂତ ସେଭଳି ଲେଖି ଅନ୍ତର୍ଦ୍ଧାନ ହୋଇଗଲେ। ପରଦିନ ରାତିରେ ଦେବଦୂତ ପୁଣିଥରେ ଆସିଲେ ଓ ପୂର୍ବଭଳି ଏକ ତାଲିକା ମଧ୍ୟ ପ୍ରସ୍ତୁତ କରୁଥିଲେ। ଆବୁ ବେନ୍ ଏଥର ତାଙ୍କୁ କିଛି ପଚାରିଲେ ନାହିଁ। ଦେବଦୂତ ନିଜଆଡୁ କହିଲେ, ଶୁଣ ଆବୁ ବେନ୍ ! ଏଥର ମୁଁ ଆଜି ଆଉ ଏକ ତାଲିକା କରିଛି, ଯେଉଁଥିରେ ରହିଛି ସେହିମାନଙ୍କ ନାମ, ଯେଉଁମାନଙ୍କୁ ଭଗବାନ୍ ଭଲ ପାଆନ୍ତି। ସେଇ ତାଲିକାରେ ତୁମର ନାମ ଅଛି ସର୍ବାଗ୍ରେ।'' ଆବୁ ବେନ୍ କେବେ ଈଶ୍ୱରଙ୍କୁ ଖୋଜି ନ ଥିଲେ କି ସ୍ମରଣ କରି ନ ଥିଲେ। ମାତ୍ର ସେ ଭଲ ପାଉଥିଲେ ତାଙ୍କ ଚତୁଃପାର୍ଶ୍ୱସ୍ଥ ମଣିଷମାନଙ୍କୁ। ଦୁଃଖୀ ଦରିଦ୍ରଙ୍କୁ ସେ ସାହାଯ୍ୟ କରୁଥିଲେ ଓ ଅପାର ଆନନ୍ଦ ଲାଭ କରୁଥିଲେ। ଏଣୁ ଈଶ୍ୱର ତାଙ୍କୁ ଭଲ ପାଉଥିଲେ। ଆବୁ ବେନ୍ ଈଶ୍ୱରଙ୍କୁ ଖୋଜୁ ନ ଥିଲେ, ମାତ୍ର ତାଙ୍କର ସୁକର୍ମ ପାଇଁ ଈଶ୍ୱର ତାଙ୍କୁ ଖୋଜୁଥିଲେ। ଏଣୁ ଈଶ୍ୱର ଆମକୁ ଦର୍ଶନ ଦେବାକୁ ନ ଚାହିଁବା ପର୍ଯ୍ୟନ୍ତ ଆମେ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାକୁ ଗଲେ ମଧ୍ୟ ଈଶ୍ୱର ଦର୍ଶନ ସମ୍ଭବ ହେବନାହିଁ।

ଚର୍ମଚକ୍ଷୁ ରୂପକୁ ଦେଖିପାରେ। ମାତ୍ର ଈଶ୍ୱର ଅରୂପ ହୋଇଥିବାରୁ ଚର୍ମଚକ୍ଷୁରେ ତାଙ୍କୁ ଦେଖିବା ସମ୍ଭବ ନୁହେଁ। 'ଗୀତା'ରେ ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତ, ଈଶ୍ୱର ସମସ୍ତ ଭୂତଙ୍କ ହୃଦୟରେ ବାସ କରନ୍ତି। ଏଣୁ ଈଶ୍ୱରଙ୍କୁ ଚକ୍ଷୁରେ ଦେଖିହୁଏନାହିଁ, ହୃଦୟରେ ଅନୁଭବ କରିହୁଏ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ''ନିଖିଳ ଆତ୍ମାର ସମଷ୍ଟି ରୂପେ ଏକମାତ୍ର ଈଶ୍ୱର ବିଦ୍ୟମାନ ଅଛନ୍ତି ଓ ମୁଁ ସେହି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ। ସେହି ଈଶ୍ୱରଙ୍କ ପୂଜା ପାଇଁ ମୁଁ ଥରକୁ ଥର ଜନ୍ମଗ୍ରହଣ କରିବାକୁ ଚାହେଁ ଓ ମୋର ଇଚ୍ଛା ନରନାରାୟଣ ଯେପରି ମୋର ସର୍ବାଧିକ ଉପାସ୍ୟ ଦେବତା ହୁଅନ୍ତୁ।'' ବିଡ଼ମ୍ବନାର ବିଷୟ ଯେ ମଣିଷ ଜୀବନ୍ତ ଈଶ୍ୱରଙ୍କୁ ସମାଜ ଭିତରେ ନ ଖୋଜି ଅଦୃଶ୍ୟ ଈଶ୍ୱରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାକୁ ଧାଉଁଛି।

ମୋ:୯୪୩୭୩୨୯୨୬୩

# ପରିବର୍ତ୍ତନ ଅପେକ୍ଷାରେ...



ପଲ୍ଲିଶ୍ରୀ ଦାଶ

ପୋଲିସ ସଂସ୍କାରର ମୂଳ ଲକ୍ଷ୍ୟ ପୋଲିସ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ, ମାନବିକ ଅଧିକାର ଆଧାରିତ ବ୍ୟବହାର କରିବା ସହ ନିଜ କାମ ପାଇଁ ଉତ୍ତରଦାୟୀ ହେବା ଉଚିତ। ଏଥିପାଇଁ ପୋଲିସ ବିଭାଗର ମୂଲ୍ୟ, ସଂସ୍କୃତି, ନୀତି ଏବଂ ଅଭ୍ୟାସକୁ ପରିବର୍ତ୍ତନ କରିବା ଜରୁରୀ। ୧୮୬୧ ମସିହାରେ ହୋଇଥିବା ପୋଲିସ ଆଇନ ଆଜି ବି ପୋଲିସ ବିଭାଗରେ କାର୍ଯ୍ୟକାରୀ କରାଯାଉଛି।

୧୯୭୯ ମସିହାରେ ଜାତୀୟ ପୋଲିସ କମିଶନ ଦ୍ୱାରା କରାଯାଇଥିବା ମଡେଲ ପୋଲିସ ଆକ୍ଟରେ ନୂତନ ପୋଲିସ ଆକ୍ଟ ଗଠନ ପାଇଁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବାକୁ କହିଥିଲେ ଏବଂ ଏହା ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ କି ସମ୍ବିଧାନର ଧାରା ୧୪ ଅନୁଯାୟୀ ପୋଲିସ ତା'ର କାର୍ଯ୍ୟ ପାଇଁ ଆଇନ ପାଖରେ ଉତ୍ତରଦାୟୀ ରହିବ- କାରଣ କେହି ଆଇନଠାରୁ ଊର୍ଦ୍ଧ୍ୱ ନୁହନ୍ତି। ୧୯୯୬ ମସିହାରେ ପୂର୍ବତନ ଡିଜିପି ପ୍ରକାଶ ସିଂ ସମ୍ବିଧାନର ଧାରା ୩୨ ଅନୁଯାୟୀ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରି ପୋଲିସ ବିଭାଗରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ। ୧୯୯୮ରେ କୋର୍ଟ ରିବେରୋ କମିଟି ଗଠନ କରିଥିଲେ, ଯାହା ୧୯୯୯ରେ ଏହାର ରିପୋର୍ଟ ଦାଖଲ କରିଥିଲା। ଏହା ପରେ ୨୦୦୦ ମସିହାରେ ପଦ୍ମନାଭୟା କମିଟି ରିପୋର୍ଟ ଆସିଥିଲା ଏବଂ ଶେଷରେ ପୋଲିସ ଆକ୍ଟ ଡ୍ରାଫ୍ଟିଂ କମିଟି (ପିଏଡିସି କିମ୍ବା ସୋଲି ସୋରାବଜୀ କମିଟି) ଗଠନ କରାଯାଇଥିଲା। ୨୦୦୬ରେ କୋର୍ଟ ଏହାର ରାୟ ପ୍ରଦାନ କରିଥିଲେ, ଯାହା ସାଧାରଣତଃ ପ୍ରକାଶ ସିଂ ମାମଲା ଭାବରେ ଜଣାଶୁଣା। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ପୋଲିସ ସଂସ୍କାର ହେବା ଆବଶ୍ୟକ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସାତଟି ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ସଂସ୍କାର ଆରମ୍ଭ କରିବ। କାର୍ଯ୍ୟନିର୍ବାହୀ ଆଦେଶ କିମ୍ବା ନୂତନ ପୋଲିସ ଆଇନ ମାଧ୍ୟମରେ କୋର୍ଟ ଏହାର ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାଗୁଡ଼ିକ ହେଉଛି-

ନିର୍ଦ୍ଦେଶନାମା ୧- ରାଜ୍ୟ ସରକାର ଏକ ରାଜ୍ୟ ସୁରକ୍ଷା ଆୟୋଗ ଗଠନ କରନ୍ତୁ, ନିଶ୍ଚିତ କରନ୍ତୁ ଯେ ପୋଲିସ ଉପରେ ଅଯଥା ପ୍ରଭାବ କିମ୍ବା ଚାପ ପ୍ରୟୋଗ କରିପାରୁ ନ ଥିବେ ଏବଂ ଏଥିପାଇଁ ବ୍ୟାପକ ନୀତି ନିର୍ଦ୍ଦେଶାବଳୀ ତିଆରି କରାଯିବା ସହ ରାଜ୍ୟ ପୋଲିସର କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରାଯାଉ। ୨- ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ ଯେ ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି ମେରିଟ୍ ଆଧାରିତ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଏବଂ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ରହିବା ଆବଶ୍ୟକ। ୩- ସୁନିଶ୍ଚିତ କର ଯେ ଅପରେଶନ ଡ୍ୟୁଟିରେ ଥିବା ଅନ୍ୟ ପୋଲିସ ଅଧିକାରୀଙ୍କୁ (ଏକ ଜିଲା ଦାୟିତ୍ୱରେ ଥିବା ପୋଲିସ ଅଧୀକ୍ଷକ ଏବଂ ପୋଲିସ ଦାୟିତ୍ୱରେ ଥିବା ଷ୍ଟେଶନ ହାଉସ ଅଫିସରଙ୍କ ସମେତ) ମଧ୍ୟ ସର୍ବନିମ୍ନ ଦୁଇ ବର୍ଷ କାର୍ଯ୍ୟକାଳ ଏକ ସ୍ଥାନରେ ଯୋଗାଇ ଦିଆଯାଉଛି। ୪- ପୋଲିସର ଅନୁସନ୍ଧାନ ଏବଂ ଆଇନ ଶୃଙ୍ଖଳା କାର୍ଯ୍ୟକୁ ପୃଥକ୍ କରନ୍ତୁ। ୫- ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଏବଂ ଏହାର ତଳ ପାହ୍ୟାର ପୋଲିସ ଅଧିକାରୀଙ୍କ ସ୍ଥାନାନ୍ତର, ପୋଷ୍ଟିଂ,



ପଦୋନ୍ନତି ଏବଂ ଅନ୍ୟାନ୍ୟ ସେବା ସମ୍ବନ୍ଧୀୟ ବିଷୟ ସ୍ଥିର କରିବାକୁ ଏକ ପୋଲିସ ପ୍ରତିଷ୍ଠା ବୋର୍ଡ ଗଠନ କରନ୍ତୁ। ୬- ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ତଥା ତଦୂର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କ ବିରୋଧରେ ତଥା ପୋଲିସ ହେପାଜତରେ ନିର୍ଯ୍ୟାତନା କିମ୍ବା ବଳାତ୍କାର ଭଳି ଗୁରୁତର ଅସଦାଚରଣ ମାମଲାରେ ରାଜ୍ୟ ସ୍ତରରେ ପୋଲିସ ଅଭିଯୋଗ ପ୍ରାଧିକରଣ ଗଠନ କରନ୍ତୁ। ଗୁରୁତର ଅସଦାଚରଣ ମାମଲାରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ତଳେ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଜନସାଧାରଣଙ୍କ ଅଭିଯୋଗ ପାଇଁ ଜିଲା ସ୍ତର ଅନୁସନ୍ଧାନ ବୋର୍ଡ ଗଠନ କରାଯାଉ। ୭- ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସହିତ କେନ୍ଦ୍ରୀୟ ପୋଲିସ ସଂଗଠନ(ସିପିଓ)ର ମୁଖ୍ୟ ଚୟନ ଏବଂ ସ୍ଥାନିତ ପାଇଁ ଏକ ପ୍ୟାନେଲ ପ୍ରସ୍ତୁତ କରିବାକୁ ୟୁନିୟନ ସ୍ତରରେ ଏକ ଜାତୀୟ ସୁରକ୍ଷା ଆୟୋଗ ଗଠନ କରନ୍ତୁ। ନିର୍ଦ୍ଦେଶନାମା ୨ରେ ଏହା ଅଛି ଯେ ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ, ଡିଜିପିଙ୍କ ନିଯୁକ୍ତି ମେରିଟ ଆଧାରିତ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସୁନିଶ୍ଚିନ୍ତ କରନ୍ତୁ। ଏହା ସ୍ୱାଗତଯୋଗ୍ୟ ଯେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପାଳନ କରି ଡିଜିପିଙ୍କ ନିଯୁକ୍ତି ପାଇଁ ନାମ ସୁପାରିସ କରିଆସୁଛନ୍ତି। ବର୍ତ୍ତମାନ ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କରାଯାଇଛି ଏବଂ ଏହା ସହ ରାଜ୍ୟ ସରକାର ଡିଆଇଜି ଓ ଏସ୍‌ପିମାନଙ୍କ କାର୍ଯ୍ୟକାଳ ଏକ ସ୍ଥାନରେ ଯେପରି ନ୍ୟୁନତମ ଦୁଇ ବର୍ଷ ହେବ ତାହା ମଧ୍ୟ ସୁନିଶ୍ଚିତ କରୁଛନ୍ତି କିନ୍ତୁ ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ ଅନ୍ୟ ଯେଉଁ ନିର୍ଦ୍ଦେଶନାମାଗୁଡ଼ିକ ପୋଲିସ ସଂସ୍କାର ପାଇଁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯାହା କାର୍ଯ୍ୟକାରୀ କରିବାର ଥିଲା ତାହା ଆଜି ଯାଏ ହୋଇପାରିନାହିଁ।

ଓଡ଼ିଶା ସମେତ ରାଜ୍ୟଗୁଡ଼ିକ ମଡେଲ ପୋଲିସ ଆକ୍ଟ ୨୦୦୬ କିମ୍ବା ପ୍ରଚଳିତ କାର୍ଯ୍ୟରେ ସଂଶୋଧନ କରିବାରେ ବିଫଳ ହେବାରୁ ଗୃହ ବିଭାଗ ଅଧୀନରେ ଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟି ଚିନ୍ତାପ୍ରକଟ କରି ସୂଚାଇ ଦେଇଥିଲେ ଯେ କେବଳ ୧୭ଟି ରାଜ୍ୟ ମଡେଲ ଆକ୍ଟ ପ୍ରଣୟନ କରିଛନ୍ତି କିମ୍ବା ସେମାନଙ୍କ କାର୍ଯ୍ୟରେ ସଂଶୋଧନ କରିଛନ୍ତି, କିନ୍ତୁ ଓଡ଼ିଶା ଏହି ତାଲିକାରୁ ଅନୁପସ୍ଥିତ ରହିଛି। ପୋଲିସ ସଂସ୍କାର କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ମନ୍ଥର ଗତି କରୁଥିବାବେଳେ ଅନ୍ୟାନ୍ୟ ରାଜ୍ୟ ମଡେଲ ପୋଲିସ ଆକ୍ଟ ୨୦୦୬ ପ୍ରଣୟନ କରିଛନ୍ତି କିମ୍ବା ସେମାନଙ୍କ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ସଂଶୋଧନ କରିଛନ୍ତି।

ଓଡ଼ିଶା ବିଧାନସଭାରେ ୨୦୧୫ ମସିହାରେ ଏକ ପୋଲିସ ସଂସ୍କାର ବିଲ୍ ପାରିତ ହୋଇଥିଲା, କିନ୍ତୁ ସେହି ବିଲ୍‌ରେ କିଛି ତ୍ରୁଟି ରହିଥିଲା, ସେଥିପାଇଁ ସାମାଜିକକର୍ମୀମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଏହି ବିଲ୍‌କୁ ଅଗ୍ରାହ୍ୟ କରିବାକୁ ନିବେଦନ କରିଥିଲେ। ତେଣୁ ଅଧିକ ଆଲୋଚନା ପାଇଁ ରାଜ୍ୟପାଳଙ୍କ ଦ୍ୱାରା ଫେରସ୍ତ କରାଯାଇଥିଲା। ଏହା ପୁଣି ବିଧାନସଭାକୁ ଫେରିବା ପରେ ଆଜି ଯାଏ ପୁଣି ପୋଲିସ ସଂସ୍କାର ବିଲ୍ ସଂଶୋଧନ ହୋଇ ପାରିତ ହୋଇପାରିନାହିଁ। ପୋଲିସ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନଆଣିବାପାଇଁରାଜ୍ୟସରକାରନୂଆପୋଲିସ ଆଇନ ପାଇଁ ତ୍ୱରିତ ପଦକ୍ଷେପ ନେବା ଜରୁରୀ।

ମୋ:୭୦୦୮୧୨୦୬୭୩

## ଏଇ ଭାରତରେ

ଭାରତରେ ବହୁ ସମୟରେ ଛୋଟ ଛୋଟ ଏନ୍‌ଜିଓଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସହ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇବାରେ ବିଫଳ ହୋଇଥାନ୍ତି। ଏଭଳି କେତେକ ଏନ୍‌ଜିଓକୁ ସହାୟତାର ହାତ ବଢ଼ାଇଛନ୍ତି ବେଙ୍ଗାଲୁରୁର ଅନୁଷ୍କା ଜୈନ। ଏସବୁ ଏନ୍‌ଜିଓ ନିକଟରେ ଲୋକଙ୍କ ଦାନ କିଭଳି ସହଜ ଓ ସରଳରେ ପହଞ୍ଚିପାରିବ ସେଥିପାଇଁ ସେ ଏକ ସଫଳ ଅଭିଯାନ ଚଳାଇଛନ୍ତି। ସେ 'ଶେୟାର ଆଟ୍ ଡୋର ଷ୍ଟେପ୍' ନାମକ ଏକ ସାମାଜିକ ସଂସ୍ଥା ଗଠନ କରି ତା'ମାଧ୍ୟମରେ ଘରଗୁଡ଼ିକରୁ ପୋଷାକ, ଖେଳନା, ବହି ଏବଂ ପୁରୁଣା ଫ୍ରିଜ୍, ୱାଶିଂ ମେଶିନ ଇତ୍ୟାଦି ସାମଗ୍ରୀ ସଂଗ୍ରହ କରି ସେଗୁଡ଼ିକୁ ଦେଶର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଏନ୍‌ଜିଓ ନିକଟରେ ପହଞ୍ଚାଉଛନ୍ତି। ସେ ଏଥିପାଇଁ ଏକ ୱେବ୍‌ସାଇଟ ଖୋଲିଛନ୍ତି ଓ ଏଥିରେ ସହରର ଲୋକମାନେ ଦାନ ଦେବାକୁ ଚାହୁଁଥିବା ଜିନିଷ ପଞ୍ଜୀକରଣ କରୁଛନ୍ତି। ପରେ ଅନୁଷ୍କା ସେଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ସକାଳୁ ଯାଇ ଆଣୁଛନ୍ତି। ଏବେସୁଦ୍ଧା ସେ ଦେଶର ୧୩୫ଟି ଏନ୍‌ଜିଓକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିସାରିଲେଣି। ସେ ୧୦ ଲକ୍ଷରୁ ଊର୍ଦ୍ଧ୍ୱଦାନ ଗ୍ରହଣ କରିସାରିଛନ୍ତି। କେବଳ ବେଙ୍ଗାଲୁରୁ ନୁହେଁ ଭାରତର ଅନ୍ୟ କେତୋଟି ସହରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ବିଦେଶକୁ ସମ୍ପ୍ରସାରିତ କରିବାକୁ ଯୋଜନା କରିଛନ୍ତି।

## ଚିରନ୍ତନୀ

ବିଲରେ ପଡିଛି ସୁଅ
ତିନିଦିନ ନାହିଁ ଚାଷ
ବାର ବରଷର ପୁଅ
ଭୋଗି ଭୋଗି ଧଇଁ କାଶ।
–(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | 8 | 1 | 4 | | 6 | | |
| 4 | 2 | | | | | 8 | | |
| | | | | | 6 | | 7 | |
| 5 | 6 | 9 | | | | | | |
| | | | | 9 | 3 | 4 | | |
| | 4 | | 6 | | | | | |
| | | | | 7 | 4 | | 1 | |
| | 1 | | 2 | | | | | |
| | | 3 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 7 | 8 | 3 | 4 | 2 | 1 |
| 8 | 2 | 4 | 5 | 9 | 1 | 6 | 3 | 7 |
| 7 | 1 | 3 | 4 | 2 | 6 | 8 | 5 | 9 |
| 5 | 4 | 7 | 8 | 1 | 2 | 9 | 6 | 3 |
| 2 | 3 | 6 | 9 | 5 | 4 | 7 | 1 | 8 |
| 1 | 9 | 8 | 6 | 3 | 7 | 2 | 4 | 5 |
| 6 | 5 | 9 | 1 | 4 | 8 | 3 | 7 | 2 |
| 3 | 7 | 1 | 2 | 6 | 9 | 5 | 8 | 4 |
| 4 | 8 | 2 | 3 | 7 | 5 | 1 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କ ଥଇଥାନ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ପାଉ

ମହାଶୟ,

ଦେଶ ଏବଂ ରାଜ୍ୟ ବିକାଶ ନାଁରେ ଅନେକ ଲୋକ ସେମାନଙ୍କ ଭିଟାମାଟିରୁ ବାସଚ୍ୟୁତ ହେଉଛନ୍ତି। ସେମାନଙ୍କ ପାଇଁ କ୍ଷତିପୂରଣ, ପୁନର୍ବାସ ଏବଂ ଥଇଥାନ ପାଇଁ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଲୋକ ଅଦ୍ୟାବଧି ଉକ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି। ସେମାନଙ୍କର ଭାଇଚାରା ଓ ସଂସ୍କୃତି ବାହାର ଲୋକଙ୍କ ଦ୍ୱାରା ପ୍ରଭାବିତ ଏବଂ ବିଲୁପ୍ତପ୍ରାୟ। ବନ୍ଧବାଡ, ଶିଳ୍ପ ତଥା ଖଣି ଖାଦାନ ମାନଙ୍କରେ ଥିବା ଉଚ୍ଚ ପଦପଦବୀରେ ଏମାନଙ୍କର ସ୍ଥାନ ପ୍ରାୟତଃ ନଥାଏ। ଗରିବୀ ତଥା ଉଚ୍ଚ ଶିକ୍ଷା ଅଭାବରୁ ଏମାନେ ଅନେକ ସମୟରେ ବାଧ୍ୟ ବାଧକତାରେ ଯାଯାବର କିମ୍ବା ପ୍ରବାସୀ ଭାବେ ନିଜ ଜନ୍ମ ସ୍ଥାନ ବାହରେ ନିଜ ଜୀବନ କାଟି ଥାଆନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରତିଶ୍ରୁତି ପାଣି ରେ ଗାର ବୋଲି ମନେହୁଏ। ସରକାରୀ ନାଲି ଫିତା ତଳେ ଏମାନଙ୍କର ଭାଗ୍ୟ ଓ ଭବିଷ୍ୟତ ସତେ ଯେମିତି ଚାପି ହୋଇ ରହିଯାଇଛି। ବର୍ତ୍ତମାନ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଦଳ ସେମାନଙ୍କର ଇସ୍ତାହାର ପ୍ରସ୍ତୁତି ସମୟରେ କେଉଁ ପ୍ରକଳ୍ପରେ କେତେ କ୍ଷତିଗ୍ରସ୍ତ ଙ୍କୁ ଥଇଥାନ କରିବେ ତାହା ସ୍ପଷ୍ଟ କରିପାରିଲେ ତାହା କ୍ଷତିଗ୍ରସ୍ତ ଲୋକଙ୍କ ମଧ୍ୟରେ ଆଶାର ସଂଚାର କରି ପାରିବ।

-ଡ. ସୀତାକାନ୍ତ ତ୍ରିପାଠୀ, ଅନ୍ନପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସୁନା ଦୋକାନୀ ଗୁରୁତର

ସମ୍ବଲପୁର, ୧୬।୨
(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ଗୋବିନ୍ଦତୋଲାରେ ଶୁକ୍ରବାର ସୁନା ଦୋକାନୀ ସୁଜିତ୍ ସ୍ୱର୍ଣ୍ଣକାରଙ୍କୁ ଗୁଳିକରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ଆସି ଗୋବିନ୍ଦତୋଲାରେ ଥିବା ଜୁଏଲେରି ଦୋକାନରେ ପଶି ସୁଜିତ୍‌ଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଲୁଟ୍ ଉଦ୍ଦେଶ୍ୟରେ ଆସି ବିଫଳ ହେବାରୁ ଏଭଳି କାଣ୍ଡ ଘଟାଇଥିବା ଆଲୋଚନା ହେଉଛି।




# ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର ପାଇଁ ଲକ୍ଷ୍ମୀ ଯୋଜନା: ନବୀନ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

- ୬ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ
- ଫେବୃଆରୀ ସୁଦ୍ଧା ରାଜ୍ୟର ସବୁ ଜିଲାରେ ଚାଲିବ ଏହି ବସ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କ ଦୈନନ୍ଦିନ ଯାତାୟାତ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମ ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। 'ମୋ ସରକାର' ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଶୁଭାରମ୍ଭ ପରେ ୬ ଜିଲାର ୧୩୬୩ ପଞ୍ଚାୟତରେ ୧୯୮ଟି ବସ୍ ଚାଲିଲା। ଏହାଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ। ଖୋର୍ଦ୍ଧାର ୧୫୪ଟି ପଞ୍ଚାୟତରେ ୨୨ଟି ବସ୍ ଚାଲିଲା ଏବଂ ଏହାଦ୍ୱାରା ୧୫.୫୦ ଲକ୍ଷ ଲୋକ ଉପକୃତ ହେବେ। ପୁରୀର ୪୩୩ଟି ପଞ୍ଚାୟତରେ ୪୪ଟି ବସ୍ ଚାଲିଲା ଏବଂ ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହେବେ। କେନ୍ଦ୍ରାପଡ଼ାର ୧୯୬ଟି ପଞ୍ଚାୟତରେ ୩୭ଟି ବସ୍ ଚାଲିଲା ଏବଂ ଏହାଦ୍ୱାରା ୧୧ ଲକ୍ଷ ୩୭ ହଜାର ଲୋକ ଉପକୃତ ହେବେ। ଭଦ୍ରକର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ଚାଲିଲା ଏବଂ ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେବେ। ସେହିପରି ଯାଜପୁରର ୨୩୩ ପଞ୍ଚାୟତରେ ୩୯ଟି ବସ୍



ଚାଲିଲା ଏବଂ ୧୩ ଲକ୍ଷ ୭୦ ହଜାର ଲୋକ ଏହାଦ୍ୱାରା ଉପକୃତ ହେବେ। ସେହିଭଳି ନୟାଗଡ଼ର ୧୮୯ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଥିବା ବେଳେ ଏହାଦ୍ୱାରା ୯ ଲକ୍ଷ ୩୪ ହଜାର ଲୋକ ଉପକୃତ ହେବେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଏବଂ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମ ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ପିଲାଙ୍କୁ ସ୍କୁଲ କଲେଜ ନେବ, ଚାଷୀଙ୍କୁ ମାର୍କେଟ ସହ ଯୋଡ଼ିବା ସହିତ ମହିଳା ଓ ଛାତ୍ରୀଛାତ୍ରମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯାତାୟାତ କରିପାରିବେ।

ଏହି କାର୍ଯ୍ୟକ୍ରମରେ ଯାଜପୁରରେ ମନ୍ତ୍ରୀ ଟୁକୁନୀ ସାହୁ, କେନ୍ଦ୍ରାପଡ଼ାରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଖୋର୍ଦ୍ଧାରୁ ଶ୍ରୀମୟୀ ଶ୍ୱେତସ୍ମିତା ମିଶ୍ର, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୁରୀରୁ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକରୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ନୟାଗଡ଼ରୁ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପୁରୀରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

## ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ଏହି ଶିକ୍ଷାନୁଷ୍ଠାନଗୁଡିକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଯୁବଶକ୍ତିଙ୍କ ଉର୍ଜା ଓ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର କେନ୍ଦ୍ର ଶାସିତ ଅଞ୍ଚଳ ଡାମନ ଏବଂ ଡିଉର ଡାମନ ସହରରେ ଥିବା ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଭେଟିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଡାମନ ସ୍ଥିତ ମହର୍ଷି ବାଲ୍ମୀକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡାକୁ ଉଦ୍‌ଘାଟନ କରିଥିଲେ। ସେହିପରି ପଞ୍ଚରାପୋଲ ଏବଂ ସାଉଦ୍ୱାଦିଠାରେ ଡାମନ- ଡିଉ, ଦାଦ୍ରା ନଗର ହାବେଲିରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ଏବଂ ସାଇକେଲ ବଣ୍ଟନ କରିଥିଲେ। ଡିଉର ଭନକବରାରେ ଉଚ୍ଚ ମାଧ୍ୟମିକ ଓ ପ୍ରାଥମିକ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ



କରିଥିଲେ। ସ୍ଲିଭାସା ସ୍ଥିତ ନମୋ ମେଡିକାଲ ଏଜୁକେଶନ ଏବଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ସରକାରୀ ଇଞ୍ଜିନିୟରିଂ କଲେଜ, ରିଙ୍ଗନୱାଡା ସ୍ଥିତ ସରକାରୀ ପ୍ରାଥମିକ ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଉଦ୍‌ଘାଟିତ ମହର୍ଷି ବାଲ୍ମୀକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡା ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ପ୍ରଦାନ କରିବାରେ ନିଜର ଗୁରୁଦାୟିତ୍ୱ ତୁଲାଇବ। ଏହି ଉତ୍କର୍ଷ କେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦୃଶ୍ୟପଟକୁ ମଜଭୁତ କରିବାରେ ବିଶେଷ ସହାୟକ ହୋଇଛି। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ କେନ୍ଦ୍ରମନ୍ତ୍ରୀ ଟେବୁଲ ଟେନିସ୍ ଖେଳିଥିଲେ। ରିଙ୍ଗନୱାଡା ସ୍ଥିତ ସରକାର ପ୍ରାଥମିକ ସ୍କୁଲକୁ ଗସ୍ତ କରିବା ଅବସରରେ ସ୍କୁଲର ଶୈକ୍ଷିକ ବାତାବରଣକୁ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ଏହବ୍ୟତୀତ ଡାମନ ସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ ଗସ୍ତକରି ଶିକ୍ଷା ପ୍ରଦାନ କରିବାରେ ଏହି ବହୁମୁଖୀ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁଶନ ବିଶେଷ ଗୁରୁତ୍ୱ ଦେବା ପ୍ରଶଂସନୀୟ। ଏହାର ଶିକ୍ଷା ଭିତ୍ତିଭୂମିରେ ଅତ୍ୟାଧୁନିକ ଭିତ୍ତିଭୂମି ଗୁଡିକ ଶୈକ୍ଷିକ ପରିବେଶ ଓ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତାକୁ ଆଗକୁ ନେଉଛି। ସେହିପରି ଡାମନର ବରକୁଣ୍ଡ ଗ୍ରାମପଞ୍ଚାୟତ ଗସ୍ତ କରିବା ସହ ଡେଭକା ସମୁଦ୍ରକୂଳର ନମୋ ପଥ ବୁଲି ଦେଖିଛନ୍ତି।

## ବଦଳିବ ବିଚାରପତିଙ୍କ ବେଞ୍ଚ

କଟକ,୧୬।୨ (କାର୍ତ୍ତିକ ସାହୁ)

**ବିଧାୟକ ପ୍ରତାପ ଜେନାଙ୍କ କ୍ରିମିନାଲ ରିଭିଜନ୍ ପିଟିଶନ୍ ମାମଲା**
**ଅନ୍ତରୀଣ ସୁରକ୍ଷା ବଳବତ୍ତର**

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ଜେନାଙ୍କ ପକ୍ଷରୁ ରୁଜୁ ରିଭିଜନ ପିଟିଶନ ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠ ଏଥିରୁ ଓହରି ଯାଇଥିବାରୁ ମୁଖ୍ୟ ବିଚାରପତିଙ୍କ ମାମଲା ବିଭାଗୀକରଣ ପରେ ଅନ୍ୟ ବେଞ୍ଚରେ ମାମଲାର ଶୁଣାଣି ହେବ ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ମାହାଙ୍ଗା ଡବଲ ମର୍ଡର ମାମଲାରେ ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ବିଧାୟକ ଜେନାଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ବ୍ୟକ୍ତିଗତ ହାଜରାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ସହ କ୍ରିମିନାଲ ରିଭିଜନ୍ ପିଟିଶନ୍ ହାଇକୋର୍ଟରେ ଦାୟର କରିଥିଲେ। ଅକ୍ଟୋବର ୩୧ ତାରିଖରେ ଦାୟର ପିଟିଶନ୍‌ର ଶୁଣାଣି ନଭେମ୍ବର ୨ରେ ହୋଇଥିଲା। ଏଥିରେ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଥିଲେ। ଏଥିସହ ହାଇକୋର୍ଟ ନିମ୍ନ ଅଦାଲତରୁ ରେକର୍ଡ ତଲବ କରିବା ସହ ବିଧାୟକ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ମାହାଙ୍ଗା ଥାନା ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁଆରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା।

## ଜଳଭଣ୍ଡାରରେ ବୁଡ଼ି ୨ ଶିଶୁକନ୍ୟା ମୃତ

ମାଲକାନଗିରି/ଚିତ୍ରକୋଣ୍ଡା/କୋରକୋଣ୍ଡା/ବାଲିମେଳା, ୧୬।୨
(ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା/ଅବିନାଶ ବେହେରା/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ଘଟିଛି ଏକ ଅଘଟଣ। ବାଲିମେଳା ଜଳଭଣ୍ଡାରରେ ବୁଡି ୨ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ସନିଆ ମୁଦୁଲିଙ୍କ ଝିଅ ସାବିତ୍ରୀ ମୁଦୁଲି (୭) ଓ ଧନୁ କାଡଙ୍ଗିଆଙ୍କ ଝିଅ ଦବିଲି କାଡଙ୍ଗିଆ (୭)।

ଖବରରୁ ଜଣାପଡିଛି, ଗୁରୁବାର ଅପରାହ୍ନରେ କେନ୍ଦୁଗୁଡା ଗ୍ରାମ ନିକଟରେ ଥିବା ବାଲିମେଳା ଜଳଭଣ୍ଡାରକୁ ସାବିତ୍ରୀ, ଦବିଲିଙ୍କ ସହ ଆଉ ୨ଜଣ ଶିଶୁକନ୍ୟା ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସାବିତ୍ରୀ ଓ ଦବିଲିଙ୍କ ଗୋଡ ଖସି ଯାଇଥିଲା। ଫଳରେ ସେମାନେ ଜଳଭଣ୍ଡାରରେ ବୁଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଜଳଭଣ୍ଡାରରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟ ଶିଶୁଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ, ଚିତ୍ରକୋଣ୍ଡା ଥାନାକୁ ଗ୍ରାମବାସୀ ଖବର ଦେବା ପରେ ଶୁକ୍ରବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମିଶି ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ଅନେକ ସମୟ ଖୋଜିବା ପରେ ୨ ଶିଶୁ କନ୍ୟାଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଯୁକ୍ତ୨ ପରୀକ୍ଷା ଆରମ୍ଭ

**ପ୍ରଥମ ଦିନରେ କପିକରି ଧରାପଡ଼ିଲେ ୧୧ ପରୀକ୍ଷାର୍ଥୀ**

ଭୁବନେଶ୍ୱର, ୧୬।୨
(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ପରୀକ୍ଷା ଆରମ୍ଭ ହେବାର ଅଧଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ୧୫ ମିନିଟ୍ ପୂର୍ବରୁ ସେମାନେ ହଲ୍‌କୁ ପ୍ରବେଶ କରିଥିଲେ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ସବୁଠି ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯାଇଥିଲା। ତେବେ ପ୍ରଥମ ଦିନରେ ୧୧ଜଣ କପିକରି ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ସମ୍ବଲପୁର ଜୋନ୍‌ରେ ସର୍ବାଧିକ ୯ଜଣ ଥିବାବେଳେ ବ୍ରହ୍ମପୁର ଏବଂ ବାରିପଦା ଜୋନ୍‌ରେ ଜଣେ ଲେଖାଏ ପରୀକ୍ଷାର୍ଥୀ ରହିଛନ୍ତି। ଶନିବାର କଳା ଏବଂ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ମାତୃଭାଷାରେ ପରୀକ୍ଷା ଦେବେ। ଏହି ପରୀକ୍ଷା ମାର୍ଚ୍ଚ ୨୦ ଯାଏ ଚାଲିବ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ପରୀକ୍ଷା ଦେବାକୁ ଧାଡ଼ିରେ ଯାଉଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ଓ ୧ ଲକ୍ଷ ୮୬ ହଜାର ୮୮୯ଜଣ ଛାତ୍ର ରହିଛନ୍ତି। ସେହିଭଳି କଳାରେ ୨ ଲକ୍ଷ ୩୭ ହଜାର ୭୫୦ଜଣ, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦ଜଣ, ବାଣିଜ୍ୟରେ ୨୬ ହଜାର ୮୯ଜଣ ଓ ଧନ୍ଦାମୂଳକରେ ୫ହଜାର ୭୯୧ଜଣ ପରୀକ୍ଷା ଦେଉଛନ୍ତି।

## ଅର୍ମଦା କମ୍ପାନୀ ମାଲିକଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଲା ଇଓଡବ୍ଲ୍ୟୁ

**ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଆଳରେ ୧୨ କୋଟି ଠକେଇ**

ଭୁବନେଶ୍ୱର,୧୬।୨
(ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ବିଭିନ୍ନ ସ୍ଥାନରେ ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଦେବା ଆଳରେ ୧୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅର୍ମଦା ପ୍ରାଇଭେଟ୍ ଲିଃର ମୁଖ୍ୟ ନିର୍ଦ୍ଦେଶକ ତଥା ମାଲିକ ପର୍ଶୁରାମ ରାଜନେତଭାଇ ପାଲ୍‌ଙ୍କୁ ଆଗ୍ରା ଜେଲରୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି କଟକ ଓପିଆଇଡି କୋର୍ଟରେ ହାଜର କରିଛି। ଅଭିଯୁକ୍ତଙ୍କ ଘର ଗୁଜରାଟର ଅହମ୍ମଦାବାଦରେ। ତେବେ ସେ ଏକ ମାମଲାରେ ଗିରଫ



ପର୍ଶୁରାମ ରାଜନେତଭାଇ ପାଲ୍

ହୋଇ ଆଗ୍ରା ଜେଲରେ ଥିଲେ। ଅପରପକ୍ଷେ ଏହି ମାମଲାରେ ପୂର୍ବରୁ ଅନ୍ୟତମ ଅଭିଯୁକ୍ତ ତଥା କମ୍ପାନୀର ପ୍ରମୋଟର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ରହୁଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ପଙ୍କଜ କୁମାର ପଣ୍ଡା ଗିରଫ ହୋଇଛନ୍ତି।

**ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ**

## ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଚତୁର୍ଥ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୨
(ଅସମାପିକା ସାହୁ)

ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ସରକାର ରାଜ୍ୟର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ନୂତନ ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୦ ହଜାର ମତ୍ସ୍ୟଜୀବୀ ସିଧାସଳଖ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜନତା ମଇଦାନରେ ଶୁକ୍ରବାର ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ ଏହା କହିବା ସହ ଓଡ଼ିଶାରେ ପ୍ରଥମ ଥର ଏହି ସମାବେଶ ଆୟୋଜନ କରିଥିବାରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ରାଜ୍ୟର ପ୍ରାଣୀପାଳକଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୮୧ ନୂତନ

**ସେବା ଯୋଗାଇବ ଆଉ ୧୩୧ ମୋବାଇଲ୍ ଭେଟେରିନାରି ୟୁନିଟ୍ ଭ୍ୟାନ**



ମତ୍ସ୍ୟ-ପ୍ରାଣୀ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ମତ୍ସ୍ୟ ଚାଷୀମାନେ।

ମୋବାଇଲ୍ ଭେଟେରିନାରି ୟୁନିଟ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଆଉ ୧୩୧ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ନିମନ୍ତେ ୨୦୧୩-୧୪ରୁ ରାଜ୍ୟରେ ପ୍ରତିବର୍ଷ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରାଯାଉଛି। ୨୦୨୪-୨୫ରେ କୃଷି ବିଭାଗର ବଜେଟ ୭୯୨୩ କୋଟି ୮୭ ଲକ୍ଷ ଟଙ୍କା ଥିଲାବେଳେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବଜେଟ ୧୯୩୭ କୋଟି ୬୫ ଲକ୍ଷ ଟଙ୍କା ରହିଛି। ପ୍ରାଣୀସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ୧୭୧ କୋଟିଟଙ୍କା ପ୍ରଦାନ କରାଯାଇଛି। ୨୦୧୮-୧୯ ରେ ମାଛ ଉତ୍ପାଦନ ୭ ଲକ୍ଷ ୫୯ ହଜାର ମେଟ୍ରିକ୍ ଟନ୍ ଥିଲା। ଏହା ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୨୦୨୨-୨୩ ରେ ୧୦ ଲକ୍ଷ ୫୨ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିବା ମନ୍ତ୍ରୀ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମାବେଶରେ ପୌରୋହିତ୍ୟ କରି ଗତ ୨୦ ବର୍ଷରେ ଚାଷୀଙ୍କ ଆୟବୃଦ୍ଧି ହେବା ସହିତ ମାଛ, ମାଂସ, କୁକୁଡ଼ା ଓ ଦୁଗ୍ଧ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ମିଳିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମାଛଚାଷ ଓ ପ୍ରାଣୀପାଳନକୁ ଗ୍ରାମାଞ୍ଚଳରେ ବ୍ୟବସାୟିକ ଭିତ୍ତିରେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜଳବାୟୁ ସହନଶୀଳ ପ୍ରାଣୀପାଳନ ଓ ମାଛଚାଷକୁ ଆପଣାଇବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ପ୍ରଜାତିର ପ୍ରାଣୀଙ୍କ ସଂରକ୍ଷଣ ଓ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବା ସହ ନୂତନ ପ୍ରଜାତି ସୃଷ୍ଟି ନିମନ୍ତେ ପଦକ୍ଷେପ ନିଆଯାଉଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ଗିଫ୍ଟ ତିଲାପିଆ ଏବଂ କେଜ୍ କଲଚର ପଦ୍ଧତିରେ ମାଛଚାଷ କରିବା ଓ ଭେଟେରିନାରି ମୋବାଇଲ୍ ସେବା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି। ସମାବେଶରେ ପଦ୍ମଶ୍ରୀ ବିଜେତା ମତ୍ସ୍ୟଚାଷୀ ବଟକୃଷ୍ଣ ସାହୁଙ୍କ ସମେତ ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିବା ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୩୦ଟି ଜିଲାର ଚାମ୍ପିୟନ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କଟକ ଜିଲାର ମହିଳା ଚାଷୀ ନମିତା ମହାପାତ୍ର ସ୍ୱାଗତ ଭାଷଣ ଓ କେନ୍ଦ୍ରାପଡ଼ା ଜିଲାର ମହିଳା ଚାଷୀ ମମତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା।

# ଅମାତଙ୍କୁ ଅଡୁଆ ଯୁବ ବିଜେଡି ନେତା

## ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ

ବୌଦ୍ଧ,୧୬।୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ୩ ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)କୁ ନେଇ ଗଠିତ।ଏଠାରେ ରହିଛିଦୁଇଟିବିଧାନସଭା ନିର୍ବାଚନମଣ୍ଡଳୀ–ବୌଦ୍ଧ ଓ କନ୍ଧମାଳ। ବୌଦ୍ଧ ନିର୍ବାଚନମଣ୍ଡଳୀ ହରଭଙ୍ଗା ବ୍ଲକର ୨୨ ଗ୍ରାମ ପଞ୍ଚାୟତ, ବୌଦ୍ଧ ବ୍ଲକର ୧୧ ଗ୍ରାମ ପଞ୍ଚାୟତ ଓ ବୌଦ୍ଧ ଏନ୍ଏସିକୁ ନେଇ ଗଠିତ। ଏଠାରୁ ବରିଷ୍ଠ ନେତା ପ୍ରଦୀପ କୁମାର ଅମାତ ବିଜେଡିରୁ ୪ ଥର ଓ ଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ରହି ଆସିଛନ୍ତି। ଅମାତ ୨୦୦୦ ମସିହାରେ ପ୍ରଥମେ ସ୍ୱାଧୀନ ଭାବେ ଲଢ଼ି ନିର୍ବାଚିତ ହୋଇଥିଲେ। ପରେ ୨୦୦୪ରେ ବିଜୁ ଜନତା ଦଳ(ବିଜେଡି)ରେ ସାମିଲ ହୋଇ ଅଦ୍ୟାବଧି ବୌଦ୍ଧ ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ମନ୍ତ୍ରିମଣ୍ଡଳରେ ବାଚସ୍ପତି ଓ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏବେ ଜଙ୍ଗଲ ଓ ପରିବେଶ, ଜଳବାୟୁ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅଛନ୍ତି । ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ବିଜେଡିରେ କେହି ଆଶାୟୀ ନ ଥିବା ବେଳେ ୨୦୨୪ରେ ଦଳରେ ବହୁ ଯୁବ ନେତା ଆଶାୟୀ ଥିବା ଏବେ ଲକ୍ଷ୍ୟ କରାଗଲାଣି। ପୁନଶ୍ଚ ବିଜେଡି ଟିକେଟ ପାଇବା ପାଇଁ ଲକ୍ଷ୍ୟ ରଖିଥିବା ଏହି ନେତାମାନେ ଅମାତଙ୍କ ପାଇଁ ଚିନ୍ତାର କାରଣ ହୋଇପାରନ୍ତି ବୋଲି ଆଲୋଚନା ହେଲାଣି। ସେମାନଙ୍କ ମଧ୍ୟରେ ହରଭଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ୍ ମିଶ୍ର, ବୌଦ୍ଧ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ହରଭଙ୍ଗା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ ପ୍ରଧାନ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି।

ବିଜେଡିର ସର୍ବୋଚ୍ଚ ନେତା ନବୀନ ପଟ୍ଟନାୟକ। ସେ ଯାହାଙ୍କୁ ଟିକେଟ ଦେବେ ସେ ନିଶ୍ଚୟ ଜିତିବେ ବୋଲି ବିଶ୍ୱଜିତ୍ ବିଭିନ୍ନ ସମୟରେ କହିଆସୁଥିବା ବେଳେ ଦଳ ଟିକେଟ ଦେଲେ ନିଶ୍ଚୟ ଜିତିବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ମୃତ୍ୟୁଞ୍ଜୟ ବୌଦ୍ଧ ନିର୍ବାଚନମଣ୍ଡଳୀର ସଂଯୋଜକ ଦାୟିତ୍ୱରେ ରହିଛନ୍ତି। ସେ ମନ୍ତ୍ରୀ ଅମାତଙ୍କ ବିଶ୍ୱସ୍ତ ହୋଇଥିବା ବେଳେ ଦଳର ବିଭିନ୍ନ କାର୍ଯ୍ୟ କରିଆସୁଛନ୍ତି। ସେ ମଧ୍ୟ ଟିକେଟ ଆଶାୟୀ ଥିବା ବେଳେ କୁଆଡ଼େ ରାଜ୍ୟ ନେତୃବୃନ୍ଦଙ୍କ ସହିତ ତାଙ୍କର ସିଧାସଳଖ ସଂପର୍କ ରହିଥିବା ନେଇ ଚର୍ଚ୍ଚା ହେଉଛି। ତୃଣମୂଳ ସ୍ତରରେ ସେ ମଧ୍ୟ ସଙ୍ଗଠନ ଚଳାଇଛନ୍ତି। ଅନ୍ୟତମ ଯୁବ ନେତା ସୁବୋଧ ଟିକେଟ ପାଇଁ ଆଶାୟୀ ଥିବା ବେଳେ ବରିଷ୍ଠ ନେତାଙ୍କ ସହ ସିଧାସଳଖ ସମ୍ପର୍କରେ ରହି ଆସିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ଦଳ ଏଥର ପୁଣି ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଟିକେଟ ଦେଉଛି ନା ଆଶାୟୀ ଯୁବ ନେତାଙ୍କ ମଧ୍ୟରୁ କାହାକୁ ବାଛୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

୨୦୧୯ ନିର୍ବାଚନ ପୂର୍ବରୁ ବୌଦ୍ଧ ସହରର ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ନେଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ଦଳ ବୌଦ୍ଧ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ନ ଦେଇ ମିଳିତ ଭାବେ ସିପିଆଇ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଥିଲା। ନବ ଦଳକୁ ଆଗକୁ ନେବା ପାଇଁ ବିଭିନ୍ନ କାର୍ଯ୍ୟ କରି ଆସୁଛନ୍ତି। ସେ ଏଥର ନିର୍ବାଚନରେ ଟିକେଟ ପାଇଁ ଆଶାବାଦୀ ଥିବା ବେଳେ ଦଳ ଅନ୍ଲାଇନ ଜରିଆରେ ପ୍ରାର୍ଥୀ ଆବେଦନ କରିବାର ସୁଯୋଗ ଦେଇଛି। ସେଥିପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ିଯାଇଥିବା ଜଣାପଡ଼ିଛି। ଟିକେଟ ପାଇଁ ପୂର୍ବତନ ବିଧାୟକ ସୁଜିତ କୁମାର ପାଢ଼ୀ, ପୂର୍ବତନ ଜିଲା ସଭାପତି ନାରାୟଣ ପ୍ରସାଦ ପରିଜା, ବରିଷ୍ଠ ନେତା ସୁଧୀର କୁମାର କର୍ଣ୍ଣ, ଜିଲା ମୁଖ୍ୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ବୌଦ୍ଧ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଅବ୍ଦୁଲ କଲିମ ଖାଁ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଅବ୍ଦୁଲ ଅଜିଜ ଖାଁ, ଯୁବନେତା ରାୟ ସଞ୍ଜୀବ କୁମାର ଦେଓ, ଯାମିନୀ ମୁଖୀ, ବଳରାମ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା ବନ୍ଧ୍ୟାବିନୀ ସାହୁ, ଜିଲା ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂ, ପ୍ରଭାତୀ ବେହେରା ଟିକେଟ ପାଇଁ ଆବେଦନ କରିଥିବା ଆଲୋଚନା ହେଉଛି। ଏସବୁ ଦେଖିଲେ ଜିଲାରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ବାରି ହୋଇ ପଡୁଥିବା ଜଣାପଡୁଛି। ତଥାପି ଶାସକ ଦଳକୁ ଟକ୍କର ଦେବାକୁ ଦଳ କାହାକୁ ଟିକେଟ ଦେଉଛି ଦେଖିବାକୁ ବାକି ରହିଛି।

ଜିଲାରେ ଆଉ ଏକ ପ୍ରମୁଖ ବିରୋଧୀ ଦଳ ଭାଜପା। ଗତ ୨୦୧୯ ନିର୍ବାଚନରେ ଦଳ ସୁଶାନ୍ତ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ସେ ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ଅମାତଙ୍କ ଠାରୁ ୧୦,୪୪୮ ଖଣ୍ଡ ଭୋଟ ବ୍ୟବଧାନରେ ହାରିଥିଲେ। ଏଥର ମଧ୍ୟ ସୁଶାନ୍ତ ଟିକେଟ ପାଇଁ ପୂରା ଆଶାବାଦୀ ଥିବା ବେଳେ ତାଙ୍କର ସାନଭାଇ ବର୍ତ୍ତମାନର ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଟିକେଟ ପାଇବା ପାଇଁ ଲବି ଆରମ୍ଭ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ରହୁଥିବା ଦେଖିବାକୁ ମିଳିଛି। ପୁଣି ଦଳର ଜିଲା ସଭାପତି ବିପ୍ରଚରଣ ମହାନ୍ତି, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର, ପୂର୍ବତନ ସରପଞ୍ଚ ବିଶିକେଶନ ପ୍ରଧାନ, ଯୁବନେତା ବିକାଶ ମହାକୁଡ, ପ୍ରେମାନନ୍ଦ ମିଶ୍ର, ମନୋରଞ୍ଜନ ଦାସ ମଧ୍ୟ ଟିକେଟ ପାଇଁ ଆଶା ରଖିଥିବା ଦଳ ଭିତରେ କର୍ମୀ ଟୁପୁରଟାପୁର ହେଉଥିବା ଶୁଣିବାକୁ ମିଳୁଛି।




ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବିହାରର ସାସାରାମରେ ଶୁକ୍ରବାର କାର୍‌ରେ ବୁଲାଉଛନ୍ତି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

# ଡିସିସି ଗଣମାଧ୍ୟମ ଅଧ୍ୟକ୍ଷଙ୍କ ତାଲିକା ପ୍ରକାଶ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଜିଲା କଂଗ୍ରେସ କମିଟି(ଡିସିସି)ର ଗଣମାଧ୍ୟମ ଅଧ୍ୟକ୍ଷକମାନଙ୍କ ତାଲିକା ଘୋଷଣା କରିଛନ୍ତି। ଅନୁଗୋଳରେ ଗୋପାଳ ଚନ୍ଦ୍ର ନାଥ, ବାଲେଶ୍ୱର ବିକାଶ ଦାସ, ଭଦ୍ରକ ଶୁଭେନ୍ଦୁ ରାୟ ମହାପାତ୍ର, ଭୁବନେଶ୍ୱର ଅଶୋକ ଦାସ, ବୌଦ୍ଧ ଶାନ୍ତନୁ କୁମାର ମହାପାତ୍ର, କଟକ ଅଶୋକ ସ୍ୱାଇଁ, କଟକ ନଗର ମାନସ ପରିଡ଼ା, ଦେବଗଡ଼ ସିଦ୍ଧେଶ୍ୱର ଗୁରୁ, ଢେଙ୍କାନାଳ ନିର୍ମଳ କୁମାର ମିଶ୍ର, ଗଞ୍ଜାମ(ପୂର୍ବ)ରେ ତତ୍ତ୍ୱ ସୁବୁଦ୍ଧି, ଗଞ୍ଜାମ (ପଶ୍ଚିମ)ରେ ସୀମାଞ୍ଚଳ ସ୍ୱାଇଁ, ଗଜପତି ସୂର୍ଯ୍ୟନାରାୟଣ ପାତ୍ର, ଜଗତ୍‌ସିଂହପୁର ହେମନ୍ତ ରଥ, ଯାଜପୁର ବିଭୂତିଭୂଷଣ ମହାପାତ୍ର, ଝାରସୁଗୁଡ଼ା ଜୀବନସାର୍ଥକ ଦାସ, କଳାହାଣ୍ଡିରେ ମୁରଲୀ ନାଏକ, କନ୍ଧମାଳରେ ବସନ୍ତ କୁମାର ପାଢ଼ୀ, କେନ୍ଦୁଝରରେ ଦିଲ୍ଲିପ୍ କୁମାର ସାହୁ, ଖୋର୍ଦ୍ଧାରେ ଅମିତ ମହାନ୍ତି, କୋରାପୁଟରେ ସୁକାନ୍ତ ପଟ୍ଟନାୟକ, ମୟୂରଭଞ୍ଜ (ପୂର୍ବ)ରେ ଅଂଶୁମାନ ଦାସ, ମୟୂରଭଞ୍ଜ (ପଶ୍ଚିମ)ରେ ବାବୁରାମ ବେସ୍ରା, ମାଲକାନଗିରିରେ ଇଶାକ୍ ଖୋସଲା, ନବରଙ୍ଗପୁର ଦିଲୀପ ବେହେରା, ନୂଆପଡ଼ା କପିଳେନ୍ଦ୍ର ଭୋଇ, ନୟାଗଡ଼ ବୃନ୍ଦାବନ ନାୟକ, ପୁରୀ ଅନିମେଶ ପଟ୍ଟନାୟକ, ରାୟଗଡ଼ା ଶଙ୍କର୍ଷଣ ମଙ୍ଗରାଜ, ରାଉରକେଲ ନିହାର ଦାସ, ସମ୍ବଲପୁର ଦୁଲାଲ ପ୍ରଧାନ, ସୋନପୁର ବିଭୁପ୍ରସାଦ ସାହୁ ଓ ସୁନ୍ଦରଗଡ଼ରେ କର୍ମବୀର ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ଦଳ ପକ୍ଷରୁ ଘୋଷଣା କରାଯାଇଛି।

# ଜିଲାୱାରି ନିର୍ବାଚନ ପ୍ରସ୍ତୁତି ସମୀକ୍ଷାକଲେ ସିଇସି

## ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ରାଜ୍ୟର ସବୁ ଜିଲାର ଜିଲା ନିର୍ବାଚନ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନେଇ ୨୦୨୪ ସାଧାରଣ ନିର୍ବାଚନର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରାରମ୍ଭରେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟ ନିର୍ବାଚନ କମିଶନର ଜିଲା ନିର୍ବାଚନ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଜିଲାୱାରି ସମୀକ୍ଷା କରିଛନ୍ତି।

ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ମୁଖ୍ୟ ନିର୍ବାଚନ କମିଶନର ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସ୍ୱୀକୃତିପ୍ରାପ୍ତ ଜାତୀୟ, ରାଜ୍ୟ ଓ ଆଞ୍ଚଳିକ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯେପରି ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରାଯାଇପାରିବ ସେନେଇ ସବୁ ରାଜନୈତିକ ଦଳର ସହଯୋଗ ଏକାନ୍ତ କାମ୍ୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ବୈଠକରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଭାରତର ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ, ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଧର୍ମେନ୍ଦ୍ର ଶର୍ମା ଓ ନୀତେଶ ବ୍ୟାସ, ଉପ ନିର୍ବାଚନ ଆୟୁକ୍ତ ମନୋଜ କୁମାର ସାହୁ, ଭାରତର ନିର୍ବାଚନ ଆୟୋଗଙ୍କ ଗଣମାଧ୍ୟମ ମହାନିର୍ଦ୍ଦେଶକ ବି. ନାରାୟଣନ ଏବଂ ଆୟୋଗର ଅର୍ଥନୈତିକ ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ଉପସ୍ଥିତ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକଙ୍କ ସମେତ ସମସ୍ତ ଜିଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ରାଜସ୍ୱ ଆୟୁକ୍ତ, ଆରକ୍ଷୀ ମହାନିରୀକ୍ଷକ, ପୋଲିସ କମିଶନର ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟ ନିର୍ବାଚନ କମିଶନରଙ୍କ ସମେତ ତାଙ୍କ ଟିମ୍ ପୃଥକ୍ ଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରି ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି।




ଭୁବନେଶ୍ୱର ଏକ ହୋଟେଲରେ ସିଇସି ରାଜୀବ କୁମାର ଓ ଇସି ଅରୁଣ ଗୋୟଲ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

## ଆଜିଠୁ ଭାଜପାର ୨ ଦିନିଆ ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଭାଜପାର ୨ ଦିନିଆ ରାଷ୍ଟ୍ରୀୟ ଅଧିବେଶନ ଶନିବାର ଠାରୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ଆଗାମୀ ସାଧାରଣ ନିର୍ବାଚନର ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରାଯିବ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ ଅଧିବେଶନକୁ ଉଦ୍‌ଘାଟନ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସଜ୍ଜନ କହିଛନ୍ତି, ଏହି ଅଧିବେଶନରେ ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ, ଏମ୍‌ପି, ବିଧାୟକ, ପୂର୍ବତନ ଏମ୍‌ପି, ରାଜ୍ୟ ପଦାଧିକାରୀ, ରାଜ୍ୟ ମୋର୍ଚ୍ଚାର ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକ, ରାଜ୍ୟ କୋର୍ କମିଟି, ନିର୍ବାଚନ କମିଟି, ଶୃଙ୍ଖଳା କମିଟି, ଅର୍ଥ କମିଟି ସଦସ୍ୟ, ଲୋକ ସଭା ପ୍ରଭାରୀ, ସଂଯୋଜକ, ବିସ୍ତାରକ, ରାଜ୍ୟ ମୁଖପାତ୍ର, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ, ଜିଲା ସଭାପତି ଓ ପ୍ରଭାରୀ, ସମସ୍ତ ପ୍ରକୋଷ୍ଠର ରାଜ୍ୟ ସଂଯୋଜକମାନେ ଯୋଗଦେବେ। ଆସନ୍ତା ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରୀୟ ଅଧିବେଶନର ସମାପନ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେବା ପାଇଁ ଓଡ଼ିଶାରୁ ସମସ୍ତ ନେତୃବୃନ୍ଦ ଦିଲ୍ଲୀ ଯାଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ବିଜେଡିରୁ ଭଉଣୀ, କଂଗ୍ରେସରୁ ଭାଇ ଆଶାୟୀ

## ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୧୬।୨ (ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତି ଉପୁଜିଛି ଯେ, ପୁରୁଖା ରାଜନେତାଙ୍କ ପରିବାରରୁ ୨ ଜଣ ଲେଖାଏ ଆଶାୟୀ ରହିଥିବା ଦେଖିବାକୁ ମିଳୁଛି। ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଦଳରୁ ଭଉଣୀ ଭାଇଙ୍କୁ ନେଇ ଏବେ ଚର୍ଚ୍ଚା।

କଂଗ୍ରେସର ପୂର୍ଣ୍ଣଚନ୍ଦ୍ର ମାଝି ଓ ବିଜେଡିର ଅନସୂୟା ମାଝି ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅନନ୍ତରାମ ମାଝିଙ୍କ ପୁଅ ଓ ଝିଅ। ଦୁହେଁ ଭିନ୍ନ ଦଳରୁ ଆଶାୟୀ। ପୂର୍ଣ୍ଣଚନ୍ଦ୍ର ରାୟଗଡ଼ା ବିଧାନସଭା ଆସନ ସକାଶେ କଂଗ୍ରେସରୁ ଆଶାୟୀ ରହିଥିବା ବେଳେ ଅନସୂୟା ବିଜେଡିରୁ ପ୍ରାର୍ଥୀ ହେବାକୁ ଲବି କରୁଛନ୍ତି। ୨୦୦୮ରେ ପିତା ଅନନ୍ତରାମ ମାଝିଙ୍କ ମୃତ୍ୟୁ ପରେ ଉପନିର୍ବାଚନରେ ପୂର୍ଣ୍ଣ ମାଝି କଂଗ୍ରେସରୁ ପ୍ରାର୍ଥୀ ହୋଇ ଲକ୍ଷ୍ମୀପୁର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୯ ନିର୍ବାଚନରେ ପୂର୍ଣ୍ଣ ମାଝି ରାୟଗଡ଼ାରୁ ଆଶାୟୀ ରହିଥିଲେ, କିନ୍ତୁ ଟିକେଟ ପାଇ ନ ଥିଲେ। ତେବେ କଂଗ୍ରେସ ଦଳରେ ଦୀର୍ଘ ବର୍ଷ ରହିଥିବାରୁ କଂଗ୍ରେସ ଦଳରେ ଆଶାୟୀ ରହିବା ସ୍ୱାଭାବିକ। ପୂର୍ଣ୍ଣ ମାଝି ଅନ୍‌ଲାଇନରେ ରାୟଗଡ଼ା ଆସନ ପାଇଁ ଆବେଦନ କରିବା ସହିତ ଦଳର ଶୀର୍ଷ ନେତୃତ୍ୱଙ୍କୁ ମଧ୍ୟ ଜଣାଇଛନ୍ତି।



ଅନସୂୟା ମାଝି



ପୂର୍ଣ୍ଣଚନ୍ଦ୍ର ମାଝି

ଅନ୍ୟପଟେ ପୂର୍ଣ୍ଣଙ୍କ ଭଉଣୀ ଅନସୂୟା ବିଜେଡିରୁ ରାୟଗଡ଼ା ଆସନ ପାଇଁ ଆଶାୟୀ ରହିଛନ୍ତି। ଏ ସମ୍ପର୍କରେ ସେ ଦଳୀୟ ନେତୃବୃନ୍ଦଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି। ବର୍ତ୍ତମାନ ଅନସୂୟା ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ପାଇଁ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଲବି ମଧ୍ୟ ଚଳାଇଥିବା ଜଣାପଡ଼ିଛି। ଅବଶ୍ୟ ବିଜେଡିରେ ଯୋଗଦାନ ପୂର୍ବରୁ ଅନସୂୟା କଂଗ୍ରେସରୁ ମଧ୍ୟ ଆଶାୟୀ ଥିଲେ। ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ରହିଥିଲେ। ହେଲେ କଂଗ୍ରେସରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନ ମିଳିବାରୁ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡିରେ ଯୋଗଦାନ ପରେ ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଓ ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ହୋଇଥିଲେ। ତେଣୁ ବର୍ତ୍ତମାନ ସେ ବିଧାନସଭା ପ୍ରାର୍ଥୀ ପାଇଁ ଆଶାୟୀ ରହିଛନ୍ତି। ତେବେ ଗୋଟିଏ ପରିବାରର ୨ଜଣଙ୍କୁ ଭିନ୍ନ ଭିନ୍ନ ଦଳରେ ଟିକେଟ ଦିଆଗଲେ, ଭୋଟର କାହାକୁ ବାଛିବେ ତାହାକୁ ନେଇ ଚିନ୍ତାରେ ପଡ଼ିବେ। ତେବେ ଏହା ଉଭୟ ବିଜେଡି ଓ କଂଗ୍ରେସ ପାଇଁ ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦେଖିବାର କଥା, ଏହି ଟିକେଟ ଆଶାର ଦୌଡ଼ ଆଗକୁ କେଉଁ ମୋଡ଼ ନେଉଛି। ଉଭୟ ଭଉଣୀଭାଇ ଦୁଇଟି ଭିନ୍ନ ଦଳରୁ ରାଜନୀତି ମଇଦାନକୁ ଓହ୍ଲାଇଥିବା ନେଇ ପୂର୍ଣ୍ଣ ମାଝିଙ୍କୁ ପଚାରିବାରୁ ସେ ସବୁବେଳେ କଂଗ୍ରେସ ଦଳରେ ରହିଛନ୍ତି ଆଉ ରହିବେ ବୋଲି କହିଛନ୍ତି। ଭଉଣୀ ଅନସୂୟା ବାହା ହେବା ପରେ ସେ ବ୍ୟକ୍ତିଗତ ଜୀବନରେ କ'ଣ କରିବେ ସେଥିରେ ତାଙ୍କର କୌଣସି ହସ୍ତକ୍ଷେପ ନାହିଁ ବୋଲି ପୂର୍ଣ୍ଣ କହିଛନ୍ତି। ଏନେଇ ଅନସୂୟା ମାଝିଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇ ନ ଥିଲା।

## ୧୦ ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ଯୁବ କଂଗ୍ରେସ ପକ୍ଷରୁ କେତେକ ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି ଏବଂ ଅଖିଳ ଭାରତ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣା ଆଲାଭାରୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୧୦ଟି ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କରାଯାଇଛି। ବାଲେଶ୍ୱରରେ ନିହାର ରଞ୍ଜନ ବେହେରା, ଜଗତ୍‌ସିଂହପୁର ସୁଦୀପ ସାମଲ, ଭଦ୍ରକ ଗୋପନ କୁମାର ମାର୍ଥା, କେନ୍ଦ୍ରାପଡ଼ା ସ୍ୱାଗତ କର, କୋରାପୁଟ ଅଭିଜିତ ଜେନା, ସୁନ୍ଦରଗଡ଼ ବିଶ୍ୱଜିତ ସ୍ୱାଇଁ, କଳାହାଣ୍ଡି କେଦାର ଦଳାଇ, କନ୍ଧମାଳ ଅଙ୍କିତ ସାହୁ, ବଲାଙ୍ଗୀର ମହମ୍ମଦ ପରଭେଜ, ନବରଙ୍ଗପୁରରେ ଅମିତ କୁମାର କୁଅଁର ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇଥିବା ସମସ୍ତ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସେମାନଙ୍କ ସଂସଦୀୟ କ୍ଷେତ୍ରକୁ ଯାଇ କଂଗ୍ରେସ କିପରି ଆଗାମୀ ସାଧାରଣ ନିର୍ବାଚନରେ ଭଲ ଫଳାଫଳ ପ୍ରଦର୍ଶନ କରିବ ସେ ଦିଗରେ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ଦଳ ନିର୍ଦ୍ଦେଶ ଦେଇଛି।

# ବିଜେଡିରେ ମିଶିଲେ ଅଂଶୁମାନ, ଅବିନାଶ

ଭୁବନେଶ୍ୱର,୧୬।୨(ଅନିଲ ଦାସ)

କେନ୍ଦ୍ରାପଡ଼ା ଜିଲା ରାଜନଗରର ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ନିଜର ଅନେକ ଶହ ସମର୍ଥକଙ୍କ ସହ ଅଂଶୁମାନ ଏକ ରାଲିରେ ଆସି ଶଙ୍ଖ ଭବନରେ ପହଞ୍ଚିଥିଲେ । ସେଠାରେ ସେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶକ୍ତିମନ୍ତ୍ରୀ ପ୍ରତାପ ଦେବ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ପ୍ରତାପ ଜେନା, ବିଧାୟକ ଧ୍ରୁବଚରଣ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଅଂଶୁମାନ ଏବଂ ତାଙ୍କ ସମର୍ଥକଙ୍କୁ ମାନସ ଦଳ ପକ୍ଷରୁ ସ୍ୱାଗତ କରିଛନ୍ତ। ବିଜେଡିରେ ସାମିଲ ହେବା ନେଇ ଅଂଶୁମାନ କହିଛନ୍ତି, ତାଙ୍କ ପାଇଁ ଏକ ସୌଭାଗ୍ୟର ଦିନ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ରାଜନଗର ପରିବାର ସହ ବିଜେଡିରେ ସାମିଲ ହୋଇଛନ୍ତ। ରାଜନଗରର ବିକାଶ ଧାରାକୁ ଆଗେଇ ନେବା ସହ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବାକୁ ସେ କାମ କରିବେ। ବିଜେଡିରେ ମିଶିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଂଶୁମାନ କୃତଜ୍ଞତା ଜଣାଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଅଂଶୁମାନଙ୍କ ପରିବାର ସହ ସମସ୍ତଙ୍କ ପୁରୁଣା ସମ୍ପର୍କ ଥିଲା। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଏହା କହିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରିଥିଲେ। ଓଡ଼ିଶା ଯେପରି ସମୃଦ୍ଧ ହେଉଛି ଓ ରାଜନଗରର ଯେଉଁ ବିକାଶ ହୋଇଛି ତାହା ବିଧାୟକ ଧ୍ରୁବ ସାହୁ ଏବଂ ଅଂଶୁମାନ ଆଗକୁ ବଢ଼ାଇବେ । ନଳିନୀବାବୁଙ୍କର ବିଜୁ ପଟ୍ଟନାୟକଙ୍କ ସହ ସମ୍ପର୍କ ନିବିଡ଼ ଥିଲା। ସେ ୭ ଥର ବିଧାୟକ ଥିଲେ। ବିଜେଡି ଉପରେ ଯେଉଁମାନେ ଆସ୍ଥା ରଖି ଆସିଛନ୍ତି, ସମସ୍ତଙ୍କ ସମ୍ମାନ ଅତୁଟ ରହିବ ବୋଲି ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତ। ମାନସ ମଙ୍ଗରାଜ କହିଛନ୍ତି, ଦୁଇଦିନ ତଳେ ଅଂଶୁମାନ କଂଗ୍ରେସ ଛାଡ଼ିଥିଲେ। ବିଜେଡିରେ ମିଶିବାକୁ ସେ କରିଥିବା ଆବେଦନକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅଂଶୁମାନଙ୍କ ସହ ବହୁ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ମୁଖ୍ୟତଃ ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସର ବିଭିନ୍ନ ପଦବୀରେ ଥିବା ନେତା ଓ ପଞ୍ଚାୟତ ପ୍ରତିନିଧି ଅଛନ୍ତି। ବିଜେଡି ଆହୁରି ମଜଭୁତ ହେବା ସହ ରାଜନଗର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।

ସେହିପରି ଢେଙ୍କାନାଳ ଜିଲା ଖଡ଼ଗପ୍ରସାଦର ଡାକ୍ତର ଅବିନାଶ ସାମଲ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଉପଢ଼ୌକନ ଦେଇ ମଙ୍ଗରାଜ ଓ ସାମଲ ଦଳକୁ ସ୍ୱାଗତ କରିଛନ୍ତି ।

ଏହି ଅବସରରେ ଅବିନାଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଆସିନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ମୁଁ ନିଷ୍ଠାର ସହ କରିବି । ଦଳ ତାଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।



ବିଜେଡିରେ ସାମିଲ ହେବା ପରେ ଅଂଶୁମାନ୍ ମହାନ୍ତି ଓ ତାଙ୍କ ସମର୍ଥକମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।



ଅବିନାଶ ସାମଲ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ପୁଚୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୧୮ରେ ସରିବ ସର୍ବବୃହତ୍ ଜୁଏଲେରି ସେଲ୍

ନୂଆଦିଲ୍ଲୀ,୧୬।୨: ଜୟଆଲୁକ୍କାସ ଜୁଏଲେରିର ବହୁ ପ୍ରତୀକ୍ଷିତ ସର୍ବବୃହତ୍ ଜୁଏଲେରି ସେଲ୍ ଚଳିତ ମାସ ୧୮ରେ ସରିବ। ଏହି ସୀମିତ ସମୟ ମଧ୍ୟରେ ଗ୍ରାହକ ପ୍ରତିଷ୍ଠାନର ଆକର୍ଷଣୀୟ ଫ୍ଲାଟ୍ ୫୦% ରିହାତିର ସୁବିଧା (ମେକିଂ ଚାର୍ଜ ଉପରେ) ଉଠାଇବାକୁ ଗ୍ରାହକମାନଙ୍କୁ ନିମନ୍ତ୍ରଣ କରାଯାଉଛି।

# ଏଲ୍ଆଇସିର ନୂତନ ଯୋଜନା ଉନ୍ମୋଚିତ

ନୂଆଦିଲ୍ଲୀ,୧୬।୨



ଭାରତୀୟ ଜୀବନ ବୀମା ନିଗମ (ଲାଇଫ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି)ର ନୂତନ ଯୋଜନା 'ଅମ୍ରିତ୍‌ବଲ'(ପ୍ଲାନ୍ ୮୭୪)ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସିର ମୁମ୍ବାଇ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ଶୁଭାରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅର୍ଥ ମନ୍ତ୍ରଣାଳୟର ସଚିବ (ଫାଇନାନ୍ସିଆଲ ସର୍ଭିସ୍) ଡ. ବିବେକ ଜୋଷୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ (ଶୁଭାରମ୍ଭ) ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ,ଏଲ୍ଆଇସିର ଏହି ନୂତନ ଯୋଜନା ଅମ୍ରିତ୍‌ବଲ(ପ୍ଲାନ ୮୭୪) ଏକ ଅଭିନବ ବୀମା ଯୋଜନା ହୋଇଥିବାବେଳେ ଏହା ବିଶେଷକରି ଶିଶୁର ଉଚ୍ଚ ଶିକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ବେଶ୍ ସହାୟକ ହେବ। ସେହିଭଳି ଏହା ଏକ ବ୍ୟକ୍ତିଗତ, ସେଭିଂ ଜୀବନ ବୀମା ଯୋଜନା ହୋଇଥିବାବେଳେ ବିଶେଷ ସୁବିଧାର ବ୍ୟାପକ ସମ୍ଭାର ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ ଏଲ୍ଆଇସିର ଚେୟାରମ୍ୟାନ ମହାନ୍ତି କହିଥିଲେ, ନିଗମର ଏହି ନୂତନ ଯୋଜନାକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଯୋଜନା ୨୦୨୪ ଫେବୃଆରୀ ୧୭ରୁ ସାରା ଦେଶରେ ଉପଲବ୍ଧ ହେବ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୬।୨

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୭୬ (୩୭୬.୨୬) ପଏଣ୍ଟ ବଢି ୭୨,୪୨୭ (୭୨,୪୨୬.୬୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୩୦(୧୨୯.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୦୪୧(୨୨,୦୪୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## CLASSIFIED DISPLAY

| TARIFF MORE SPACE • SAME PRICE GST 5% | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

NEW DUPLEX SALE
Ready to move new 4BHK duplex with Garage near Patia RTO Office, Nandanbihar
Land- 1600 sqft,
Construction- 2830 sqft,
Fixed Price- 1.25Crore
7978450312
9439585947


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସ୍‌ବିଆଇର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୬।୨

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ( ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଅଭିଯାନ 'ସେଲ୍‌ଫ-ସବ୍‌ସ୍କ୍ରିପ୍‌ସନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ଡିଜିଟାଲ କାର୍ଯ୍ୟକ୍ରମ ମାଧ୍ୟମରେ ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ଯୋଜନାରେ ସାମିଲ କରିବା ଲାଗି ଏହି ନୂତନ ସୁବିଧା ବା ଅଭିଯାନର ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏସ୍‌ବିଆଇର ଗ୍ରାହକମାନଙ୍କ ଲାଗି ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ଯୋଜନାରେ ସାମିଲହେବା ଲାଗି ସେଲ୍‌ଫ-ସବ୍‌ସ୍କ୍ରିପ୍‌ସନର ସୁବିଧା ବା ଅଭିଯାନର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କରେ ଉକ୍ତ ସୁବିଧା ଆରମ୍ଭ ହୋଇଥିବାରୁ ଗ୍ରାହକମାନେ ନିଜର ନିକଟସ୍ଥ ଶାଖା କିମ୍ବା ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ ନ କରି ନିଜ ସୁବିଧା ଅନୁଯାୟୀ ଉପରୋକ୍ତ ଯୋଜନାରେ ସାମିଲ ହୋଇପାରିବେ। ବିଶେଷକରି ଗ୍ରାହକମାନଙ୍କୁ ଜନ ସୁରକ୍ଷା ପୋର୍ଟାଲରେ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ଓ ଜନ୍ମ ତାରିଖ ଦାଖଲ ସହିତ ପ୍ରିମିୟମ୍ ପୈଠ କରିବା ପରେ ବୀମା ସାର୍ଟିଫିକେଟ୍ ତତ୍କାଳ ସୃଷ୍ଟି ହେବ। ସେହିଭଳି ପ୍ରଯୁକ୍ତି ଜରିଆରେ ସେବା ପ୍ରଦାନ କରି ଗ୍ରାହକଙ୍କୁ ସଶକ୍ତ କରିବା ଲାଗି ବ୍ୟାଙ୍କ କରୁଥିବା ଉଦ୍ୟମକୁ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ସମସ୍ତ ଯୋଗ୍ୟ ନାଗରିକଙ୍କୁ ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ଯୋଜନାରେ ସାମିଲ କରାଇବା ଲାଗି ଭାରତ ସରକାରଙ୍କ ଉଦ୍ୟମକୁ ଏହି ସୁବିଧା ଆଗକୁ ବଢ଼ାଇବ ବୋଲି ସେ କହିଛନ୍ତି।


ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା ସାହୁ (ପୁଚୁ)
VIM-519, Sailashree Vihar, BBSR
ଆଜି ତୁମର ନବମ ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ତୁମର ଚଲାପଥ କୁସୁମିତ ହେଉ, ଯଶସ୍ୱୀ ହୁଅ ଓ ଦୀର୍ଘଜୀବୀ ହୁଅ। ଏହାହିଁ ପ୍ରଭୁଙ୍କ ନିକଟରେ କାମନା।
ଶୁଭେଚ୍ଛା ସହ :- ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଖୁଡ଼ି, ବଡ଼ଅଜା, ବଡ଼ଆଈ, ସାନଅଜା, ସାନଆଈ, ମାମୁଁ ମାନେ ଓ ପରିବାରବର୍ଗ।
ଧ-୭୫୩୧୬


# ଆପ୍ଟି ପ୍ଲସ୍‌ର ଓଏଏସ୍ ଫାଉଣ୍ଡେଶନ କୋର୍ସ

ଭୁବନେଶ୍ୱର,୧୬।୨ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର ଆପ୍ଟି ପ୍ଲସ୍ ଏକାଡେମୀର ବହୁ ପ୍ରତୀକ୍ଷିତ 'ଓଏଏସ୍ ଫାଉଣ୍ଡେଶନ କୋର୍ସ' ପାଠ୍ୟକ୍ରମ (କାର୍ଯ୍ୟକ୍ରମ) ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚରୁ ଫାଉଣ୍ଡେଶନ କୋର୍ସର ପ୍ରଥମ ବ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ବିଶେଷକରି ଓଡ଼ିଶା ଆଡମିନିଷ୍ଟ୍ରେଟିଭ ସର୍ଭିସ୍ (ଓଏଏସ୍)ର ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ଆପ୍ଟି ପ୍ଲସ୍ ପକ୍ଷରୁ ଏହି ବିଶେଷ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ (ଓପିଏସ୍‌ସି) କଟକଙ୍କ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍-୨୪) ପରୀକ୍ଷା ପାଇଁ ନିକଟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ଓପିଏସ୍‌ସି ପକ୍ଷରୁ ପ୍ରାୟ ୩୯୯ ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶିତ ହୋଇଯାଇଛି। ଏପରିକି ଓସିଏସ୍-୨୪ ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ ନିକଟରେ ଶେଷ ହୋଇଛି। ଅପରପକ୍ଷରେ ଉକ୍ତ ପରୀକ୍ଷା ଉପଲକ୍ଷେ ଆପ୍ଟି ପ୍ଲସ୍ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଆଶାୟୀ ଛାତ୍ରୀଛାତ୍ରଙ୍କୁ ଫାଉଣ୍ଡେଶନ କୋର୍ସ ଜରିଆରେ ଓଏଏସ୍-୨୪ର ସ୍ୱତନ୍ତ୍ର ପ୍ରସ୍ତୁତି ପାଇଁ ବିଶେଷ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମର ଆରମ୍ଭ କରିଛି। ବର୍ତ୍ତମାନର ଓପିଏସ୍‌ସି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ପରିବର୍ତ୍ତିତ ଶୈଳୀରେ ଆହୁରି ଉନ୍ନତ ମାନର ପ୍ରସ୍ତୁତି କରିବାକୁ ଆପ୍ଟି ପ୍ଲସ୍ ପ୍ରୟାସ ଆରମ୍ଭ କରିଛି। ଏହି ପରିବର୍ତ୍ତିତ ଶୈଳୀକୁ ନେଇ ଆପ୍ଟି ପ୍ଲସ୍ ଏକାଡେମୀ ପକ୍ଷରୁ ନୂତନ ପାଠ୍ୟ ଖସଡ଼ା ଅନୁଯାୟୀ ନୂତନ ପାଠ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଯୋଗାଇ ଦିଆଯିବ। ଏଥିପାଇଁ ଆପ୍ଟି ପ୍ଲସ୍‌ର ସାମ୍ପ୍ରତିକ ଘଟଣାବଳୀ ପାଇଁ ଓଏଏସ୍ ଗ୍ୟାଜେଟ୍ ସହ ଉଭୟ ପ୍ରିଲିମ୍ ଏବଂ ମେନ୍ ପରୀକ୍ଷା ପାଇଁ ମଧ୍ୟ ପୁସ୍ତକମାନ ପ୍ରକାଶ କରାଯାଉଛି। ସେହିଭଳି ଆପ୍ଟି ପ୍ଲସ୍ ଏକାଡେମୀରେ ଦିଲ୍ଲୀର ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଏପରିକି ଆବଶ୍ୟକ ସମସ୍ତ ପାଠ୍ୟପୁସ୍ତକ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଉଛି। ଆପ୍ଟି ପ୍ଲସ୍‌ର ଛାତ୍ରୀଛାତ୍ରାଙ୍କ ପାଇଁ ଟେଷ୍ଟ ସିରିଜଠାରୁ ଆରମ୍ଭକରି କ୍ଲାସ୍‌ରୁମ୍ (ଶ୍ରେଣୀ ଗୃହ) ପାଠ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଶେଷକରି ଆପ୍ଟି ପ୍ଲସ୍ ଲାଇବ୍ରେରିରେ ବ୍ୟାପକ ବ୍ୟବସ୍ଥା ମଧ୍ୟ ରହିଛି।


# Classified Everyday

0674-2580101, 2549949



REAL ESTATE

SALE

ଭୁବନେଶ୍ୱରସ୍ଥିତ ଏକ New ଜକି ଶୋରୁମ୍ furniture ସହିତ ବିକ୍ରିହେବ। ଯୋଗାଯୋଗ- 9078017622. D-2554

Contact for Complete House Construction (Simplex/ Duplex/ Apartment), Interior Design (Modular Kitchen/ TV Unit/ Wardrobe) and Home Furniture. MPlanets- 7008550473. D-2553

12,000sqft. gharabari plot for sale at Chandaka. Contact: 8895086603. D-71578

Plot for near AIIMS Hospital, Bhubaneswar and duplex sale @ 5 7 , 0 0 , 0 0 0 / - . 9777433701. D-75915

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

Duplex project at Retang Medical, Station, Market, CV Raman, Tamando, B h u b a n e s w a r . 9777553622. D-75296

BDA Yellowzone gharabari plot for sale Khandagiri Amri Hospital back side ready for construction. 7 9 7 8 8 5 0 4 5 0 , 9439918431. D-75907

Duplex project at Retanga Medical Station near C.V. Raman University Tamando, B h u b a n e s w a r . 7008459987. D-75912

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7 9 7 8 2 0 9 2 7 7 , 7008789347.** D-2494

**3BHK Semifurnished flats at Jharpada 80' road side. Contact- 9437307086, 7 9 7 8 2 0 9 2 7 7 , 7008789347.** D-2493

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। **(Bank Loan available) Excuse broker. 9437765989.** D-75902



CONSTRUCTION

Do you want to construct dream house on your own plot for details please contact K.K. Construction. 7 0 0 8 2 6 8 1 2 9 , 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913


ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Full body massage in homely atmosphere in all therapy. Mob: 8114881641. D-73449

Newly open SPA positively health benefits with relax and refresh with good therapist. 8328803811. D-76101

Newly open SPA positively health benefits with expert therapist. 9040286886. D-75199

Herbal full body massage by smart/expert therapist. Contact- 9124139069. D-75706

"Only Ayurvedic body massage & Steam-Bath. 9861550765". D-2495

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, B h u b a n e s w a r : 8926173473. D-67128

Kerala body Massage best Therapist @699/- Bhubaneswar. 9 3 3 7 6 7 2 4 7 5 . Ganeshspa.in. D-2555


## LEGAL NOTICE

ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦ ଓଡ଼ିଶା ମହୋଦୟ ଇଜିଲାସ (କ୍ୟାମ୍ପ ଅଫିସ ଭୁବନେଶ୍ୱର) ଓ.ଏସ୍.ଏସ୍.କେସ୍ ନଂ.-୪୪୩/୨୦୨୦

ଶ୍ରୀମତୀ ସ୍ୱର୍ଣ୍ଣଲତା ନାୟକ .....ବାଦୀ

ବନାମ

ଗୁନା ନାୟକ ଓ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

ଗୁନା ନାୟକ, ପ୍ରତିବାଦୀ ନଂ.-୧, ରାଜେଶ ନାୟକ, ପ୍ରତିବାଦୀ ନଂ.-୨, ପ୍ରଦୀପ ନାୟକ, ପ୍ରତିବାଦୀ ନଂ.-୩, ପ୍ରତିବାଦୀ ନଂ.-୧ ଠାରୁ ପ୍ରତିବାଦୀ ନଂ.-୩ମାନଙ୍କର ପିତା ସ୍ୱର୍ଗତ ନିଧି ନାୟକ, ପଞ୍ଚୁ ଭୋଇ, ପ୍ରତିବାଦୀ ନଂ.-୪, ପିତା- ସ୍ୱର୍ଗତ ଭିକାରି ଭୋଇ, ପ୍ରତିବାଦୀ ନଂ.-୧ଠାରୁ ପ୍ରତିବାଦୀ ନଂ.-୪ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଶିମିଳିପାଟଣା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। ଗୌତମ ଖେତୁଆଡ଼, ପ୍ରତିବାଦୀ ନଂ.-୫, ପିତା- ଭଗବତୀ ପ୍ରସାଦ ଖେତୁଆଡ଼, ବାସସ୍ଥାନ ସା- ଆଇଟିସି ରୋଡ୍ ସ୍କୀମ ୭-ଏମ, ଥାନା- ଫୁଲବାଗନ, କଲିକତା

ଉପରୋକ୍ତ ରିଭିଜନ୍ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୪ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୧,୨,୩ ଏବଂ ୫ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପକୋର୍ଟ (ୟୁନିଟ୍-୫ କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା ୨୧।୦୩।୨୦୨୪ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଅଆଁଳାପାଟଣା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ସାବକ ଖାତା ନଂ.-୧୯, ସାବକ ପ୍ଲଟ୍ ନଂ.-୯୬/୧୫୮, ଏରିଆ- ଏ୦.୧୦୮ଡି., ହାଲ୍ ଖାତା ନଂ.-୨୦୨, ହାଲ୍ ପ୍ଲଟ୍ ନଂ.-୧୦୫/୩୮୦, ଏରିଆ- ଏ୦.୧୦୮ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ, ସ୍ୱା./-ଅନୁସଚିବ
ରାଜସ୍ୱ ପର୍ଷଦ, ଓଡ଼ିଶା କଟକ

ଧ-୨୫୫୦

## ପେଟିଏମ୍‌କୁ ୧୫ଦିନ ପାଇଁ ଆଶ୍ୱସ୍ତି

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ସଙ୍କଟ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପେଟିଏମ୍ ପେମେଣ୍ଟ ବ୍ୟାଙ୍କଙ୍କୁ ୧୫ ଦିନର ଆଶ୍ୱସ୍ତି ପ୍ରଦାନ କରିଛି। ଆର୍‌ବିଆଇ ଶୁକ୍ରବାର ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ପାଇଁ ଜମା ଏବଂ ଋଣ କାରବାରର ସମୟ ସୀମାକୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହାସହ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଗ୍ରାହକଙ୍କ ଦ୍ୱନ୍ଦ୍ୱ ସମାଧାନ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଏଫ୍‌ଏକ୍ୟୁ (ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଏବଂ ସେମାନଙ୍କର ଉତ୍ତର) ଜାରି କରିଛି। ଜମା, କ୍ରେଡିଟ୍ କାରବାର ପାଇଁ ଆର୍‌ବିଆଇ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିଛି। ଏହି ଏଫ୍‌ଏକ୍ୟୁ ମାଧ୍ୟମରେ କେନ୍ଦ୍ରୀୟ ବ୍ୟାଙ୍କ ପେଟିଏମ୍ ପେମେଣ୍ଟ ବ୍ୟାଙ୍କରୁ ପ୍ରତ୍ୟାହାର, ଫେରସ୍ତ, ବେତନ କ୍ରେଡିଟ୍, ଡେବିଟ ଏବଂ ବିଦ୍ୟୁତ୍ ବିଲ୍ ଜମା ସମ୍ବନ୍ଧୀୟ ସୂଚନା ଦେଇଛି। ପିପିବିଏଲ୍ ଗ୍ରାହକ ଏବଂ ନିୟାମକ କର୍ତ୍ତୃପକ୍ଷଙ୍କ ବିଷୟରେ ଚିନ୍ତା ବଢ଼ାଇବା ପରେ ଆର୍‌ବିଆଇ ଏହି ନିଷ୍ପତ୍ତି ନେଇଛି।


ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡା. ଶଙ୍କର୍ଷଣ ପଣ୍ଡା
Deputy Director of Veterinary Officer
ଟାଉନ ପ୍ଲାନିଙ୍ଗ୍ କଲୋନୀ, ଢେଙ୍କାନାଳ
ଆବିର୍ଭାବ: ୧୬।୦୬।୧୯୩୬
ତିରୋଧାନ: ୦୭।୦୨।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୭୫୪୨୧

# ବିଦାୟ ସାତକଡ଼ି: ସୃଜନର ଅଥକ ପଦାତିକ

**ପ୍ରଦକ୍ଷିଣ**

ଫେବୃଆରୀ ୧୧ ମଧ୍ୟାହ୍ନରେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସଂଗଠନର ଆକାଶରୁ ଅସ୍ତହେଲା ଏକ ଚଳମାନ ନକ୍ଷତ୍ର। ଆମ ଗହଣରୁ ବିଦାୟ ନେଲେ ଆମ ସମୟର ଜଣେ ବର୍ଷୀୟାନ ସାହିତ୍ୟିକ ସାତକଡ଼ି ହୋତା। ୯୫ ପୂରି ୯୬ରେ ପାଦ ରଖିଥିବା ଏକ ସାରସ୍ୱତ ସ୍ରଷ୍ଟା ୬୦ରୁ ଊର୍ଦ୍ଧ୍ୱ ଗ୍ରନ୍ଥର ପ୍ରଣେତା। 'ଓଡ଼ିଶା ଲେଖକ ସାମ୍ମୁଖ୍ୟ' ଠାରୁ ଆରମ୍ଭ କରି 'ଓଡ଼ିଶା ଲେଖକ ସମବାୟ ସମିତି' ଓ ଖବରକାଗଜ 'ସମୟ'ଠୁଁ ଆରମ୍ଭ କରି 'ଓଡ଼ିଶା ସାହିତ୍ୟ ଏକାଡେମୀ' ଯାଏ ସବୁଠି ସେ ରଖିଯାଇଛନ୍ତି ତାଙ୍କ ଅଭିନବ ଚିନ୍ତନ ଓ ନିରଳସ କର୍ମର ପାଦଚିହ୍ନ। ସେ ଏପରି ଜଣେ ବ୍ୟକ୍ତି ଥିଲେ, ଯେଉଁଠି ଗୋଟିଏ ଅନୁଷ୍ଠାନ ମୁଣ୍ଡ ଟେକେ, ସେଇଠି ତାଙ୍କୁ ଖୋଜାପଡ଼େ। ଧର୍ମପତ୍ନୀ ଗୀତା ହୋତାଙ୍କ ସମ୍ପାଦିତ 'ଅମୃତାୟନ' ପତ୍ରିକାର ସେ ଥିଲେ ବିନିଦ୍ର ଜଗୁଆଳ। 'ଭୁବନେଶ୍ୱର ପୁସ୍ତକମେଳା' (ଯାହା ଅନ୍ୟ ପୁସ୍ତକମେଳାକୁ ସାଙ୍ଗରେ ନେଇ ପରେ 'ଅକ୍ଷର' ମହୋତ୍ସବରେ ରୂପାନ୍ତରିତ ହେଲା)ର ମୂଳ ପ୍ରବର୍ତ୍ତକଙ୍କ ମଧ୍ୟରୁ ସେ ଥିଲେ ଜଣେ। କବିତାରୁ ଯଦିଓ ଆରମ୍ଭ ହୋଇଥିଲା ତାଙ୍କ ସୃଜନ ଜୀବନର ଖଡ଼ିଛୁଆଁ, କିନ୍ତୁ ପରେ ଜଣେ ଶକ୍ତିଶାଳୀ, ବହୁପ୍ରସୂ କଥାକାର, ଔପନ୍ୟାସିକ ଓ ଗଦ୍ୟରଚକ ଭାବେ ତାଙ୍କର ପରିଚିତି ଓଡ଼ିଆ ପାଠିକାପାଠକଙ୍କ ମଧ୍ୟରେ ବ୍ୟାପକ ହୋଇଥିଲା।

ସାତକଡ଼ିଙ୍କ ପ୍ରକାଶିତ ଗ୍ରନ୍ଥର ପୂରା ତାଲିକା ଏହି ଆଲେଖ୍ୟର ସିଂହଭାଗ ସ୍ଥାନ ଦାବି କରିବାର ଭୟ ଥିବାରୁ ତାଙ୍କ ରଚିତ କେତୋଟି ପାଠକପ୍ରିୟ ପୁସ୍ତକର ନାମ ଏଠାରେ ନିଆଯାଇ ପାରେ। ଗଳ୍ପ: ଶୋଣିତର ସ୍ୱପ୍ନ, ଫୁଲର ଗୋଟିଏ ସୁରଭି, ବେଗମ୍ ସାହେବା, କିରିବୁରୁର କନ୍ୟା, ମହାସ୍ନାନ, ଲଙ୍ଗଳା ରାଜା, ଜଗନ୍ନାଥଙ୍କ ହସ, ସାୟାହ୍ନର ଶୋଭା, ମୋ ଗଳ୍ପର ନାୟକ; ଉପନ୍ୟାସ: ପ୍ରତ୍ୟୁଷର ପ୍ରଶ୍ନ, ଅସମୟ, ସୂର୍ଯ୍ୟ ଉଇଁଲେ, ସତ୍ୟନଗର, ମୁକ୍ତିମନ୍ତ୍ର, ଜନନୀ ଜନ୍ମଭୂମି, ମୁକ୍ତିଯୁଦ୍ଧ, ଧର୍ମଯୁଦ୍ଧ ଓ ଯୁଗସନ୍ଧି; ପ୍ରବନ୍ଧ: ସାମାଜିକ ବିଚାର, ସମାଜ ଓ ଶାସନତନ୍ତ୍ର; ଗଣତନ୍ତ୍ର, ଆଇନର ଶାସନ ଓ ଅନ୍ୟାନ୍ୟ ପ୍ରବନ୍ଧ; ଭ୍ରମଣ କାହାଣୀ: କାଶ୍ମୀରରୁ କନ୍ୟାକୁମାରୀ ଓ ଦିବ୍ୟଭୂମି ଭାରତ; ଆତ୍ମଜୀବନୀ: ମୋ' ସମୟ, ଦୀର୍ଘ ରୋମାଞ୍ଚକର ଯାତ୍ରା, ସ୍ମୃତିଲିପି।



ସାତକଡ଼ି ହୋତା
୧୯୨୯–୨୦୨୪




ପରଘରୁ ଧାନ କରଜ ଆଣି ଚଳୁଥିବା ଏକ ଅତି ଅଭାବୀ ବ୍ରାହ୍ମଣ ପରିବାରରେ ୨୯ ଅକ୍ଟୋବର ୧୯୨୯ରେ ଜନ୍ମିତ ଗୋଟିଏ ପିଲା ଯେ ଜୀବନରେ ବିଦ୍ୟା, ବୃତ୍ତି ଓ ସୃଜନର ଶିଖରରେ ପହଞ୍ଚି ପାରେ ଏହା ଅନ୍ୟମାନଙ୍କ କଥା ଦୂରେ ଥାଉ, ଖୋଦ୍ ସାତକଡ଼ି ବି କୋଉ ଜାଣିଥିଲେ। ଭାରତୀୟ ରେଳବାଇର ମ୍ୟାନେଜର, ଓଡ଼ିଶା ଲେଖକ ସାମ୍ମୁଖ୍ୟର ସଭାପତି, ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଦୈନିକ 'ସମୟ'ର ସମ୍ପାଦକ ପଦବୀ ମଣ୍ଡନ କରିବା ସହିତ ସାତକଡ଼ି ଜଗନ୍ନାଥ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ତଥା ପ୍ରସାର ପାଇଁ ଯେଉଁ ମୂଲ୍ୟବାନ୍ ସେବା ଦେଇଯାଇଛନ୍ତି, ତାହା ଅନେକ ଦିନଯାଏ ଏ ଜାତି ମନେରଖିବ।

ଓଡ଼ିଆ ସାହିତ୍ୟକୁ ସାତକଡ଼ିଙ୍କ ଦାନ ବିପୁଳ ଓ ଏହି ବିପୁଳତା ପୁଣି ନାନା ଭାବେ ଗୁଣାତ୍ମକ। ଓଡ଼ିଶାର ନିମ୍ନବର୍ଗ ତଥା ଆଦିବାସୀ ଜୀବନ ଜୀବିକାର ଯେଉଁ ଚିତ୍ର ସେ ତାଙ୍କ ଗଳ୍ପ, ଉପନ୍ୟାସରେ ପ୍ରଦାନ କରିଯାଇଛନ୍ତି, ତାହା ଓଡ଼ିଆ ପାଠିକାପାଠକଙ୍କ ଚିତ୍ତରେ ବହୁଦିନ ଉଜାଗର ରହିବ। ୧୯୬୬ରେ କବିତା ପୁସ୍ତକ 'ମଧୁଛନ୍ଦା'ରୁ ଏହି ଲେଖକଙ୍କର ସୃଜନଯାତ୍ରା ଆରମ୍ଭ। ତାଙ୍କ ରଚିତ ଉପନ୍ୟାସ 'ଆକୁଳ ହୃଦୟ, ସ୍ୱପ୍ନ ଶିଉଳି, ଏତେ ସ୍ୱପ୍ନ ଏତେ ଆଲୋକ, ଅନେକ ଦିଗନ୍ତ, ଅଶାନ୍ତ ଅରଣ୍ୟ, ଶତାବ୍ଦୀର ଶୋଷ ଯିଏ ପଢ଼ିଛନ୍ତି ସେମାନେ ଜାଣିଛନ୍ତି ସାତକଡ଼ି ଏଇ ସମୟର ଜଣେ ମନଚିହ୍ନା, ହୃଦୟଚିହ୍ନା ଲେଖକ, ଯାହାଙ୍କର ଚରିତ୍ର ସାମାଜିକ ନ୍ୟାୟ ଓ ସମତା ପାଇଁ ରାତିଦିନ ଅଥୟ। ମୟୂରଭଞ୍ଜ ଗଡ଼ଜାତର ଜଗନ୍ନାଥଖୁଣ୍ଟା ଗାଁର ଏକ କଅଁଳ କିଶଳୟ କିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିଶ୍ୱସ୍ତ ଦିଗପାଳ ବନିଗଲେ, ତାଙ୍କ ଯିବା ପରେ ଆଜି ଏହା ଭାବିଲେ ସାତକଡ଼ିଙ୍କ ନିରୀହ, ପରଦୁଃଖାଚ୍ଛନ୍ନ ମୁହଁଟି ମନେପଡ଼େ।

ରାଜଧାନୀର ଏପରି କୌଣସି ବିଶିଷ୍ଟ ମଞ୍ଚ ନାହିଁ, ଯେଉଁ ମଞ୍ଚର ଚଉକି ତାଙ୍କୁ ଅପେକ୍ଷା କରେ ନାହିଁ। ଓଡ଼ିଆ ସାହିତ୍ୟର ସେ ଥିଲେ ଯଥାର୍ଥରେ ଏକ ବିସ୍ମୟକର ଯାତ୍ରୀ, ଯାହାର ଚିତ୍ତ ସଦା ଭୟଶୂନ୍ୟ, ପ୍ରଶାନ୍ତ, ହସହସ।

ନିଜ ଶକ୍ତିମତେ ଓଡ଼ିଆ ସାହିତ୍ୟକୁ ନିଜ ସାମର୍ଥ୍ୟର ସବୁତକ ସଞ୍ଚୟ ଅଜାଡ଼ି ଦେଇଥିବା ଏହି ସ୍ନେହଦୀପ୍ତ ଲେଖକଙ୍କୁ 'ଶାରଳା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟଭାରତୀ ଓ ବିଷୁବ ପୁରସ୍କାର ସହ ଦୁଇଟି ବିଶ୍ୱବିଦ୍ୟାଳୟ (ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ରୁ ଡି.ଲିଟ୍ ଉପାଧି ମିଳିଛି ସତ, କିନ୍ତୁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବା ପଦ୍ମଶ୍ରୀଟିଏ ଦେଇପାରିଲା ନାହିଁ ଏ ଜାତି। ନ ଦେଉ, ଖ୍ୟାତି ବା ସମ୍ମାନ ପାଇଁ କେବେ ବି ହାତପାତି ନ ଥିବା ସାତକଡ଼ି ଜୀବନରେ କେବେ ବି ତାଙ୍କ ଆତ୍ମସମ୍ମାନକୁ ଅନ୍ୟ କାହାପାଖରେ ବଳି ପକାଇ ନାହାନ୍ତି। ଅସୂୟାଶୂନ୍ୟ ଏହି ଲେଖକଟି କେବେ କାହା ଅସୂୟାର ଯେ ଶିକାର ହୋଇଥିବେ ଏହା ଭାବିହୁଏ ନାହିଁ। ସାତକଡ଼ିଙ୍କ ହାତରେ ଆମରଣ ଜାଗ୍ରତ ଥିଲା ତାଙ୍କ ଲେଖନୀ ଓ ଓଡ଼ିଆ ସାହିତ୍ୟ-ସଂସ୍କୃତିର ଅନତ ବାନା। ସେ ଥିଲେ ଓଡ଼ିଆ ଜାତୀୟ ଜୀବନରେ ଏକ ବହମାନ ଖୁସ୍‌ବୁ। ଓଡ଼ିଆ ବାଙ୍ମୟ ଜଗତର ଏହି ଅଥକ ସ୍ରଷ୍ଟା, ସଂସ୍କୃତି-ନେତା, ଆଧ୍ୟାତ୍ମିକ ଧ୍ୱଜାଧାରୀ, ବିରାମହୀନ ପଦାତିକଙ୍କୁ ସରକାର ରାଜ୍ୟ-ସମ୍ମାନର ସହ ବିଦାୟ ଦେଇ ତାଙ୍କ ଅନୁରାଗୀଙ୍କର ଯେ ଶ୍ରଦ୍ଧାଭାଜନ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## କବିତା

### ପ୍ରତୀକ୍ଷିତ

**ବସନ୍ତ ମଞ୍ଜରୀ ମିଶ୍ର**

ଆଜି ବି ଚାହିଁଛି ଶବରୀ
ମିଠାକୋଳି ଅଞ୍ଜିରେ ଧରି
ଆଖି ଛଳଛଳ କରି
ପ୍ରଭୁ ଆସିବେ କି ଫେରି।

ପଥର ଭିତରେ ଥାଇ ଭାବୁଛି ଅହଲ୍ୟା
କି ହେଲା କି ହେଲା
ରାମଙ୍କ ଅଯୋଧ୍ୟା ପ୍ରବେଶ
ଆଜି ଏ କର୍ଣ୍ଣରେ ଶୁଭିଲା
ସତରେ କ'ଣ ତୁମେ ଆସିବ ପ୍ରଭୁ
କରିବାକୁ କିଛି ଚମତ୍କାର
ଦୂରେଇବାକୁ ଏ ଅନ୍ୟାୟ ତିମିର
ଏଠି କିନ୍ତୁ ଚାରିଆଡ଼େ ଘୋର ଅନ୍ଧକାର
ମିଥ୍ୟା, ପ୍ରବଞ୍ଚନାର ଘନ ଅନ୍ଧକାର
ଦିବାଲୋକରେ ହୁଏ ଏଠି
ଶୋଷଣ ଆଉ ଅତ୍ୟାଚାର
ଲୁଚି ବୁଲେ ଏଠି
ସତ୍ୟର ସୌଦାଗର
ଆଜି ଏଠି ଶହଶହ ରାବଣ
ଅନାୟାସେ କରନ୍ତି ବଳାତ୍କାର
ସତ୍ୟ ଆଉ ଧର୍ମର
ଅଗଣିତ ସୀତା ବନ୍ଦୀ ଏଠି ଅଶୋକ ବନରେ

ନିଇତି ଧୁଅନ୍ତି ସ୍ୱପ୍ନ ଆଖିର ଲୁହରେ।
ମୁହଁ ଢାଙ୍କି ଲୁଚି ଅଛି ପାପୀ
ଭଦ୍ରତାର ଖୋଳପା ଭିତରେ
କଳୁଷିତ ଶରୀରକୁ ଧରି
ଦିବାଲୋକେ କରୁଛି ଲୁଣ୍ଠନ
ଅଧର୍ମର ବିତ୍ତରେ ବୋଲାଉଛି ମହାଧନୀ
ହୃଦୟରେ ଭରି ହଳାହଳ ବିଷ
କରେ ସେ ପ୍ରୟାସ
ସତ୍ୟର କରିବାକୁ ସର୍ବନାଶ
ଏ ସୃଷ୍ଟିକୁ କରିବାକୁ ଧ୍ୱଂସ।

ତଥାପି ଭରିଛି ଆଶା
ଆସିବେ ପ୍ରଭୁ କୌଶଲ୍ୟା ନନ୍ଦନ
କରିବେ ନିଧନ
ମିଥ୍ୟା ଆଉ ପ୍ରତାରଣାର
ଭେଦି ତାଙ୍କ ମୁଖା ଆବରଣ।
ସତେ କ'ଣ ରାମ ରାଜ୍ୟ ଫେରିବ
ଧର୍ମର ଧ୍ୱଜା ଉଡ଼ିବ
ରାବଣର ଅନ୍ତ ହେବ।
ବହୁ ପ୍ରତୀକ୍ଷିତ ରାମରାଜ୍ୟ ଫେରିବ!

ମୋ: ୯୮୬୧୧୯୨୪୪୫

### ପରିଚୟ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଭାଷାର ପାଖୁଡ଼ାରେ
ସାହିତ୍ୟର ଗୋଲାପ।
ଗୋଲାପ ବାସ୍ନା ଦେଇଛି
ତା' ପ୍ରେମରେ ବାନ୍ଧି ରଖିଛି ଆମକୁ–
ଆମେ ଯେଉଁମାନେ ଶବ୍ଦଶିଳ୍ପୀ
ନୀତି ପ୍ରତିଦିନ ଖୋଜୁଥାଉ
ଶବ୍ଦ ଆଉ ଭାଷାର
ଅମୂଲ୍ୟ ଅମୃତ।
ଆମେ ବଞ୍ଚିଛୁ, ଭାଷାର ଆତ୍ମାରେ।
ଆମ ପରିଚୟ, ଆମ ସାହିତ୍ୟରେ–
ଗୀତରେ, ଗଳ୍ପରେ, ନାଟକରେ
ଆମ କହିବା ପଣରେ
ଆମ ସଂସ୍କୃତି ଓ ପରମ୍ପରାର
ଅସରନ୍ତି ଆଲୋକ।
ପାଖୁଡ଼ା ଖସିଗଲେ, ଫୁଲ ମଉଳିଯାଏ
ଭାଷା ହଜିଗଲେ ଶବ୍ଦ ହଜିଯାଏ,
ସାହିତ୍ୟର ନଦୀ
ଶୁଖିଲା ନଦୀର ପରିଚୟ ଦିଏ।
ଆସ–ଫୁଲକୁ ସାଇତି ରଖିବା
ମନଭରି ତାକୁ ଭଲପାଇବା।

ମୋ: ୯୯୩୮୩ ୦୯୬୫୨

### ତମେ

**ମଧୁସୂଦନ ଦାଶ**

ତମ ଅଭିମାନ
ଆଷାଢ଼ର ଅଭିଆଡ଼ୀ ମେଘ
ବରଷିବ ବରଷିବ ହୋଇ
ବରଷେ ନାହିଁ।

ତମ ଲାଜ
ଚଇତର ଚୋରା ଚଇତାଳି
ଛୁଇଁବ ଛୁଇଁବ ବୋଲି
ବସେ ମୁଁ ଚାହିଁ।

ମୋ: ୯୪୩୭୩୩୨୪୯୮

### ତୁମେ

**ଦୀପ୍ତି ମିଶ୍ର**

ଗଛଠାରୁ ଶିଖିଥିଲି
ସମର୍ପଣ ଭାବ
ନିଜ ପାଇଁ କିଛି ନ ରଖି
ସବୁ ଦେଇ ଦେବାର
ଦିବ୍ୟ ଅନୁଭବ

ପକ୍ଷୀଠାରୁ ଶିଖିଥିଲି
ବାନ୍ଧିବାକୁ ଆକାଶ ସହ
ଆତ୍ମୀୟତା ଭାବ

ଫୁଲ ଶିଖାଇଥିଲା
ବାଣ୍ଟିବାକୁ ଖୁସିର ମହକ,
ମିତ ବସି ମଳୟ ସହିତ

ତୁମେ କିନ୍ତୁ ଶିଖାଇଲ
ଆଖିରେ କେମିତି ସାଗରକୁ,
ଆଉ ହୃଦୟରେ ପାହାଡ଼କୁ
ଧରି ରଖିହୁଏ।

ମୋ: ୬୩୭୦୨୧୨୯୧୮

## କାଳକାଳକୁ

"ସତ କହିବାଠୁଁ କଷ୍ଟକର,
ତୋଷାମଦିଠୁଁ ସହଜ
ଆଉ କିଛି ଏ ପୃଥିବୀରେ ନାହିଁ।"
– ଏଫ୍.ଏମ୍. ଦସ୍ତୋଭସ୍କି



**ଏଫ୍.ଏମ୍. ଦସ୍ତୋଭସ୍କିଙ୍କ** ଜନ୍ମ ୧୧ ନଭେମ୍ବର ୧୮୨୧ରେ ରୁଷର ମସ୍କୋରେ ଓ ପରଲୋକ ୯ ଫେବୃଆରୀ ୧୮୮୧ରେ, ସେଣ୍ଟ୍ ପିଟର୍ସବର୍ଗରେ। ଏକାଧାରରେ କଥାକାର, ଔପନ୍ୟାସିକ, ନିବନ୍ଧକାର ଓ ବାର୍ତ୍ତାଜୀବୀ ଏହି ରୁଷୀୟ ଲେଖକ ହେଉଛନ୍ତି ଊନବିଂଶ ଶତାବ୍ଦୀରେ ପୃଥିବୀର ଅନ୍ୟତମ ମହାନ୍ ସାହିତ୍ୟ ସ୍ରଷ୍ଟା, ଯେ କି ନାନା ଭାବେ ବିଶ୍ୱ କଥାସାହିତ୍ୟକୁ ପୁଷ୍ଟ କରିଛନ୍ତି। ତାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ ମଧ୍ୟରେ 'ନୋଟ୍‌ସ ଫ୍ରମ୍ ଅଣ୍ଡରଗ୍ରାଉଣ୍ଡ୍', 'କ୍ରାଇମ୍ ଆଣ୍ଡ୍ ପନିଶ୍‌ମେଣ୍ଟ', 'ଦ ଇଡିୟଟ୍', 'ଡେମୋନ୍‌ସ' ଓ 'ଏ ରାଇଟର୍ସ ଡାଏରୀ' ଅନ୍ତର୍ଭୁକ୍ତ।

## ପୁସ୍ତକ ପରିଚୟ

### ଶ୍ରୀରାମଚରିତମାନସ କଥାସାର

**ଲେଖକ:** ବିନୋଦ ମିଶ୍ର
**ପ୍ରକାଶକ:** ଶିଶୁ କଲମ, ସହିଦ ନଗର, ଭୁବନେଶ୍ୱର–୭
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୦୦/–




ଗୋସ୍ୱାମୀ ତୁଳସୀ ଦାସଙ୍କ ବିରଚିତ ଶ୍ରୀରାମଚରିତମାନସ (ରଚନାକାଳ ୧୬୩୧–୧୬୩୩)ର ଓଡ଼ିଆ ରୂପ, ଯାହାକୁ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ସରସ୍ୱତୀ ପ୍ରସ୍ତୁତ କରିଛନ୍ତି– ତା'ରି ସଂକ୍ଷିପ୍ତୀକରଣ ହେଉଛି ଆଲୋଚ୍ୟ ପୁସ୍ତକ। ଗ୍ରନ୍ଥକର୍ତ୍ତା ସର୍ବଜନବୋଧ ଗଦ୍ୟରେ ତାଙ୍କର ଏହି ସଂକ୍ଷିପ୍ତ ଓଡ଼ିଆ ରୂପଟିକୁ ସମ୍ପାଦିତ କରିଛନ୍ତି। 'ଅଭିମତ'ରେ ଶୋଭାକର ଦାସ ଫତେସିଂହ କହିଛନ୍ତି: "ସଂକ୍ଷିପ୍ତ ହେଲେ ମଧ୍ୟ ଏହି ରଚନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିବାରୁ ଜ୍ଞାନୀ, ଗୁଣିଜନମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ମୋର ଆଶା ଓ ବିଶ୍ୱାସ।" ଗ୍ରନ୍ଥାରମ୍ଭରେ ଲେଖକ ଗୋସ୍ୱାମୀ ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନୀର ଅବତାରଣା କରିଛନ୍ତି। ତା'ପରେ ବାଳକାଣ୍ଡ, ଅଯୋଧ୍ୟାକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧାକାଣ୍ଡ, ସୁନ୍ଦରାକାଣ୍ଡ, ଲଙ୍କାକାଣ୍ଡ ଓ ଉତ୍ତରାକାଣ୍ଡର ନିର୍ଯାସ ଲିପିବଦ୍ଧ କରିଛନ୍ତି। ବାଳକାଣ୍ଡରେ ତୁଳସୀ ଦାସ ଭକ୍ତମାନଙ୍କ ସ୍ୱରୂପ ସମ୍ପର୍କରେ ଯାହା କହିଛନ୍ତି, ତା'ର ଉଦ୍ଧାର କରି ବିନୋଦ କହନ୍ତି: "ତୁଳସୀ ଦାସ କହୁଛନ୍ତି– ଯଦି ତୁମେ ଅନ୍ତର ଓ ବାହାରକୁ ଆଲୋକିତ କରିବାକୁ ଚାହୁଁଛ, ତେବେ ମୁଖରୂପୀ ଦ୍ୱାରର ଜିହ୍ୱାରୂପୀ ଏରୁଣ୍ଡିବନ୍ଧରେ ରାମନାମରୂପୀ ମଣିଦୀପଟି ରଖ।" ଅର୍ଥାର୍ଥୀ, ଆର୍ତ୍ତୀ, ଜିଜ୍ଞାସୁ ଓ ଜ୍ଞାନୀ– ଏହିପରି ରାମ ଭକ୍ତ ଚାରିପ୍ରକାରର। କିନ୍ତୁ ତୁଳସୀ ଦାସଙ୍କ ବିଚାରରେ ଏହି ଚାରିବର୍ଗର ଭକ୍ତ ପୁଣ୍ୟାତ୍ମା, ପାପରହିତ ଓ ଉଦାର। ଏଥିରୁ ତୁଳସୀ ଦାସଙ୍କ ଭେଦରହିତ ଆଧ୍ୟାତ୍ମିକ ଜ୍ଞାନକୁ ଚିହ୍ନିହୁଏ। ଗ୍ରାମୀଣ ଅବଧି ବୋଲିରେ ତୁଳସୀ ଦାସ ଶ୍ରୀରାମଚରିତମାନସ ଲେଖିଛନ୍ତି ଓ ତା'ର ସାରମର୍ମକୁ ସରଳ ଓଡ଼ିଆରେ ବିନୋଦ ଉପସ୍ଥାପନା କରି ଏକ ବୃହତ୍ ପାଠକ-ସମାଜର ଯେ ଅନେକ ଉପକାର ସାଧନ କରିଛନ୍ତି, ଏଥିରେ ସନ୍ଦେହ ନାହିଁ।

### ଜୀବନର ଚଉହଦି

**ରଚନା:** ଭୁବନେଶ୍ୱରୀ ପଣ୍ଡା
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର–୧୩
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୯୯/–




ମୋଟ ୧୫ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ଆକାର ଦୃଷ୍ଟିରୁ ଖୁବ୍ ଛୋଟ ଛୋଟ। ନିଜ ଚଉପାଶରେ, ପାରିବାରିକ ଓ କର୍ମଜୀବନରେ ଦୃଶ୍ୟମାନ ଘଟଣାଗୁଡ଼ିକ ଭିତରୁ ରସଦ ସଂଗ୍ରହ କରି ଗାଳ୍ପିକା ଏହି ଗଳ୍ପଗୁଡ଼ିକର ସଂରଚନା କରିଛନ୍ତି। ଏଥିରେ ଗଳ୍ପ ଗଠନର କୌଣସି କିତାବୀ ବୁଦ୍ଧି ନାହିଁ। ଯାହା ଘଟିତ ବା ଅନୁଭୂତ, ତାକୁ ସ୍ୱାଭାବିକ ଭାବେ ଦୈନନ୍ଦିନ ଜୀବନର ଭାଷା ଦେଇ ଲେଖିକା ପ୍ରକଟ କରିବାକୁ ଚାହିଁଛନ୍ତି। ଫଳରେ ଗଳ୍ପ ତା'ର ମୌଳିକରୂପ ନେଇ ବିନା ଅଳଙ୍କରଣରେ ପାଠକଙ୍କ ସାମ୍ନାରେ ଉପନୀତ ହୋଇଛି। 'ଜନ୍ମଦିନ' ଶୀର୍ଷକ ଗଳ୍ପରେ ଆଜିକାଲିର ଆନ୍ତରିକତାହୀନ ଜନ୍ମଦିନ ପାଳନର ଆବହାୱାଟି ଖୁବ୍ ପରିଚ୍ଛନ୍ନ ଭାବେ ସାକାର ହୋଇଛି। 'ମୁଖାଗ୍ନି'ରେ 'ଝିଅ'ର ମୁଖାଗ୍ନି ଦେବା ପ୍ରସଙ୍ଗ ମଧ୍ୟ ଦେଇ ଆଜିର ମା'–ବାପାଙ୍କ ମନସ୍ତତ୍ତ୍ୱ ପ୍ରକାଶ ପାଇଛି। 'ବନ୍ଧୁଚର୍ଚ୍ଚା' ଗଳ୍ପରେ ଲୋକଦେଖା ଆତିଥ୍ୟ ତଳେ ଲୁଚିଥିବା କୃତ୍ରିମ ଆନ୍ତରିକତାକୁ ଗାଳ୍ପିକା ଫୁଟେଇଛନ୍ତି ଗଳ୍ପକାରିତାର କୌଣସି ଖାଦ ନ ମିଶାଇ। ତେବେ ଗଳ୍ପଗୁଡ଼ିକୁ ସମଧିକ ହୃଦୟଗ୍ରାହୀ କରିବାକୁ ହେଲେ ଓ ବାସ୍ତବତାକୁ କଳ୍ପନାର ରସାୟନରେ ପୃକ୍ତ କରିବାର ଯେଉଁ ଦାୟବଦ୍ଧତା ଜଣେ କଥାକାରର ରହିବା କଥା, ଭୁବନେଶ୍ୱରୀଙ୍କ ଗଳ୍ପ ଆହୁରି ତା'ର ଅପେକ୍ଷାରେ ରହେ। ଆଶା, 'ସୃଜନ'ର ଏହି ଅକୁଳାଣପଣକୁ ସେ ତାଙ୍କ ସାଧନା ଦ୍ୱାରା ଖୁବ୍ ଶୀଘ୍ର ଅତିକ୍ରମ କରିଯିବେ।

## ଲୁହ

**ପ୍ରଭଞ୍ଜନ ଦାଶ**

ମନ୍ଦିର ଆଗରେ ମୁଣ୍ଡ ପିଟି କାନି ପତେଇ ସୁଲେଇ ବୋଉ ସେଦିନ ଖୁବ୍ କାନ୍ଦିଥିଲା। ତା' ଖାଲି କୋଳକୁ ଦେଖେଇ ଶିଖେଇ କିଏ କହୁଥିଲା ବାଞ୍ଝ ତ ଆଉ କିଏ କହୁଥିଲା, ଅଭାଗା, ଅଲକ୍ଷଣୀ ତା' ମୁହଁ ଚାହିଁଲେ ଖରାପ। କେତେ ବା ଆଉ ସେ ସହିବ? ସେଇ ଛୁଆଟିଏ ପାଇଁ ତ ତା'ର ଏତେ ପୂଜା, ଓଷା, ବ୍ରତ, ମାନସିକ। ଯା' ହଉ ଏତେ ଦିନକେ ଠାକୁର କଥା ଶୁଣିଲେ ତା' ଖାଲି କୋଳ ପୂରି ଉଠିବ। ସେ ମାଆ ଡାକ ଶୁଣିବ। ସେଇ ଖୁସିରେ ସୁଲେଇ ବୋଉ ଆଖିରେ ଥିଲା ଆଖିଏ ଲୁହ। ସେଦିନ ବି ସୁଲେଇ ବୋଉ ଭାରି କାନ୍ଦୁଥିଲା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇ। କିଏ କହୁଥିଲା ମଲାଛୁଆ ତ ଆଉ କିଏ କହୁଥିଲା ଏ ସୁଲେଇ ଆଉ ବଞ୍ଚିବନି। ହେଲେ ମନ ଜାଣିଲା ପରି ଭଗବାନ ସୁଲେଇକୁ ସୁନ୍ଦର ପୁଅଟିଏ ଦେଲେ। ପୁଅକୁ ଦେଖି ସୁଲେଇ ମାଆ ଖୁସିରେ ଗଦ ଗଦ ହୋଇ ପଡୁଥିଲା। ପୁଅ କେଶବ ବଡ଼ ହେଲା, ଭଲ ପାଠ ପଢ଼ି ବଡ଼ ଚାକିରି କଲା, ବାହାସାହା ହେଲା। ପୁଅର ସବୁ ସଫଳତାରେ ସୁଲେଇ ମାଆ ନିଜ ଖୁସିଟିକୁ କେବଳ ନିଗାଡ଼ି ଦେଉଥିଲା କେଇ ଟୋପା ଲୁହ ଭିତରେ। ହେଲେ ଆଜିଯାଏ ବି ସୁଲେଇ ମାଆର ଆଖିରୁ ସେ ଲୁହ ଶୁଖିନି। ଜୀବନର ଯନ୍ତ୍ରଣାକୁ ସହି ସେ ଖୁବ୍ କଷ୍ଟପାଏ ନିଜ ନିଃସଙ୍ଗ ଜୀବନରେ, ନିଜେ ଅଲୋଡ଼ା ହେଇ ଖୋଜେ ନିଜ ପୁଅ ବୋହୂଙ୍କୁ ଏ ଦୁନିଆ ଭିଡ଼ରେ। ମନ ଭରି କାନ୍ଦେ କବାଟ କୋଣେ। ଆଉ ସେଇ ଲୁହଟିକୁ ଲୁଚେଇଦିଏ ନିଜ ଛିଣ୍ଡା ଶାଢ଼ି କାନି ତଳେ।

ମୋ: ୭୩୨୬୯୫୯୯୯୫



## ଭୋକ

**ଅଲେଖ ଚରଣ ପଟ୍ଟନାୟକ**

ଲଘୁଗଳ୍ପ

ଡିସେମ୍ବର ମାସ ଶୀତ-ସକାଳ। ଶୀତ ଋତୁ ହେଲେ ବି ସକାଳ ସୂର୍ଯ୍ୟର କଅଁଳିଆ ଖରା ତାତି ଦେହକୁ ଅଲଗା ସ୍ୱର୍ଶର ଅନୁଭୂତି ଦେଉଥାଏ। ସହରର ଏକ ଜନାକୀର୍ଣ୍ଣ ବସତି, କାହିଁ କେଉଁ ଅମଳରୁ ଏକ ନଡ଼ାଛପର ଚାଳିଆ ହୋଟେଲ 'ଅନାମ-ଭାଇନା' ନାମରେ ଜଣାଶୁଣା। ଆବାଳବୃଦ୍ଧବନିତାଙ୍କ ସେଇ ହୋଟେଲ ଉପରେ ନଜର। ଏବେ ବି ଜାଳେଣିକାଠକୁ ନେଇ କାଠଚୁଲା ଏବଂ ସବୁ ବ୍ୟଞ୍ଜନ ସେଥିରେ ପ୍ରସ୍ତୁତ ହୁଏ। ଖାଦ୍ୟ ଭାରି ସୁଆଦିଆ। ଥରେ ଯିଏ ଅନାମ ଭାଇନାର ସୁସ୍ୱାଦୁ ମନଲୋଭା ବ୍ୟଞ୍ଜନର ସ୍ୱାଦ ବାରିଛି, ସିଏ ବାରମ୍ବାର ଆସି ତା'ର ମଜା ଲୁଟିଛି। ଫୁଲବାଣୀର ଦୁଇଟି ଆଦିବାସୀ ପିଲାଙ୍କୁ ନେଇ ଅନାମ ଭାଇନା କାମ ଚଳେଇନିଏ। ପୁଅ ପରି ସେମାନଙ୍କୁ ସ୍ନେହବୋଳା କଥା କହେ। ବୁଝାଏ, ଗରାଖ-ଈଶ୍ୱରଙ୍କ ମନଜାଣି ଚର୍ଚ୍ଚା କରିବ। ହୋଟେଲର ଏତେ ଚାକଚକ୍ୟ ନାହିଁ। ତିନି ପାର୍ଶ୍ୱ କାନ୍ଥ ବାଉଁଶପଟି ଘେରା। ସେଥିରେ ଭିନ୍ନ ଭିନ୍ନ ଖବରକାଗଜ ଛାପା ହୋଇଛି। ଅନ୍ୟ କେଉଁ ସ୍ଥାନରେ ସେଇ ଖବରକାଗଜ ଉପରେ ରଙ୍ଗିନ୍ ସିନେମା ପୋଷ୍ଟର। ବର୍ଷେ ଦୁଇ ବର୍ଷରେ ମ୍ୟୁନିସିପାଲିଟିର ବାବୁଭାୟା ଆସନ୍ତି। ତାଗିଦା କରନ୍ତି। ସରକାରୀ ଜାଗା, ହୋଟେଲ ବନ୍ଦ ହେବ। ବିଚରା ନିରୀହ ଭାଇନା କଥା ମାନେ। ହୋଟେଲ ବନ୍ଦ କରେ। ଦିନେ କିମ୍ବା ଦୁଇଦିନ। ରୋଜଗାର ବନ୍ଦ ହୋଇଯିବାରୁ ମନମାରି ବସେ। ତା'ପରେ ସେଇ ଗରାଖ-ଈଶ୍ୱରଙ୍କ ଅନୁରୋଧରେ ପୁଣି ଥରେ ସକାଳର ଆଞ୍ଚ ଲାଗେ। କାଠଚୁଲିର ନିଆଁ ହୁତ୍‌ହୁତ୍ ହୋଇ ଜଳେ। ଧୂଆଁ ଉଠି ଆକାଶରେ କୁଣ୍ଡଳି ତୋଳେ। ଧୀରେ ଧୀରେ ନୀଳ ଗଗନରେ ମିଶିଯାଏ। ବେପାର ଚାଲେ, ଗରାଖ ଭିଡ଼ ଜମେ। ଅନାମ ଭାଇନାର ଓଠରେ ସ୍ମିତ ହାସ୍ୟରେଖା ବେଶ୍ ବାରିହୁଏ।

ସମୟଚକ୍ରର ଗତିରେ ସହରର ରୂପରେଖ କେତେ ଯେ ବଦଳିଗଲାଣି। ହେଲେ ଅନାମ-ଭାଇନାର ଚାଳିଆ ହୋଟେଲର ମାନଚିତ୍ର କିଛି ବି ବଦଳିନି। ସକାଳବେଳା ନିତିଦିନିଆ ଚା-ଇଡ୍‌ଲି, ମଟରଚଣା ଘୁଗୁନି। ମଧ୍ୟାହ୍ନରେ ଉଷୁନା ଚାଉଳ ଭାତ, ମାଛ ବେସର, ଚିକେନ୍, ଅଣ୍ଡାଝୋଳ। ସାଦାବାଲାଙ୍କ ନିମନ୍ତେ ଅରୁଆ ଅନ୍ନ, ଦହି ସାଲାଡ଼, ମିକ୍ସ କରି, ଖଜୁରି ଖଟା, ଛତୁ, ପନିର ଇତ୍ୟାଦି।

ଅନାମ ଭାଇନା ସର୍ବଦା ଚଳଚଞ୍ଚଳ। ସକାଳୁ ସଞ୍ଜଯାଏ କର୍ମତତ୍ପର। ସବୁ କାମ ଭିତରେ ଗୋଟିଏ ନିତିଦିନିଆ ଦୃଶ୍ୟ ନଜରକୁ ଆସେ। ଗୋଟିଏ ବାରବୁଲା ଝାମ୍ପୁରାମୁଣ୍ଡା ପାଗଳ ଲୋକଟିଏ କେଉଁଠି ଥାଏ କେଜାଣି, ବିଦ୍ୟୁତ୍‌ର ଝଟକା ଭଳି ଠିକ୍ ମଧ୍ୟାହ୍ନରେ ହୋଟେଲ ସାମ୍ନାରେ ପହଞ୍ଚିଯାଏ। ସେଇ ପୁରୁଣା ବଡିଖୁଣ୍ଟ, ସେଇ ଅଧାଭଙ୍ଗା ପଥର ଚଟାଣ, କ'ଣ ସବୁ ଏଣୁତେଣୁ ଗପୁଥାଏ। ଅଲରା କେଶଗୁଡ଼ିକୁ ସଜାଡୁଥାଏ। ଅମାନିଆ କେଶଗୁଡ଼ିକ ପବନରେ ଉଡୁଥାଏ। କାହିଁ କେତେ ଦିନରୁ ତେଲ ଲଗାଯାଇ ନ ଥିବା କେଶରେ ଠାଏଠାଏ ଜଟା ପରି ଓହଳି ପିଠିପଟକୁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଥାଏ। ଦେହକୁ ଢାଙ୍କି ରହିଛି କାହିଁ କେତେ ଦିନରୁ ସଫା ହୋଇ ନ ଥିବା ଚିରାଫଟା ଶାର୍ଟଟିଏ।

ପାଗଳଟି କେଉଁ ସହରର। କିପରି ତା'ର ଏ ଦୁର୍ଦ୍ଦଶା! ନାନା ମୁନି, ନାନା ମତ। ଲୋକେ କହନ୍ତି, ପଡ଼ୋଶୀ ରାଜ୍ୟରେ ଜାତିଆଣଭାବ ଦଙ୍ଗାରେ ତା'ର ପରିବାର ଛାରଖାର ହୋଇଗଲା। ତା' ପରେ ସେ ଲୋକ ପାଗଳ ହୋଇ ଏଣେତେଣେ ଘୂରି ବୁଲୁଛି। ଅନ୍ୟ କେହି କହନ୍ତି ସେ ଜଣେ ବଡ଼ ବ୍ୟବସାୟୀ ଥିଲେ। ଆତ୍ମୀୟଜନଙ୍କ ବିଶ୍ୱାସଘାତକତାରୁ ବ୍ୟବସାୟରେ ଘୋର କ୍ଷତି ହେଲା। ଜୀବନ ହାରିବା ନିମନ୍ତେ ଆତ୍ମହତ୍ୟାର ବାଟ ଖୋଜିଲେ। ବିଷପାନ କଲେ, ଡାକ୍ତରଙ୍କ ପ୍ରଚେଷ୍ଟାରେ ଜୀବନ ରକ୍ଷା ହେଲା, ମାତ୍ର ମସ୍ତିଷ୍କ ବିକୃତି ଘଟିଲା। ସେ ପାଗଳ ବନିଗଲା।

ପ୍ରତିଦିନ ହୋଟେଲ ପିଲାଟି ଗୋଟିଏ ବଡ଼ ଖଲିପତ୍ରରେ ସମସ୍ତ ଖାଦ୍ୟ ପରଶିଦେଇ ପାଗଳ ସାମ୍ନାରେ ଥୋଇଦେଇ ଆସେ। ଠିକ୍ ସେତିକିବେଳେ ପାଖ ବୁଦାମୂଳେ ଶୋଇଥିବା କସରା ରଙ୍ଗର କୁକୁର ଛୁଆଟି ଧାଇଁ ଆସି ଖଲିରେ ମୁହଁ ଲଗାଇଦିଏ। ପାଗଳ ଖାଉଥାଏ, ସେ କୁକୁର ଛୁଆଟି ବି। ବାଁ ହାତରେ ପାଗଳଟି କୁକୁର ଛୁଆର ମୁଣ୍ଡକୁ ଆଉଁଶି ଦେଉଥାଏ। ନା ପ୍ରତିବାଦ, ନା ଘୃଣାଭାବ। ଦୁହେଁ ମନଭରି ଅନାମ-ଭାଇନା ହୋଟେଲ ପରଷା-ଖାଦ୍ୟକୁ ଉପଭୋଗ କରୁଥା'ନ୍ତି। ପେଟଭୋକର ଜ୍ୱାଳା ଉଭୟ ମଣିଷ ଏବଂ ପଶୁ ନିମନ୍ତେ ସମାନ। କେତେ ଯେ ଅନ୍ତରଙ୍ଗ ଏବଂ ଆତ୍ମୀୟତାର ମୁହୂର୍ତ୍ତ। କିଛି ପଥିକ ଦେଖଣାହାରି ଯିବାବେଳେ ଘଡ଼ିଏ ଠିଆ ହୋଇ ସେ ଦୃଶ୍ୟକୁ ଅବଲୋକନ କରି ନିଜ ନିଜ ରାସ୍ତାରେ ଚାଲିଯାଆନ୍ତି।

ମୋ: ୯୮୫୩୮୯୨୧୨୪



ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/ 2024

# ତୀବ୍ର ହେବ ଚାଷୀ ଆନ୍ଦୋଳନ



ଜମ୍ମୁରେ ଭାରତ ବନ୍ଦ ବେଳେ ସିଆଇଟିୟୁ ନେତା ୱାଇ. ତାରିଗାମୀ, ଅନ୍ୟ ଟ୍ରେଡ୍ ୟୁନିୟନ୍ ଫେଡେରେଶନ୍ ଏବଂ ଏସ୍‌କେଏମ୍ ନେତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

**ଉତ୍ପାଦିତ ଫସଲର ଏମ୍‌ଏସ୍‌ପି ସମେତ ବିଭିନ୍ନ ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଶୁକ୍ରବାର 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ଦେଶରେ ଏହି ବନ୍ଦ ପାଳନର ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଉତ୍ତର ଭାରତର କେତେକ ରାଜ୍ୟକୁ ଛାଡ଼ିଦେଲେ ସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିଥିଲା। ଚାଷୀଙ୍କ ପ୍ରତିନିଧି ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚାଲିଥିବା ଆଲୋଚନାରୁ ଏଯାଏ କୌଣସି ସୁଫଳ ମିଳିପାରି ନାହିଁ। ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହେବ। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଚେତାବନୀ ଦିଆଯାଇଛି।**

- ■ପଞ୍ଜାବରେ ବନ୍ଦ ଯୋଗୁ ଯାତ୍ରୀ ହନ୍ତସନ୍ତ
- ■ହରିୟାଣାର ଟୋଲ୍ ପ୍ଲାଜାରେ ଚାଷୀଙ୍କ ଧାରଣା

ଅମୃତସର/ହିସାର/ମୁଜାଫରନଗର,୧୬।୨(ପି.ଟି.)

ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଭାରତ ବନ୍ଦ ଡାକରା ଯୋଗୁ ଶୁକ୍ରବାର ପଞ୍ଜାବରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ବସ୍‌ଯାତ୍ରୀମାନେ ବିଭିନ୍ନ ଷ୍ଟାଣ୍ଡରେ ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବି ଗ୍ରହଣ କରିବା ନିମନ୍ତେ ସରକାରଙ୍କ ଉପରେ ଚାପ ପକାଇବା ପାଇଁ 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଦୋକାନବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପଠାନକୋଟ, ତର୍ନତରନ, ବଠିଣ୍ଡା ଏବଂ ଜଲନ୍ଧର ଆଦି ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଅବରୋଧ କରିଥିଲେ।

ଭାରତ ବନ୍ଦ ଯୋଗୁ ହରିୟାଣାର ହିସାରରେ ସଡ଼କ ପରିବହନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରିବହନ କର୍ମଚାରୀମାନେ ଭାରତ ବନ୍ଦକୁ ସମର୍ଥନ ଜଣାଇ କାମରେ ଯୋଗଦେଇ ନ ଥିଲେ। ହରିୟାଣାର ବିଭିନ୍ନ ଟୋଲ ପ୍ଲାଜାରେ ଭାରତୀୟ କିଷାନ ୟୁନିୟନ (ଚାରୁନି)ର ସଦସ୍ୟମାନେ ଧାରଣାରେ ବସିବାରୁ ଟୋଲ୍ ଆଦାୟ ହୋଇପାରି ନ ଥିଲା। ଏହା ବ୍ୟତୀତ ପଶ୍ଚିମ ଉତ୍ତରପ୍ରଦେଶରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷିଋଣ ଛାଡ଼ ଆଦି ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରହିଥିବା ଟିକାଏତ୍ କହିଛନ୍ତି। ବିଜନୁର୍‌ରେ ବିକେୟୁ ସଦସ୍ୟମାନେ ଆଖୁ ଓଜନ କେନ୍ଦ୍ରରେ କାମ ବନ୍ଦ କରାଇଥିଲେ। ବାଗପତ୍‌ରେ ବନ୍ଦ ସମର୍ଥନରେ ପ୍ରତୀକ ବିକ୍ଷୋଭ କରାଯାଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କ ସ୍ୱର ଚାପିଦେବାକୁ କେନ୍ଦ୍ର ଉଦ୍ୟମ କରୁଛନ୍ତି। କୃଷକ ଆନ୍ଦୋଳନକୁ ଦେଖାଉଥିବା ୭୦ ଜଣ ୟୁଟ୍ୟୁବରଙ୍କ ଆକାଉଣ୍ଟକୁ ସ୍ଥଗିତ ରଖାଯାଇଥିବା ପଞ୍ଜାବ କିଷାନ ମଜଦୁର ସଂଘର୍ଷ କମିଟି ସାଧାରଣ ସମ୍ପାଦକ ସରୱନ ସିଂ ପାନ୍ଧେର୍ କହିଛନ୍ତି।

## ଶମ୍ଭୁ ସୀମାରେ ଲୁହବୁହା ଗ୍ୟାସ୍ ପ୍ରୟୋଗ

**ଚଣ୍ଡିଗଡ଼,୧୬।୨:** କୃଷକ ସଂଗଠନ ଗୁଡ଼ିକର ଦିଲ୍ଲୀ ଚଲୋ ଡାକରାର ଚତୁର୍ଥ ଦିନରେ ଅମ୍ବାଲା ନିକଟ ଶମ୍ଭୁ ସୀମାଠାରେ ଥିବା ବ୍ୟାରିକେଡ୍ ନିକଟକୁ ଆନ୍ଦୋଳନରତ ଚାଷୀ ଆଗେଇଆସିବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ହରିୟାଣା ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଆନ୍ଦୋଳନକାରୀ ଚାଷୀମାନେ ହରିୟାଣା ସୀମାର ଶମ୍ଭୁ ଏବଂ ଖନୌରୀ ପଏଣ୍ଟରେ ଡେରା ପକାଇ ରହିଛନ୍ତି। ଦିଲ୍ଲୀ ଚଲୋ ଅଭିଯାନର ପ୍ରଥମ ଦୁଇ ଦିନ ଚାଷୀ ଏବଂ ହରିୟାଣା ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀ ଡେରା ପକାଇଥିବାବେଳେ ୭୮ ବର୍ଷୀୟ ଜ୍ଞାନ ସିଂଙ୍କର ଶୁକ୍ରବାର ଭୋର ସମୟରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ଘର ଗୁରୁଦାସପୁର ଜିଲାର ଚଚୋକି ଗ୍ରାମରେ। ସେ କିଷାନ ମଜଦୁର ମୋର୍ଚ୍ଚାର ସକ୍ରିୟ ସଦସ୍ୟ ଥିଲେ।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ମନ୍ତ୍ରୀ କୃଷକ ସଂଗଠନଗୁଡ଼ିକର ନେତାମାନଙ୍କ ସହ ଗୁରୁବାର ରାତିରେ ଚଳାଇଥିବା ଆଲୋଚନା ସକାରାତ୍ମକ ହୋଇଛି ବୋଲି ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି। ଇତିମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଞ୍ଜାବ ଏବଂ ହରିୟାଣାର ଦୁଇଟି ସୀମାନ୍ତ ପଏଣ୍ଟରୁ ଚାଷୀମାନେ ଉଠିବେ ନାହିଁ ବୋଲି ଏହାର ନେତା କହିଛନ୍ତି।



ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି।

## ବିମାନରେ ହ୍ୱିଲ୍ ଚେୟାର ନ ମିଳିବାରୁ ବୃଦ୍ଧଙ୍କ ମୃତ୍ୟୁ

**ମୁମ୍ବାଇ, ୧୬।୨ :** ମୁମ୍ବାଇ ବିମାନବନ୍ଦରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏୟାର ଇଣ୍ଡିଆ ବିମାନରେ ନ୍ୟୁୟର୍କରୁ ମୁମ୍ବାଇ ପହଞ୍ଚିଥିବା ଜଣେ ବୃଦ୍ଧ ଯାତ୍ରୀଙ୍କର ହ୍ୱିଲ ଚେୟାର ନ ମିଳିବାରୁ ମୃତ୍ୟୁ ଘଟିଛି। ବିମାନବନ୍ଦରରେ ହ୍ୱିଲ ଚେୟାରର ଅଭାବ କାରଣରୁ କାଉଣ୍ଟରରେ ଅପେକ୍ଷା କରିବାକୁ ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ ଏୟାର ଇଣ୍ଡିଆ କର୍ମଚାରୀ। କିନ୍ତୁ ବୃଦ୍ଧ ଜଣକ ଅପେକ୍ଷା ନ କରି ନିଜ ସ୍ତ୍ରୀଙ୍କ ସହ ଚାଲିଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଚାଲିକରି ଯିବା ସମୟରେ ବୃଦ୍ଧ ଜଣକ ପଡ଼ିଯାଇଥିଲେ ଓ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାକୁ ସମ୍ବେଦନଶୀଳ ମନେକରି ଏୟାର ଇଣ୍ଡିଆ ପକ୍ଷରୁ ସମ୍ପୃକ୍ତ ବୃଦ୍ଧଙ୍କ ପରିବାରକୁ ଜରୁରୀ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦିଆଯାଇଛି। ମୃତ ବୃଦ୍ଧଙ୍କ ବୟସ ୮୦ରୁ ଉର୍ଦ୍ଧ୍ୱ ହୋଇଥିବା ସୂଚନା ମିଳିଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଇଣ୍ଡିଆକୁ ସ୍ପଷ୍ଟୀକରଣ ମାଗିଛି।

## ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ଖବରକୁ ସିବିଏସ୍‌ଇର ଖଣ୍ଡନ

**ନୂଆଦିଲ୍ଲୀ,୧୬।୨:** ଚାଷୀ ଆନ୍ଦୋଳନ ଯୋଗୁ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ରହିବା ନେଇ ଖବର ପ୍ରକାଶ ପାଇଥିଲା। ଏହା ଏକ ଗୁଜବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ସ୍ଥଗିତ ନେଇ ଜାଲ୍ ଚିଠି ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସିବିଏସ୍‌ଇ କହିଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ ପରୀକ୍ଷା ସମ୍ପର୍କିତ ସୂଚନା ପାଇଁ ସିବିଏସ୍‌ଇ ୱେବ୍‌ସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଇଛି।

## ଟିଭି ଅଭିନେତ୍ରୀ କବିତା ଚୌଧୁରୀଙ୍କ ପରଲୋକ



**ଅମୃତସର, ୧୬।୨:** ଜଣାଶୁଣା ଟେଲିଭିଜନ ଅଭିନେତ୍ରୀ କବିତା ଚୌଧୁରୀ (୬୭) ଙ୍କର ଅମୃତସରରେ ହୃଦ୍‌ଘାତରେ ପରଲୋକ ଘଟିଛି। କର୍କଟ ରୋଗରେ ପୀଡ଼ିତ ଥିବା କବିତାଙ୍କର ଦୀର୍ଘଦିନ ଧରି ଚିକିତ୍ସା ଚାଲିଥିଲା। କବିତା ଅଶୀ ଦଶକରେ ଜଣେ ପ୍ରତିଭାବାନ ଅଭିନେତ୍ରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ୧୯୮୯ରୁ ୧୯୯୧ ମଧ୍ୟରେ ଦୂରଦର୍ଶନରେ ପ୍ରସାରିତ ହେଉଥିବା ଧାରାବାହିକ 'ଉଡ଼ାନ'ରେ ସେ ଆଇପିଏସ୍ ଅଧିକାରୀ କଲ୍ୟାଣୀ ସିଂହ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଏଥିସହିତ ୨୦୦୦ରେ 'ୟୋର ଅନର' ଓ ୨୦୧୫ରେ 'ଆଇପିଏସ୍ ଡାଏରୀ'ରେ ମଧ୍ୟ ସେ ଅଭିନୟ କରିଥିଲେ।

## ଇନ୍‌ସାଟ-୩ଡିଏସ୍ ସାଟେଲାଇଟ୍ ଲଞ୍ଚ୍ ଆଜି

ଚେନ୍ନାଇ,୧୬।୨

ଇନ୍‌ସାଟ୍-୩ଡିଏସ୍ ପାଣିପାଗ ସାଟେଲାଇଟ୍ ଶନିବାର ଲଞ୍ଚ୍ ହେବାକୁ ଥିବାବେଳେ ଏଥିପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ଜିଏସ୍‌ଏଲ୍‌ଭି-ଏଫ୍୧୪ ରକେଟ୍‌ର ଏହା ୧୬ତମ ମିଶନ। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଶନିବାର ଅପରାହ୍ନ ୫ଟା ୩୫ ମିନିଟ୍‌ରେ ଉତ୍କ୍ଷେପଣ କରାଯିବ ବୋଲି ଭାରତୀୟ ମହକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି। ତୃତୀୟ ପିଢ଼ି ପାଣିପାଗ ସାଟେଲାଇଟ୍‌ର ଏହା ଏକ ଅନୁବର୍ତ୍ତୀ ମିଶନ। ଉକ୍ତ ସାଟେଲାଇଟ୍‌କୁ ଭୂସ୍ଥିର କକ୍ଷପଥରେ ସ୍ଥାପନ କରାଯିବ। ଏଥିପାଇଁ ୨୭.୫ ଘଣ୍ଟାର ଅବଗଣନା ଆରମ୍ଭ ହୋଇଥିବା ଇସ୍ରୋ କହିଛି। ଏହା ପୂର୍ବରୁ ଗତବର୍ଷ ମେ' ୨୯ରେ ଜିଏସ୍‌ଏଲ୍‌ଭି ଉତ୍କ୍ଷେପଣ ସଫଳ ହୋଇଥିଲା। କିନ୍ତୁ ୨୦୨୧ ଅଗଷ୍ଟ ୧୨ରେ ଅନ୍ୟ ଏକ ଉତ୍କ୍ଷେପଣ ବିଫଳ ହୋଇଥିଲା।

## କାର୍ଟୋସାଟ୍-୨କୁ ସଫଳତାର ସହ ଖସାଇଲା ଇସ୍ରୋ

ବେଙ୍ଗାଲୁରୁ,୧୬।୨

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ୧୭ ବର୍ଷ ପୂର୍ବେ ଲଞ୍ଚ୍ କରିଥିବା ଏହାର ଦ୍ୱିତୀୟ ପିଢ଼ିର ପ୍ରଥମ ହାଇରିଜଲ୍ୟୁଶନ ଇମେଜିଂ ସାଟେଲାଇଟ୍ କାର୍ଟୋସାଟ୍-୨କୁ ମହାକାଶରୁ ସଫଳତାର ସହ ଭାରତର ବାୟୁମଣ୍ଡଳ ମଧ୍ୟକୁ ଆଣିଛି। ବୁଧବାର ଅପରାହ୍ନ ୩ଟା ୪୮ ମିନିଟ ସମୟରେ ଉକ୍ତ ସାଟେଲାଇଟ୍ ଭାରତ ମହାସାଗର ଉପରିସ୍ଥ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଏହା ବାୟୁମଣ୍ଡଳରେ ଜଳିଯାଇଥିବା କିମ୍ବା କିଛି ଅଂଶ ସମୁଦ୍ରରେ ପଡ଼ିଥାଇପାରେ ବୋଲି ଇସ୍ରୋର ଜଣେ ଅଧିକାରୀ କହିଛନ୍ତି। ୬୮୦ କିଲୋଗ୍ରାମ ଓଜନର ଉକ୍ତ ସାଟେଲାଇଟ୍‌କୁ ୨୦୦୭ ଜାନୁଆରୀ ୧୦ରେ ମହାକାଶକୁ ଛଡ଼ାଯାଇଥିଲା। ୬୩୫ କିଲୋମିଟର ଉଚ୍ଚ କକ୍ଷପଥରେ ରହି ଏହା କାର୍ଯ୍ୟ କରୁଥିଲା ଏବଂ ୨୦୧୯ ପର୍ଯ୍ୟନ୍ତ ସହରୀ ଯୋଜନା ପାଇଁ ହାଇରିଜଲ୍ୟୁଶନ ଫଟୋ ପଠାଉଥିଲା। ପ୍ରାକୃତିକ ଭାବେ କକ୍ଷଚ୍ୟୁତ ହେବାକୁ ଏହାକୁ ୩୦ ବର୍ଷ ଲାଗିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ ମହାକାଶ ବର୍ଜ୍ୟ ପ୍ରଶମନ ଗାଇଡ୍‌ଲାଇନ ଅନୁପାଳନ ନିମନ୍ତେ ଇସ୍ରୋ ଉକ୍ତ ଅଚଳ ସାଟେଲାଇଟ୍‌କୁ ନିରାପଦର ସହ ଖସାଇଦେଇଛି।

## ମଣିପୁରରେ ସୁରକ୍ଷାକର୍ମୀଙ୍କ ଗୁଳି: ୨ ମୃତ

ଇମ୍ଫାଲ, ୧୬।୨

**ଚୁରାଚାନ୍ଦପୁରରେ ଇଣ୍ଟରନେଟ ସେବା ବନ୍ଦ**

ମଣିପୁରର ଚୁରାଚାନ୍ଦପୁର ଠାରେ ପୁଣି ହିଂସା ଦେଖାଦେଇଛି। କୁକି ସମୁଦାୟର ହେଡ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରାଯିବାର ପ୍ରତିବାଦରେ ଗୁରୁବାର ବିଳମ୍ବିତ ରାତିରେ ପ୍ରାୟ ୩୦୦ରୁ ୪୦୦ ସଂଖ୍ୟାରେ ଉପଦ୍ରବକାରୀ ପୋଲିସ ଅଧୀକ୍ଷକ (ଏସପି) ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଢେଲାପଥର ମାଡ଼ କରିବା ସହ ଆକ୍ରମଣ କରିଥିଲେ। ପ୍ରତି ଜବାବରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ହୋଇଥିବା ଗୁଳିମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଉପଦ୍ରବକାରୀମାନେ ଅତିଷ୍ଠ ହୋଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବସ ସମେତ ଅନେକ ଯାନବାହନ ମଧ୍ୟ ଜାଳିଦେଇଥିବା ସୂଚନା ମିଳିଛି। ତେବେ ଏହି ହିଂସାର ସଜ୍ଞାନ ନେଇ କୁକି ବହୁଳ ଥିବା ଚୁରାଚାନ୍ଦପୁର ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଇଣ୍ଟରନେଟ ସେବାକୁ ବନ୍ଦ କରିବାକୁ ମଣିପୁର ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲାରେ ସାମ୍ପ୍ରଦାୟିକ ସଦ୍‌ଭାବ ବିଗିଡ଼ିବାର ଆଶଙ୍କା କରି ଏପରି ନିଷ୍ପତ୍ତି ନିଆଯାଇଥିବା ରାଜ୍ୟର ଗୃହ ସଚିବ ସୂଚନା ଦେଇଛନ୍ତି।

## ୮୪,୫୬୦ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୬।୨(ପି.ଟି.) : ସଶସ୍ତ୍ର ବଳର ଆକ୍ରମଣ କ୍ଷମତା ବଢ଼ାଇବା ପାଇଁ ମଲ୍ଟିମିଶନ ବିମାନ ସମେତ ୮୪,୫୬୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଥିଲା। କ୍ରୟ ହେବାକୁ ଥିବା ସାମଗ୍ରୀ ମଧ୍ୟରେ ନୂଆ ପିଢ଼ିର ଟ୍ୟାଙ୍କ ବିଧ୍ୱଂସୀ ମାଇନ୍ସ, ଏୟାର ଡିଫେନ୍ସ ଟାକ୍ଟିକାଲ କଣ୍ଟ୍ରୋଲ ରାଡାର, ଓଜନଦାର ଟାର୍ପେଡୋସ୍, ମଧ୍ୟମ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲିଂ ଏବଂ ମଲ୍ଟିମିଶନ ବିମାନ, ଆକାଶମାର୍ଗରେ ଯୁଦ୍ଧବିମାନରେ ଇନ୍ଧନ ଭରିବା ପାଇଁ ବିମାନ ଏବଂ ସଫ୍ଟୱେର ରହିଛି।

## ଇଡି ସମନ ପରେ ଆସ୍ଥା ଲୋଡ଼ିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୬।୨



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତି ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଷଷ୍ଠ ଥର ପାଇଁ ସମନ ଜାରି କରିଥିବାବେଳେ ତାଙ୍କୁ ଗିରଫ କରାଯାଇପାରେ ବୋଲି କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ବିଧାନସଭାରେ ତାଙ୍କ ସରକାରର ଶକ୍ତି ପ୍ରଦର୍ଶନ ପାଇଁ କେଜ୍‌ରିୱାଲ ଶୁକ୍ରବାର ଆସ୍ଥାଭୋଟ ଲୋଡ଼ିଛନ୍ତି। ଶନିବାର ଏହା ଉପରେ ଆଲୋଚନା ହେବ। ଆସ୍ଥା ଲୋଡ଼ିବା ସମ୍ପର୍କରେ ଏଏପି ଆବାହକ କହିଛନ୍ତି, ତାଙ୍କ ଦଳର ୨ ବିଧାୟକଙ୍କ ସହ ଭାଜପା ସଦସ୍ୟ ଯୋଗାଯୋଗ କରିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସେମାନେ କହିବା ସହ ବିଧାୟକଙ୍କୁ ଦଳ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବୋଲି ସେମାନେ ଜଣାଇଥିବା କେଜ୍‌ରିୱାଲ କହିଛନ୍ତି। ଏଏପିର ୨୧ ବିଧାୟକ ଦଳ ଛାଡ଼ିବା ପାଇଁ ରାଜି ହୋଇଛନ୍ତି ଏବଂ ଅଧିକ ବିଧାୟକଙ୍କ ସହ ଭାଜପା ଯୋଗାଯୋଗରେ ରହିଛି। ଭାଜପାରେ ଯୋଗଦେବା ପାଇଁ ବିଧାୟକମାନଙ୍କୁ ୨୫ କୋଟି ଲେଖାଏ ଟଙ୍କା ଯଚାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଅବକାରୀ ନୀତି ସ୍କାମ୍ ଏକ ଦୁର୍ନୀତି ନୁହେଁ। ମିଛ ମାମଲା ଦାଏର କରି ଆମ ଦଳ ଓ ସରକାରକୁ ଭାଙ୍ଗିଦେବା ପାଇଁ ଉଦ୍ୟମ ବୋଲି କେଜ୍‌ରିୱାଲ କହିଛନ୍ତି।

# ବିରୋଧୀଙ୍କୁ ସନ୍ଦେଶଖାଲି ମନା

- ■ଭାଜପା, କଂଗ୍ରେସ ନେତାଙ୍କୁ ଛଡ଼ାଗଲା ନାହିଁ
- ■ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ପାଇଁ ଏନ୍‌ସିଏସ୍‌ସିର ସୁପାରିସ

କୋଲକାତା/ନୂଆଦିଲ୍ଲୀ,୧୬।୨(ପି.ଟି.)



ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସଦସ୍ୟଙ୍କୁ ପୋଲିସ ଅଟକାଇବା ପରେ ସେମାନେ ଧାରଣାରେ ବସିଛନ୍ତି।

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲି ବ୍ଲକ୍ ଅଞ୍ଚଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ଜମିକୁ ବଳପୂର୍ବକ ଦଖଲ ଘଟଣାକୁ ନେଇ ଶାସକ ଓ ବିରୋଧୀ ଦଳ ପରସ୍ପରକୁ ଦୋଷାରୋପ କରୁଥିବାବେଳେ ଉତ୍ତେଜନା ବଢ଼ିବାରେ ଲାଗିଛି। ଶୁକ୍ରବାର ଭାଜପା ଓ କଂଗ୍ରେସର ବରିଷ୍ଠ ନେତାମାନେ ଉକ୍ତ ଅଞ୍ଚଳକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ବଢ଼ାଇବା ସହ ଘଟଣାକୁ ସାମ୍ପ୍ରଦାୟିକ ରୂପ ଦେବାକୁ ଉଦ୍ୟମ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଜାତୀୟ ଅନୁସୂଚିତ ଜାତି କମିଶନ (ଏନ୍‌ସିଏସ୍‌ସି) ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିସ କରିଥିବା ଏହାର ଅଧ୍ୟକ୍ଷ ଅରୁଣ ହାଲଦାର କହିଛନ୍ତି। ସନ୍ଦେଶଖାଲିରେ ମହିଳାମାନଙ୍କୁ ଟିଏମ୍‌ସି ସମର୍ଥକମାନେ ହଇରାଣ କରିବା ସହ ନିର୍ଯାତନା ଦେଉଥିବା କମିଶନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଦିନକ ପୂର୍ବରୁ କମିଶନ ସନ୍ଦେଶଖାଲି ଗସ୍ତ କରିଥିଲେ।

ସନ୍ଦେଶଖାଲିରେ ଟିଏମ୍‌ସିର କେତେଜଣ ନେତା ଗାଁର ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ଅତ୍ୟାଚାର କରୁଥିବା ଅଭିଯୋଗରେ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ରାଜନୈତିକ ବାକ୍‌ଯୁଦ୍ଧ ଜୋର୍‌ଦାର ହୋଇଛି। ଜାତୀୟ ସ୍ତରରେ ଇଣ୍ଡିଆ ମେଣ୍ଟରେ ଟିଏମ୍‌ସି ରହିଥିଲେ ମଧ୍ୟ ପଶ୍ଚିମବଙ୍ଗରେ କଂଗ୍ରେସର ବରିଷ୍ଠ ନେତାମାନେ ଟିଏମ୍‌ସିକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ସନ୍ଦେଶଖାଲି ମାମଲାରେ ସେମାନେ ମମତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଅଧୀର ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ସନ୍ଦେଶଖାଲି ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ମମତା ସନ୍ଦେଶଖାଲି ପ୍ରସଙ୍ଗକୁ ରାଜନୀତିକରଣ ଓ ସାମ୍ପ୍ରଦାୟିକୀକରଣ କରୁଥିବା ଅଧୀର ଅଭିଯୋଗ କରିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଏବଂ ଅନ୍ନପୂର୍ଣ୍ଣା ଦେବୀଙ୍କ ନେତୃତ୍ୱରେ ଭାଜପାର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ସନ୍ଦେଶଖାଲି ଯିବାବେଳେ ପୋଲିସ ସେମାନଙ୍କୁ ରାମପୁର ନିକଟରେ ଅଟକାଇଥିଲା। ଘଟଣାସ୍ଥଳକୁ ମାତ୍ର ୪ ଜଣଙ୍କୁ ଛାଡ଼ିବା ପାଇଁ ଭାଜପା ପ୍ରତିନିଧି କହିବା ସତ୍ତ୍ୱେ ପୋଲିସ ସେମାନଙ୍କୁ ଅନୁମତି ଦେଇ ନ ଥିଲା ବୋଲି ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି। ଫଳରେ ପ୍ରତିନିଧି ଦଳ ସେଠାରେ ଧାରଣାରେ ବସିଥିଲେ। ପରେ ସେମାନେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କୁ ଭେଟିଛନ୍ତି। ପୋଲିସ ଅପରାଧୀମାନଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ମନ୍ତ୍ରୀ ଭୌମିକ କହିଛନ୍ତି। ୧୪୪ ଧାରା ଆଳରେ ଭାଜପାର ସତ୍ୟ ଅନୁସନ୍ଧାନକାରୀ ଟିମ୍‌କୁ ସନ୍ଦେଶଖାଲି ଯିବାକୁ ଦିଆଗଲା ନାହିଁ। ଏପରିକି ୨ ଜଣ ମହିଳା ସଦସ୍ୟଙ୍କୁ ଛାଡ଼ିବା ନିମନ୍ତେ ଅନୁରୋଧକୁ ମଧ୍ୟ ପୋଲିସ ପ୍ରତ୍ୟାଖ୍ୟାନ କରିଦେଇଥିଲା ବୋଲି ଭୌମିକ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗଠନ କରିଥିବା ୬ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ସୁନୀତା ଦୁଗଲ, କବିତା ପଟିଦାର, ସଙ୍ଗୀତା ଯାଦବ ଏବଂ ବ୍ରିଜ୍ ଲାଲ୍ ରହିଛନ୍ତି।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Saturday, February 17/2024 Page 20 ₹ 7.00



DSPL-663

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



ଆମ ହସ୍ପିଟାଲ

## 5T ଉପକ୍ରମରେ
## "ଆମ ହସ୍ପିଟାଲ୍" ଯୋଜନାରେ
## ସରକାରୀ ଡାକ୍ତରଖାନା ଗୁଡିକର ରୂପାନ୍ତରଣ

- ୧୫ ଜିଲ୍ଲାର ୭୩ଟି ସରକାରୀ ଡାକ୍ତରଖାନା ଆମ ହସ୍ପିଟାଲ୍‌ରେ ରୂପାନ୍ତରିତ ।
- IVR ପଦ୍ଧତିରେ ରୋଗୀ ମାନଙ୍କର ମତାମତ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ ।
- କର୍ମଚାରୀ ମାନଙ୍କର ମୁହଁ ଚିହ୍ନଟ କରି Biometric ଉପସ୍ଥାନ ବ୍ୟବସ୍ଥାର ଶୁଭାରମ୍ଭ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଲୋକାର୍ପଣ**
୧୭ ଫେବୃଆରୀ ୨୦୨୪ || ଅପରାହ୍ନ ୪ଟା ୩୦

OIPR-10084/13/0047/2324




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



| | |
|---|---|
| ୧୬।୨।୨୦୨୪ | |
| ୫,୯୩,୯୦୭ ଟଙ୍କା | |
| ସୁନା | ୪ ଗ୍ରାମ୍ |

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

- ସୂର୍ଯ୍ୟ ଦର୍ଶନରେ ବାଧକ ସାଜିଲା ଘନକୁହୁଡ଼ି
- ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼



ମହାଦେବ ତ୍ରିବେଣୀଶ୍ୱର, ଐଶାଣେଶ୍ୱର ଏବଂ ଦକ୍ଷିଣେଶ୍ୱର।



ପବିତ୍ର ମାଘ ସପ୍ତମୀ ଅବସରରେ ଶୁକ୍ରବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

**କୋଣାର୍କ, ୧୬।୨(ଜ୍ୟୋତିରାଜ ମହାନ୍ତି):** ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ଭୋର ୪ଟା ୩୪ ମିନିଟରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଘନକୁହୁଡ଼ି ଯୋଗୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସମବେତ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପବିତ୍ର ମାଘ ସପ୍ତମୀରେ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସଞ୍ଚପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଏବଂ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱରଙ୍କୁ ସମ୍ପୃକ୍ତ ସେବାୟତମାନେ ଗୁରୁବାର ଷଷ୍ଠୀ ରାତ୍ରି ୯ଟା ୩୦ରେ ସୁସଜ୍ଜିତ ବିମାନରେ ବିଜେ କରାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ପରେ ତିନି ମହାଦେବଙ୍କୁ ନିଜ ନିଜ ପୀଠରୁ ବେହେରା ସେବକମାନେ ବିରାଟ ପଟୁଆରରେ ଆଣି ଭୋଗମଣ୍ଡପଠାରେ ରାତ୍ର ୧୨ଟା ୩୦ରେ ପହଞ୍ଚିଥିଲେ। ସେଠାରେ ତିନି ମହାଦେବ ବିଜେ କରିବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍ଏସି ପରିସରରେ ଆଧ୍ୟାତ୍ମିକ ଓ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାକାର ପରିବେଶକୁ ଭକ୍ତିପୂର୍ଣ୍ଣ କରିଦେଇଥିଲା। ପରେ ତ୍ରିଶମ୍ଭୁଙ୍କୁ ବିରାଟ ଶୋଭାଯାତ୍ରାରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ନିଆଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ ସହ ଭୋଗ ଲାଗି କରାଯାଇଥିଲା। ତ୍ରିଶମ୍ଭୁଙ୍କୁ ବେହେରା ସେବକମାନେ କାନ୍ଧରେ ବୋହି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। କୋଣାର୍କ ଡାକବଙ୍ଗଳା ଛକଠାରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ନାଚଗୀତ ତାଳେ ତାଳେ ତ୍ରିଶମ୍ଭୁଙ୍କୁ ପଟୁଆରରେ ନିଆଯିବାବେଳେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମବିଭୋର ହୋଇପଡ଼ିଥିଲେ। ଗୁରୁବାର ରାତି ୩ଟାରେ ତ୍ରିଶମ୍ଭୁ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ଅବସ୍ଥାନ କରିଥିଲେ। ପ୍ରାଚୀନ ଚନ୍ଦ୍ରଭାଗା ନଦୀ ତଥା ବର୍ତ୍ତମାନର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜକମାନେ ପବିତ୍ର ଜଳ ଆଣିବା ପରେ ତିନି ମହାଦେବଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ସମ୍ପାଦନ କରାଯାଇଥିଲା। ତିନି ମହାଦେବଙ୍କ ପବିତ୍ର ଜଳକୁ ତୀର୍ଥ ପୁଷ୍କରିଣୀରେ ପକାଯାଇଥିଲା। ଏହାପରେ ତିନି ମହାଦେବଙ୍କ ସେବାୟତ ଓ ସାଧୁସନ୍ଥମାନେ ସ୍ନାନ କରିଥିଲେ। ପରେ ସମବେତ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ ସହ ସୂର୍ଯ୍ୟନାରାୟଣଙ୍କ ଉପାସନା କରି ଜଳ ଅର୍ପଣ କରିଥିଲେ। ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଦର୍ଶନ ପାଇଁ ସମବେତ ହୋଇଥିଲେ। ମାତ୍ର ଘନ କୁହୁଡ଼ି ଯୋଗୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରରେ ପ୍ରବେଶ ଶୁଳ୍କ ଛାଡ଼ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ସେମାନଙ୍କ ପରିବାରର ରିଷ୍ଟ ଖଣ୍ଡନ ଓ ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଆଦି ସମ୍ପାଦନ କରୁଥିବା ପରିଲକ୍ଷିତ ହୋଇଥିଲା।



ଚନ୍ଦ୍ରଭାଗା ବେଳାଭୂମିରେ ଶ୍ରଦ୍ଧାଳୁମାନେ ଶୁକ୍ରବାର ପ୍ରାତଃ ସମୟରେ ସୂର୍ଯ୍ୟଦର୍ଶନ କରୁଛନ୍ତି ।



ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଆଳତି କରାଯାଉଛି ।

## ବଡ଼ଗୋଠ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**କଣାସ, ୧୬।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଗୋପିନାଥପୁର ପଞ୍ଚାୟତର ବଡଗୋଠ ନିକଟରେ ଦୟା, ଲୁଣା, ଭାର୍ଗବୀ ନଦୀ ଏକତ୍ରିତ ହୋଇଥିବାରୁ ଏହାକୁ ତ୍ରିବେଣୀ ସଂଗମ ଘାଟବୋଲି କୁହାଯାଉଛି। ପ୍ରତିବର୍ଷ ମାଘ ସପ୍ତମୀ ଦିନ ଏଠାରେ ଶ୍ରଦ୍ଧାଳୁ ବୁଡ଼ ପକାଇ ନିକଟରେ ଥିବା ପ୍ରଭୁ ଅନନ୍ତ ନାରାୟଣଙ୍କୁ ଦର୍ଶନ କରିଥାନ୍ତି। ଶୁକ୍ରବାର ମାଘସପ୍ତମୀରେ ପ୍ରାୟ ୫ହଜାର ଶ୍ରଦ୍ଧାଳୁ ଏଠାରେ ବୁଡ଼ ପକାଇବା ସହ ମନ୍ଦିରକୁ ଯାଇ ପ୍ରଭୁ ଅନନ୍ତ ନାରାୟଣଙ୍କୁ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଡିଶାଗୋଦା ଆଇଆଇସି କୃଷ୍ଣଚନ୍ଦ୍ର ମହାପାତ୍ର ଓ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ମାର୍କଣ୍ଡେୟ ପୁଷ୍କରିଣୀରେ ମହାଆଳତି



**ପୁରୀ, ୧୬।୨(ଅଜିତ୍ ମହାନ୍ତି)** ପବିତ୍ର ମାଘ ସପ୍ତମୀରେ ଶୁକ୍ରବାର ତୀର୍ଥ ପୁଷ୍କରିଣୀ ମାର୍କେଣ୍ଡେୟ ପୁଷ୍କରିଣୀରେ ମହାଆଳତି ଅନୁଷ୍ଠିତ ହୋଇଯାଇଛି। ସାଥୀ କ୍ଲବ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ସାହିର ବାସିନ୍ଦାଙ୍କ ସହ ବିଭିନ୍ନ ମଠର ମଠାଧୀଶ ଓ ସାଧୁସନ୍ଥ ଯୋଗଦେଇ ଦିବ୍ୟ ଆଳତିର ଦର୍ଶନ କରିଥିଲେ। ସେବକ ଶେଷଧର ପଣ୍ଡା, ମହାବୀର ସାହି ନାୟକ, ଅର୍ଜୁନ ପଣ୍ଡା, ନକୁଳ ପଣ୍ଡାଙ୍କ ସମେତ ସମସ୍ତ ସେବାୟତ ଓ ମଠର ମଠାଧୀଶମାନଙ୍କ ସହଯୋଗରେ ମହା ଆଳତି ସମ୍ପନ୍ନ କରାଯାଇଥିଲା। ସାଥି କ୍ଲବ୍ର ସମ୍ପାଦକ ବାପିନ୍ ଶତପଥୀ, ସଭାପତି ମନୋରଞ୍ଜନ ପାଲ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି, ପ୍ରାକ୍ତନ ପୌର ସଦସ୍ୟ ଭକ୍ତ ଚରଣ ଦାସ, ବିନାୟକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ବାଇକ ଚୋର ଗ୍ୟାଙ୍ଗ ଗିରଫ

**ପୁରୀ, ୧୬।୨(ଅଜିତ୍ ମହାନ୍ତି)** ପୁରୀ ସହରର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରୁଥିବା ବଗ୍ୟାଙ୍ଗକୁ ଟାଉନଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ରେବତୀ ରମଣ ତୋଟା ସାହିର ଶ୍ରୀକାନ୍ତ ମହାପାତ୍ର, ଗୋଖରାର ବାଦଲ ଭୋଇ ଓ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡରୋଡଙ୍ଗ ଗ୍ରାମର ସଞ୍ଜୟ କୁମାର ସାହୁ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ବାଇକ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୫୮/୨୪) ରୁଜୁ କରିଛି। ଅଭିଯୁକ୍ତମାନେ ଶ୍ରୀମନ୍ଦିର ଓ ସମୁଦ୍ରକୂଳ ଅଞ୍ଚଳରେ ବାଇକ ଚୋରି କରୁଥିଲେ ବୋଲି ପୋଲିସ କହିଛି।

### ଚାରିଛକ ବଜାରରେ ୨ ଦୁର୍ଘଟଣା: ୩ ଗୁରୁତର

**ଚାରିଛକ, ୧୬।୨(ଶିଶିର ସ୍ୱାଇଁ):** ଚାରିଛକ ବଜାରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଦୁଇଟି ସ୍ଥାନରେ ଦୁଇଟି ଦୁର୍ଘଟଣା ଘଟି ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ସୂଚନା ଅନୁଯାୟୀ, ଚାରିଛକ ବଜାର ନିମାପଡା ରାସ୍ତାର ଲକି ପବ୍ଲିକ ସ୍କୁଲ ସମ୍ମୁଖରେ ଦ୍ରୁତ ଗତିରେ ଯାଉଥିବା ବାଲି ବୋଝେଇ ହାଇୱାକୁ ଏକ ସ୍କୁଟି ଓଭରଟେକ୍ କରୁଥିଲା। ଏହି ସମୟରେ ସ୍କୁଟିକୁ ହାଇୱା ଧକ୍କା ଦେଇଥିଲା। ସ୍କୁଟିରେ ଯାଉଥିବା କାକଟପୁର ଥାନା ଅନ୍ତର୍ଗତ ପଥରପକା ଗ୍ରାମର ସୁଜିତ କୁମାର ମଲ୍ଲିକ ଓ ଭୁତୁଣିଆ ଗ୍ରାମର ଇନ୍ଦ୍ରଜିତ ସ୍ୱାଇଁ ପଡ଼ିଯାଇଥିଲେ। ଯୁବକଙ୍କ ପାଦରେ ହାଇୱା ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେହିଭଳି ଚାରିଛକ-ଗୋପ ରାସ୍ତା ଅକ୍ସଫୋର୍ଡ ସ୍କୁଲ ନିକଟରେ ଗଡ଼ ଅମରପ୍ରସାଦ ଗ୍ରାମର ମଧୁସ୍ମିତା ପାତ୍ର ତାଙ୍କ ୫ ବର୍ଷର ପୁଅକୁ ସ୍କୁଟିରେ ନେଇ ସ୍କୁଲରେ ଛାଡି ଫେରୁଥିଲେ। ଏହି ସମୟରେ ଏକ ହାଇୱା ପଛପଟୁ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେଠାରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଉକ୍ତ ୩ଜଣଙ୍କ ଅବସ୍ଥା ଅତି ଶୋଚନୀୟ ହେବାରୁ ଡାକ୍ତର ସେମାନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହାଇୱା ସହ ୨ସ୍କୁଟି ଜବତ କରିଛି।

### କାର୍ଯ୍ୟକ୍ରମକୁ ଆସିଲେନି ମନ୍ତ୍ରୀ, ଫେରିଗଲେ ମହିଳା

**ଗୋପ, ୧୬।୨ (ଭାରତୀ ଭୂଷଣ ଉପାଧ୍ୟାୟ):** କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ଅଧୀନ ବନାଖଣ୍ଡି ପଞ୍ଚାୟତର ଦଶବାଟିଆଠାରେ ଶୁକ୍ରବାର ଅନୁଷ୍ଠିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମକୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ନ ଆସିବା ଯୋଗୁ ବିଭିନ୍ନ ଗାଁରୁ ଆସିଥିବା ମହିଳାମାନେ ଫେରିଯାଇଥିଲେ। ଏପରି କି ଯୋଗ ଦେବାକୁ ଆସିଥିବା ଅତିଥିମାନେ ଅପେକ୍ଷା କରି ଶେଷରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦର ପୂର୍ବତନ ଉପାଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ଜିଲାପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ବ୍ଲକ ସିଡିପିଓ ମିନାକ୍ଷୀ ସାହୁ, ଟିଙ୍କିନା ବେହେରା, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞାପାରମିତା ନାୟକ ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟାଙ୍କ ସହିତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଅଟକ

**ଅସ୍ତରଙ୍ଗ, ୧୬।୨(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)** ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ଆସନ୍ତା ମେ ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୂଳରୁ ୨୦ କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏଥିସହ ଏହି ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ଏହାକୁ ଅମାନ୍ୟ କରି ଶୁକ୍ରବାର ଦେବୀ ମୁହାଣ ନିକଟରେ ପବନସୁତ-୩ ନାମକ ଟ୍ରଲର ମାଛ ମାରୁଥିବା ବେଳେ ଅସ୍ତରଙ୍ଗ ବନ ବିଭାଗ ତାହାକୁ ଜବତ କରି ମତ୍ସ୍ୟ ବିଭାଗ ଜିମା ଦେଇଛି।




ଜବତ ଟ୍ରଲର (ଆଇଏନ୍ଡି-ଓଆର୍-୦୪-ଏମ୍ଏମ୍-୨୩୪)ରୁ ୮ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ଏହି ସମୟରେ ବନପାଳ ବିରଜା ମହାପାତ୍ର ଓ ବନ କର୍ମଚାରୀ ମିଲନ ମହାନ୍ତିଙ୍କ ସମେତ କଇଁଛ ସୁରକ୍ଷା ସ୍କ୍ୱାଡ୍,ଏପିଆର ଟିମ୍ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ମତ୍ସ୍ୟ ବିଭାଗ

**ବେଆଇନ ଭାବେ ମାଛ ମାରୁଥିଲେ**

ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନଭେମ୍ବର ୧ରେ ନିଷିଦ୍ଧାଞ୍ଚଳରୁ ପାରାଦୀପ ଅଞ୍ଚଳର ଏକ ଟ୍ରଲର ଜବତ ହୋଇଥିଲା। ସେହିପରି ନଭେମ୍ବର ୨ରେ ବାଲେଶ୍ୱର ଅଞ୍ଚଳର ମଙ୍ଗଳା ନାମକ ଟ୍ରଲର ଜବତ କରାଯାଇଥିଲା। ଗତ ଜାନୁୟାରୀ ୪ରେ ଦେବୀ ମୁହାଣ ନିକଟରେ ମା' ଜାଗେଶ୍ୱରୀ ନାମକ ଟ୍ରଲରକୁ ବନ ବିଭାଗ ଜବତ କରିଥିଲା।

## ଜଳିଗଲା ବ୍ୟାଟେରିଚାଳିତ ସ୍କୁଟି

**ବଳଙ୍ଗା, ୧୬।୨(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ଗ୍ରାମର ନଡ଼ିଆଗୋରଡି ସାହିରେ ଜଣେ ଯୁବକଙ୍କ ଇଲେକ୍ଟ୍ରିକ୍ ବାଇକ୍ରେ ସର୍ଟ-ସର୍କିଟ ହୋଇ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡିଯାଇଛି। ଏ ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ନଡ଼ିଆଗୋରଡି ସାହିର ନିରଞ୍ଜନ ବାରିକ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସକାଳ ୭ଟାରେ ସେ ନିମାପଡ଼ା ଯିବା ପାଇଁ ନିଜ ଇଲେକ୍ଟ୍ରିକ୍ ବାଇକ୍ (ନଂ- ଓଡି -୦୫-ବିଏଫ୍-୮୬୦୭)କୁ ଘରୁ ବାହର କରିବା ମାତ୍ରେ ଗାଡ଼ିରେ ଧୂଆଁ ବାହାରୁଥିବା ଦେଖି ଓହ୍ଲାଇ ପଡ଼ିଥିଲେ। କିଛି ସମୟ ଭିତରେ ଗାଡ଼ିଟି ବ୍ୟାଟେରୀ ସହ ହୁତୁହୁତୁ ହୋଇ ଜଳିଯାଇଥିଲା। ପରେ ଗ୍ରାମର ଲୋକେ ଆସି ନିଆଁକୁ ଆୟତ୍ତ କରିଥିଲେ।

## ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା

**କୋଣାର୍କ, ୧୬।୨(ଜ୍ୟୋତିରାଜ ମହାନ୍ତି):** ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମାଘ ସପ୍ତମୀ ତିଥିରେ ଶୁକ୍ରବାର ଭୋରରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ସେହିପରି ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରରେ ପ୍ରବେଶ ଶୁଳ୍କ ଛାଡ଼ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପରେ ଅନେକ ଶ୍ରଦ୍ଧାଳୁ ସେମାନଙ୍କ ପରିବାରର ରିଷ୍ଟ ଖଣ୍ଡନ ଏବଂ ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ଆଦି ସମ୍ପାଦନ କରୁଥିବା ଦେଖିବାକୁ ମିଳିଥିଲା। ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଗ୍ରହ ପୂଜା ଓ ହୋମଯଜ୍ଞ ଆଦି କାର୍ଯ୍ୟ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା।

### 'ହଜିଲା ଖୋଜିଲା ମଞ୍ଚ'

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ହଜିଲା ଖୋଜିଲା ମଞ୍ଚ' କରାଯିବା ସହ 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ' ବହି ଶ୍ରଦ୍ଧାଳୁ ଓ ଜନସାଧାରଣମାନଙ୍କୁ ଯୋଗାଇ ଦିଆଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଅହୋରାତ୍ର ଶ୍ରଦ୍ଧାଳୁଙ୍କ ନିମନ୍ତେ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପାନୀୟଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା ସହ ଔଷଧ ବଣ୍ଟନ

ଶ୍ରଦ୍ଧାଳୁଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିମନ୍ତେ ୱାଟ୍କୋ ପକ୍ଷରୁ ୫୦ଟି ନଳକୂପ, ୬୦ଟି ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ସହ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସେହିପରି କୋଣାର୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୧୦ଟି ଅସ୍ଥାୟୀ ପାଇଖାନା ନିର୍ମାଣ ସହ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇଥିଲା। ମେଳା ପଡ଼ିଆରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଔଷଧ ବିତରଣ କରାଯାଇଥିଲା।

### ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ

କୋଣାର୍କ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସେବା କାର୍ଯ୍ୟ କରାଯାଇଥିଲା। ଚନ୍ଦ୍ରଭାଗା ସ୍ୱେଚ୍ଛାସେବୀ ସମନ୍ୱୟ କମିଟି ସଂଯୋଜକ ତଥା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇ ଶ୍ରଦ୍ଧାଳୁଙ୍କ ସେବା କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

### ୩୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ପୁରୀ ଜିଲାପାଳ ବିଜୟ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏସ୍ପି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ମେଳା ପଡ଼ିଆ, ତୀର୍ଥ ପୁଷ୍କରିଣୀ, କୋଣାର୍କ ତଥା ଆଖପାଖ ଅଞ୍ଚଳରେ ୩୪ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସ୍ଡିପିଓ ପ୍ରଭାତ କୁମାର ମଲ୍ଲିକ, ପୁରୀ ଉପଜିଲାପାଳ ଗୋପିନାଥ କୁଅଁର, ଗୋପ ତହସିଲଦାର ରଞ୍ଜନ କୁମାର ପରିଡା, ଗୋପ ବିଡିଓ ଛବିରାଣୀ ସାହୁ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




ମାଘ ସପ୍ତମୀ ଉପଲକ୍ଷେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ଡେଲାଙ୍ଗ ହାଟ ବଜାର-କଲ୍ୟାଣପୁର ରାସ୍ତା ମରଣଯନ୍ତା

**ଡେଲାଙ୍ଗ, ୧୬।୨(ରଶ୍ମୀରଞ୍ଜନ ପ୍ରଧାନ):** ଗମନାଗମନ ପଥ ସୁଗମ କରିବା ନିମନ୍ତେ ସରକାର ବିପୁଳ ଟଙ୍କା ବ୍ୟୟରେ ନୂତନ ରାସ୍ତା ନିର୍ମାଣ ଓ ଦୋହରୀକରଣ କରୁଛନ୍ତି। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା ବେଳେ ଦୁର୍ଦ୍ଦଶା ଭୋଗୁଛନ୍ତି ପଥଚାରୀ। ଡେଲାଙ୍ଗ ହାଟବଜାରଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଠିକାଦାର ୮ମାସ ହେବ ମନଇଚ୍ଛା ରାସ୍ତାକୁ ଖୋଳି କାର୍ଯ୍ୟ ନ କରିବାରୁ ଅଧାପନ୍ତରିଆ

**ମୁନିନ୍ଦାଠାରେ ୬ଘଣ୍ଟା ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ**

ହୋଇପଡିରହିଛି। ଫଳରେ ଯାତାୟତରେ ସମସ୍ୟା ହେବା ସହିତ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଶୁକ୍ରବାର ଡେଲାଙ୍ଗ-କଲ୍ୟାଣପୁର ରାସ୍ତାକୁ ମୁନିନ୍ଦାଠାରେ ୬ଘଣ୍ଟା ଧରି ଅବରୋଧ କରିଥିଲେ। ଡେଲାଙ୍ଗ, କୋଠବାଡା, ମୁନିନ୍ଦା, କଲ୍ୟାଣପୁର, ତ୍ରିଲୋଚନପୁର ପଞ୍ଚାୟତର ସରପଞ୍ଚ ଓ ଲୋକେ ରାସ୍ତାରେ ଧାରଣା ଦେଇଥିଲେ। ଡେଲାଙ୍ଗ-ପିପିଲି ଜନକଲ୍ୟାଣ ମଞ୍ଚ ଆବାହକ ରାଧାମୋହନ, କୋଠବାଡ଼ ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ, ତ୍ରିଲୋଚନପୁର ସରପଞ୍ଚ ପ୍ରତିନିଧି ଗୁଣନିଧି ପାତ୍ର, କୃଷକ ନେତା ଅଶୋକ ପ୍ରଧାନ, ଚକ୍ରଧର ପ୍ରଧାନ, ସ୍ୱର୍ଣ୍ଣଲତା ନାୟକ, ଆଇନଜୀବୀ ଅଜୟ ମାନ୍ଧାତା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଅଧିନରେ ଥିବା କଣାସ-ଡେଲାଙ୍ଗ ୧୩କି.ମି ରାସ୍ତାର ଦୋହରୀକରଣ ପାଇଁ ୮କୋଟି ୭୭ଲକ୍ଷ ଟଙ୍କା ବ୍ୟୟ ବରାଦରେ ଟେଣ୍ଡର ଡକାଯାଇ ଠିକାଦାର ନିୟୋଜନ କରାଯାଇଥିଲା। ତେବେ ୮ମାସରୁ ଅଧିକ ସମୟ ହେବ କଣାସରୁ ତ୍ରିଲୋଚନପୁର ଛକ ପର୍ଯ୍ୟନ୍ତ ୫କି.ମି ରାସ୍ତା କାମ ଶେଷ ହୋଇଯାଇଥିବା ବେଳେ କଲ୍ୟାଣପୁର ବଜାରଠାରୁ ଡେଲାଙ୍ଗ ହାଟବଜାର ପର୍ଯ୍ୟନ୍ତ ୮କି.ମି ରାସ୍ତା କାମ ବାକି ରହିଛି। ଠିକାଦାର ରାସ୍ତା ଖୋଳି ଡଷ୍ଟ ପକାଇଥିବାରୁ ପଥଚାରୀ ଓ ବାଇକ ଆରୋହୀ ଧୂଳିଧୂସର ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ଯଥାଶୀଘ୍ର ରାସ୍ତା ଦୋହରୀକରଣ କାର୍ଯ୍ୟ ସମାପନ ଦାବିରେ ଜନସାଧାରଣ ଧାରଣା ଦେଇଥିଲେ। ଖବର ପାଇ ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠାବାଡ଼ି) ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା ପହଞ୍ଚି ୧୦ ଦିନ ମଧ୍ୟରେ ରାସ୍ତା କାମ ସରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, ଏସ୍ଡିପିଓ ବିରଞ୍ଚି ନାରାୟଣ ପତି, ଅତିରିକ୍ତ ତହିଲଦାର ରାଜେନ୍ଦ୍ର ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ମୁନିନ୍ଦାଠାରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ତ୍ରିପୁରା ରାଜ୍ୟପାଳ

ପୁରୀ,(ଅଜିତ୍ ମହାନ୍ତି)-ତ୍ରିପୁରା ରାଜ୍ୟପାଳ ଇନ୍ଦ୍ରସେନ୍ ରେଡ୍ଡୀ ସପରିବାର ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କୁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହ ଓ ଭିତରବେଢ଼ାରେ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ ଫେରିଆସିଥିଲେ। ଏହି ଅବସରରେ ରାଜ୍ୟପାଳ ରେଡ୍ଡୀ କହିଥିଲେ, ହିନ୍ଦୁଜାତିକୁ ଏକାଠି ରଖିବାରେ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରମୁଖ ଭୂମିକା ରହିଛି।



ମାଘ ସପ୍ତମୀ ଅବସରରେ ଐତିହ୍ୟ ଖଣ୍ଡଗିରି ପାହାଡ଼ରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ।





ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ ଯୋଗଦେଇଥିବା ସାଧୁସନ୍ଥମାନେ ପରିକ୍ରମା କରୁଛନ୍ତି।

## ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ଆରମ୍ଭ

# ଓଁ କାର ଧ୍ୱନିରେ ଗୁଞ୍ଜରିତ

**ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)**

ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ମନ୍ତ୍ରଧ୍ୱନି, ଘଣ୍ଟଘଣ୍ଟା ତାଳେ ତାଳେ ଗୁଞ୍ଜରିତ ହେଉଛି ଐତିହ୍ୟସ୍ଥଳୀ ଖଣ୍ଡଗିରି-ଉଦୟଗିରି। ମାଘ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ଦିନ ଧରି ପାହାଡ଼ରେ ରାମ ଚରିତ ମାନସ, ନାମ ସଂକୀର୍ତ୍ତନ ଓ ବିଶ୍ୱଶାନ୍ତି ମହାଯଜ୍ଞର ମନ୍ତ୍ର ଧ୍ୱନି ଶୁଣାଯିବ। ଏଥିପାଇଁ ଓଡ଼ିଶା ସମେତ କାଶୀ ଓ ବାରାଣସୀ, ହରିଦ୍ୱାର, ନାସିକ, ମଧ୍ୟପ୍ରଦେଶ, ଜମ୍ମୁ, ପ୍ରୟାଗ ଆଦି ବିଭିନ୍ନ ସ୍ଥାନରୁ ପ୍ରାୟ ୫ଶହ ସାଧୁ, ସନ୍ନ୍ୟାସିନୀ ଆସି ଏକାଠି ହୋଇଛନ୍ତି। ମେଳାର ପ୍ରଥମ ଦିନ ହୋଇଥିଲେ ମଧ ଖଣ୍ଡଗିରି, ଉଦୟଗିରିରେ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମେଳାକୁ ବହୁ ଦୂରଦୂରାନ୍ତରୁ ସାଧୁସନ୍ଥ ଆସିଥିବାରୁ ସେମାନଙ୍କ ସାନିଧ୍ୟ ଲାଭ କରିବା ସହ ଆଶୀର୍ବାଦ ପାଇବା ପାଇଁ ପର୍ଯ୍ୟଟକମାନେ ଆଗ୍ରହ ଦେଖାଉଥିଲେ। ଶୁକ୍ରବାର ପ୍ରାତଃ ସମୟରେ ମା' ବାରଭୁଜାଙ୍କ ଆଳତି ପରେ ଖଣ୍ଡଗିରି ଭୋଗ ହୋଇ ମା'ଙ୍କ ପାଖରେ କଳସ ସ୍ଥାପନ ହୋଇଥିଲା। ଏହାପରେ ବୈଦିକ ରୀତିନୀତିରେ କୋଣାର୍କରୁ ଅଗ୍ନି ଓ ଜଳ ଆସିବା ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ନାମ ସଂକୀର୍ତ୍ତନ ସହିତ ୧୦୮ କଳସ, ୧୦୮ସାଧୁ ଏବଂ ଅନ୍ୟାନ୍ୟ ପ୍ରାୟ ୧ହଜାର ସାଧୁ ସନ୍ଥଙ୍କ ମେଳରେ ପୂର୍ବାହ୍ନ ୧୧ଟାରେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜାଗମରା ବଡ଼ ପୋଖରୀରୁ ପାଣି ଆଣିବା ପରେ କୁମ୍ଭମେଳା ସ୍ଥଳକୁ ଆସି ସାଧୁସନ୍ଥମାନେ ନିଜନିଜର କଳସ ବିଧିବଦ୍ଧ ଭାବେ ସ୍ଥାପନ କରିଥିଲେ। ଅପରାହ୍ନରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭଣ୍ଡାର ବା ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ପ୍ରଭୁ ଅନନ୍ତ କେଶରୀ ଏକ ବିରାଟ ଶୋଭାଯାତ୍ରାରେ ଜାଗମରା ନାଗାମଠରୁ ବାହାରିଥିଲେ। ବାଜା, ବାଣ ରୋଶଣି ସହିତ ସଂକୀର୍ତ୍ତନ, ପାରମ୍ପରିକ ଘଣ୍ଟଘଣ୍ଟା ବାଦ୍ୟରେ ଅନନ୍ତକେଶରୀଙ୍କୁ ସୁସଜ୍ଜିତ ବିମାନରେ ଗାଁ ପରକ୍ରମା କରାଯାଇଥିଲା। ଏହାପରେ ଉଦୟଗିରି ପାହାଡ଼ରେ ଥିବା ରାଣୀହଂସପୁରକୁ ଠାକୁର ବିଜେ କରିଥିଲେ। ସେଠାରେ ପୂଜାର୍ଚ୍ଚନା ସହିତ ଭୋଗଲାଗି ହେବା ପରେ ପୁଣିଥରେ ରାତି ପ୍ରାୟ ୧୧ଟା ବେଳକୁ ନାଗାମଠକୁ ଫେରିଥିଲେ। ଶନିବାର ପ୍ରାତଃ ସମୟରେ ସୂର୍ଯ୍ୟପୂଜା ସରିବା ପରେ ଧୂନିପୂଜା କରାଯିବ ବୋଲି ହରିଓଁ ବାବା ମଠ ଟ୍ରଷ୍ଟର ମୁଖ୍ୟ ବ୍ୟବସ୍ଥାପକ ହରି ଓଁ ବାବା ସୂଚନା ଦେଇଛନ୍ତି।



### ପଶୁପତି ନାଥଙ୍କ ଡୋର୍ ବାନ୍ଧୁଛନ୍ତି ମହନ୍ତ ରାମଗିରି

ଖଣ୍ଡଗିରି ପାଦଦେଶରେ କଳସ ସ୍ଥାପନ କରି ବସିଛନ୍ତି କାଶୀରୁ ଆସିଥିବା ମହନ୍ତ ରାମଗିରି। ଯିଏ ତାଙ୍କ ପାଖକୁ ଯାଉଛି ତାକୁ ଆଶୀର୍ବାଦ କରିବା ସହ ନେପାଳ ପଶୁପତି ନାଥଙ୍କ ପାଖରୁ ଆଣିଥିବା ଏକ ଡୋର ହାତରେ ବାନ୍ଧି ଦେଉଛନ୍ତି। ଏହା ତାଙ୍କୁ ସବୁ ବିପଦରୁ ରକ୍ଷା କରିବ ବୋଲି ପୂରା ନିର୍ଭୟ ବାଣୀ ଶୁଣାଉଛନ୍ତି। ୫ବର୍ଷ ବୟସରୁ ସନ୍ନ୍ୟାସ ଜୀବନ ଆପଣାଇଥିବା ମହନ୍ତ ଗତ ୨୦ ବର୍ଷ ହେବ ଘରଛାଡି ବାହାରେ ରହୁଛନ୍ତି।

### ବାପାଙ୍କ ଉପରେ ରୁଷି ସନ୍ନ୍ୟାସୀ ହୋଇଥିଲେ ପ୍ରୀତମ ଗିରି

ଛୋଟବେଳେ ଦିନେ ଅନ୍ୟ ବିଲରେ ଫଳିଥିବା କାକୁଡ଼ି ଖାଇ ଦେଇଥିଲେ। ଏ କଥା ଜାଣିବା ପରେ ବାପା ବହୁ ଗାଳିକରିବା ସହ ମାଡ଼ ମାରିଥିଲେ। ତେଣୁ ବାପାଙ୍କ ଉପରେ ରୁଷି ଘର ଛାଡିବା ପରେ ସାଧୁସନ୍ଥଙ୍କ ସଂସ୍ପର୍ଶରେ ଆସି ସନ୍ନ୍ୟାସୀ ଜୀବନ ଆରମ୍ଭ କରିଥିଲେ ପ୍ରୀତମ ଗିରି। ୧୫ବର୍ଷ ତଳେ ଖଣ୍ଡଗିରି କୁମ୍ଭମେଳାକୁ ଆସିଥିଲେ, ଏବେ ଦ୍ୱିତୀୟ ଥର ପାଇଁ ଜମ୍ମୁରୁ ଏଠାକୁ ଆସିଛନ୍ତି। ଯିଏ ତାଙ୍କ ପାଖକୁ ଯାଉଛି ତାଙ୍କୁ ମା' ବୈଷ୍ଣୋଦେବୀଙ୍କର ଏକ ଲକେଟ୍ ଏବଂ କଳା ଡୋର ଦେଇ ଆଶୀର୍ବାଦ କରୁଛନ୍ତି।



## 'ପ୍ରେତ ଲୋକ'ରୁ ଆସିଥିବା ଦାବି କରୁଛନ୍ତି ଜଗନ୍ନାଥଗିରି ବାବା



ହର୍‌ହର୍ ମହାଦେବ ଧ୍ୱନିରେ କମ୍ପୁଛି ଖଣ୍ଡଗିରି। ଦୂରଦୂରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ। ମୁଣ୍ଡରେ ଭସ୍ମ, ଆଖିରେ କଳା ଚଷମା ଆଉ ହାତରେ ଚିଲମ ଧରି ବସିଛନ୍ତି ଗୟାରୁ ଆସିଥିବା ଜଗନ୍ନାଥ ଗିରି ବାବା। ତେବେ ତାଙ୍କୁ କେଉଁଠାରୁ ଆସିଛନ୍ତି ବୋଲି ପଚାରିଲେ ତା'ର ଉତ୍ତରରେ ସେ କୁହନ୍ତି 'ମୁଁ ପ୍ରେତଲୋକ'ରୁ ଆସିଛି। ଯେଉଁଠି ପ୍ରେତମାନଙ୍କର ଘର। ପୂଜାପାଠ, ଜପ ବ୍ୟତୀତ ଅନ୍ୟ ସମୟରେ ମନକୁ ସ୍ଥିର ରଖିବା ପାଇଁ ଗଞ୍ଜେଇ ଟାଣୁଥିବା ସେ କହିଛନ୍ତି। ତେବେ ଗଞ୍ଜେଇ ସହିତ ମହାଦେବଙ୍କ କୌଣସି ସମ୍ପର୍କ ନାହିଁ। କାରଣ ମହାଦେବ କେବେବି ଗଞ୍ଜେଇ ଟାଣନ୍ତି ନାହିଁ। ଏହା କେବଳ ଲୋକଙ୍କର ମନଗଢ଼ା କଥା। ଗତ ୪ବର୍ଷ ହେବ ସେ ଖଣ୍ଡଗିରି କୁମ୍ଭମେଳାକୁ ଆସୁଥିବାବେଳେ ଏଠାରୁ କାଠମାଣ୍ଡୁ ଯାଇ ବିଶ୍ୱ କଲ୍ୟାଣ ପାଇଁ ଜପ କରିବେ ବୋଲି କହିଛନ୍ତି।

## ଖୋଲିଲା ମିନାବଜାର

ମେଳାରେ ୩୬୦ ଷ୍ଟଲ ଖୋଲିବାକୁ ବିଏମ୍‌ସି ଅନୁମତି ଦେଇଛି। ପ୍ରଥମ ଦିନରୁ ହିଁ ଖାଦ୍ୟପାନୀୟ ସମେତ ଖେଳନା, ଗୃହଉପକରଣ, ସାଜସଜ୍ଜା ଆଦି ଦୋକାନ ଖୋଲିଛି। ତା' ସାଙ୍ଗକୁ ମେହେନ୍ଦି, ଟାଟୁ ସମେତ ପିଲାଙ୍କ ଦୋଳି, ବୁଲା ବିକାଳିଙ୍କ ପସରା ମେଲିଛି। ତେବେ ଶନିବାର ବେଳକୁ ପ୍ରାୟ ସମସ୍ତ ଦୋକାନ ଖୋଲିଯିବ ବୋଲି ଜଣାପଡ଼ିଛି।

# 'ଯୁବରାଜ'କୁ ଦେଖିବାକୁ ଭିଡ଼

**ଭୁବନେଶ୍ୱର, ୧୬।୨(ଅସମାପିକା ସାହୁ)**

ମତ୍ସ୍ୟ-ପ୍ରାଣୀ ସମାବେଶରେ ମୁଖ୍ୟ ଆକର୍ଷଣ ସାଜିଛି ହରିୟାଣାର ପୋଢ଼ 'ଯୁବରାଜ'। ହରୟାଣାର କୁରୁକ୍ଷେତ୍ର ଜିଲା ସୁନାରେଓ ଗାଁର କର୍ମବୀର ସିଂଙ୍କ ଏହି ପୋଢ଼ ହେଉଛି ମୁରା ପ୍ରଜାତିର। ଏହାର ଲମ୍ବ ୯ ଫୁଟ୍ ଓ ଉଚ୍ଚତା ୫ ଫୁଟ୍ ୯ ଇଞ୍ଚ। ଓଜନ ୧୫ ଶହ କିଲୋଗ୍ରାମ ବା ଦେଢ଼ ଟନ୍ ହୋଇଥିବାବେଳେ ପ୍ରତିଦିନ ୨୦ ଲିଟର କ୍ଷୀର ପିଇବା ସହିତ ୧୨ କେଜି ପରିବା ଖାଉଛି। ଦିନକୁ 'ଯୁବରାଜ' ପାଇଁ ୬ରୁ ୮ ହଜାର ଟଙ୍କା ଖର୍ଚ୍ଚ ହେଉଛି। ପୋଢ଼ର ବ୍ୟକ୍ତିଗତ ଡାକ୍ତର ରହିଥିବାବେଳେ ଏହାର ଗୋଟିଏ ଥର ଶୁକ୍ରାଣୁରୁ ୫ଶହ ଡୋଜ୍ ଶୁକ୍ରାଣୁ ପ୍ରସ୍ତୁତ ହେଉଛି। ପ୍ରତି ଡୋଜ୍ ୩ଶହ ଟଙ୍କାରେ ବିକ୍ରି ହେଉଛି। ବର୍ତ୍ତମାନ ସୁଦ୍ଧା ଯୁବରାଜର ଶୁକ୍ରାଣୁରୁ ପାଖାପାଖି ଦେଢ଼ ଲକ୍ଷ ଛୁଆ ଜନ୍ମ ହୋଇ ସାରିଲେଣି। ସମସ୍ତେ ତା' ଭଳି ସୁସ୍ଥ ହେବା ସହିତ ୨୦ରୁ ୩୦ ଲିଟର କ୍ଷୀର ଦେଉଛନ୍ତି। ଯୁବରାଜ ଗୋଟିଏ ଦିନରେ ଦୁଇରୁ ତିନିଥର ଗାଧୋଉଥିବା ବେଳେ ଦେହରେ ସୋରିଷ ତେଲ ମାଲିସ୍ କରାଯାଏ। ବର୍ଷକୁ ଯୁବରାଜଙ୍କଠାରୁ ମାଲିକ ୫୦ ଲକ୍ଷରୁ କୋଟିଏ ଟଙ୍କା ରୋଜଗାର କରିଥାନ୍ତି। ଯୁବରାଜ ବିଭିନ୍ନ ସ୍ଥାନରୁ ବିଶ୍ୱର ସର୍ବଶ୍ରେଷ୍ଠ ପୋଢ଼ ମାନ୍ୟତା ହାସଲ କରିଛି। ତାକୁ କିଣିବା ପାଇଁ ୯ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହୋଇଥିଲେ ମଧ ମାଲିକ କର୍ମବୀର ନିଜ ସନ୍ତାନ ବୋଲି ବିବେଚନା କରୁଥିବାରୁ ତାକୁ ବିକୁ ନ ଥିବା କହିଛନ୍ତି। ସମାବେଶରେ 'ଯୁବରାଜ'କୁ ଦେଖିବା ସହ ସେଲ୍‌ଫି ନେବାକୁ ଲୋକଙ୍କ ଭିଡ଼ ଜମୁଛି।



## ଭାରତ ବନ୍ଦ





ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



ନୟାପଲ୍ଲୀ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଗାଡିମୋଟର ଅଟକାଯାଉଛି।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**କୋଣାର୍କ, ୧୬।୨(ଜ୍ୟୋତିରାଜ ମହାନ୍ତି):**

ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ଭୋର ୪ଟା ୩୪ ମିନିଟରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଘନକୁହୁଡ଼ି ଯୋଗୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସମବେତ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପବିତ୍ର ମାଘ ସପ୍ତମୀରେ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଏବଂ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱରଙ୍କୁ ସମ୍ପୃକ୍ତ ସେବାୟତମାନେ ଗୁରୁବାର ଷଷ୍ଠୀ ରାତ୍ରି ୯ଟା ୩୦ରେ ସୁସଜ୍ଜିତ ବିମାନରେ ବିଜେ କରାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ପରେ ତିନି ମହାଦେବଙ୍କୁ ନିଜ ନିଜ ପୀଠରୁ ବେହେରା ସେବକମାନେ ବିରାଟ ପଟୁଆରରେ ଆଣି ଭୋଗମଣ୍ଡପଠାରେ ରାତ୍ର ୧୨ଟା ୩୦ରେ ପହଞ୍ଚିଥିଲେ। ସେଠାରେ ତିନି ମହାଦେବ ବିଜେ କରିବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍‌ଏସି ପରିସରରେ ଆଧ୍ୟାତ୍ମିକ ଓ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାକାର ପରିବେଶକୁ ଭକ୍ତିପୂର୍ଣ୍ଣ କରିଦେଇଥିଲା। ପରେ ତ୍ରିଶମ୍ଭୁଙ୍କୁ ବିରାଟ ଶୋଭାଯାତ୍ରାରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ନିଆଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ ସହ ଭୋଗ ଲାଗି କରାଯାଇଥିଲା। ତ୍ରିଶମ୍ଭୁଙ୍କୁ ବେହେରା ସେବକମାନେ କାନ୍ଧରେ ବୋହି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। କୋଣାର୍କ ଡାକବଙ୍ଗଳା ଛକଠାରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ନାଚଗୀତ ତାଳେ ତାଳେ ତ୍ରିଶମ୍ଭୁଙ୍କୁ ପଟୁଆରରେ ନିଆଯିବାବେଳେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମବିଭୋର ହୋଇପଡ଼ିଥିଲେ। ଗୁରୁବାର ରାତି ୩ଟାରେ ତ୍ରିଶମ୍ଭୁ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ଅବସ୍ଥାନ କରିଥିଲେ। ପ୍ରାଚୀନ ଚନ୍ଦ୍ରଭାଗା ନଦୀ ତଥା ବର୍ତ୍ତମାନର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜକମାନେ ପବିତ୍ର ଜଳ ଆଣିବା ପରେ ତିନି ମହାଦେବଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ସମ୍ପାଦନ କରାଯାଇଥିଲା। ତିନି ମହାଦେବଙ୍କ ପବିତ୍ର ଜଳକୁ ତୀର୍ଥ ପୁଷ୍କରିଣୀରେ ପକାଯାଇଥିଲା। ଏହାପରେ ତିନି ମହାଦେବଙ୍କ ସେବାୟତ ଓ ସାଧୁସନ୍ଥମାନେ ସ୍ନାନ କରିଥିଲେ। ପରେ ସମବେତ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥିଲେ।



# ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ଏବେବି ଯୁବପିଢ଼ୀଙ୍କୁ ଆନମନା କରେ

**ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)**

ସଙ୍ଗୀତ ସାଧକ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ଏବେବି ତା'ର ପ୍ରାସଙ୍ଗିକତା ରଖି ଆସିଛି। ସେଥିପାଇଁ ଆଜିବି ଯୁବପିଢ଼ିଙ୍କୁ ତାଙ୍କ ଗୀତ ଆନମନା କରେ। ସଙ୍ଗୀତର ସମସ୍ତ ବିଭାବରେ ନିଜର କୃତିତ୍ୱକୁ ପରଖିଦେଇ ସେ ଯେଉଁ ନୂତନ ଧାରା ଦେଇ ଆସିଛନ୍ତି, ତାହା ଅମର ଓ ଶାଶ୍ୱତ ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର ରବିନ୍ଦ୍ର ମଣ୍ଡପ ଠାରେ 'କମଳ ଦେଶ ରାଜକୁମାର' କାର୍ଯ୍ୟକ୍ରମ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ବନ୍ଧୁ ମହାନ୍ତି ଚଳଚ୍ଚିତ୍ରର 'ନମସ୍ତେ ପ୍ରଭୁ ଜଗନ୍ନାଥ' ଗୀତକୁ ନେଇ ମଞ୍ଚକୁ ଓହ୍ଲାଇଥିଲେ ସ୍ୱର୍ଗତ କରଙ୍କ ପୁତ୍ର ତଥା କଣ୍ଠଶିଳ୍ପୀ ମହାପ୍ରସାଦ କର। ଏହାପରେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ 'ବିଶ୍ୱାବସୁ କୁଳେ ଜନମ ମୋହର' ଗୀତ ପରିବେଷଣ କରିଥିଲେ। ତାଙ୍କପରେ ମହାପ୍ରସାଦ ଲୋକପ୍ରିୟ ସଙ୍ଗୀତ 'କମଳ ଦେଶ ରାଜକୁମାର' ଗୀତକୁ କଣ୍ଠରେ ସଜାଇଥିଲେ। ଯାହା ଶ୍ରୋତାମଣ୍ଡଳୀଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ତାଙ୍କପରେ ଶିଳ୍ପୀ ସୋହିନୀ ମିଶ୍ର, ଡ. ନାଜିଆ ଆଲାମ୍, ଅସୀମା ପଣ୍ଡା, ମହମ୍ମଦ ଆବିଦ୍, ନେହା ନିହାରିକା ପ୍ରମୁଖ କଣ୍ଠଶିଳ୍ପୀ 'ନୀଳଚକ୍ର ହେ', 'କେଉଁ ନାମ ଧରି', 'ମୋ ପ୍ରିୟାଠାରୁ', 'ଟିକ୍‌ଟିକ୍ ହୁଏ ମୋ ଛାତି', 'ମେଘ ବରଷିଲା ଟୁପୁରୁ ଟୁପୁରୁ' ଭଳି ପ୍ରଫୁଲ୍ଲ କରଙ୍କ ନିର୍ଦ୍ଦେଶିତ ଓ ରଚିତ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ ପାଟ୍ଟଶାଣୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିବାବେଳେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମହାଦୀପ କର ଓ ସନ୍ଧ୍ୟାଦୀପା କର ସହାୟତା କରିଥିଲେ।



## ସଂକ୍ଷେପରେ

### ଫେସ୍‌ବୁକ୍‌ରେ ପ୍ରେମ ମହଙ୍ଗା ପଡିଲା, ଯୁବକ ଗିରଫ

ନିରାକାରପୁର,୧୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସୋସିଆଲ ମିଡିଆରେ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇଯାଇଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ଟଙ୍ଗରପଡା ଅଞ୍ଚଳର ଅବିନାଶ ସେଠୀ। ଏନେଇ ଥାନାରେ ଏକ ମାମଲା (ନଂ. ୩୫/୨୪) ରୁଜୁ ହୋଇଥିବା ନେଇ ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ସୋସିଆଲ ମିଡିଆରେ ମିଥ୍ୟା ପ୍ରଲୋଭନ ଦେଖାଇ ଅବିନାଶ ତାଙ୍କୁ ସାଥିରେ ନେଇଯାଇଥିଲା। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅବିନାଶଙ୍କ ମୋବାଇଲ ନମ୍ବରକୁ ଟ୍ରାକକରି ପୋଲିସ ଶୁକ୍ରବାର ତାଙ୍କ ଗ୍ରାମରୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଉଦ୍ଧାର ନାବାଳିକାଙ୍କ ବୟାନ ରେକର୍ଡ ନିମନ୍ତେ କୋର୍ଟକୁ ହସ୍ତାନ୍ତର କରାଯାଇଥିବା ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି।

### ଶ୍ରୀରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ

ବୋଲଗଡ଼,୧୬।୨(ଦେବବ୍ରତ ହୋତା)

ଆଧ୍ୟାତ୍ମିକ ଚେତନା ହିଁ ମାନବ ଜୀବନର ଶ୍ରେଷ୍ଠ ପଥ ପ୍ରଦର୍ଶକ। ସେହି ଉଦ୍ଦେଶ୍ୟ ପୂରଣ ପାଇଁ ସ୍ଥାନୀୟ ଜଗନ୍ନାଥ ମଣ୍ଡପଠାରେ ଚତୁର୍ଦ୍ଦଶତମ ବାର୍ଷିକ ଶ୍ରୀରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ପ୍ରବଚନ ପରିଚାଳନା କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ୯ଦିନ ଧରି ଚାଲୁ ରହିବ। ଏଥିରେ ବିଭିନ୍ନ ଦିବସରେ ପୁରୀର ପଣ୍ଡିତ ବସନ୍ତ କୁମାର ପଣ୍ଡା, ହଳଦିଆ ଖୋର୍ଦ୍ଧାର ପଣ୍ଡିତ ପଦ୍ମନାଭ ସାହୁ, ବାଙ୍କୀର ଡ. ଗଣେଶ୍ୱର ସାଇଁ, ବୋଲଗଡ଼ ସଂପୁର ଗ୍ରାମର ପଣ୍ଡିତ ଗୋପାଳ ଚନ୍ଦ୍ର ରାୟଗୁରୁ ଏବଂ ବେଗୁନିଆର ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିବେ। ଶତାଧିକ ମହିଳା ପୁରୁଷ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୧୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ୱରାଜ ଟ୍ରାକ୍ଟରର ୫୦ତମ ବାର୍ଷିକ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟ ୧୬ ନମ୍ବର ଜାତୀୟ ରାଜପଥର ରତାମାଟି ଛକଠାରେ ଥିବା ଓଡ଼ିଶା ମୋଟର୍ସ ଆଣ୍ଡ ଟ୍ରାକ୍ଟର୍ସ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଗୁରୁଚରଣ ସାମଲ ସଭାପତିତ୍ୱ କରିଥିବା ବେଳେ ସ୍ୱରାଜ ଟ୍ରାକ୍ଟର କମ୍ପାନୀର ଓଡ଼ିଶା ମୁଖ୍ୟ ମିତେଶ ପାରିଖ, ଏରିଆ ମ୍ୟାନେଜର ରବି ଶଙ୍କର ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତେବେ ୩୨ ବର୍ଷର ଏହାର ପୁରାତନ ଗ୍ରାହକଭାବେ ସ୍ଥାନୀୟ ବଡ଼ପୋଖରିଆ ପଞ୍ଚାୟତ ବୋଡ଼ଙ୍ଗରା ଗ୍ରାମର ଚାଷୀ ପ୍ରକାଶ କୁମାର ମାଝୀଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମନୀନ୍ଦ୍ର କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ନିର୍ଦ୍ଦେଶ ମାନୁନାହାନ୍ତି କ୍ରଶର ୟୁନିଟ୍

ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)

**ଦିନରେ ବେଧଡ଼କ ଚାଲିଛି**
- ନିଷ୍ପତ୍ତି ହୋଇଥିଲା ୧୨ଘଣ୍ଟା ବନ୍ଦ ରହିବ
- ବେଆଇନଭାବେ ଚାଲିଛି ୫ଶହରୁ ଊର୍ଦ୍ଧ୍ୱ କ୍ରଶର



ବାୟୁ ପ୍ରଦୂଷଣ ରୋକିବା ପାଇଁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ସମସ୍ତ କ୍ରଶର ୟୁନିଟ୍ ବନ୍ଦ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କେହି ଏହାକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା। ତେବେ ପ୍ରଶାସନ ନିର୍ଦ୍ଦେଶକୁ ଫୁ କରିଦେଇଛନ୍ତି କେତେଜଣ କ୍ରଶର ମାଲିକ। ଦିନରେ ବେଧଡ଼କଭାବେ କ୍ରଶର କାମ ଚାଲିଛି। ଉପଜିଲାପାଳ ଏବଂ କ୍ରଶର ମାଲିକ ସଂଘ ଆଲୋଚନାକ୍ରମେ ଗତ ଜାନୁୟାରୀ ୩୧ ସୁଦ୍ଧା ସମସ୍ତ ମାଲିକ କ୍ରଶର ୟୁନିଟ୍ ଚାରିପଟ ପାଚେରି ନିର୍ମାଣ କରିବାକୁ ତାଗିଦ୍ ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରି ନ ଥିବା ଜଣାପଡ଼ିଛି। କ୍ରଶର ଚାଲିବା ବେଳେ ପଥର ଧୂଳି ଉଡ଼ି ବାୟୁ ପ୍ରଦୂଷିତ ହେଉଥିବା ବେଳେ ଗଛପତ୍ରରେ ଧୂଳି ଆସ୍ତରଣ ପଡ଼ିରହୁଛି। ଦୈନିକ ସ୍ପ୍ରିଙ୍କଲର ପାଇପ୍ ମାଧ୍ୟମରେ ପାଣି ଛିଞ୍ଚିବା ପାଇଁ ଉପଜିଲାପାଳ ତାଗିଦ୍ କରିଥିଲେ। ତେବେ କେତେଜଣ କ୍ରଶର ମାଲିକ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଜାତୀୟ ରାଜପଥ ଉପକଣ୍ଠ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ପଷ୍ଟ ଦିବାଲୋକରେ କ୍ରଶର ୟୁନିଟ୍ ଚାଲିଛି। ତେବେ ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କିଭଳି ବେଆଇନଭାବେ କ୍ରଶର ଚଳାଉଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଖୋର୍ଦ୍ଧାରେ ଦିନରାତି କ୍ରଶର ଚାଲିବା ଫଳରେ ବାୟୁ ପ୍ରଦୂଷଣ ବଢୁଛି। ସରକାରୀସ୍ତରରେ ପ୍ରାୟ ଶହେଟି କ୍ରଶରକୁ ଅନୁମତି ଦିଆଯାଇଥିବା ବେଳେ ବେଆଇନ ଭାବେ ୫ଶହରୁ ଊର୍ଦ୍ଧ୍ୱ ଚାଲୁଥିବା ଜଣାପଡ଼ିଛି। ତେବେ କ୍ରଶର ଚଲାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ବେଳେ ଏହାକୁ ଅଧିକାଂଶ ମାଲିକ ଅଣଦେଖା କରି କ୍ରଶର ୟୁନିଟ୍ ଚଲାଇଛନ୍ତି। କ୍ରଶରଜନିତ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ କ୍ରଶର ବନ୍ଦ ରଖିବା ଲାଗି ସମସ୍ତ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ କ୍ରଶର ସଂଘ ସହ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଆଲୋଚନା କରିଥିଲେ। ଅଧିକାଂଶ କ୍ରଶର ୟୁନିଟ୍ ପାଚେରି ନ ଥିବା ବେଳେ ସ୍ପ୍ରିଙ୍କଲର ପାଇପ୍ ଯୋଗେ ପାଣି ସିଞ୍ଚନ ଲାଗି ତାଗିଦ୍ ସତ୍ତ୍ୱେ ବହୁ କ୍ରଶର ମାଲିକ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ପୂର୍ବରୁ କ୍ରଶର ୟୁନିଟ୍‌କୁ ଅନୁମତି ଦେବା ସମୟରେ ପ୍ରଶାସନିକସ୍ତରରେ ୩ ସ୍ତରୀୟ ଯାଞ୍ଚ ପରେ ଅନୁମତି ଦିଆଯାଇଥିଲା। ତେବେ ସେହି ସମୟରେ କେଉଁ ଆଧାରରେ ଅନୁମତି ଦିଆଯାଇଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଆଇନ ଭାବେ ଶତାଧିକ କ୍ରଶର ୟୁନିଟ୍ ଚାଲିଥିବାରୁ ସରକାର ରାଜସ୍ୱ ହରାଇବା ସହ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। କ୍ରଶର ୟୁନିଟ୍ ଉପରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟିହୋଇପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ସେଠୀ କହିଛନ୍ତି, ପୂର୍ବରୁ କ୍ରଶର ମାଲିକ ସଂଘ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କୁ ଜାନୁଆରୀ ୩୧ ମଧ୍ୟରେ ଉପରୋକ୍ତ ବ୍ୟବସ୍ଥା କରିବା ଲାଗି ତାଗିଦ୍ କରାଯାଇଥିଲା। ଏହାପରେ କୌଣସି ମାଲିକ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଢ଼ାଉ ସମୟରେ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ୨୦ରୁ ହରିକେଶର ଗାଁ ମହୋତ୍ସବ

ବୋଲଗଡ଼,୧୬।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗାଁ ମହୋତ୍ସବ ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ହରିକେଶର ଗ୍ରାମ କୋଠଘରଠାରେ ଏକ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟିର ଆବାହକ ତଥା ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାସୁଦେବ ପରିଡ଼ା, ଅର୍ଜୁନ ଜେନା, କୈଳାସ ମହାରଣା, କେଦାର ଭୂୟାଁ, ଗୋବିନ୍ଦ ବେହେରା, ମଳୟ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ର ମାଝୀ, ସନ୍ତୋଷ ମାଝୀ, ଶିକ୍ଷାବିତ୍ ଗୌରାଙ୍ଗ ଛୋଟରାୟଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। ମହୋତ୍ସବ ନୃତ୍ୟ, ଗୀତ, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଅତୀତର ଗାଁ ସ୍ମୃତି ମାଧ୍ୟମରେ ସରସ ସୁନ୍ଦର କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ବଲପୁରୀ ନୃତ୍ୟ, ଘୁମୁରା ନୃତ୍ୟ, ଜଟଣୀ ପାଇକ ଆଖଡ଼ା, ବାଘନାଚ, ଗୋଟିପୁଅ ନାଚ, ବଲାଙ୍ଗୀର ଦୁଲୁଦୁଲି ନାଚ ପ୍ରଦର୍ଶନ ସହ ବିଭିନ୍ନ ଷ୍ଟଲ୍ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶେଷରେ ମହୋତ୍ସବ କମିଟିର ଆବାହକ ରାଉତରାୟ ଧନ୍ୟବାଦ ଦେଇଥିଲେ।

## 'ଶୃଙ୍ଖଳିତ ଆଚରଣ ଦ୍ୱାରା ସଫଳତା ମିଳେ'



ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୧୬।୨(ଦେବବ୍ରତ ହୋତା)

ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ୨୪ତମ ସାମ୍ବତ୍ସରିକ ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥିଭାବେ ଆରଏସ୍‌ଏସ୍ ପୁରୀ ବିଭାଗର ସଂଘଚାଳକ ମନୋରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାମଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇଥିଲେ। ଶୃଙ୍ଖଳିତ ଆଚାର ବ୍ୟବହାର ଦ୍ୱାରା ବିଦ୍ୟାର୍ଥୀମାନେ ନିଜ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବେ ବୋଲି ଅତିଥି ସାହୁ କହିଥିଲେ। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସୁବୁଦ୍ଧିଙ୍କ ପରିଚାଳନାରେ ବିଦ୍ୟାର୍ଥୀମାନେ ଦେଶ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁ ମା' ଲକ୍ଷ୍ମୀପ୍ରିୟା ଦେଈ, ଦମୟନ୍ତୀ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ମମତା ପରିଡ଼ା, ରଶ୍ମିତା ବେହେରା, ଗୁରୁଜୀ ଜିତେନ୍ଦ୍ର ସାହୁ, ଦେବପ୍ରସାଦ ସାହୁ, କୈଳାସ ଚନ୍ଦ୍ର ସୁବୁଦ୍ଧି, ପଦ୍ମଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ସଦସ୍ୟା ଗୀତାଞ୍ଜଳି ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କୃଷ୍ଣପ୍ରସାଦ,୧୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆରମ୍ଭ କରିଛନ୍ତି ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ରାମଲେଙ୍କା ପଞ୍ଚାୟତରେ ଶୁକ୍ରବାର ସରପଞ୍ଚ ସବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସରପଞ୍ଚଙ୍କ ପ୍ରତିନିଧି ଅଞ୍ଜଳ ବିଶ୍ୱାଳ, ରାମଲେଙ୍କା ପଞ୍ଚାୟତ ସମିତିସଭ୍ୟା ରୁବି ପ୍ରିୟଦର୍ଶିନୀ ରଣସିଂ, ଏମ୍‌ପିଙ୍କ ପ୍ରତିନିଧି ରାଜକିଶୋର ବିଶ୍ୱାଳ, ପୂର୍ବତନ ସରପଞ୍ଚ ହରିହର ପଲେଇ, କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର ପ୍ରଭାତ କୁମାର ଜେନା, ନୋଡାଲ ଅଫିସର ଶିବ ପ୍ରସାଦ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଏମ୍‌ବିକେ, ସିଆର୍‌ପି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ସମିତିସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ରଣସିଂହ ମଞ୍ଚ ପରିଚାଳନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ଝାଁଳା,୧୬।୨(ବୁଲା ବାରିକ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମଦନପୁର ଗାଁ ବଜାରରେ ଶୁକ୍ରବାର ପୂର୍ବ ଶତ୍ରୁତାରୁ କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ମଦନପୁର ଗ୍ରାମର ଲିଙ୍କନ ବଳିୟାରସିଂହ ଓରଫ ବାପି। ତାଙ୍କ ଗୋଡ଼, ହାତ ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଖେଳ କରିବ ବୋଲି ଭିଡିଓ ଭାଇରାଲ କରି ଧମକ ଦେଇଥିବା ପୁତୁଲ ନାମକ ଯୁବକ ଏହି କାଣ୍ଡ ଘଟାଇଛନ୍ତି ବୋଲି ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ପୁତୁଲ ଓ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ବାପି ମାଛ କିଣି ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ଠିକଣା ପଚାରିବା ବାହାନାରେ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ବାପି ସ୍କୁଟି ଅଟକାଇବା ମାତ୍ରେ ଆଉ ଦୁଇଟି ବାଇକ୍ ସେଠାରେ ପହଞ୍ଚିଥିଲା। ବାଇକ୍ ପଛରେ ବସିଥିବା ଦୁର୍ବୃତ୍ତମାନେ ହଠାତ୍ ଖଣ୍ଡା ବାହାରକରି ବାପିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ବାପି ସ୍କୁଟି ସହ ତଳେ ପଡ଼ିଯାଇଥିଲେ। ଚିତ୍କାର ଶୁଣି କେତେଜଣ ଲୋକ ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଗୋରୁ ବୋଝେଇ ଗାଡ଼ି ଜବତ, ୩ ଅଟକ



ନିରାକାରପୁର,୧୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ପୋଲିସ ଏକ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି। ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ପଠାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୩/୨୪) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଛଣଗିରି ଓ ରମାବିଲି ମଧ୍ୟବର୍ତ୍ତୀ ରାସ୍ତାର ନୂଆଜଗନ୍ନାଥ ସଡ଼କରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଟିଏସ-୧୧-ଓସି-୯୧୭୫ନମ୍ବର ବିଶିଷ୍ଟ ଗାଡିରେ ୭୦ଟି ଗାଈ, ବଳଦ, ଷଣ୍ଢ, ବାଛୁରୀ ଆଦି ଥିବା ଦେଖିବାକୁ ମିଳିଥିଲା। ଏହା ପରେ ପୋଲିସ ଗାଡ଼ି ଜବତ କରି ଥାନାକୁ ଆଣିଥିଲା। ଶୁକ୍ରବାର ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ସିଜୁଆ ଗୋଶାଳାରେ ଛଡାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଟ୍ରକଟି ବେଗୁନିଆ ଥାନା ଅଧୀନ ଜାମୁସାହି ଅଞ୍ଚଳରୁ ଅଣାଯାଇ ଆନ୍ଧ୍ର ପଠାଯାଉଥିବା ଜଣାପଡିଛି। ଉକ୍ତ ଗାଡ଼ିରେ ଥିବା ୩ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

## ଟାଙ୍ଗୀରେ ଭାରତ ବନ୍ଦର ଆଂଶିକ ପ୍ରଭାବ

ଟାଙ୍ଗୀ,୧୬।୨(ରଘୁନାଥ ସାହୁ)




ଟାଙ୍ଗୀରେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ସଂଯୁକ୍ତ କିଶାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିୟନର ମିଳିତ ମଞ୍ଚ ଆହ୍ୱାନକ୍ରମେ ଟାଙ୍ଗୀ ବ୍ଲକ ଶାଖା ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ଜାତୀୟତା ବିରୋଧୀ ନୀତି ବିରୋଧରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ଏଥିରେ ବହୁ ଚାଷୀ, ଶ୍ରମିକ ଓ ମହିଳା ଯୋଗଦେଇଥିଲେ। ବଳରାମ ଦେବ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସିଆଇଟିୟୁ ର ଖୋର୍ଦ୍ଧା ଜିଲା ଉପସଭାପତି ଗିରିଶ ଚନ୍ଦ୍ର ମହାରଣା, ଯୁବ ନେତା ବିଧୁଭୂଷଣ ମହାରଣା, ବ୍ରଜ କିଶୋର ଜେନା, ହୃଷୀକେଶ ପଲାଇ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମକୋଡ୍ ବାତିଲ, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ବାର୍ଷିକ ୨୦୦ଦିନ କାମ, ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି, ଦରବୃଦ୍ଧି ଉପରେ ନିୟନ୍ତ୍ରଣ, ଅସଗଠିତ ଶ୍ରମିକମାନଙ୍କ ପାଇଁ ଶ୍ରମ କଲ୍ୟାଣ ବୋର୍ଡ଼ ଗଠନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଘରୋଇକରଣ ବନ୍ଦ, ନୂତନ ଶିକ୍ଷା ନୀତି -୨୦୨୦ ପ୍ରତ୍ୟାହାର ପ୍ରମୁଖ ଦାବି ନେଇ ହରତାଳ କରାଯାଇଥିଲା। ତେବେ ଟାଙ୍ଗୀ ବ୍ଲକ ସଦର ମହକୁମାରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ମୁତୟନ ରହିଥିଲେ।

### ରଘୁନାଥଜୀଉଙ୍କ ବାର୍ଷିକୋତ୍ସବ

ଟାଙ୍ଗୀ,୧୬।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ସରପାରୀ କଂସାରୀ ସାହିସ୍ଥିତ ରଘୁନାଥ ଜୀଉଙ୍କ ବାର୍ଷିକୋତ୍ସବ ଓ ୪୪ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ଗ୍ରାମର ସଙ୍କଳ୍ପଧାରୀମାନେ ଜଳଯାତ୍ରା କରିବା ସହିତ ଗ୍ରାମ ପରିକ୍ରମା କରି ଠାକୁର ଭୋଗ ଲାଗି କରିଥିଲେ। ଘଣ୍ଟାଘଣ୍ଟି, ଝାଞ୍ଜ, ଖୋଳ ଶବ୍ଦରେ ଗ୍ରାମ ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ। ଅନ୍ତିମ ଦିବସରେ ନଗର ଭ୍ରମଣ, ଯମୁନା ସ୍ନାନ ହେବା ସହିତ ମହୋତ୍ସବ ଅନୁଷ୍ଠିତ ହେବ।

**ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ**

## କୋଡୋଲାଙ୍ଗ ଫାଇନାଲରେ

ବେଗୁନିଆ,୧୬।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବେଗୁନିଆ କ୍ରିକେଟ ଟର୍ନାମେଣ୍ଟ –୨୦୨୪ର ଶୁକ୍ରବାର ଥିଲା ପ୍ରଥମ ସେମି ଫାଇନାଲ ମ୍ୟାଚ। ସନରାଇଜ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ବେଗୁନିଆ କ୍ରିକେଟ ଆସୋସିଏଶନ ସହଭାଗିତାରେ ଆୟୋଜିତ ଏହି ଟୁର୍ନାମେଣ୍ଟର ୫ମ ଦିନର ମ୍ୟାଚରେ କୋଡୋଲାଙ୍ଗ କ୍ରିକେଟ କ୍ଲବ ଓ ଅତ୍ରି କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କୋଡୋଲାଙ୍ଗ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ ଅତ୍ରି କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିଲା। ଫଳରେ କୋଡୋଲାଙ୍ଗ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରମୋଦ ମହାନ୍ତି ଏବଂ ସୋମେଶ ଚନ୍ଦ୍ର ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକକର୍ମୀ ବିଶ୍ୱଜିତ ବଳିୟାରସିଂହ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଟିମର ଜଗଦୀଶ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ କ୍ଲବର ସଦସ୍ୟ ପ୍ରଭୁ କଲ୍ୟାଣ ତ୍ରିପାଠୀ, ସତ୍ୟଜିତ ସାହୁ, ଆଦିତ୍ୟ ଦାସ, ବଟକୃଷ୍ଣ ମହାପାତ୍ର, ପିଙ୍କନ ପାତ୍ର ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ହରିଶ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।




## ସଂସ୍କୃତି, ପରମ୍ପରା ପରିଚୟ ସୃଷ୍ଟିକରେ

ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)

**ବସନ୍ତ ପଞ୍ଚମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



ବସନ୍ତ ପଞ୍ଚମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

ବେଗୁନିଆ ବ୍ଲକ ମଲ୍ଲିପଦର ବାସୁଦେବପୁର ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବସନ୍ତ ପଞ୍ଚମୀ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଅନୁଷ୍ଠାନର ଉପଦେଷ୍ଟା ସବ୍ୟସାଚୀ ଦାଶ, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସାରୁଆ ସରପଞ୍ଚ ରଞ୍ଜିତା ମହାଭୋଇ, ପଙ୍ଗରାସିଂହ ସରପଞ୍ଚ ଲାବଣ୍ୟ ଜୟସିଂହ ଓ କଣ୍ଟାବାଡ଼ ସମିତିସଭ୍ୟ ମାମା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବର ପ୍ରଶଂସା କରିଥିଲେ। କଳା, ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ସମ୍ପର୍କର ଡୋରିକୁ ବାନ୍ଧି ରଖିଥାଏ। ଗୋଟିଏ ଜାତି ତା'ର ଗୌରବମୟ ସଂସ୍କୃତି, ପରମ୍ପରାକୁ ନେଇ ଗର୍ବ କରେ। ପ୍ରାଚୀନ ସଂସ୍କୃତିର ସୁରକ୍ଷା ସଂରକ୍ଷଣ, ବିକାଶ ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ। ନିଜ ସଂସ୍କୃତି, ଐତିହ୍ୟକୁ ନେଇ ଗର୍ବ କରିବା ଉଚିତ। ମା', ମାଟି ଓ ମାତୃଭୂମି ସର୍ବଦା ବନ୍ଦନୀୟା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋଡ଼ିପୋଖରୀ ଗ୍ରାମର ସ୍ଥପତି ନଟବର ବେହେରା, କୋଦୁଅବେରଣୀ ଟେରାକୋଟା ଶିଳ୍ପୀ ଦେବେନ୍ଦ୍ର ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା। ଶୀତୁଆ ସନ୍ଧ୍ୟାରେ କଳାକାରମାନଙ୍କ ଗୋଟିଏ ପରେ ଗୋଟିଏ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରଥମ ଅର୍ଘ୍ୟରେ ଢେଙ୍କାନାଳ ଜିଲାର କଳାକାରମାନେ ସମରକଳା ପାଇକ ଆଖଡ଼ା ମାଧ୍ୟମରେ ପାଇକ ସଂସ୍କୃତି, ପରମ୍ପରା, ବୀରତ୍ୱର ଗାଥା ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ପରେ ପୁରୀରୁ ଆସିଥିବା କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଲୋକପ୍ରିୟ ଧାରାବାହିକ ତିତ୍ଲୀର ନାୟକ ଓ ନାୟିକାଙ୍କ ଅଭିନୟ ଏବଂ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶେଷ ପର୍ଯ୍ୟାୟରେ ଭୁବନେଶ୍ୱରର ମଡର୍ନ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ସାଇମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୧୬।୨(ଶିଳ୍ପା ପ୍ରିୟଦର୍ଶିନୀ): ବିଧାୟକ ଇଂ. ମହମ୍ମଦ ମୋକିମ ସିଡିଏ ସେକ୍ଟର-୧୦ସ୍ଥିତ ସାଇମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଗିରିବାଳା ବେହେରା, ତପନ କୁମାର ପତି, ବିକାଶ କୁମାର ପାତ୍ର, ଅଶ୍ୱିନୀ କୁମାର ବାରିକ, ସଞ୍ଜୟ କୁମାର ଦାସ, ଧନଞ୍ଜୟ ବେହେରା, ଗୌତମ କୁମାର ପଣ୍ଡା, ଆଲୋକ ପ୍ରିୟଦର୍ଶନ, ଜ୍ୟୋତ୍ସ୍ନା ମହାପାତ୍ର, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଭତ୍ତା ପାଇବାରୁ ବଞ୍ଚିତ ୪୮୧ ହିତାଧିକାରୀ

ଖୁଣ୍ଟୁଣୀ, ୧୬।୨(ସଚ୍ଚିଦାନନ୍ଦ ପଣ୍ଡା)

ରାଜ୍ୟରେ ଅସହାୟ ବୃଦ୍ଧାବୃଦ୍ଧ ଓ ବିଧବାମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଭତ୍ତା ବ୍ୟବସ୍ଥା କରିଛନ୍ତି। ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡ଼ି ପଞ୍ଚାୟତର ୪୮୧ ଜଣ ହିତାଧିକାରୀ ୨ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ଛତାର କହିଛନ୍ତି, ସମସ୍ୟା ସମ୍ପର୍କରେ ବିଡିଓ ହେମନ୍ତ କୁମାର ମହନ୍ତଙ୍କୁ ଚିଠି ମାଧ୍ୟମରେ ଜଣାଇଛି। ପଞ୍ଚାୟତ ଅଧିକାରୀ ନ ଥିବାରୁ ଭତ୍ତା ମିଳିବାକୁ ବିଳମ୍ବ ହୋଇଛି। ବିଡିଓ ମହନ୍ତ କହିଛନ୍ତି, ଏ ବିଷୟରେ ଅବଗତ ଅଛି। ପଞ୍ଚାୟତ ଅଧିକାରୀଙ୍କୁ ଦୁଇମାସ ହେବ ଅପସାରଣ କରାଯାଇଥିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ପଞ୍ଚାୟତ ଅଧିକାରୀ ଆସିଲେ ହିତାଧିକାରୀଙ୍କୁ ଭତ୍ତା ଦିଆଯିବ।

# ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ

କଟକ,୧୬।୨(ଶିଳ୍ପା ପ୍ରିୟଦର୍ଶିନୀ)



ମଙ୍ଗଳାବାଗସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ସମ୍ମୁଖରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା।

ବିଭିନ୍ନ ଦାବି ପୂରଣ ପାଇଁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଶୁକ୍ରବାର କଟକ ମଙ୍ଗଳାବାଗସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ବିଭାଗୀୟ ରୂପାନ୍ତରୀକରଣ ଯଥା ନିଃଶୁଳ୍କ ଚିକିତ୍ସା, ବିଶେଷଜ୍ଞ ଚିକିତ୍ସା, ୨୪ ଘଣ୍ଟିଆ ସେବା ସହିତ ଓଡ଼ିଶାରେ ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ରୀୟ ହାରରେ ପଦୋନ୍ନତି ସୁବିଧା, ନନ୍ ପ୍ରାକ୍ଟିସିଂ ଭତ୍ତା ଓ କ୍ୟାଡର ପୁନର୍ଗଠନ ପାଇଁ ସଂଘ ଦାବି ଜଣାଇଆସୁଛି। ହେଲେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ସଂଘ ପକ୍ଷରୁ ଗତ ୧୮ ତାରିଖରୁ ଆନ୍ଦୋଳନ ଜାରି ରହିଛି। ଫଳରେ ରାଜ୍ୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇପଡିଛି। ସରକାରଙ୍କ ପକ୍ଷରୁ ସଂଘକୁ ଆଲୋଚନା ପାଇଁ ଡକାଯାଇଥିଲେ ମଧ୍ୟ ଦାବି ସମ୍ପର୍କରେ କୌଣସି ଆଲୋଚନା କରାଯାଇ ନ ଥିଲା। ବରଂ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଥିଲା। ତେଣୁ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଯୁଗ୍ମ ସମ୍ପାଦକ ଡା. ସିମ୍ପନୀ ମହାନ୍ତି କହିଛନ୍ତି, ପ୍ରାଣୀ ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀଚିକିତ୍ସା ସେବା ସଂଘ ତରଫରୁ ବର୍ଷ ବର୍ଷ ଧରି ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା ପରିତାପର ବିଷୟ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେ କହିଛନ୍ତି। ଏହି ଧାରଣାରେ ସଂଘ ସଭାପତି ଡା. ଯଦୁନାଥ ପରିଡ଼ା, ସାଧାରଣ ସମ୍ପାଦକ ଡା. ଶଙ୍କର୍ଷଣ ମାହୁନ୍ତ, ଉପସଭାପତି ଡା. ଶୈଳେଶ ମହାନ୍ତିଙ୍କ ସମେତ ଶତାଧିକ ପ୍ରାଣୀ ଚିକିତ୍ସକ ଯୋଗଦେଇଥିଲେ।

### ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ

# ଆଜି ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ଚୌଦ୍ୱାର/କଟକ,୧୬।୨ (ଆଶୁତୋଷ ଦାସ/ଶିଳ୍ପା ପ୍ରିୟଦର୍ଶିନୀ)

### ଓଟିଏମ୍ ଭିତ୍ତିଭୂମିରେ ନୂତନ ଶିଳ୍ପ ପ୍ରତିଷ୍ଠା ହେବ

କଟକ ଜିଲା ଚୌଦ୍ୱାରସ୍ଥିତ ଓଟିଏମ୍ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶିଳାନ୍ୟାସ କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଚୌଦ୍ୱାର ଅଞ୍ଚଳବାସୀ ବେଶ୍ ଉତ୍ସାହିତ ଅଛନ୍ତି। ଏ ନେଇ ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି, ୨୦୦୧ ମସିହାରେ ଓଟିଏମ୍ ବନ୍ଦ ହୋଇଯିବାପରେ ଚୌଦ୍ୱାରର ଅର୍ଥନୀତି ସମ୍ପୂର୍ଣ୍ଣଭାବେ ଭୁଶୁଡ଼ି ପଡ଼ିଥିଲା। ୨୦୧୩ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ଚୌଦ୍ୱାର ଗସ୍ତକରି ସଭାରେ ଉଦ୍‌ବୋଧନ ଦେଇ ଓଟିଏମ୍ ଭିତ୍ତିଭୂମି ଉପରେ ବିକଳ୍ପ ବୟନ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସେ ଏହି ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ପ୍ରତିଷ୍ଠିତ ୱେଲସ୍ପନ୍ କମ୍ପାନୀ ୩୦୫୦ କୋଟି ଟଙ୍କା ବିନିମୟରେ ଓଟିଏମ୍ ଜାଗାରେ ବୟନ ଶିଳ୍ପ ପ୍ରତିଷ୍ଠା କରିବ। ଏହି ଶିଳ୍ପ କାର୍ଯ୍ୟକାରୀ ହେଲେ ସେଥିରେ ୨୦,୦୦୦ରୁ ଉର୍ଦ୍ଧ୍ୱ ଯୁବତୀ, ଯୁବକ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ। ଆଗାମୀ ଦିନରେ ଚୌଦ୍ୱାର ପୁଣି ଶିଳ୍ପ ସମୃଦ୍ଧ ହେବ ବୋଲି ସେ କହିଛନ୍ତି। ବନ୍ଦ ଓଟିଏମ୍ ଜମିରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଭାତ ବିଧାନସଭାରେ ୧୨ ଥର ଦାବି ଉପସ୍ଥାପନ କରିବାଥିବାବେଳେ ବର୍ତ୍ତମାନର ବିଧାୟକ ସୌଭିକ୍ ବିଶ୍ୱାଳ ୪ଥର ଆଲୋଚନା କରିଛନ୍ତି। ଓଟିଏମ୍ ଶ୍ରମିକମାନଙ୍କର ଦୀର୍ଘବର୍ଷ ଲଗାତର ଧାରଣା ଓ ଆନ୍ଦୋଳନ ପରେ ଏବେ ଦାବି ପୂରଣ ହେବାକୁ ଯାଉଛି। ଦୀର୍ଘବର୍ଷ ଧରି ଓଟିଏମ୍ କଲୋନୀ ଓ ଏହା ଆଖପାଖରେ ରହି ଆସୁଥିବା ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟଙ୍କ ଥଇଥାନ ବ୍ୟବସ୍ଥା ପାଇଁ ପ୍ରଭାତ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଖବରଦାଦା ସମ୍ମିଳନୀରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, କାଉନସିଲର ଆଶୁତୋଷ ଦାସ, ସୁବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଟକ ମାଛୁଆ ବଜାରସ୍ଥିତ ସର୍କିଟ ହାଉସଠାରେ ଏନେଇ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି, ଏହି ଶିଳ୍ପ ପ୍ରତିଷ୍ଠା ହେଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ସହର ପୁଣି ହସିଉଠିବ। ଏହି ଖବରଦାତା ସମ୍ମିଳନୀରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଜୁ ଛାତ୍ର ଜନତା ଦଳ ସଭାପତି ଅଂଶୁମାନ ଘୋଷ, ନଗର ସାଧାରଣ ସମ୍ପାଦକ ତାପସ ମହାନ୍ତି ଉପସ୍ଥିତ ଥିଲେ।

## ଗୋଚର ଜମିରେ ରାତିଅଧିଆ ନିର୍ମାଣ

### ଥାନାରୁ ଏତଲା ଫେରାଇ ଆଣିଲେ ତହସିଲଦାର

କଟକ ସଦର, ୧୬।୨(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କେଶ ନଗର ମୌଜା ଚିନ୍ତାମଣି ସରକାରୀ ହାଇସ୍କୁଲ ସମ୍ମୁଖରେ ଥିବା ଏକ ଗୋଚର ଜମିରେ ୩ ଦିନ ହେବ ରାତି ଅଧିଆ ପିଣ୍ଡି ନିର୍ମାଣ ଚାଲିଛି। ଅଭିଯୋଗ ପରେ ଏହି ବେଆଇନ ନିର୍ମାଣକରୀଙ୍କୁ ଧରିବା ପାଇଁ ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏତଲା ମଧ୍ୟ କିଶନ ନଗର ଥାନାରେ ଅଜଣା ବ୍ୟକ୍ତିଙ୍କ ନାମରେ ମଙ୍ଗଳବାର ଦିଆଯାଇଥିଲା। ମାତ୍ର କିଛି ଘଣ୍ଟା ପରେ ଚାପ ଯୋଗୁ ଏତଲା ଫେରାଇ ଅଣାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ତହସିଲଦାର ଓ ନିର୍ମାଣକାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଛକାପଞ୍ଝା ଖେଳ ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ବିଶ୍ୱ ଗୋ'ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା କହିଛନ୍ତି। ଥାନାଠାରୁ ମାତ୍ର ୫୦୦ ମିଟର ଓ ତହସିଲ କାର୍ଯ୍ୟାଳୟଠାରୁ ୩୦୦ ମିଟର ଦୂରରେ ଗୋଚର ଜମି ଥିଲେ ମଧ୍ୟ ନିର୍ମାଣକାରୀଙ୍କୁ କେହି ଚିହ୍ନି ନ ପାରିବା ଆଶ୍ଚର୍ଯ୍ୟ କଥା ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ଏହା ଉପରେ କୌଣସି ମତାମତ ଦେଇ ନ ଥିଲେ।

# 'ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'



ଜିଲାସ୍ତରୀୟ ଯୁବ ସଂସଦ ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୬।୨(କାର୍ତ୍ତିକ ସାହୁ)

### ଜିଲାସ୍ତରୀୟ ଯୁବ ସଂସଦ ମହୋତ୍ସବ

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ସଂସଦ ମହୋତ୍ସବ କଟକ ଶକ୍ତିନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦେଇ ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜେ.ଏନ୍. କଲେଜର ଅଧ୍ୟାପକ ଡ. ନିଖିଳେଶ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ଦାସ, ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟର ଅଧ୍ୟାପକ ଅବିନାଶ ନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଯୁବଶକ୍ତିର ଉପଯୋଗ ଉପରେ ଆଲୋକପାତ କରିଥିଲେ। ଯୁବକେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଅଧକ୍ଷତା କରିଥିଲେ। କେନ୍ଦୁଝର, ଖୋର୍ଦ୍ଧା, ପୁରୀ ଓ ଯାଜପୁର ଜିଲାର ବହୁ ସଂଖ୍ୟକ ପ୍ରତିଯୋଗୀ ଅନ୍‌ଲାଇନ୍ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ବସୁନ୍ଧରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବସନ୍ତ କୁମାର ମିଶ୍ର ସହଯୋଗ କରିଥିଲେ।

## ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକାରୀ ବୈଠକ

ମଙ୍ଗୁଳି-ଜଗତପୁର, ୧୬।୨(ମାନସ ସାମଲ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବାଣୀପଦା ପଞ୍ଚାୟତସ୍ଥିତ ଭାଜପା କାର୍ଯ୍ୟାଳୟରେ ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ପକ୍ଷରୁ ବୁଥ୍‌ସ୍ତରୀୟ କାର୍ଯ୍ୟକାରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁ ଯୋଗଦେଇ ବୁଥ୍ ଚାଲ ଅଭିଯାନ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ କର୍ମୀମାନେ ମତଭେଦ ଆସନ୍ତା ନିର୍ବାଚନରେ ଦଳୀୟ ପାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର ହେମନ୍ତ ବେହେରା, ଚୌଦ୍ୱାର ଭାଜପା ମଣ୍ଡଳର ପୂର୍ବତନ ସଭାପତି ଅକ୍ଷୟ ଭୂୟାଁ, କବିତା ପରିଡ଼ା, ନିଗମ ସାହୁ, ଇନ୍ଦ୍ରାଣୀପାଟଣା ମଣ୍ଡଳର ପୂର୍ବତନ ସଭାପତି ରମେଶ ନାୟକ, ଗୌରଚନ୍ଦ୍ର ସୁବୁଦ୍ଧିରାୟ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଭାଜପା କର୍ମୀ ସୁବାସ ବରାଳ, ମୀନକେତନ ରାଉତ, ଜୟନ୍ତ ବେହେରା, ବର୍ଷାରାଣୀ ପଲେଇ, କମଳ ମହାନ୍ତି, ଦୀପକ ସାମନ୍ତରାୟ, ନିବାସ ରାଉତ, ପ୍ରତାପ ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ରାବଣା ରେଙ୍ଗୀ ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଆ ସାହିତ୍ୟର ଜନକ ଥିଲେ ଶାରଳା ଦାସ'



କଟକ,୧୬।୨ (କାର୍ତ୍ତିକ ସାହୁ)

ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ଶାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ କଟକ ସାରଳା ଭବନଠାରେ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟରେ ଅବସରପ୍ରାପ୍ତ ବିଚାରପତି ଡ. ମଦନ ମୋହନ ଦାସ ଯୋଗଦେଇ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଜନକ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସକ ପ୍ରସନ୍ନ କୁମାର ଜେନା ଯୋଗଦେଇ ଶାରଳା ମହାଭାରତର କଥା ଓ କାହାଣୀ ବିଶ୍ୱରେ ଅନନ୍ୟ ବୋଲି କହିଥିଲେ। ଏଥିରେ ବିଶିଷ୍ଟ ଅତିଥି ପ୍ରଫେସର ଡ. ନିମାଇଁ ଚରଣ ପରିଜା ଯୋଗଦେଇଥିଲେ। ସଭାପତି ସ୍ୱାଇଁ ବକ୍ତବ୍ୟରେ ସାରଳା ମହାଭାରତ ଆଞ୍ଚଳିକ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ମହାଭାରତ ବୋଲି କହିଥିଲେ। ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ତରୁଣ କୁମାର ସାହୁ, କୈଳାସ ଚନ୍ଦ୍ର ଦଳାଇ, ସଞ୍ଜୀତ୍ କୁମାର ପଟ୍ଟନାୟକ, ଗୋପୀନାଥ ପଣ୍ଡା, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରାକ୍ଟର ଚଢ଼ାଇ ଯୁବକଙ୍କୁ ହତ୍ୟା ଘଟଣା, ୩ କୋର୍ଟ ଚାଲାଣ

ଖୁଣ୍ଟୁଣୀ, ୧୬।୨(ସଚ୍ଚିଦାନନ୍ଦ ପଣ୍ଡା)







ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଗ୍ରାମରେ ଟ୍ରାକ୍ଟର ଚଢାଇ ଜଣେ ଯୁବକଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଧାକୃଷ୍ଣପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ନିରାକାର ସ୍ୱାଇଁ, ଅରବିନ୍ଦ ସ୍ୱାଇଁ ଓ ଶ୍ରୀନିବାସ ସ୍ୱାଇଁ। ଅପରପକ୍ଷରେ ଥାନାରେ ଅଟକ ଥିବା ଅନ୍ୟଜଣେ ଯୁବକଙ୍କୁ ଛାଡି ଦିଆଯାଇଥିବା ଏସ୍‌ଆଇ ବିକାଶ ସେଠୀ କହିଛନ୍ତି। ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୧୫ ଜଣଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଉତ୍ତେଜନା ହ୍ରାସ ନ ହେବା ଯାଏ ଗ୍ରାମରେ ଫୋର୍ସ ମୁତୟନ ରହିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନବେଳେ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ବୁଧବାର ସନ୍ଧ୍ୟାରେ ଏହା ଉଗ୍ରରୂପ ନେଇଥିଲେ। ଗ୍ରାମରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଉକ୍ତ ଗ୍ରାମର ସୁଶାନ୍ତ କୁମାର ରଣା ଏକ ମନ୍ଦିରରୁ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ସେମାନଙ୍କୁ ବୁଝାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଗୋଟିଏ ଗୋଷ୍ଠୀର ପ୍ରାୟ ୧୫ ଜଣ ଯୁବକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବାରୁ ନିରାକାର ତାଙ୍କ ଉପରେ ଟ୍ରାକ୍ଟର ଚଢାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତଙ୍କ ପୁଅ ରଞ୍ଜନ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୭/୨୪) ରୁଜୁ କରିଥିଲା। ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ୟକ୍ତ ଲୋକେ ଅଭିଯୁକ୍ତମାନଙ୍କର ୫ଟି ଗାଡ଼ି ପୋଡି ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ନାବାଳିକା ଗଣବଳାତ୍କାର ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା

କଟକ,୧୬।୨(କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ଅଧୀନ ନୂଆପଡ଼ା ବାଲିସାହି ଅଞ୍ଚଳରେ ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଶୁକ୍ରବାର ଏକ ମାମଲା ରୁଜୁ ହୋଇଛି। ପୀଡ଼ିତା ନାବାଳିକାଙ୍କ ବୟାନ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ସରସ୍ୱତୀ ପୂଜାରେ ନାବାଳିକା ଜଣଙ୍କ ଏକ ଦୋକାନକୁ ଯାଉଥିବାବେଳେ ସାଇକେଲରୁ ତଳେ ପଡ଼ି ଯାଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ୩ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ମେଡିକାଲ ନେବା ପାଇଁ କହି ଏକ ନିଛାଟିଆ ବଣକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ପ୍ରବଳ ରକ୍ତସ୍ରାବ ହେବାରୁ ପରିବାର ଲୋକେ ପଚାରିଥିଲେ। ତେଣୁ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିଥିଲେ। ପରେ ନାବାଳିକାଙ୍କୁ ଧରି ପରିବାର ଲୋକେ ମଧୁପାଟଣା ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏ ନେଇ ଦଫା ୩୭୬, ୩୪ ଏବଂ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୫୨/୨୪ ରୁଜୁ ହୋଇଛି। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ପୋଲିସ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଛି। ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ମାମଲାରେ ତଦନ୍ତ ଜାରି ରହିଛି। ପୀଡ଼ିତା ନାବାଳିକା ଓ ସାକ୍ଷୀମାନଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ପରେ ସତ୍ୟାସତ ସାମ୍ନାକୁ ଆସିବ। ଏତଲାରେ କୌଣସି ଅଭିଯୁକ୍ତଙ୍କ ନାଁ ଉଲ୍ଲେଖ କରାଯାଇନାହିଁ। ଅଭିଯୁକ୍ତଙ୍କ ବିଷୟରେ କିଛି ଜଣାପଡ଼ିବା ଦରକାର। ଘଟଣାର ପ୍ରମୁଖ ସାକ୍ଷୀମାନଙ୍କର ବୟାନ କୋର୍ଟରେ ରେକର୍ଡ କରାଯିବ। ପୀଡ଼ିତାଙ୍କ ମେଡିକାଲ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅପରପକ୍ଷରେ ଶିଶୁ ମଙ୍ଗଳ କମିଟି ସଦସ୍ୟା ଅନସୂୟା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, କାଉନ୍‌ସିଲର ଦେବସ୍ମିତା ନାୟକ ପ୍ରମୁଖ ପୀଡ଼ିତାଙ୍କୁ ହସ୍ପିଟାଲରେ ଭେଟିଛନ୍ତି। ଶିଶୁ ମଙ୍ଗଳ କମିଟି ପକ୍ଷରୁ ମଧୁପାଟଣା ପୋଲିସକୁ ପୀଡିତାଙ୍କ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜଣାଇବାକୁ କୁହାଯାଇଛି।

ଅପରପକ୍ଷରେ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ପକ୍ଷରୁ ଏନ୍‌ଏଚ୍‌ଆର୍‌ସିରେ ଏକ ମାମଲା(ନଂ.୨୫୮୨/୨୪) ରୁଜୁ ହୋଇଛି। ଏନ୍‌ଏଚ୍‌ଆର୍‌ସି ଏହି ମାମଲାରେ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ନାବାଳିକାଙ୍କୁ ଉଚ୍ଚସ୍ତରୀୟ ଚିକିତ୍ସା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏଥିସହ ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ମଧ୍ୟ ନିବେଦନ କରାଯାଇଛି।



କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଓ ଦେଶ ବିରୋଧୀ ନୀତି ବିରୋଧରେ ଗ୍ରାମୀଣ ଭାରତ ବନ୍ଦ ଡାକରା ନେଇ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।


କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଛାତ୍ରୀମାନେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି।

ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ | Bhubaneswar, Saturday, February 17/2024 | ପୃଷ୍ଠା-୧







# ‘ବିକାଶ ଆଜି ଓଡ଼ିଶାର ପରିଚୟ ହୋଇପାରିଛି’

## ପାରାଦୀପରେ ବୃହତ୍ ଷ୍ଟିଲ୍ କାରଖାନାର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ୧୩.୨ ମିଲିଅନ ଟନ୍ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ
- ବିନିଯୋଗ ହେବ ୬୫ ହଜାର କୋଟି ଟଙ୍କା
- ୩୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ

ଜଗତ୍‌ସିଂହପୁର, ୧୬।୨
(ପ୍ରମୋଦ କୁମାର ନାୟକ)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ପାରାଦୀପ ନିକଟ ଢିଙ୍କିଆରେ ୬୫ ହଜାର କୋଟି ଟଙ୍କା ବିନିମୟରେ ୧୩.୨ ଏମ୍‌ଟିପିଏ (ମିଲିଅନ ଟନ୍ ପର ଆନମ୍) ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ କାରଖାନା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ବୃହତ୍ ଇସ୍ପାତ କାରଖାନା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ପ୍ରତିଷ୍ଠା ହେଲେ ପ୍ରାୟ ୩୦ ହଜାର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ରିନ୍ୟୁ ଇ-ଫୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ୨୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ୧.୨୦ ଏମ୍‌ଟିପିଏ ଗ୍ରୀନ ଆମୋନିଆ କାରଖାନା ପ୍ରତିଷ୍ଠା ହେବ। ସିଲୋକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ମଧ୍ୟ ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ୨୫ ହଜାର ଏମ୍‌ଟିପିଏ ଅତ୍ୟାଧୁନିକ ରାସାୟନିକ କାରଖାନା କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରାଦୀପ ଆସିଲେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ କଥା ସ୍ମୃତି ପଟକୁ ଭାସି ଆସେ। ୧୯୬୦ ମସିହା ପ୍ରାରମ୍ଭରେ ବିଜୁବାବୁ ପାରାଦୀପ ବନ୍ଦର ସ୍ଥାପନ ନେଇ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଥିଲେ, ଯାହାକି ଓଡ଼ିଶା ବିକାଶରେ ମାଇଲ୍‌ଷ୍ଟୋନ ହୋଇ ରହିଛି। ଏହି ସ୍ଥାନ ପୂର୍ବ ଭାରତର ଏକ ପ୍ରମୁଖ ପୁଞ୍ଜି ନିବେଶସ୍ଥଳୀ ହୋଇପାରିଛି। ବନ୍ଦର ନଗରୀ ଭାବେ ପରିଚିତ ପାରାଦୀପର ସୁନାମ ବୃଦ୍ଧି ପାଇଚାଲିଛି। ଖୁସିର କଥା ହେଲା, ଜେଏସ୍‌ଡବ୍ଲ୍ୟୁର ମେଗା ଇସ୍ପାତ କାରଖାନା ସମେତ ଗ୍ରୀନ ଆମୋନିଆ ଓ ଅତ୍ୟାଧୁନିକ ରାସାୟନିକ କାରଖାନା ପାଇଁ ମଧ୍ୟ ଭିତ୍ତି ☞ପୃଷ୍ଠା-୪




ପାରାଦୀପ ନିକଟ ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ହେବାକୁ ଥିବା ବୃହତ୍ ଷ୍ଟିଲ୍ କାରଖାନାର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ପ୍ରଦାନ କରୁଛନ୍ତି ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଅଧ୍ୟକ୍ଷା ସଂଗୀତା ଜିନ୍ଦଲ। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ।

# ଜେଲରେ ପୁଟିନ୍ ବିରୋଧୀ ଏଲେକ୍ସିଙ୍କ ସନ୍ଦେହଜନକ ମୃତ୍ୟୁ

> “କ୍ରେମ୍‌ଲିନ ସମାଲୋଚକ ଏଲେକ୍ସି ନଭଲନିଙ୍କ ମୃତ୍ୟୁକୁ ନେଇ ମୁଁ ବିସ୍ମିତ ନୁହେଁ। ଏଲେକ୍ସି ପୁଟିନ୍ ସରକାରଙ୍କ ଦୁର୍ନୀତି, ହିଂସା ଏବଂ ସମସ୍ତ ପ୍ରକାର କୁକାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଥିଲେ। ତାଙ୍କ ମୃତ୍ୟୁ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦାୟୀ। ଏହି ରହସ୍ୟଜନକ ମୃତ୍ୟୁ ସମ୍ପର୍କରେ ହ୍ୱାଇଟ୍ ହାଉସ୍ ଅଧିକ ତଥ୍ୟ ସଂଗ୍ରହ କରୁଛି।
>
> - ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି



ଏଲେକ୍ସି ନଭଲନି

ମସ୍କୋ, ୧୬।୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ତଥା ବିରୋଧୀ ନେତା ଏଲେକ୍ସି ନଭଲନିଙ୍କର ଶୁକ୍ରବାର ଆର୍କଟିକ୍ ପ୍ରିଜନ୍ କଲୋନିରେ ମୃତ୍ୟୁ ଘଟିଛି। ୪୭ ବର୍ଷୀୟ ଆଲେକ୍ସି ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୟାମାଲୋ-ନେନେଟ୍ସ ଅଞ୍ଚଳର ଉକ୍ତ ଜେଲରେ ୧୯ ବର୍ଷ ପାଇଁ ଦଣ୍ଡ ଭୋଗୁଥିଲେ। ଏଲେକ୍ସିଙ୍କ ମୃତ୍ୟୁ ସମ୍ପର୍କରେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅବଗତ କରାଯାଇଥିବା ଜେଲ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷେ ଲଗାତର ଭାବେ ଜଣେ ପରେ ଜଣେ ପୁଟିନ୍ ସମାଲୋଚକଙ୍କ ☞ପୃଷ୍ଠା-୪

# ୪ ସପ୍ତାହ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତି ନିର୍ଦ୍ଦେଶ

## ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ମାମଲା

କଟକ, ୧୬।୨ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ସେଥିରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଗଣନା ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ନିଯୁକ୍ତି ୪ ସପ୍ତାହ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ



ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ ଅଥବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଟିର ଅଧ୍ୟକ୍ଷ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଥିବା ନେଇ ଶୁକ୍ରବାର ଶୁଣାଣିବେଳେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ☞ପୃଷ୍ଠା-୪

# ପ୍ରଫୁଲ୍ଲଙ୍କ ପୁଅଙ୍କ ଘରୁ ୧୦ ଲକ୍ଷ ଟଙ୍କା, କାର୍ ଜବତ

## ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା

ଭୁବନେଶ୍ୱର, ୧୬।୨ (ସତ୍ୟଜିତ୍ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଦୁର୍ନୀତି ମାମଲାରେ ହେଉଥିବା ଏହି ଯାଞ୍ଚରେ ଇଡି ଟିମ୍ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଦାମୀ କାର୍ ଜବତ କରିଥିବା ଜଣାପଡିଛି। ତେବେ ଯାଞ୍ଚ ଜାରି ରହିଥିବାରୁ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। କିଛିଦିନ ମଧ୍ୟରେ ଏନେଇ ପ୍ରେସ ବିଜ୍ଞପ୍ତି ☞ପୃଷ୍ଠା-୪

# ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ

ଭଦ୍ରକ, ୧୬।୨ (ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବାସଭବନ, ବରପଦା ଇଞ୍ଜିନିୟରିଂ କଲେଜ ସମେତ ୧୦ ଜାଗାରେ ଗୁରୁବାର ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଶୁକ୍ରବାର ବରପଦା ଇଞ୍ଜିନିୟରିଂ କଲେଜ ଫାଟକ ଆଗରେ ବିଧାୟକ ସାମଲ ଓ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଲେଜର କେତେଜଣ କର୍ମଚାରୀ ବକେୟା ଦରମା ନ ପାଇ ପୂର୍ବରୁ କଲେଜ ସାମ୍ନାରେ ଧାରଣା ଦେଇଥିଲେ। ଇଡି ଚଢ଼ାଉ ପରେ ଅବସରପ୍ରାପ୍ତ କର୍ମଚାରୀ ☞ପୃଷ୍ଠା-୪

# କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କଲା ଆଇଟି ବିଭାଗ

## ଅପିଲ୍ ପରେ ଆକାଉଣ୍ଟ ସଚଳ ହେଲା

ନୂଆଦିଲ୍ଲୀ, ୧୬।୨

ଲୋକ ସଭା ନିର୍ବାଚନକୁ ୨ ମାସ ବାକି ଥିବାବେଳେ କଂଗ୍ରେସର ମୁଖ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ୨୧୦ କୋଟି ଟଙ୍କାର ଆୟକର (ଆଇଟି) ରିଟର୍ନ ନ ଭରିବା ଅଭିଯୋଗରେ ଶୁକ୍ରବାର ଫ୍ରିଜ୍ କରାଯାଇଥିଲା। କିନ୍ତୁ କଂଗ୍ରେସ ଏହାକୁ ଏକ ଆୟକର ଅପିଲେଟ୍ ଟ୍ରିବ୍ୟୁନାଲ (ଆଇଟିଏଟି)ରେ ଚ୍ୟାଲେଞ୍ଜ କରିବା ପରେ ଆକାଉଣ୍ଟଗୁଡ଼ିକୁ ସଚଳ କରାଯାଇଛି। ଆସନ୍ତା ସପ୍ତାହରେ ଏହି ପ୍ରସଙ୍ଗରେ ଟ୍ରିବ୍ୟୁନାଲରେ ଶୁଣାଣି ହେବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଦଳର ଅନେକ ନେତା କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନକୁ ଗଣତନ୍ତ୍ର ପ୍ରତି ଉପହାସ ବୋଲି ସମାଲୋଚନା କରିଛନ୍ତି।

କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ୨୦୧୮-୧୯ ଆର୍ଥିକ ବର୍ଷରେ ଆୟକର ନ ଦେବା ଅଭିଯୋଗରେ ୨୧୦ କୋଟି ଟଙ୍କାର ଡିମାଣ୍ଡ ରିକଭରି ନୋଟିସ ଦଳକୁ ଦିଆଯାଇଥିଲା। ସେହି ବର୍ଷର ଆୟକର କିଛିଦିନ ବିଳମ୍ବରେ ଦିଆଯାଇଥିଲା। ବିଧାୟକ ଏବଂ ଏମ୍‌ପିମାନେ ନିଜ ଦରମାରୁ ୧୪.୪ ଲକ୍ଷ ଟଙ୍କା ଦାନ କରିଥିଲେ। ଏହାର ରସିଦରେ ବ୍ୟତିକ୍ରମ ଥିବାରୁ ଆଇଟି ବିଭାଗ କଂଗ୍ରେସ ଓ ଯୁବ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିଦେଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କଂଗ୍ରେସକୁ ରାଜନୈତିକ ଭାବେ ନିଷ୍କ୍ରିୟ କରିଦେବା ପାଇଁ କେନ୍ଦ୍ର ସରକାରଙ୍କ ଚାପରେ ପଡ଼ି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେ ସମାଲୋଚନା କରିଥିଲେ। ଏଥିସହ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟିହୋଇଥିବା ମାକେନ କହିଥିଲେ। ତେବେ ଏହି ପଦକ୍ଷେପକୁ ଆଇଟି ଅପିଲେଟ୍ ଅଥରିଟିଙ୍କ ନିକଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ କର୍ତ୍ତୃପକ୍ଷ ପରେ ଏହାକୁ ସଚଳ କରିଦେଇଛନ୍ତି। ଟ୍ରିବ୍ୟୁନାଲ କର୍ତ୍ତୃପକ୍ଷ ୧୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ପାଇଁ ଦଳକୁ ଅନୁମତି ଦେଇଛନ୍ତି। ଆଇଟି ବିଭାଗ ବିରୋଧରେ ଟ୍ରିବ୍ୟୁନାଲରେ ମାମଲା ପରିଚାଳନା କରୁଥିବା କଂଗ୍ରେସ ନେତା ବିବେକ ତନଖା ଯୁକ୍ତି ବାଢ଼ିଥିଲେ, ଆକାଉଣ୍ଟଗୁଡ଼ିକୁ ଅଚଳ କରାଗଲେ ଦଳ ନିର୍ବାଚନୀ ପର୍ବରେ ଭାଗ ନେଇପାରିବ ନାହିଁ। ଏହା ଶୁଣିବା ପରେ ଟ୍ରିବ୍ୟୁନାଲ ଆକାଉଣ୍ଟ ସଚଳ ପାଇଁ ଅନୁମତି ଦେଇଛନ୍ତି। ଟ୍ରିବ୍ୟୁନାଲ ଆସନ୍ତା ବୁଧବାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏନେଇ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ମାଇକ୍ରୋବ୍ଲଗିଂ ସାଇଟ୍ ☞ପୃଷ୍ଠା-୪




## କ୍ୟାବିନେଟ ନିଷ୍ପତ୍ତି

# ନୂଆ-ଓ ଛାତ୍ରବୃତ୍ତିକୁ ମଞ୍ଜୁରୀ

- ଜିଲା ସଂସ୍କୃତି ଅଧିକାରୀ କ୍ୟାଡର୍ ପୁନର୍ଗଠନ
- ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଯୋଜନାକୁ ଅନୁମୋଦନ

ଭୁବନେଶ୍ୱର,୧୬।୨(ଅନିଲ ଦାସ)



'ନୂଆ-ଓ' ଛାତ୍ରବୃତ୍ତିକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏଥିରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟର ସମସ୍ତ ସରକାରୀ କଲେଜ, ବିଶ୍ୱବିଦ୍ୟାଳୟ, ଅନୁଦାନପ୍ରାପ୍ତ କଲେଜ ଏବଂ ବିଶେଷକରି ସାମ୍ସ ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ କଲେଜଗୁଡ଼ିକ ଏହି ଯୋଜନାରେ ଉପକୃତ ହେବେ। ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରମାନେ ନୂଅ-ଓ ଛାତ୍ରବୃତ୍ତି ପରିସରଭୁକ୍ତ ହେବେ। ଛାତ୍ରୀମାନଙ୍କୁ ବାର୍ଷିକ ୧୦ ହଜାର, ଛାତ୍ରମାନଙ୍କୁ ୯ ହଜାର, ଏସ୍‌ସି,ଏସ୍‌ଟି ତଥା ନିର୍ମାଣ ଶ୍ରମିକଙ୍କ ଝିଅଙ୍କୁ ୧୧ ହଜାର ଏବଂ ପୁଅଙ୍କୁ ୧୦ ହଜାର ଟଙ୍କା ଛାତ୍ରବୃତ୍ତି ଯୋଗାଇ ଦିଆଯିବ। ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଉଥିବା ଛାତ୍ରୀଛାତ୍ର ଏବଂ ନିର୍ମାଣ ଶ୍ରମିକଙ୍କ ଝିଅପୁଅ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ। ତେବେ କାଳିଆ ବୃତ୍ତି ପାଉଥିବା କିମ୍ବା ଯେଉଁ ପିଲାମାନଙ୍କର ମା'ବାପା ଆୟକର ପରିସରଭୁକ୍ତ ଥିବେ, ସରକାରୀ ଚାକିରିରେ ଥିବେ ସେମାନେ ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏଥିସହିତ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ରାଜ୍ୟ ସରକାର ଜିଲା ସଂସ୍କୃତି ଅଧିକାରୀ କ୍ୟାଡର୍ ପୁନର୍ଗଠନ କରିଛନ୍ତି। ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ନାମରେ ଏକ ନୂତନ କ୍ୟାଡର୍ ଗଠନ କରାଯାଇଛି। କ୍ୟାଡର୍ ପୁନର୍ଗଠନ ପରେ ସଂସ୍କୃତି ଉନ୍ନୟନ ଅଧିକାରୀ, ସହ ନିର୍ଦ୍ଦେଶକ, ସଂସ୍କୃତି ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏଥିପାଇଁ ବାର୍ଷିକ ୨.୧୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯିବ। ଓଡ଼ିଆ ଭଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

# ଏସ୍‌ଏନ୍‌ସିୟୁରୁ ନବଜାତ ଶିଶୁ ଚୋରି

## ୧୨ ଘଣ୍ଟା ପରେ ବୌଦ୍ଧରୁ ଉଦ୍ଧାର

ବଲାଙ୍ଗୀର, ୧୬।୨ (ବୀରେନ୍ଦ୍ର କୁମାର ଝାଙ୍କର)

### ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରସ୍ଥ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୋଠାର ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍(ଏସ୍‌ଏନ୍‌ସିୟୁ)ରୁ ଶୁକ୍ରବାର ସକାଳେ ଜଣେ ନବଜାତ ଶିଶୁପୁତ୍ର ଚୋରି ହୋଇଯାଇଥିଲା। ଏ ନେଇ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦୋଷାରୋପ କରିଥିଲେ। ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଏମ୍‌ସିଏଚ୍ କୋଠା ସମ୍ମୁଖରେ ଧାରଣାରେ ବସି ତୁରନ୍ତ ଶିଶୁପୁତ୍ର ଫେରାଇବା ଦାବି କରିଥିଲେ। ଏହାପରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମାନସୀ ପଣ୍ଡା ଟାଉନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଟିମ୍ ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ସାହାଜପିଟା ଗାଁରୁ ସମ୍ପୃକ୍ତ ଶିଶୁପୁତ୍ରକୁ ଉଦ୍ଧାରକରି ରାତି ୯ଟାରେ ଭୀମଭୋଇ ମେଡିକାଲ କଲେଜକୁ ଫେରାଇଛି। ହସ୍ପିଟାଲ ଅଧୀକ୍ଷକ ଡା. ପଣ୍ଡା ଏବଂ ଜିଲା ପୋଲିସ ଟିମ୍ ଶିଶୁପୁତ୍ର କିଭଳି ଚୋରିହେଲା ଏବଂ କିଭଳି ଫେରିଲା ସେନେଇ ଗଣମାଧ୍ୟମକୁ କିଛି ବି ତଥ୍ୟ ଦେଇନାହାନ୍ତି। ତେବେ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା କଣ୍ଟାମାଳ ଥାନା ବୁଡିପଦର ଗାଁର ସୁଶୀଳ ସ୍ୱାଇଁଙ୍କ ସ୍ତ୍ରୀ ଝୁମ୍‌କି ଶୁକ୍ରବାର ସକାଳ ପ୍ରାୟ ୭ଟାରେ ହସ୍ପିଟାଲ ଏମ୍‌ସିଏଚ୍ କୋଠାରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଜନ୍ମବେଳେ ଶିଶୁର ଓଜନ କମ୍ ଥିବାରୁ ତାଙ୍କୁ ଏସ୍‌ଏନ୍‌ସିୟୁକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାରର ଜଣେ ମହିଳା ଶିଶୁକୁ ଏସ୍‌ଏନ୍‌ସିୟୁରେ ନେଇ ଭର୍ତ୍ତି କରିଥିଲେ। ତେବେ ଦିନ ପ୍ରାୟ ୧୨ଟା ବେଳେ ଶିଶୁଟି ସେଠାରୁ କୁଆଡ଼େ ନିଖୋଜ ହୋଇଯାଇଥିବା ଜଣାପଡ଼ିଥିଲା। ପରିବାର ଲୋକେ ଏ ନେଇ ପ୍ରଶ୍ନ କରିବାରୁ ଜଣେ ମହିଳା ଓ ଜଣେ ଯୁବକ ସେଠାରୁ ଶିଶୁପୁତ୍ରକୁ ନେଇଯାଇଥିବା ନର୍ସ ଜଣକ କହିଥିଲେ। ତେବେ ଅଜଣା ଲୋକଙ୍କୁ କିଭଳି ପିଲାକୁ ଦିଆଗଲା ସେନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିଛି କହି ନ ଥିଲେ। ପୋଲିସ ତଦନ୍ତରୁ ଜଣେ ଯୁବକ ଓ ଜଣେ ମହିଳା ସମ୍ପୃକ୍ତ ଶିଶୁପୁତ୍ରକୁ ହସ୍ପିଟାଲରୁ ନେଇକରି ଯାଉଥିବା ସିସିଟିଭି ଯାଞ୍ଚରୁ ଜଣାପଡ଼ିଥିଲା। ତଦନ୍ତରୁ ସେମାନେ ସ୍ୱାମୀସ୍ତ୍ରୀ ବୋଲି ଜଣାପଡ଼ିଛି। ଉକ୍ତ ମହିଳା ଶୁକ୍ରବାର ଭୀମଭୋଇ ମେଡିକାଲ କଲେଜରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଶିଶୁକନ୍ୟାକୁ ନ ନେଇ ଶିଶୁପୁତ୍ରକୁ ଚୋରିକରି ନେଇଯାଇଥିବା ହସ୍ପିଟାଲ ଅକ୍ଷୀଧକ ପଣ୍ଡା ସୂଚନା ଦେଇଛନ୍ତି।



ଏମ୍‌ସିଏଚ୍ କୋଠା ସମ୍ମୁଖରେ ପରିବାର ସଦସ୍ୟଙ୍କ ସହ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଧାରଣାରେ ବସିଛନ୍ତି।

# ଓଡ଼ିଶା ସରକାରୀ ପଲିଟେକ୍ନିକ ଶିକ୍ଷକ ସେବାରୁଲ୍ସ ୨୦୨୪କୁ ଅନୁମୋଦନ

ଭୁବନେଶ୍ୱର,୧୬।୨(ଅନିଲ ଦାସ)

- ଆଇଆଇଟି ପ୍ରଶିକ୍ଷକ ସଂଖ୍ୟା ୧୮୩୫, ପଲିଟେକ୍ନିକ ଶିକ୍ଷକ ସଂଖ୍ୟା ୧୦୬୬କୁ ବଢ଼ିଲା
- କୁଲତା ସମାଜ ଧର୍ମଶାଳାକୁ ଜମି ପ୍ରିମିୟମ ଛାଡ଼

ରାଜ୍ୟ କ୍ୟାବିନେଟରେ ଓଡ଼ିଶା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ସେବା ନିୟମାବଳୀ-୧୯୮୫ର ପୁନର୍ଗଠନ କରାଯାଇଛି। ଏହାର ପୁନର୍ଗଠନ ପରେ ଦୁଇଟି କ୍ୟାଡର୍ ରୁଲସ୍ ପ୍ରଚଳନ କରାଯାଇଛି। ତାହା ହେଲା ଓଡ଼ିଶା ସରକାରୀ ପଲିଟେକ୍ନିକ ଶିକ୍ଷକ ସେବା( ନିଯୁକ୍ତି ପ୍ରକ୍ରିୟା ଓ ସେବା ନିୟମ) ରୁଲ୍ସ ୨୦୨୪ ଏବଂ ଓଡ଼ିଶା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସେବା( ନିଯୁକ୍ତି ପ୍ରକ୍ରିୟା ଓ ସେବା ନିୟମ)-୨୦୨୪। ଏହାଦ୍ୱାରା ଆଇଆଇଟି ପ୍ରଶିକ୍ଷକ ସଂଖ୍ୟା ୧୫୩୫ରୁ ୧୮୩୫କୁ ବୃଦ୍ଧି ପାଇଛି। ଏଥିସହିତ ଏଟିଓଠାରୁ ଯୁଗ୍ମ ନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦୋନ୍ନତି ବ୍ୟବସ୍ଥା ହୋଇଛି। ସେହିପରି ପଲିଟେକ୍ନିକ ଶିକ୍ଷକ ସଂଖ୍ୟା ୮୭୯ରୁ ୧୦୬୬କୁ ବୃଦ୍ଧି କରାଯାଇଛି। ଏଥିରେ ଅଧ୍ୟାପକଠାରୁ ଅତିରିକ୍ତ ନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦୋନ୍ନତି ବ୍ୟବସ୍ଥା କରାଯାଇଛି। ଇଲେକ୍ଟ୍ରୋନିକ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

ସେହିପରି ରାଜ୍ୟ ସରକାରପୁରୀ ତହସିଲ ଅନ୍ତର୍ଗତ ପୁରୀ ସହରର ୟୁନିଟ-୩୪ ବାଲୁଖଣ୍ଡ ମୌଜାରେ ଓଡ଼ିଶା କୁଲତା ସମାଜର ଧର୍ମଶାଳା ନିର୍ମାଣ ପାଇଁ ୧ ଏକର ସରକାରୀ ଜମି ଯୋଗାଇ ଦେଇଛନ୍ତି। ଏହାର ପ୍ରିମିୟମ ଛାଡ଼ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଏଥିନିମନ୍ତେ କୁଲତା ସମାଜକୁ ଭୂରାଜସ୍ୱର ଓ ସେସ୍ ବାବଦରେ ବାର୍ଷିକ ୧୭୫ ଟଙ୍କା ଦେୟ ଦେବାକୁ ହେବ।

# ୭୩ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ ନିୟମିତ ହେବେ

ଭୁବନେଶ୍ୱର,୧୬।୨(ଅନିଲ ଦାସ)

### ପରମ୍ପରାଗତ କୀର୍ତ୍ତିରାଜି, ପର୍ଯ୍ୟଟନ ସ୍ଥଳୀ ସମନ୍ୱିତ ଉନ୍ନୟନ ଯୋଜନାକୁ କ୍ୟାବିନେଟ ମୋହର

ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ୧୬ ବର୍ଷ ଧରି କେତେଜଣ ବହୁ ଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ କାର୍ଯ୍ୟକରି ଆସୁଛନ୍ତି। ସେମାନେ ପ୍ରାଥମିକ ସ୍କୁଲରେ ପାଠପଢୁଥିବା ଜନଜାତି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେଉଛନ୍ତି। ସେହି ସ୍ୱେଚ୍ଛାସେବୀମାନଙ୍କୁ ନିୟମିତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗରେ କାର୍ଯ୍ୟରତ ୭୩ ଜଣ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ ନିୟମିତ ହେବେ। ଆଗାମୀ ୩ ବର୍ଷ ମଧ୍ୟରେ ସ୍ୱେଚ୍ଛାସେବୀମାନେ ଯୁକ୍ତ୨ ସମ୍ପେଟିଭ ଏବଂ ଓଟିଇଟି ଯୋଗ୍ୟତା ହାସଲ ପରେ ସେମାନଙ୍କର ବୟସ ଯଦି ୬୦ ବର୍ଷ ଭିତରେ ହୋଇଥିବ ତେବେ ସେମାନଙ୍କୁ ନିୟମିତ କରାଯିବ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଓଡ଼ିଶା ସରକାର ୨୦୨୧-୨୨ରେ ପରମ୍ପରାଗତ କୀର୍ତ୍ତିରାଜି ଓ ପର୍ଯ୍ୟଟନ ସ୍ଥଳୀ ସମନ୍ୱିତ ଉନ୍ନୟନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ପରମ୍ପରାଗତ କୀର୍ତ୍ତିରାଜ ଓ ମନ୍ଦିରଗୁଡ଼ିକର ସଂରକ୍ଷଣ ଏବଂ ପୁନର୍ଜୀବିତ କରିବା ସହ ଓଡ଼ିଶାର ଅନ୍ୟାନ୍ୟ ଚରିତ୍ରକୁ ପ୍ରତିଫଳିତ କରିବା। ଏହି ଯୋଜନା ଅଧୀନରେ ୧୫୯ଟି ପ୍ରକଳ୍ପ ହାତକୁ ନିଆଯାଇଛି; ଯାହାର ଆନୁମାନିକ ମୂଲ୍ୟ ୧୪୧୨.୭୯ କୋଟି ଟଙ୍କା। ଏହି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# 'ସରକାରୀ କର୍ମଚାରୀ ଯେପରି ବିଜେଡିର ପ୍ରଚାର ନ କରନ୍ତି'

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

### ମୁଖ୍ୟ ନିର୍ବାଚନ କମିଶନଙ୍କୁ ଦାବିପତ୍ର ଦେଲା ଭାଜପା ପ୍ରତିନିଧି ମଣ୍ଡଳୀ

ବିଜେଡି ସରକାର ନିର୍ବାଚନ ସମୟରେ ସରକାରୀ କର୍ମଚାରୀଙ୍କୁ ନିଜ ଦଳର ପ୍ରଚାର ପାଇଁ ବ୍ୟବହାର କରୁଛନ୍ତି। ଏହାସହ ଜନତାଙ୍କୁ ଟଙ୍କା ବାଣ୍ଟି ନିର୍ବାଚନ ଆଇନର ଉଲ୍ଲଂଘନ ହେଉଛି। ୨୦୧୯ ନିର୍ବାଚନ ସମୟରେ ବିଭିନ୍ନ ସରକାରୀ କର୍ମଚାରୀ ବିଜେଡି ପାଇଁ ପ୍ରଚାର ସହ ଟଙ୍କା ବାଣ୍ଟିବା ଭଳି କାମ କରୁଥିବା ଖବର ଆସିଥିଲା। ଏପରି କି ଧାମନଗର, ପଦ୍ମପୁର, ଝାରସୁଗୁଡ଼ା ଭଳି ନିର୍ବାଚନମଣ୍ଡଳୀ ଉପନିର୍ବାଚନରେ ସରକାରୀ କର୍ମଚାରୀ ବିଜେଡି ପାଇଁ କାମ କରୁଥିବାବେଳେ ସାଧାରଣ ଲୋକ ଧରିଥିଲେ। ଜିଲା ପ୍ରଶାସନ, ଜିଲା ପୋଲିସର ନିରପେକ୍ଷତା ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଥିଲା। ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାଜ୍ୟରେ ସରକାରୀ କର୍ମଚାରୀମାନେ ନିର୍ବାଚନ ନିୟମ ଉଲ୍ଲଂଘନ କରିବା ସହ କିଭଳି ବିଜେଡି କର୍ମୀ ଭଳି ପ୍ରଚାର ନ କରିବେ ସେନେଇ ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ଗୋ ଫାଷ୍ଟ ଏୟାରଲାଇନ୍ସ ପାଇଁ ବିଡ୍ ଦାଖଲକଲା ସ୍ୱାଇସ୍‌ଜେଟ୍

ନୂଆଦିଲ୍ଲୀ, ୧୬।୨

ଆର୍ଥିକ ସଂକଟରେ ଫସି ରହିଥିବା ଗୋ ଫାଷ୍ଟ ଏୟାରଲାଇନ୍ସର ବିମାନ ଉଡ଼ାଣ ଗତ ବର୍ଷ ମେ ୩ରୁ ବନ୍ଦ ଥିବାବେଳେ ଏହାର ଅଧିଗ୍ରହଣ ପାଇଁ ଉଦ୍ୟମ ଚାଲିଛି। ସ୍ୱାଇସ ଜେଟ୍ ଅଧ୍ୟକ୍ଷ ଅଜୟ ସିଂ ଶୁକ୍ରବାର ଏନେଇ ବିଡ୍ ଦାଖଲ କରିଛନ୍ତି। ଅଜୟ ବିଜି ବେ' ଏୟାରୱେଜ୍ ସହ ମିଳିତ ଭାବେ ବିଡ୍ ଦାଖଲ କରିଥିବା ସ୍ୱାଇସ୍‌ଜେଟ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆଗାମୀ ଦିନରେ ଗୋ ଫାଷ୍ଟ ଏୟାରଲାଇନ୍ସର ଅପାର ସମ୍ଭାବନା ରହିଥିବା କହିବା ସହ ସ୍ୱାଇସ ଜେଟ୍ ଦ୍ୱାରା ସମନ୍ୱୟ ରଖି କାର୍ଯ୍ୟ କଲେ ଏହା ପୁନଃ ସ୍ଥାପିତ ହୋଇପାରିବ ବୋଲି ଅଜୟ ମତ ରଖିଛନ୍ତି। ଅପରେଟିଂ ପାର୍ଟନର ହିସାବରେ ନୂଆ ଏୟାରଲାଇନ୍ସ ପାଇଁ ଜରୁରୀ କର୍ମଚାରୀ, ସେବା ଓ ଶିଳ୍ପ ଦକ୍ଷତା ଆଦି ସ୍ୱାଇସଜେଟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।


## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା

ସା/ପୋଷ୍ଟ/ଜିଲ୍ଲା-ଖୋର୍ଦ୍ଧା-୭୫୨୦୫୫, ଫୋନ ନଂ.୦୬୭୫୫-୨୨୩୫୨୫

ସଂଖ୍ୟା ୫୭୫, ତାରିଖ ୧୬.୦୨.୨୦୨୪

**ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି**

No.n-304:ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିଚାଳିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟମାନଙ୍କରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ, ଅର୍ଦ୍ଧ ବାର୍ଷିକ ଚୁକ୍ତିଭିତ୍ତିକ ଏବଂ ଚୁକ୍ତି ଅବଧି ଅନ୍ତେ ସନ୍ତୋଷଜନକ କାର୍ଯ୍ୟସମ୍ପାଦନା ଭିତ୍ତିରେ ପୁନଃ ନବୀକରଣ ଯୋଗ୍ୟ ଅଟେ । ଏ ସମସ୍ତ ପଦବୀ ପାଇଁ ସବୁ ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପଦବୀ | ଖାଲି ଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ପାର୍ଟ ଟାଇମ ଟିଚର-ବିଜ୍ଞାନ (ପୁରୁଷ/ମହିଳା) | ୩ | ୭,୫୦୦ ଟଙ୍କା (ତାଲିମ ପ୍ରାପ୍ତ) ୬,୫୦୦ ଟଙ୍କା (ଅଣତାଲିମ ପ୍ରାପ୍ତ) |
| ୨ | ପାର୍ଟ ଟାଇମ ଟିଚର- କଳା (ପୁରୁଷ/ମହିଳା) | ୨ | |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ୨ | ୧୩,୭୫୦ ଟଙ୍କା |
| ୪ | ମୁଖ୍ୟ ରୋଷେୟା (ପୁରୁଷ/ମହିଳା) | ୧ | ୯,୦୦୦ ଟଙ୍କା |
| ୫ | ସହକାରୀ ରୋଷେୟା (ପୁରୁଷ/ମହିଳା) | ୩ | ୬,୫୦୦ ଟଙ୍କା |
| ୬ | ପିଅନ ତଥା ଝାଡୁଦାର | ପୁରୁଷ-୩, ମହିଳା-୧ | ୭,୫୦୦ ଟଙ୍କା |
| ୭ | ରାତ୍ରି ଜଗୁଆଳି (ପୁରୁଷ) | ୨ | ୭,୫୦୦ ଟଙ୍କା |

ଆବେଦନ ପତ୍ରର ନମୁନା ସହ ଆବଶ୍ୟକୀୟ ଯୋଗ୍ୟତା ତଥା ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜିଲ୍ଲା ୱେବସାଇଟ www.khordha.nic.in ଓ OSEPA ୱେବସାଇଟ www.osepa.odisha.gov.in ରେ ଉପଲବ୍ଧ । ଯୋଗ୍ୟ ତଥା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କର ସମସ୍ତ ଶିକ୍ଷାଗତ/ତାଲିମ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କଶିଟ, ଅଭିଜ୍ଞତା, ଜନ୍ମ ତାରିଖ ଓ ଆବାସିକ ପ୍ରମାଣପତ୍ର ଆଦିର ସ୍ୱାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସପୋର୍ଟ ସାଇଜ କଳର ଫଟୋଗ୍ରାଫ ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର ତା.୧୧.୦୩.୨୦୨୪ ରିଖ ଦିବା ୧.୦୦ ଘଟିକା ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, ଖୋର୍ଦ୍ଧା, ସା/ପୋଷ୍ଟ/ଜିଲ୍ଲା-ଖୋର୍ଦ୍ଧା, ପିନ କୋଡ-୭୫୨୦୫୫ ଠିକଣାରେ କେବଳ ରେଜିଷ୍ଟ୍ରୀ ଡାକ/ସ୍ପିଡ ପୋଷ୍ଟ ଜରିଆରେ ପହଞ୍ଚିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀ ଏନଭଲପ ଉପରେ ସ୍ପଷ୍ଟ ଭାବରେ "ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି (ଆବେଦନ କରୁଥିବା ପଦବୀର ନାମ) ଉଲ୍ଲେଖ କରିବା ଜରୁରୀ । ଉଲ୍ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇ ନ ଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର କିମ୍ବା ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ବ୍ୟତୀତ ଅନ୍ୟାନ୍ୟ ଜରିଆରେ ଅବା ଅନ୍ତିମ ତାରିଖ/ସମୟ ପରେ ପହଞ୍ଚିଥିବା ଆବେଦନ ପତ୍ର ସମ୍ପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ । ଡାକ ଯୋଗେ ପହଞ୍ଚିବାରେ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଦାୟୀ ନୁହନ୍ତି । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ବା ଦାବି ଆଦୌ ଗ୍ରହଣୀୟ ହେବ ନାହିଁ । ବିନା କୌଣସି କାରଣ ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ବା ସମ୍ପୂର୍ଣ୍ଣ ଭାବରେ ରଦ୍ଦ କରିବା କିମ୍ବା ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ପରିବର୍ତ୍ତନ କରିବାର ଅଧିକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ । ପ୍ରକୃତ ନିୟୋଜନ ସମୟରେ ଖାଲିଥିବା ପଦବୀ ସଂଖ୍ୟା କମ ବା ବେଶୀ ହୋଇପାରେ ।

ଜିଲ୍ଲାପାଳ ତଥା ଅଧ୍ୟକ୍ଷଙ୍କ ଆଦେଶକ୍ରମେ

OIPR-27101/11/0006/2324

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ଖୋର୍ଦ୍ଧା

## ODISHA HYDRO POWER CORPORATION LTD.
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963

No.OHPC:TECH:C&P:29/2023-24/ 1880 Dated 13.02.2024

**NOTICE INVITING TENDER No.35/2023-24**

**No.CAD-4162:**Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed textile firms / suppliers fulfilling the eligibility criteria as per the terms & conditions for the work as mentioned below.

| Description of Services | Cost of Tender Paper (Non-refundable in Rs.) | EMD in Rs. |
|---|---|---|
| Supply of Uniform for the lady employees of OHPC | 2,360.00 (2,000.00+GST @18%) | 3,500.00 |

For details of the tender documents, terms & conditions please visit/refer our website www.ohpcltd.com from Dt.19.02.2024.

OIPR-04012/11/0033/2324 C & P Head

No. CAD-4143

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No. IDCO/H.O./P&C/EST/E-2585/01/2024/4899 Date: 12.02.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work** :- Construction of New Concrete Road and Drain for recently allotted Govt. Land to IDCO Ac.2.84 of land at I/E Mahisapat, Dhenkanal.
2. **Estimated Cost** :- Rs.30.30 lakh (Approx)
3. **Period of Completion** :- 01 (One) Calendar month.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-198/2023-24 | 22.02.2024 at 17.00 Hrs. | 11.03.2024 upto 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar

OIPR-14003/11/0401/2324

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୪୨ ତା:୧୨।୦୨।୨୦୨୪

**ବିଜ୍ଞାପନ**

No. CAD-4171: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.-ଏଫ୍.ଏଲ୍-୧୫୩ (FL-153), ବାସନ୍ତୀ କଲୋନୀ, ଫେଜ୍-୪, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ନୃସିଂହ ଚରଣ ନାୟକ, ପିତା- ଶ୍ୟାମ ସୁନ୍ଦର ନାୟକ, ଗ୍ରା- କାନନଗୋ ସାହି, ପୋ/ଥାନା- ନୂଆଗାଁ ହାଟ, ଜିଲ୍ଲା- ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ନୃସିଂହ ଚରଣ ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସବନମ ସିଂ, ସ୍ୱାମୀ- ଅଜୟ ସିଂ, ଗ୍ରା/ପୋ- ଚିକଟମାଟି, ଥାନା- ବ୍ରାହ୍ମଣୀତରଙ୍ଗ, ଜିଲ୍ଲା- ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0674/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL, PHULBANI

Tender No.1782/DWH/2024 Tender Call Notice Date 07.02.2024

**No.E-833:**Sealed tenders are invited from authorized firms for **Supply & Installation of Medical Equipments, Instruments, Furniture & other chemical & reagents to Kandhamal district.** The details are available in the district website: www.kandhamal.nic.in. The eligible bidders may submit their tender papers on or before **06.03.2024 by 05.00 PM** through Registered Post / Speed Post / Courier only to the undersigned. The **Technical Bid document will open on 13.03.2024 at 11.00 AM.** Who will qualify in the technical bid, their **Price Bid will be opened on 14.03.2024 at 11.00 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd./-Chief District Medical & PH Officer, Kandhamal

OIPR-10015/11/0025/2324

## O/O CHIEF DISTRICT MEDICAL & PUBLIC HEALTH OFFICER, BALASORE
e-mail-dpmubal@gmail.com

**No.E-844:**Sealed Tenders are invited by the CDM & PHO, Balasore from the established and reputed Suppliers/Agencies for the procurement of IT & Electronics Equipment under (5T) AMA Hospital Initiative. Accordingly intending bidders may send their completed bids in double cover system (Technical & Financial) superscribing the Tender Notification No.2339 and Date 15.02.2024 on the top of the Bid envelop addressing clearly to the CDM & PHO, Balasore, Pin: 756001. Bidders are advised to visit the District website www.baleswar.nic.in for detailed tender requirements. Last date for receipt of Tender is 01.03.2024 latest by 5.30 PM only through Speed Post/ Regd Post and the bids so received will be opened on 02.03.2024 at 11.30 AM in the official chamber of the CDM & PHO, Balasore. The bidders are advised to keep in touch with the district website for addendum or corrigendum if at all required till the last date of this notification. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

OIPR-10032/11/0021/2324 Sd./- CDM & PHO, Balasore

## GOVERNMENT OF ODISHA
No.A-

**e-Procurement Notice**

**Superintending Engineer, M.I. Division, Angul**

**Bid Identification No.- 16 OF 2023-24**

e-mail ID- eemidivision_angul@yahoo.com

Letter No. 388 Date: 12.02.2024

1. Number of Works : **8 (Eight) numbers of Civil works**
2. Approximate estimated cost : **Varies from Rs.4.69 lakh to 7.09 lakh**
3. Cost of Tender Paper : **Rs.2000/- & Rs.4000/- (Non-Refundable)**
4. Period of completion : **03 (Three) Calendar months**
5. Date & Time of availability of bid document in the portal : **Dt.17.02.2024 at 10.00 A.M. to Dt.25.02.2024 up to 5.00 P.M.**
6. Last date/Time for receipt of bid in the portal : **Dt.25.02.2024 upto 5.00 P.M.**
7. Date of opening of bid documents : **Dt.26.02.2024 at 11.00 A.M.**
8. Date of lottery if required : **Dt.28.02.2024 at 11.00 A.M.**
9. Name and address of the Office Inviting Bid : **Superintending Engineer, Minor Irrigation Division, Angul. At/P.O.: Hakimpada, College Square, District: Angul, PIN-759143, Ph. No.: 06764-236522 Email ID: eemidivision_angul@yahoo.com**
10. The bidders have to participate in **ONLINE** bidding only. Further details can be seen from the e-procurement portal http://tendersorissa.gov.in

Sd./- Superintending Engineer M.I. Division, Angul

OIPR-32284/11/0015/2324

## GOVERNMENT OF ODISHA
No.A-

DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER MINOR IRRIGATION DIVISION, KANDHAMAL**

**e-Procurement Notice**

**BID IDENTIFICATION NO-11/2023-24**

Letter No.440, Dt.13.2.2024

| | |
|---|---|
| Name of Work | Construction of Saraketa Check Dam over Local nalla near village Saraketa in Kudutuli GP of K.Nuagaon Block of Kandhamal District under MATY for 2023-24. |
| No Works | 01 (One) No. |
| Estimated Cost | Rs.48.82 Lakh Approximately |
| Tender Paper Cost | Rs.6000.00 (Non-Refundable) |
| Period of Completion | 90 (Ninety days) only. |
| Availability of Bid documents | From 10.00 AM of 17.02.2024 to 16.00 hrs. of 25.02.2024 in website (www.tendersodisha.gov.in) |
| Time of receipt of bid through online | From 10.00 AM of 17.02.2024 to 16.00 hrs. of 25.02.2024 through online |
| Date of Opening of bid documents | At 11.00 hrs of 26.02.2024 in the O/O S.E., M.I. Division, Kandhamal, Phulbani |
| Digital Signature Certificate | The bidder must possess compatible Digital Signature Certificate (DSC) of class II or class III. |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT: Superintending Engineer, M.I. Division, Kandhamal, Ph.No.06842-253634, Fax:06842-253816, E-mail:kmid-plb@gmail.com.

Further details can be seen from the e-Procurement market place, http//www.tendersodisha.gov.in.

Sd./- (Er. Sunil Kumar Tripathy) Superintending Engineer, M.I. Division, Kandhamal

OIPR-32487/11/0013/2324

## ZILLA PARISHAD, MAYURBHANJ
DEPARTMENT OF MISSION SHAKTI
GOVERNMENT OF ODISHA

Mission Shakti

**No.CAD-4137:**Sealed Quotations are invited from intending authorized suppliers/ firms/ agencies for supply of computational items, furniture items and RO water purifiers to Block Mission Shakti Bhawans of Mayurbhanj District under department of Mission Shakti, Govt of Odisha. The Quotation papers along with detailed specification of work shall be download from web site of Mayurbhanj District i.e www.mayurbhanj.nic.in.

The Tender Call Notice are as follows:-

I) Tender Call Notice No. 1242, Dt. 09.02.2024 for supply of furniture items.
II) Tender Call Notice No.1245, Dt.09.02.2024 for supply of computational items.
III) Tender Call Notice No.1248, Dt. 09.02.2024 for supply of RO water purifiers

**Last date of submission of bid document on 1st March-2024 at 5.00PM.**

Sd./- CDO-cum-EO ZP, Mayurbhanj

OIPR-19232/11/0015/2324

## Odisha State Museum
Kalpana Square, Bhubaneswar

TENDER CALL NOTICE NO.290/OSM Dated:13.02.2024

**No.RR-**Sealed Tenders in conformity with the terms, conditions and specifications in the tender documents are invited from reputed job workers/ Contractors/Agencies for the assignment the (civil work) of **Renovation of Parking Area of Odisha State Museum :**

**Renovation of Parking Area of Odisha State Museum**

1) Last date & Time of sale of Tender document- Dt. 20.02.2024 3.30 PM
2) Last date of receipt of Tender documents- Dt. 22.02.2024 12.30 PM
3) Date & time of opening of Technical Bids – Dt. 22.02.2024 3.30 P.M

**For details, please visit Govt. website www.tendersodisha.gov.in and Odisha State Museum website www.odishamuseum.nic.in**

(Bidders are requested to visit the website www.odishamuseum.nic.in regularly for any amendment, corrigendum/ cancellation of the tender)

Sd./- Superintendent of Museum, Odisha, Bhubaneswar

OIPR-03030/11/0003/2324

# ରାଜ୍ୟ ସରକାର-ଏମ୍ଏସ୍ସି(ଇଣ୍ଡିଆ) ମଧ୍ୟରେ ଚୁକ୍ତି ସ୍ୱାକ୍ଷର

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

## 'ଗୋଟିଏ ଭେସେଲ୍ସରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନି-ଆମଦାନୀ ହୋଇପାରିବ'



ପାରାଦୀପ ପୋର୍ଟ ଜରିଆରେ କାର୍ଗୋ ରପ୍ତାନି ଓ ଆମଦାନୀ ପାଇଁ ବିଶ୍ୱର ବୃହତ୍ତମ କଣ୍ଟେନର ଶିପିଂ କମ୍ପାନୀ ଏମ୍ଏସ୍ସି ସହ ଓଡ଼ିଶା ସରକାରଙ୍କ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ କମ୍ପାନୀ ଗୋଟିଏ ଭେସେଲ୍ସରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନି-ଆମଦାନୀ କରିପାରିବ। ବିଶେଷତଃ ନାଲ୍କୋ, ବେଦାନ୍ତ, ଜେଏସ୍ଡବ୍ଲ୍ୟୁ (ଜିନ୍ଦଲ ଷ୍ଟିଲ୍), କୋଇଲା, ଖଣିଜ ପଦାର୍ଥ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଧାତବ ପଦାର୍ଥ ସହ ଅନ୍ୟାନ୍ୟ କମ୍ପାନୀ, କୃଷି ଓ ଉଦ୍ୟାନ କୃଷି ଭିତ୍ତିକ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟ, ମସଲା ବିଦେଶକୁ ରପ୍ତାନି କରିବ। ସେହିପରି ବିଦେଶରୁ ମଧ୍ୟ ଆବଶ୍ୟକ ପଦାର୍ଥ ନିର୍ଦ୍ଦିଷ୍ଟ ଓଜନ ପରିମାଣରେ ଆମଦାନୀ କରାଯିବ। ଏହି ଅବସରରେ ଏକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ସଚିବ ଶାଶ୍ୱତ ମିଶ୍ର ଏବଂ ମେଡିଟେରିଆନ୍ ଶିପିଂ କମ୍ପାନୀ ଏମ୍ଏସ୍ସିର ଅଧ୍ୟକ୍ଷ କ୍ୟାପ୍ଟେନ୍ ଦୀପକ ତିୱାରୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ଦୀପକ ତିୱାରୀ କହିଛନ୍ତି, ଏହା ଭାରତର କୌଣସି ରାଜ୍ୟରେ ଏପରି ଏଗ୍ରିମେଣ୍ଟ ପୂର୍ବରୁ ହୋଇ ନ ଥିଲା। ଏହା ଓଡ଼ିଶାରେ ପ୍ରଥମ କରି ସମ୍ଭବ ହୋଇଛି। ଓଡ଼ିଶାର କାର୍ଗୋ ଓଡ଼ିଶା ବନ୍ଦର ମଧ୍ୟ ଦେଇ ରପ୍ତାନି ହେଉ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ଯଦିଓ ଭାଇଜାକ୍ ଓ ହଳଦିଆ ମଧ୍ୟ ଦେଇ ଓଡ଼ିଶାରେ ଦ୍ରବ୍ୟ ରପ୍ତାନି ହେଉଥିଲା, ବର୍ତ୍ତମାନ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର କିଛି ଅଂଶ ଓ ବାଂଲାଦେଶ ପାରାଦୀପ ପୋର୍ଟ ଜରିଆରେ ଆମଦାନୀ-ରପ୍ତାନି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ପାରାଦୀପ ପୋର୍ଟର ଉପାଧ୍ୟକ୍ଷ ନୀଳାମ୍ବର ଦାସଗୁପ୍ତା କହିଛନ୍ତି, ବହୁ ଶତାବ୍ଦୀ ପରେ ପୁଣି ସାମୁଦ୍ରିକ ବାଣିଜ୍ୟ ଆରମ୍ଭ ହେବାର ଏକ ନୂଆ ଯୁଗ ସୃଷ୍ଟି ହୋଇଛି। ପାରାଦୀପ ପୋର୍ଟରେ ଇକୋସିଷ୍ଟମ୍, ଆଧୁନିକ କଣ୍ଟେନର, ଆଧୁନିକ କାର୍ଗୋ କଣ୍ଟେନର ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟିକ ଅର୍ଥନୀତିକୁ ସୁଦୃଢ଼ କରିପାରିଛି। ମନ୍ତ୍ରୀ ଦେବ କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୧,୨୭,୦୦୦ କୋଟି ଟଙ୍କାର କାରବାର ହୋଇଥିଲା। ଏମ୍ଏସ୍ସି ପ୍ରାଇଭେଟ୍ ଲିମିଟେଡ୍ର ପାରାଦୀପ ପୋର୍ଟ ଜରିଆରେ ନିୟମିତ କଣ୍ଟେନର କାର୍ଗୋ ରପ୍ତାନି-ଆମଦାନୀ ଦ୍ୱାରା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଅର୍ଥନୀତିରେ ଅଭିବୃଦ୍ଧି ଘଟିବ ବୋଲି ସେ କହିଛନ୍ତି।

# ଠିକ୍ରେ ଚାଲୁନି ଓଏସ୍ଏସ୍ଏସ୍ସି ୱେବ୍ସାଇଟ୍

## ବାରମ୍ବାର ଆବେଦନ ଅବଧି ବୃଦ୍ଧି, ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ

ଭୁବନେଶ୍ୱର,୧୬।୨ (ଅସମାପିକା ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍ସି)ର ୱେବ୍ସାଇଟ୍ ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ କମ୍ବାଇନ୍ଡ ରିକ୍ରୁଟ୍ମେଣ୍ଟ ଏକ୍ଜାମ୍ର ଆବେଦନ ଅବଧି ବାରମ୍ବାର ବୃଦ୍ଧି କରାଯାଉଛି। ଦୁଇ ମାସ ହେଲାଣି ଆବେଦନ ପ୍ରକ୍ରିୟା ଜାରି ରହିଥିଲେ ମଧ୍ୟ ଆଶାୟୀମାନେ ଆବେଦନ କରିପାରୁନାହାନ୍ତି। ଶୁକ୍ରବାର ପୁଣି ଆବେଦନ ଅବଧିକୁ ମାସେ ବଢ଼ାଇଛି ଓଏସ୍ଏସ୍ଏସ୍ସି। ଅନ୍ୟପଟେ ଆବେଦନ ହୋଇପାରୁ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ଦୀର୍ଘଦିନରୁ ଆବେଦନ କରିବା ପାଇଁ ପ୍ରୟାସ କରୁଥିବା ଆଶାୟୀମାନେ ଆୟୋଗର ଏପରି ନୀତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଦୁଇମାସରୁ ଅଧିକ ହେଲାଣି ବୈଷୟିକ କାରଣ ଦର୍ଶାଇ ସାମୟିକ ଭାବେ ୱେବ୍ସାଇଟ୍କୁ ବନ୍ଦ କରି ଦିଆଯାଉଛି। ସକାଳ ୧୦ଟାରୁ ସନ୍ଧ୍ୟା ୬ ଯାଏ ଆବେଦନ ପ୍ରକ୍ରିୟା ବନ୍ଦ ରହୁଥିବା ୱେବ୍ସାଇଟ୍ରେ ଦର୍ଶାଯାଇଛି। ଅବଶିଷ୍ଟ ସମୟ ଅର୍ଥାତ୍ ସନ୍ଧ୍ୟା ୬ରୁ ସକାଳ ୧୦ଟା ପର୍ଯ୍ୟନ୍ତ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି। ହେଲେ ଏହି ସମୟ ମଧ୍ୟରେ ବି ୱେବ୍ସାଇଟ ଠିକ୍ ଭାବେ ଚାଲୁନାହିଁ। ନୂତନ ପଞ୍ଜୀକରଣ କରିବାକୁ କୌଣସି ଅପଶନ୍ ଆସୁନାହିଁ। ତେଣୁ ଆଶାୟୀଙ୍କ ସମୟ ନଷ୍ଟ ହେଉଛି। ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଏସ୍ଏସ୍ଏଫ୍ ପଦ ପାଇଁ ଆବେଦନ ପ୍ରକ୍ରିୟା ଡିସେମ୍ବର ୩୧ ତାରିଖରୁ ଆରମ୍ଭ ହୋଇଛି। ହେଲେ ୱେବ୍ସାଇଟ୍ ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ଆବେଦନ ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଫାର୍ମାସିଷ୍ଟ ଓ ମଲ୍ଟିପୁଲ୍ ହେଲ୍ଥ ୱାର୍କର ପଦ ପାଇଁ ଡିସେମ୍ବର ୨୨ରୁ ଆବେଦନ ଆରମ୍ଭ ହୋଇଥିବାବେଳେ ଏହାର ଅବଧିକୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ବଢ଼ାଯାଇଛି। ଏକାଧିକଥର ଆବେଦନ ଅବଧି ବଢ଼ାଯାଉଥିଲେ ମଧ୍ୟ କେବେ ୱେବ୍ସାଇଟ ସମ୍ପୂର୍ଣ୍ଣ ବା ଠିକ୍ ଭାବେ କାର୍ଯ୍ୟକ୍ଷମ ହେବ ସେନେଇ ଆୟୋଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେଣୁ ଏହି ସମୟ ମଧ୍ୟରେ ସମସ୍ୟାର ସମାଧାନ ହେବ ନା ଆୟୋଗ ପୁଣି ଆବେଦନ ଅବଧି ବୃଦ୍ଧି କରିବ ସେନେଇ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ସୋସିଆଲ ମିଡିଆ 'ଏକ୍ସ'ରେ ବହୁ ଆଶାୟୀ ପ୍ରତିକ୍ରିୟା ପ୍ରକାଶ କରି ୱେବ୍ସାଇଟକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବାକୁ ଦାବି କରୁଛନ୍ତି।

## ଯୁବକଙ୍କୁ ଦଳିଦେଲା ହାତୀ

ମୋରଡ଼ା,୧୬।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ କୁଆଳିଭଙ୍ଗା ପଞ୍ଚାୟତର କାଳିଆନାଳ ଗ୍ରାମରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁଇନ ଦେହୁରୀ।

ସୂଚନା ଅନୁଯାୟୀ, ପୁଇନ ତାଙ୍କ ପରିବାର ଲୋକଙ୍କ ସହିତ ଘରପାଖ ମମତା ଗୃହରେ ଶୋଇଥିବା ବେଳେ ରାତି ପ୍ରାୟ ୩ଟା ସମୟରେ ଦୁଇଟି ହାତୀ ପଶି ଭଙ୍ଗାରୁଜା କରିଥିଲେ। ଭୟରେ ପରିବାର ଲୋକଙ୍କ ସହ ପୁଇନ ଦୌଡ଼ି ପଳାଉଥିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସାଧାରଣ ପ୍ରଶାସନ ପକ୍ଷରୁ ମେଗା ବୃକ୍ଷରୋପଣ

ଭୁବନେଶ୍ୱର,୧୬।୨



ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବା ଜିଏପିଜିଡିସିଏସ୍ଏ ପକ୍ଷରୁ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଖଣ୍ଡଗିରିସ୍ଥିତ ଗଣ୍ଡମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ହିମାଂଶୁ ପଣ୍ଡା, ଅତିରିକ୍ତ ଶାସନ ସଚିବ ସାଗରିକା ହୋତା, ଦେବବ୍ରତ ମଲ୍ଲିକ, ଯୁଗ୍ମ ଶାସନ ସଚିବ ଗାୟତ୍ରୀ ଦେବୀ,ଇତିଶ୍ରୀ ରାଉତଙ୍କ ସମେତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ ସହ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଓ ବିଭାଗୀୟ କର୍ମଚାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ପରିବେଶ ସୁରକ୍ଷାର ସମସ୍ତ ଦିଗ ଉପରେ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂସଦର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ପଣ୍ଡା, ସମ୍ପାଦକ ଅମିୟ କୁମାର ଦାସ,କୋଷାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ସମୀକ୍ଷକ କାହ୍ନୁ ଚରଣ ଦାସଙ୍କ ସମେତ ସଂସଦର ସଦସ୍ୟ ମାନସ ବେହେରା, ତୃପ୍ତି ତନୟା ଷଡ଼ଙ୍ଗୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାରୁ...

## 'ବିକାଶ ଆଜି...

ଦିଆଯାଇଛି। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ପାଇଁ ଜିନ୍ଦଲ ଗ୍ରୁପର ସହଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଦେଶର ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ କରିବା ପାଇଁ ଜିନ୍ଦଲ ଗ୍ରୁପର ମହତ୍ତ୍ୱପୂର୍ଣ୍ଣ ସହଭାଗିତା ରହିବା ଆଶା କରାଯାଉଛି। ଜେଏସ୍ଡବ୍ଲ୍ୟୁ ସମେତ ଅନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ଓଡ଼ିଶାରେ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆଣିଛନ୍ତି। ବଡ଼ କଥା ହେଲା, ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି, ବିକାଶ ଆଜି ଓଡ଼ିଶାର ପରିଚୟ ହୋଇପାରିଛି। ଶିଳ୍ପ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ ହୋଇଛି। ସାଧାରଣ ଲୋକ, ଚାଷୀ, ମା' ଓ ଯୁବଗୋଷ୍ଠୀ ବିକାଶର କର୍ଣ୍ଣଧାର ହୋଇଛନ୍ତି। ଶିଳ୍ପ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ସବୁ ପରିବାର ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ସବରେ ଜେଏସ୍ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଅତିଥିଭାବେ ଯୋଗଦେଇ କହିଛନ୍ତି, ଦୀର୍ଘ ବର୍ଷ ପୂର୍ବେ ବିଜୁ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ପ୍ରକୃତରେ ଏହା ଥିଲା ତାଙ୍କ ସ୍ୱପ୍ନ, ଯାହା ତାଙ୍କ ସୁପୁତ୍ରଙ୍କ ଦ୍ୱାରା ପୂରଣ ହେବାକୁ ଯାଉଛି। ଏହା ଦେଖି ସେ ଖୁସି ଅନୁଭବ କରୁଥିବେ। ନବୀନଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶ କ୍ରିୟାଶୀଳ ହେଉଛି। ଆଉ ଓଡ଼ିଶା ହେଉଛି ଜେଏସ୍ଡବ୍ଲ୍ୟୁ ପାଇଁ ପ୍ରମୁଖ ନିବେଶସ୍ଥଳୀ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଆମେ ସବୁବେଳେ ସହଯୋଗ କରିବୁ। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ରୋଜଗାର ଦେବା ପ୍ରାଥମିକତା ରହିବ ବୋଲି ଜିନ୍ଦଲ କହିଛନ୍ତି।

ପ୍ରାରମ୍ଭରେ ବାଲିକୁଦା-ଏରସମା ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତ୍ସିଂହପୁର ଏମ୍ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଯୋଗଦେଇ ଏହିସବୁ ପ୍ରକଳ୍ପ ଜିଲାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ଜିଲାକୁ ସମୃଦ୍ଧ କରିବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଜିନ୍ଦଲ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

## ଜେଲରେ ପୁଟିନ୍ ବିରୋଧୀ...

ମୃତ୍ୟୁ ଘଟିଚାଲିଥିବାବେଳେ ରୁଷିଆ ରାଷ୍ଟ୍ରପତି ନିର୍ବାଚନର କିଛି ସପ୍ତାହ ପୂର୍ବରୁ ଏଲେକ୍ସିଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଅନେକ ବିଶ୍ୱନେତା ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ୧୯୭୬ ଜୁନ୍ ୪ରେ ଜନ୍ମିତ ଏଲେକ୍ସି ଆନାଟୋଲିଏଭିକ୍ ନଭଲନି ଆମେରିକାର ୟେଲ୍ରେ ପାଠପଢ଼ା ସାରି ଆଇନଜୀବୀ ବୃତ୍ତିକୁ ଆପଣାଇଥିଲେ। ସେ ଦୁର୍ନୀତି ନିରୋଧୀ ଆକ୍ଟିଭିଷ୍ଟ ଏବଂ ରାଜନୈତିକ ବନ୍ଦୀ ଥିଲେ। ରାଷ୍ଟ୍ରପତି ପୁଟିନ୍ ଓ ତାଙ୍କ ସରକାରଙ୍କ ଦୁର୍ନୀତି ବିରୋଧରେ ଏଲେକ୍ସି ବହୁବାର ସ୍ୱର ଉତ୍ତୋଳନକରି ବିକ୍ଷୋଭ ସମାବେଶର ଆୟୋଜନ କରିଥିଲେ। ରୁଷିଆରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ପ୍ରୟାସ କରିଆସିଥିଲେ। ଆଲେକ୍ସି ରୁଷୀୟ ବିରୋଧୀ ସମନ୍ୱୟ ପରିଷଦର ସଦସ୍ୟ ମଧ୍ୟ ଥିଲେ। ଫ୍ୟୁଚର ପାର୍ଟି ନେତା ଆଲେକ୍ସି ଆଣ୍ଟି କରପ୍ସନ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ। ମାନବାଧିକାର କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ସଖାରୋଭ୍ ପୁରସ୍କାର ଦିଆଯାଇଥିଲା। ୨୦୨୧ ସୁଦ୍ଧା ୟୁଟ୍ୟୁବ୍ରେ ତାଙ୍କର ୬ ନିୟୁତରୁ ଅଧିକ ସବ୍ସ୍କ୍ରାଇବର ଥିଲେ। ନିଜ ସୋସିଆଲ ମିଡିଆ ଚ୍ୟାନେଲ ଜରିଆରେ ସେ ଓ ତାଙ୍କ ଟିମ୍ ରୁଷିଆରେ ଚାଲିଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ। ୨୦୧୧ରେ ଏଲେକ୍ସି ଏକ ସାକ୍ଷାତ୍କାରରେ ଶାସକ ୟୁନାଇଟେଡ୍ ପାର୍ଟିକୁ ଚୋରମାନଙ୍କ ଦଳ ଭାବେ ଅଭିହିତ କରିଥିଲେ। ଏଲେକ୍ସିଙ୍କୁ ତାଙ୍କ ପ୍ରଶଂସକମାନେ ନେଲସନ ମଣ୍ଡେଲାଙ୍କ ସହ ତୁଳନା କରୁଥିଲେ। ୨୦୧୧ ଓ ୨୦୧୩ରେ ପୁଟିନ୍ଙ୍କ ବିରୋଧରେ ବିକ୍ଷୋଭ କରି ସେ ଗିରଫ ହୋଇଥିଲେ। ମସ୍କୋ ମେୟର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୭% ଭୋଟ ପାଇଥିଲେ। ଏହା ପରେ ତାଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାସନ୍ଦ କରାଯାଇଥିଲା। ୨୦୨୦ ଅଗଷ୍ଟରେ ଏଲେକ୍ସିଙ୍କୁ ସର୍ବିଆର ଏକ ଜେଲରେ ବିଷ ଦେଇ ହତ୍ୟା ଉଦ୍ୟମ ହୋଇଥିବା ସେ ପ୍ରଘଟ କରିଥିଲେ। ୨୦୨୧ ଜାନୁୟାରୀରେ ଜର୍ମାନୀକୁ ଫେରିବା ପରେ ଏଲେକ୍ସି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ରୁଷିଆରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରାଯାଇ ୧୧ ବର୍ଷ ପାଇଁ ଜେଲକୁ ପଠାଯାଇଥିଲା। ୨୦୨୨ ମାର୍ଚ୍ଚରେ ଏଲେକ୍ସିଙ୍କୁ ଏକ ଦୁର୍ନୀତି ଓ କୋର୍ଟ ଅବମାନନା ମାମଲାରେ ଅତିରିକ୍ତ ୯ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୨୦୨୩ରେ ତାଙ୍କୁ ଅନ୍ୟ ଏକ ମାମଲାରେ ୧୯ ବର୍ଷ ଜେଲ ଦଣ୍ଡାଦେଶ କରାଯାଇଥିଲା। ସମ୍ପୂର୍ଣ୍ଣ ଦଣ୍ଡାଦେଶ ଭୋଗିଥିଲେ ସେ ୨୦୩୮ ଡିସେମ୍ବରରେ ମୁକ୍ତ ହୋଇଥାନ୍ତେ। ଅର୍ଥାତ୍ ସକ୍ରିୟ ରାଜନୀତିରେ ସେ ଅଂଶ ଗ୍ରହଣ କରି ନ ପାରିବା ଭଳି ଦଣ୍ଡ ବ୍ୟବସ୍ଥା କରାଯାଇଥିବା ଏଲେକ୍ସି ପୂର୍ବରୁ କହିଥିଲେ।

ରାଜଧାନୀ ମସ୍କୋରୁ ୧୯୦୦ କି.ମି. ଦୂର ଖାର୍ପର ଏକ ଜେଲରେ ତାଙ୍କୁ ରଖାଯାଇଥିଲା। ଜେଲର ପେନାଲ କଲୋନି ନମ୍ବର ୩ରେ ସେ ଶୁକ୍ରବାର ଚଲାବୁଲା କରିବା ପରେ ହଠାତ୍ ଅସୁସ୍ଥ ହୋଇଯିବାରୁ ମେଡିକାଲ୍ ଷ୍ଟାଫ୍ ଆସି ଆମ୍ବୁଲାନ୍ସ ଡକାଇଥିଲେ। ଏଲେକ୍ସିଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ଆବଶ୍ୟକ ଉଦ୍ୟମ କରାଯାଇଥିଲା। କିନ୍ତୁ ଡାକ୍ତରୀ ଦଳ ତାଙ୍କୁ ବଞ୍ଚାଇପାରିଲେ ନାହିଁ ବୋଲି ରୁଷୀୟ ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି, ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ ଚାଲିଛି। ଏଲେକ୍ସିଙ୍କର ସ୍ତ୍ରୀ ୟୁଲିଆ ନଭଲନାୟା ଓ ଦୁଇ ପିଲା ଅଛନ୍ତି।

## ୪ ସପ୍ତାହ ମଧ୍ୟରେ...

ହାଇକୋର୍ଟ ୨୦୨୩ ସେପ୍ଟେମ୍ବର ୨୯ରେ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଅନ୍ତରୀଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆବେଦନକାରୀ ମହାନ୍ତି ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ରତ୍ନଭଣ୍ଡାର ବିପଦସଙ୍କୁଳ ସ୍ଥିତିରେ ରହିଥିବାରୁ ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଳଙ୍କାର ଗଣତି ଏବଂ ରତ୍ନଭଣ୍ଡାରକୁ ତୁରନ୍ତ ଖୋଲି ମରାମତି କରାଯିବାକୁ ଆବେଦନକାରୀ ମହାନ୍ତି ପ୍ରାର୍ଥନା କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୨୩ ସେପ୍ଟେମ୍ବର ୨୯ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। ଏଥିପାଇଁ ୬୦ ଦିନ ମଧ୍ୟରେ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଉଚ୍ଚସ୍ତରୀୟ କମିଟି ରତ୍ନଭଣ୍ଡାର ରତ୍ନ ଗଣତିରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ସହାୟତା କରିବ। ଏଥିସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଓ ଶ୍ରୀମନ୍ଦିର ପରିଚାଳନା କମିଟି ମିଳିତ ଭାବେ ସକ୍ରିୟ ସହଯୋଗ କରି ରତ୍ନଭଣ୍ଡାର ସଂରକ୍ଷଣ କରିବେ। ରାଜ୍ୟ ସରକାର ମଧ୍ୟ ଏହି କାର୍ଯ୍ୟର ପରିଚାଳନା ନିମନ୍ତେ ଆଗେଇ ଆସିବେ ବୋଲି ହାଇକୋର୍ଟ ଆଶାପୋଷଣ କରିଥିଲେ। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ରତ୍ନଭଣ୍ଡାର ମରାମତି ଓ ରତ୍ନ ଗଣତି ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ରାଜ୍ୟ ସରକାରଙ୍କୁ ପତ୍ର ଲେଖିବାକୁ ରିଜୋଲୁସନ ହୋଇଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ହାଇକୋର୍ଟ ଅଥବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହେବ ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା।

## କଂଗ୍ରେସର ବ୍ୟାଙ୍କ...

ଏକ୍ସ'ରେ କହିଛନ୍ତି, କ୍ଷମତାମତ୍ତ ସରକାର ଠିକ୍ ଲୋକ ସଭା ନିର୍ବାଚନ ପୂର୍ବରୁ ଭାରତର ସର୍ବବୃହତ୍ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେବା ଗଣତନ୍ତ୍ର ପ୍ରତି ଆକ୍ରମଣ।

ଭାଜପା ସଂଗ୍ରହ କରିଥିବା ଅସାମ୍ବିଧାନିକ ଟଙ୍କାକୁ ସେମାନେ ନିର୍ବାଚନରେ ଖର୍ଚ୍ଚ କରିବେ। କିନ୍ତୁ ଲୋକଙ୍କଠାରୁ କଂଗ୍ରେସ ପାଇଥିବା ଟଙ୍କାକୁ ସିଲ୍ କରିବେ। ଏଥିପାଇଁ ଆଗକୁ ନିର୍ବାଚନ ହେବ ନାହିଁ ବୋଲି ମୁଁ କହିଥିଲି। ଦେଶର ବହୁଦଳୀୟ ବ୍ୟବସ୍ଥାରେ ନ୍ୟାୟପାଳିକା ଗଣତନ୍ତ୍ରକୁ ସୁରକ୍ଷା ଦେବା ଉଚିତ। ସେହିପରି ରାହୁଲ କହିଛନ୍ତି, କଂଗ୍ରେସ ଅର୍ଥବଳର ନାମ ନୁହେଁ, ବରଂ ଲୋକଙ୍କ ଶକ୍ତିକୁ ନେଇ ବଳୀୟାନ। ଏକଛତ୍ରବାଦ ଆଗରେ ଆମେ କେବେ ମୁଣ୍ଡ ନୁଆଇନୁ କି ଆଗକୁ ମଧ୍ୟ ନୁଆଇବୁ ନାହିଁ। ଭାରତର ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ଲଢ଼େଇ କରିବେ।

## ପ୍ରଫୁଲ୍ଲଙ୍କ ପୁଅଙ୍କ...

ଜରିଆରେ ସୂଚନା ଦିଆଯିବ ବୋଲି ଜଣାପଡିଛି। ବରପଦା ଇଞ୍ଜିନିୟରିଂ କଲେଜ ପୂର୍ବରୁ ସରକାରୀ କଲେଜ ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ଘରୋଇକରଣ କରାଯାଇ ସୋସାଇଟି ଜରିଆରେ ପରିଚାଳନା କରାଯାଉଥିଲା। ୨୦୦୮ରୁ କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ତୁଲାଉଛନ୍ତି। ତେବେ କଲେଜ ନାଁରେ ଏକାଧିକ ଦାମୀ ଗାଡି କିଣାଯିବା ଏବଂ ପ୍ଲଟ୍ କିଣାଯାଇ ବହୁ ଟଙ୍କା ହଡ଼ପ ହୋଇଥିବା ନେଇ କଲେଜର କର୍ମଚାରୀମାନେ ବିଧାୟକ ଓ ତାଙ୍କ ପୁଅଙ୍କ ବିରୋଧରେ ଅଭିଯୋଗ ଆଣି ଆନ୍ଦୋଳନ କରିଆସୁଛନ୍ତି।

## ବରପଦା ଇଞ୍ଜିନିୟରିଂ...

ଉମାକାନ୍ତ ବେହେରା, ଜୟୀରାମ ବିଶ୍ୱାଳ, ଦିଗମ୍ବର ନାୟକ ଓ ଦାମୋଦର ସାହୁଙ୍କ ନେତୃତ୍ୱରେ ପୂର୍ବରୁ ଧାରଣା ଦେଇଥିବା କର୍ମଚାରୀମାନେ ବିଭିନ୍ନ ନାରା ଦେଇ କୁଶପୁତ୍ତଳିକା ଦାହ କରିଥିଲେ। କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଥିବା ବେଳେ ସେହି ସମୟରେ ସଞ୍ଜୟ ଦାସବର୍ମା ସୋସାଇଟିର ଉପଦେଷ୍ଟା ଥିବାରୁ ତାଙ୍କ କୁଶପୁତ୍ତଳିକା ଦାହ କରିଥିବା କହିଛନ୍ତି। ଗୁରୁବାର ମଧ୍ୟ ଭଦ୍ରକ, ବନ୍ତ ଓ ଆଗରପଡ଼ା ସମେତ ବିଭିନ୍ନ ସ୍ଥାନରେ ବିଧାୟକ ଓ ତାଙ୍କ ପୁଅଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାକୁ ନେଇ ଭଦ୍ରକ ଜିଲା ରାଜନୀତି ସରଗରମ ହୋଇଛି।



ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ପୂର୍ବତନ କର୍ମଚାରୀମାନେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ସିଏଚ୍ପିଏଲ୍ର 'କେୟାର କନେକ୍ଟ'

ଭୁବନେଶ୍ୱର,୧୬।୨(ଅଭୟ ଦାଶ)




କେୟାର ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍ (ସିଏଚ୍ପିଏଲ୍)ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କେୟାର କନେକ୍ଟ' ଶୁକ୍ରବାର ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ ପଦ୍ମଜା ପ୍ରିମିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଜନ୍ମଗତ ହୃଦ୍‌ରୋଗ ସଚେତନତା ସପ୍ତାହ ପାଳନ ଅବସରରେ କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ରୁ ଅଧିକ ଜନ୍ମଗତ ହୃଦ୍‌ରୋଗରେ ଆକ୍ରାନ୍ତ ଶିଶୁ ଓ ସେମାନଙ୍କର ଅଭିଭାବକ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଓବି ଆଣ୍ଡ ଓସିଡବ୍ଲ୍ୟୁଡବ୍ଲ୍ୟୁବିର ଚେୟାରମ୍ୟାନ ଶ୍ରୀମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ଭୁବନେଶ୍ୱର କେୟାର ହସ୍ପିଟାଲର ଏଭିପି (ବିଡି) ଡା. ଲୋକନାଥ ଦାଶ, ଏସିସିଓ କିସଲେ ଆନନ୍ଦ, ହୃଦ୍‌ରୋଗ ବିଭାଗର ମୁଖ୍ୟ ତଥା କ୍ଲିନିକାଲ ଡାଇରେକ୍ଟର ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଶିଶୁରୋଗ ବିଶେଷଜ୍ଞ ଡା. ପି. ପି. ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର କେୟାର ହସ୍ପିଟାଲ ପରିସରରେ ଏକ ଅତ୍ୟାଧୁନିକ ୟୁନିଟ୍ କେୟାର ଚିଲ୍ଡ୍ରେନ ହାର୍ଟ ଇନ୍ଷ୍ଟିଚ୍ୟୁଟ୍ ରହିଛି। ଉକ୍ତ ୟୁନିଟ୍ ଜରିଆରେ ହୃଦ୍‌ରୋଗଜନିତ ଶିଶୁମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଚିକିତ୍ସା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି ବୋଲି ମେଡିକାଲ ପକ୍ଷରୁ ଉଲ୍ଲେଖ କରାଯାଇଛି।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ, ଗରଦପୁର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ଗରଦପୁର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଗୁରୁପଦ ଦାସ,** ପିତା: କାହ୍ନୁ ଚରଣ ଦାସ, ସା: ପୁରୁଷୋତ୍ତମପୁର, ପୋ: ଗରଦପୁର, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୧୫୩ | ୦୫.୧୧.୨୦୨୧ ସୁଦ୍ଧା ଟ.୫,୬୨,୪୯୫/- + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୦୫.୧୧.୨୦୨୧ / ୧୩.୦୨.୨୦୨୪ | ଶ୍ରୀ ବ୍ରଜକିଶୋର ଶତପଥୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଜ୍ରବାଣ, ଖାତା ନଂ.: ୧୫୨, ପ୍ଲଟ୍ ନଂ.: ୧୫୮, କ୍ଷେତ୍ର: ଏକର୦.୧୬ଡିସିମିଲି |

ସ୍ଥାନ: ବାଲେଶ୍ୱର, ତାରିଖ : ୧୬.୦୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ : ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

**୧)** ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। **୨)** ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ। **୩)** ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୯୮ ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ସାରଙ୍ଗଯୋଡି ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ୧) ଶ୍ରୀମତୀ ବବିତା ପ୍ରଧାନ,** ସ୍ୱାମୀ: ଶରତ ଚନ୍ଦ୍ର ମାଝୀ/ **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୨) ଶ୍ରୀ ଶରତ ଚନ୍ଦ୍ର ମାଝୀ,** ପିତା: ସଦାଶିବ ମାଝୀ, **୩) ଶ୍ରୀ ବିଜୟ କୁମାର ମାଝୀ,** ପିତା: ଗୌରାଙ୍ଗ ମାଝୀ, **୪) ଶ୍ରୀ ଦୁର୍ଗାମାଧବ ମାଝୀ,** ପିତା: ଲିଙ୍ଗରାଜ ମାଝୀ, **୫) ଶ୍ରୀ ଧନଞ୍ଜୟ ମାଝୀ,** ପିତା: ଉଦୟନାଥ ମାଝୀ, ସମସ୍ତଙ୍କ ଠିକଣା- ସା: ପୁରୁଣାବୁଢାକେରା, ପୋ: ନୂଆସନ୍ଥ, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ / **ଜାମିନ୍‌ଦାର: ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ,** ପିତା: କୁବେର ପ୍ରଧାନ, ସା: ମଲସାହି, ପୋ: ଦିପିଦେଉଳି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ | ଉଦୟନାଥ ମାଝୀ, ଗୌରାଙ୍ଗ ମାଝୀ, ଲିଙ୍ଗରାଜ ମାଝୀ ଏବଂ ସଦାଶିବ ମାଝୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳରାମପୁରଗଡ, ଖାତା ନଂ.: ୧୭୬, ପ୍ଲଟ୍ ନଂ.: ୧୪୫୩, କ୍ଷେତ୍ର: ଏକର୧.୨୮ଡିସିମିଲି | ୦୧.୧୨.୨୦୨୩ ସୁଦ୍ଧା ଟ.୨୦,୧୦,୪୦୪.୯୦ / ୦୮.୦୨.୨୦୨୪ ସୁଦ୍ଧା ଟ.୨୦,୪୨,୭୦୯.୬୨ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୧୨.୨୦୨୩ / ୧୩.୦୨.୨୦୨୪ |
| **ଋଣଗ୍ରହୀତା: ୧) ଶ୍ରୀମତୀ ସବିତା ପ୍ରଧାନ,** ସ୍ୱାମୀ: ରବିନ୍ଦ୍ରନାଥ ପ୍ରଧାନ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ୨) ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ,** ପିତା: କୁବେର ପ୍ରଧାନ, ଉଭୟଙ୍କ ଠିକଣା- ସା: ମଲସାହି, ପୋ: ଦିପିଦେଉଳି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ / **ଜାମିନ୍‌ଦାର: ଶ୍ରୀ ଶରତ ଚନ୍ଦ୍ର ମାଝୀ,** ପିତା: ସଦାଶିବ ମାଝୀ, ସା: ପୁରୁଣାବୁଢାକେରା, ପୋ: ନୂଆସନ୍ଥ, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ | **ରବିନ୍ଦ୍ରନାଥ ପ୍ରଧାନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳରାମପୁରଗଡ, ଖାତା ନଂ.: ୧୧୩, ପ୍ଲଟ୍ ନଂ.: ୧୪୭୪, କ୍ଷେତ୍ର: ଏକର୦.୫୪ଡିସିମିଲି | ୦୧.୧୨.୨୦୨୩ ସୁଦ୍ଧା ଟ.୧୩,୬୬,୮୨୩.୦୦ / ୦୮.୦୨.୨୦୨୪ ସୁଦ୍ଧା ଟ.୧୩,୮୮,୬୮୪.୩୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୧୨.୨୦୨୩ / ୧୩.୦୨.୨୦୨୪ |

ତାରିଖ: ୧୬.୦୨.୨୦୨୪, ସ୍ଥାନ: ପିପିଲି — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## ସଂକ୍ଷେପରେ

### ୩ କେନ୍ଦ୍ରରେ ୩୦୫ ଜଣ ଦେଲେ ଯୁକ୍ତ୨ ପରୀକ୍ଷା

ଅସ୍ତରଙ୍ଗ, ୧୬।୨(ପ୍ରଦୀପ୍ତ କୁମାର ଦୀକ୍ଷିତ): ରାଜ୍ୟରେ ଶୁକ୍ରବାରଠାରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ଅସ୍ତରଙ୍ଗ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୩୦୫ଜଣ ବିଜ୍ଞାନ ପରୀକ୍ଷାର୍ଥୀ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ସୂଚନା ଅନୁଯାୟୀ, ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬୬, ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୮୫ ଓ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୪ ପରୀକ୍ଷାର୍ଥୀ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ସାମଲ, ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ା ଓ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ପରିଚାଳକ ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ପରୀକ୍ଷା ପରିଚାଳନା କରିଥିଲେ।

### ମାତୃ ସମ୍ମିଳନୀ

ପିପିଲି, ୧୬।୨ (ପ୍ରଭାତ କୁମାର ମହାପାତ୍ର): ଦାଣ୍ଡମୁକୁନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ନବମ ବର୍ଷ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରାରମ୍ଭ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ମା'ମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ସାମାଜିକ ସମରସତ୍ତା ପ୍ରମୁଖ ବଂଶୀଧର ସାହୁ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁଚରଣ ଦାସ ଅତିଥି ପରିଚୟ ଓ ସମ୍ମିଳନୀର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଗୀତାଞ୍ଜଳି ପାତ୍ର ଏବଂ ବିଦ୍ୱତ ପରିଷଦ ସମ୍ପାଦକ ତଥା ଶିକ୍ଷାବିତ୍ ସତ୍ୟାନନ୍ଦ ଦାଶ ସମ୍ମିଳନୀର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ମାର୍ଗ ଦର୍ଶନ କରାଇଥିଲେ। ଏକ ସୁନ୍ଦର ଓ ସୁସ୍ଥ ରାଷ୍ଟ୍ର ଗଠନରେ ନିଜକୁ ସହଭାଗୀ କରାଇ ସୁନାଗରିକ ଗଢିବା ପ୍ରକ୍ରିୟାର ମୂଳ ଉତ୍ସ ମା' ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀରେ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଦସ୍ୟ, ଗୁରୁମା ଗୁରୁଜୀ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

### ଭାଗୀରଥି ରାଉତଙ୍କ ପରଲୋକ

ବଳଙ୍ଗା, ୧୬।୨(କେଦାରେଶ୍ୱର ନନ୍ଦ): ବଳଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି ରାଉତ (୭୩)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ରାଉତ ବଳଙ୍ଗା ସରପଞ୍ଚ, ସେବା ସମବାୟ ସମିତିର ସଭାପତି ଓ ୧୮ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ରୂପେ କାର୍ଯ୍ୟ କରିଥିଲେ। ବଳଙ୍ଗା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇ ଝିଅ ଓ ପୁଅ ଅଛନ୍ତି। ପୁଅ ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିଲେ।

# ଜିଲାର ୪୩୩ ପଞ୍ଚାୟତରେ ଗଡ଼ିବ ୪୪ ଲକ୍ଷ୍ମୀ ବସ୍

ପୁରୀ,୧୬।୨(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନା ଲୋକଙ୍କ ଗମନାଗମନକୁ ସୁଗମ କରିଛି। ଏହି ଯୋଜନାରେ ଆଉ ୫ଟି ଜିଲା ଅନ୍ତର୍ଭୁକ୍ତ ହୋଇଛି। ତନ୍ମଧ୍ୟରେ ପୁରୀ ଜିଲା ରହିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ପତାକା ଦେଖାଇ ପୁରୀ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ପୁରୀ ଜିଲାର ୪୩୩ଟି ପଞ୍ଚାୟତରେ ୪୪ଟି ବସ୍ ଚଳାଚଳ କରିବ। ଫଳରେ ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁ ଲୋକେ ଲକ୍ଷ୍ମୀ ବସ୍ ଯୋଗେ ସୁବିଧାରେ ଓ କମ୍ ଖର୍ଚ୍ଚରେ ଯାତାୟାତ କରିପାରିବେ। ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳ ସୁବିଧା କରାଯାଇଛି। ଏହା ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବ। ମା' ଓ ଛାତ୍ରୀଛାତ୍ରମାନେ ମାତ୍ର ୫ ଟଙ୍କା ଦେଇ ଏହି ବସ୍‌ରେ ଯିବା ଆସିବା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପୁରୀ ଜିଲା ପାଇଁ ଲକ୍ଷ୍ମୀବସ୍ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭର୍ଚ୍ଚୁଆଲରେ ଯୋଡ଼ିହୋଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ, ଲକ୍ଷ୍ମୀ ବସ ସାରା ରାଜ୍ୟର ସମ୍ପତ୍ତି ଓ ଆପଣମାନଙ୍କର ସମ୍ପତ୍ତି। ଏହା ଜନସାଧାରଣଙ୍କ ସମୃଦ୍ଧିର ବାହକ। ନିଜ ସମ୍ପତ୍ତି ପରି ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଏବଂ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଆର୍‌ଟିଓ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ ।

## ଯାତ୍ରୀ ବିଶ୍ରାମାଗାର ଭାଙ୍ଗିଲେ ସରପଞ୍ଚଙ୍କ ସ୍ୱାମୀ

ନିମାପଡ଼ା,୧୬।୨(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ବ୍ଲକ ଅଧୀନ ବଡ଼ଶୁବିଲା ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ନିମାପଡ଼ା - ବଳଙ୍ଗା ରାସ୍ତାର ଗଡ଼ତୋରିହଁ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମଗାରକୁ ଗୁରୁବାର ସରପଞ୍ଚ ଶାନ୍ତି ମାହାରୀଙ୍କ ସ୍ୱାମୀ ଶ୍ରୀଧର ମାହାରୀ ଭାଙ୍ଗିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଶ୍ରୀଧର ତାଙ୍କ ସହକର୍ମୀଙ୍କ ସହିତ ଏଭଳି କାଣ୍ଡ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଶ୍ରୀଧର ଛକ ନିକଟରେ ଥିବା ଧନୁଆ ନଦୀର ଅପରପାର୍ଶ୍ୱରେ ଠିକାଦାରୀ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟ ନିମନ୍ତେ ପଥର ଏବଂ ଇଟା ଆବଶ୍ୟକ ପଡ଼ିବାରୁ ବିଶ୍ରାମଗାରକୁ ଭାଙ୍ଗି ପଥର ଓ ଇଟା ନେଇଯାଇଥିବା ନବନିର୍ମାଣ କୃଷକ ସଙ୍ଗଠନର ସଭାପତି ପ୍ୟାରିସ କୁମାର ପାତ୍ର ଶୁକ୍ରବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପଥର ଓ ଇଟାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏ ନେଇ ଶ୍ରୀଧର ମାହାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଧାରଣା

ସାକ୍ଷୀଗୋପାଳ,୧୬।୨ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର): କେନ୍ଦ୍ରୀୟ ଟ୍ରେଡ ୟୁନିଅନ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସ୍ୱାଧୀନ କର୍ମଚାରୀ ଫେଡେରେଶନ ଆହ୍ୱାନରେ ଶୁକ୍ରବାର ଦେଶବ୍ୟାପି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ଦାବି ପାଇଁ ଆନ୍ଦୋଳନ କରାଯାଇଛି। ଏହି ଅବସରରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ସତ୍ୟବାଦୀ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଧାରଣାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀ ମାନ୍ୟତା ଦେବା ସହ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା, ପ୍ରାକ ବିଦ୍ୟାଳୟ ଶିଶୁ ଓ ଶିକ୍ଷା ସଙ୍କୋଚନକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର କରିବା, ସମସ୍ତ ସ୍କିମ ୱାର୍କରଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି, ଗ୍ରାଚ୍ୟୁଇଟି ଓ ପେନସନ ଆଦିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ତୁରନ୍ତ ଏହି ଦାବି ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। ଆନ୍ଦୋଳନରେ ସତ୍ୟବାଦୀ ସଂଘ ସଭାପତି ନିରଞ୍ଜନା ଦୀକ୍ଷିତ, ଉପସଭାପତି ବାଣୀ ପ୍ରସନ୍ନା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ର, କୋଷାଧ୍ୟକ୍ଷ ରଶ୍ମିତା ବରାଳଙ୍କ ସମେତ ଶତାଧିକ କର୍ମୀ ଓ ସହାୟିକା ଯୋଗ ଦେଇଥିଲେ।


ବିଭିନ୍ନ ଦାବି ନେଇ ସତ୍ୟବାଦୀ ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି ।

## ଓକିଲ, ଷ୍ଟାମ୍ପଭେଣ୍ଡର ଓ ମୋହରିର ସଂଘର ଧାରଣା

ପିପିଲି, ୧୬।୨(ଦୁର୍ଗାମାଧବ ମିଶ୍ର): ପିପିଲି ସବ୍‌ରେଜିଷ୍ଟ୍ରାର ମନମୁଖୀ କାର୍ଯ୍ୟକଳାପ ଚଳାଇଥିବା ଅଭିଯୋଗ ଆଣି ଓକିଲ, ଷ୍ଟାମ୍ପଭେଣ୍ଡର ଓ ମୋହରିର ସଂଘ ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ସଭାପତି ପ୍ରତାପ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଓକିଲ, ଷ୍ଟାମ୍ପଭେଣ୍ଡର ଓ ମୋହରିରମାନେ ୧୧ ଦଫା ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଧିକାରୀଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ, ମନଇଚ୍ଛା କାର୍ଯ୍ୟାଳୟରେ ଯୋଗଦେବା, ରେଜିଷ୍ଟ୍ରି କରିବାର ଦିନକ ପରେ ଦଲିଲ ମିଳିବାର ନିୟମ ଥିଲେ ମଧ୍ୟ ଦଲିଲ ଆପ୍ରୁଭ କରୁ ନ ଥିବା, ଚକ ଜମି ବିକ୍ରୟ ଉପରେ ରୋକ ଲଗାଉଥିବା ପୈତୃକ ସମ୍ପତ୍ତି ଭାଗବଣ୍ଟାରେ ରୋକ ଲଗାଇବା, ଆବଶ୍ୟକ ଥିବା ଲୋକଙ୍କୁ ଜମି ବିକ୍ରି କରିବାରେ ପ୍ରତିବନ୍ଧକ ସାଜିବା ପ୍ରଭୃତି ଅଭିଯୋଗ ଆଣି ଆନ୍ଦୋଳନରତ ଓକିଲ, ମୋହରିର ଓ ଷ୍ଟାମ୍ପଭେଣ୍ଡରମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସବ୍‌ରେଜିଷ୍ଟ୍ରାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଓକିଲ, ଷ୍ଟାମ୍ପଭେଣ୍ଡର ଓ ମୋହରିର ସଂଘ ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

# ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ୧୦ ଟିମ୍

ପୁରୀ,୧୬।୨(ଅଜିତ୍ ମହାନ୍ତି)

ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଶିବିରକୁ ଉଦ୍‌ଘାଟନ କରିବା ସହ ଏଥିରେ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଭଲ୍‌ନରେବିଲିଟି ମ୍ୟାପିଙ୍ଗ୍ ବା ବିପଦସଙ୍କୁଳ ବୁଥ୍ ଚିହ୍ନଟୀକରଣ, ମତଦାନ କେନ୍ଦ୍ର ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ, ରାମ୍ପ, ଶୌଚାଳୟ ବ୍ୟବସ୍ଥା ନିରୀକ୍ଷଣ ସହ ନିର୍ବାଚନ ପୂର୍ବରୁ, ଦିନ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ସେ ପ୍ରଶିକ୍ଷଣ ଦେଇ ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ଟିମ୍ ଗଠିତ ହୋଇଛି ବୋଲି କହିଥିଲେ। ସେକ୍ଟର ଅଫିସର ଏବଂ ସେକ୍ଟର ପୋଲିସ୍ ଅଫିସରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର ଅତ୍ୟନ୍ତ ନିଷ୍ଠାର ସହ ନିର୍ବାଚନ

### ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କୁ ପ୍ରଶିକ୍ଷଣ

ଦାୟିତ୍ୱ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ମତଦାନ ପ୍ରକ୍ରିୟା ସମ୍ପର୍କରେ ସେକ୍ଟର ଅଫିସରମାନେ ସମ୍ପୂର୍ଣ୍ଣ ଅବଗତ ହୋଇ ତାଙ୍କ ଅଧୀନରେ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଇବାକୁ ସେ ଆହ୍ୱାନ ଦେଇଥିଲେ। ଉପଜିଲାପାଳ ଗୋପୀନାଥ କୁଅଁର ପିପିଟି ମାଧ୍ୟମରେ ତାଲିମ ଦେବା ସହ ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଉପଜିଲାପାଳ ପାର୍ଥ ସାରଥି ହାଁସଦା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ରାକେଶ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଶେଷରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପରେ ପ୍ରାକ୍ଟିକାଲ ଭାବେ ଇଭିଏମ୍ ଏବଂ ଭିଭିପିଏଟି ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ସେକ୍ଟର ଅଫିସର ଓ ସେକ୍ଟର ପୋଲିସ୍ ଅଫିସର ଯୋଗଦେଇଥିଲେ।

## ଫାଇନାଲରେ ମା'ତାରିଣୀ ଏଫ୍‌ସି



ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

ନିମାପଡ଼ା,୧୬।୨(ରଞ୍ଜନ ପଟ୍ଟନାୟକ)

### ୯ମ ପଦ୍ମଚରଣ ସାମନ୍ତ ସିଂହାର ସ୍ମାରକୀ ଅଲଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ

୯ମ ପଦ୍ମଚରଣ ସାମନ୍ତ ସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ମା' ତାରିଣୀ ଏଫ୍‌ସି କେନ୍ଦୁଝର ଏବଂ ଭଞ୍ଜନଗର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧ ଖେଳରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଖେଳ ଅମୀମାଂସିତ ରହିଥିଲା। ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ମା'ତାରିଣୀ ଏଫ୍‌ସି ୪-୩ ଗୋଲରେ ଭଞ୍ଜନଗର ଏଫ୍‌ସିକୁ ହରାଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମା'ତାରିଣୀ ଏଫ୍‌ସିର ଯୋସେଫ ମାରାଣ୍ଡି ଶ୍ରେଷ୍ଠ ଖେଳାଳି ଭାବେ ଆସୋସିଏଶନ ଉପସଭାପତି ଦୋଳଗୋବିନ୍ଦ ସେଠୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅତିଥି ଭାବେ ନିମାପଡ଼ା ଜଳସେଚନ ଖଣ୍ଡ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ, ଗ୍ରାମ୍ୟ ଉନ୍ନୟନ ଖଣ୍ଡ ଅଧିକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳେଇ, ନିମାପଡ଼ା ଥାନା ପୂର୍ବତନ ଆଇଆଇସି ଶଙ୍କର୍ଷଣ ଦଳେଇ ଏବଂ ଡିଏଭି ସ୍କୁଲ ପ୍ରିନ୍ସପାଲ ଏମ୍.ଏମ୍. ହକ ଯୋଗଦେଇଥିଲେ । ସୁଦିପ ଦାଶ ମ୍ୟାଚ ପରିଚାଳନା କରିଥିବା ବେଳେ ଟୁଟୁ ବାହିନୀପତି, ରାଜେନ୍ଦ୍ର ବାରିକ ଓ ସମର ବରାଳ ସହଯୋଗ କରିଥିଲେ। ଆଥଲେଟିକ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନଗୋ, ଜ୍ୟୋତିରଞ୍ଜନ ସାହୁ, ଅକ୍ଷୟ ପାତ୍ର, ଅଜୟ କୁମାର ପାଣି, ସତ୍ୟଜିତ ଆଚାର୍ଯ୍ୟ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ ମା' ତାରିଣୀ ଏଫ୍‌ସି କେନ୍ଦୁଝର ଏବଂ ଗଣ୍ଡରପୁର ଏଫ୍‌ସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# କୃଷକ, ଶ୍ରମିକ ବିରୋଧୀ ନୀତି ବିରୋଧରେ ହରତାଳ

ପୁରୀ/ପିପିଲି/ନିମାପଡ଼ା/କଣାସ,୧୬।୨ (ଅଜିତ୍ ମହାନ୍ତି/ଦୁର୍ଗାମାଧବ ମିଶ୍ର/ରଞ୍ଜନ ପଟ୍ଟନାୟକ/ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ, ଯୁବକ, ମହିଳା ବିରୋଧୀ ନୀତି ବିରୋଧରେ ଶୁକ୍ରବାର ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଥିଲା। ଧର୍ମଘଟକୁ ସମର୍ଥନ କରି ପୁରୀରେ ବିଭିନ୍ନ ବାମପନ୍ଥୀ ଦଳ, କଂଗ୍ରେସ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ସିଆଇଟିୟୁର ପୁରୀ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, କୃଷକ ନେତା ପ୍ରଦୀପ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ସୁକାନ୍ତ ପ୍ରଧାନ, ସୁଜିତ ମହାପାତ୍ର, ଆଲୋକ କୁମାର ଦାସ, ଅମରେନ୍ଦ୍ର ପାଇକରାୟ, ଶ୍ରମିକ ନେତା ମୋହନ ନାଇଡୁ, ଟୁନା ନାୟକ, ପ୍ରତାପ ଚିନରା, ପ୍ରଫୁଲ୍ଲ ମହାପାତ୍ର, ମନୋରଞ୍ଜନ ମହାରଣା, କୃପାସିନ୍ଧୁ ପଣ୍ଡା, ଜ୍ୟୋତି ପ୍ରକାଶ ନାୟକ, ବିଭୂତି ରାଉତରାୟ ପ୍ରମୁଖ ସାମିଲ ଥିଲେ। ମୋଚି ସାହି ଛକରୁ ପଟୁଆରରେ ବାହାରି କୃଷକ ଫସଲ୍‌ର ଏମ୍‌ଏସ୍‌ପି ସହ ସମସ୍ତ ଋଣ ଛାଡ଼, ମାଲିକ ସପକ୍ଷବାଦୀ ୪ଟି ଶ୍ରମ କୋଡ୍ ବାତିଲ, ନିଯୁକ୍ତି ଗ୍ୟାରେଣ୍ଟି, ଦରବୃଦ୍ଧି ଉପରେ ଅଙ୍କୁଶ ଆଦି ଦାବିରେ ସ୍ଲୋଗାନ ଦେଇଥିଲେ। ମୋଦି ସରକାର କୃଷି ଆଇନ ପ୍ରତ୍ୟାହାର ପରେ ପ୍ରତିଶ୍ରୁତି ମୁତାବକ କୃଷକଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କଲେ ନାହିଁ କି ଏମ୍‌ଏସ୍‌ପି ଦେଲେ ନାହିଁ ବୋଲି ଆନ୍ଦୋଳନକାରୀମାନେ କହି ସମାଲୋଚନା କରିଥିଲେ। ଯୁବ କଂଗ୍ରେସ ଜିଲା ସଭାପତି ଆଲୋକ କୁମାର ଦାଶ ହକ୍ ମିଳିବା ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ ବୋଲି କହିଥିଲେ। ଜିଲା ସିଆଇଟିୟୁ ଶାଖା ଇଷ୍ଟ କୋଷ୍ଟ ରେଲୱେ ଠିକା କର୍ମଚାରୀ ସଂଘ, ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘ ଏବଂ ଅନ୍ୟ ଗଣ ସଂଗଠନ ତରଫରୁ ପ୍ରତିବାଦ ପ୍ରଦର୍ଶନ ଓ ଶୋଭାଯାତ୍ରା କରାଯାଇଥିଲା।

### ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ଘୋଡ଼ାବଜାର ଶୋଭାଯାତ୍ରାରୁ ବାହାରି ପୁରୀ ରେଳଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା। ଟ୍ରେନ ଅଟକାଇବା ପାଇଁ ଚେଷ୍ଟା କରିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଶ୍ରମିକ ଓ କୃଷକ ମାରଣ ବିରୋଧୀ ଆଇନ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସିଆଇଟିୟୁ ସଭାପତି ଶ୍ରୀକାନ୍ତ ପରିଜା, ପ୍ରଫୁଲ୍ଲ ମହାପାତ୍ର, ଇଷ୍ଟକୋଷ୍ଟ ରେଲୱେ ଠିକା କର୍ମଚାରୀ ସଂଘ ସମ୍ପାଦକ ଦେବାଶିଷ ସାମଲ, ପବିତ୍ର ମୋହନ ଦଳାଇ, ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘର ସମ୍ପାଦକ ବସନ୍ତ ରାଉତ, ପରିବହନ କର୍ମଚାରୀ ତଥା ନେତା ଟୁନା ବାରିକ ଏବଂ ଇଷ୍ଟକୋଷ୍ଟ ରେଲୱେ ହାଉସ୍ କିପିଙ୍ଗ୍ ଠିକା କର୍ମଚାରୀ ସଂଘର ଦିଲୀପ ବରାଳ ଓ କାହ୍ନୁ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

ପିପିଲି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏବଂ କର୍ମଚାରୀ ଫେଡେରେଶନ ସମୂହଙ୍କ ମିଳିତ ଆନୁକୂଲ୍ୟରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ପିପିଲି ଆବାହକ ସର୍ବେଶ୍ୱର ଭାରତୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ପିପିଲି ବଜାର୍ ପରିକ୍ରମା କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇଏମ୍‌ଏଲ୍ ନେତା ସୁନନ୍ଦ ଗଡନାୟକ, ଶ୍ରମିକ ନେତା ରବୀନ୍ଦ୍ର ସ୍ୱାଇଁ, କାହ୍ନୁ ଚରଣ ବେହେରା, ଗଙ୍ଗାଧର ସେଠୀ ଏବଂ ଗୋବିନ୍ଦ ବେହେରାଙ୍କ ସମେତ ୨ଶହରୁ ଅଧିକ ଆନ୍ଦୋଳନକାରୀ ସାମିଲ୍ ଥିଲେ। ନିମାପଡ଼ାରେ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା। ଅଖିଳ ଭାରତ କୃଷକ ମୋର୍ଚ୍ଚା ଏବଂ ସିପିଆଇ ପକ୍ଷରୁ ୧୧ଦଫା ଦାବି ନେଇ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୁରୀ ଜିଲା ସିପିଆଇ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଜାତୀୟ କୃଷକ ସଭା ସଦସ୍ୟ ଦେବେନ୍ଦ୍ର ସାହୁ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଦଣ୍ଡପାଣି ସାହୁ, ଜୟକୃଷ୍ଣ ପାତ୍ର, ଉମେଶ ରାଉତ, ଲକ୍ଷ୍ମୀଧର ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ, ବାବୁନା ସେଠୀ ଓ ନୃସିଂହ ଚରଣ ମହାନ୍ତି ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। କଣାସରେ ବ୍ୟବସାୟ ଅନୁଷ୍ଠାନ ଖୋଲା ଥିବାବେଳେ ବିଭିନ୍ନ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କିଷାନ ମୋର୍ଚ୍ଚାର କର୍ମୀମାନେ ଗୋଲାବଜାରଠାରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ୍ ଦେଇ ବସଷ୍ଟାଣ୍ଡ, କୁଶେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକ ବଜାରରେ ପହଞ୍ଚି ବିଭିନ୍ନ ବ୍ୟାଙ୍କ ଓ ଅଫିସ ବନ୍ଦ କରିଥିଲେ। ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକ, ଅଭିମନ୍ୟୁ ଭୋଇ, ସତ୍ୟମନୁ ପ୍ରଧାନ, ଭାଗିରଥି ବେହେରା, ଧନେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ମହାପତ୍ର, କାଶିନାଥ ବେହେରା ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।



ପୁରୀଠାରେ ବାହାରିଥିବା ଶୋଭାଯାତ୍ରା ।


ନିମାପଡାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଗୋରୁ ବୋଝେଇ ଗାଡ଼ି ଜବତ, ୩ ଅଟକ

ନିରାକାରପୁର,୧୬।୨(ମାନସ ଚନ୍ଦ୍ର ପଟ୍ଟନାୟକ): ଜଙ୍କିଆ ଥାନା ପୋଲିସ ଏକ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି। ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ପଠାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୩/୨୪) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଛଣଗିରି ଓ ରମାବିଲି ମଧ୍ୟବର୍ତ୍ତୀ ରାସ୍ତାର ନୂଆଜଗନ୍ନାଥ ସଡ଼କରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଟିଏସ–୧୧–ଓସି–୯୧୭୫ନମ୍ବର ବିଶିଷ୍ଟ ଗାଡିରେ ୭୦ଟି ଗାଈ, ବଳଦ, ଷଣ୍ଢ, ବାଛୁରୀ ଆଦି ଥିବା ଦେଖିବାକୁ ମିଳିଥିଲା। ଏହା ପରେ ପୋଲିସ ଗାଡ଼ି ଜବତ କରି ଥାନାକୁ ଆଣିଥିଲା। ଶୁକ୍ରବାର ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ସିଜୁଆ ଗୋଶାଳାରେ ଛଡାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଟ୍ରକଟି ବେଗୁନିଆ ଥାନା ଅଧୀନ ଜାମୁସାହି ଅଞ୍ଚଳରୁ ଅଣାଯାଇ ଆନ୍ଧ୍ର ପଠାଯାଉଥିବା ଜଣାପଡିଛି। ଉକ୍ତ ଗାଡ଼ିରେ ଥିବା ୩ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

# ଅଭିଯୁକ୍ତ ଫାର୍ମାସିଷ୍ଟଙ୍କୁ ଆଜୀବନ ଜେଲ

### ଖଣ୍ଡଗିରି ଟ୍ରିପଲ ମର୍ଡର ଘଟଣାର ୧୦ବର୍ଷ ପରେ ରାୟ

ଭୁବନେଶ୍ୱର,୧୬।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ୨୦୧୪ରେ ଘଟିଥିବା ଡାକ୍ତରଙ୍କ ସମେତ ୩ଜଣଙ୍କୁ ହତ୍ୟା ଘଟଣାର ୧୦ବର୍ଷ ପରେ ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ–୧ କୋର୍ଟର ବିଚାରପତି ଦେବାଶିଷ ରାଉତ ମାମଲାର ଶୁଣାଣି କରି ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ନେହସ୍ୱାକ୍ଷର ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଜରିମାନା ଦେବାକୁ କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ୨୬ ଜଣଙ୍କ ସାକ୍ଷ୍ୟ ଓ ୬୪ ଦସ୍ତାବିଜ ଆଧାରରେ ଏହି ଦଣ୍ଡାଦେଶ ହୋଇଛି।

ଘଟଣାର ବିବରଣୀ ଅନୁଯାୟୀ, ଫାର୍ମାସିଷ୍ଟ ସ୍ନେହସ୍ୱାକ୍ଷର ତାଙ୍କ ଝିଅଙ୍କୁ ନେଇ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଅର୍ଥୋପେଡିକ ଡାକ୍ତର ଅତୁଲ୍ୟ ମେହେରଙ୍କୁ ଦେଖାଇବା ସମୟରେ କୌଣସି କାରଣକୁ ନେଇ ସ୍ନେହସ୍ୱାକ୍ଷର ଓ ଡାକ୍ତର ଅତୁଲ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସ୍ନେହସ୍ୱାକ୍ଷର ରାଗ ରଖି ଅତୁଲ୍ୟଙ୍କ ଘର ଠିକଣା ଖୋଜି ପାଇବା ପରେ ୨୦୧୪ ଅକ୍ଟୋବର ୧୪ ସକାଳେ ଫୁଲତୋଡା ଧରି ଡାକ୍ତର ମେହେରଙ୍କ ଘରେ ପ୍ରବେଶ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ବ୍ୟାଗରେ ନେଇଥିବା ଧାରୁଆ ଛୁରି ବାହାର କରି ଡାକ୍ତର ଅତୁଲ୍ୟ, ୧୪ ବର୍ଷର ପୁଅ ମିନୁ ଓ ଘରୋଇ ସହାୟକ ପ୍ରଶାନ୍ତ ବେହେରାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏଥିସହ ପ୍ରଶାନ୍ତଙ୍କ ସ୍ତ୍ରୀଙ୍କୁ ମଧ୍ୟ ଛୁରି ଭୁସି ହତ୍ୟା ଉଦ୍ୟମ କରିଥିଲେ ମଧ୍ୟ ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିଲେ। ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ସ୍ନେହସ୍ୱାକ୍ଷର ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଶୌଚାଳୟରେ ପଶିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ସ୍ନେହସ୍ୱାକ୍ଷରଙ୍କୁ ଗିରଫ କରିଥିଲା। ଏନେଇ ମୃତ ଡାକ୍ତର ଅତୁଲ୍ୟଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୮୩ /୨୦୧୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଚନ୍ଦ୍ରକାନ୍ତ ଦାଶ ପରିଚାଳନା କରୁଥିଲେ।

### ‘ଫାଶୀ ହୋଇଥିଲେ ଭଲ ହୋଇଥାନ୍ତା’

ଘଟଣା ଦିନ ଜୀବନ ସହ ସଂଗ୍ରାମ କରୁଥିବା ମୃତ କେୟାରଟେକର ପ୍ରଶାନ୍ତଙ୍କ ସ୍ତ୍ରୀ ରୁନୁ ବେହେରାଙ୍କୁ ପୋଲିସ ଚିକିତ୍ସା କରାଇବାର ସମସ୍ତ ଦାୟିତ୍ୱ ନେଇଥିଲା। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ କମିଶନରେଟ ପୋଲିସ ପକ୍ଷରୁ ତାଙ୍କୁ ଗୃହରକ୍ଷୀ ଚାକିରିରେ ନିଯୋଜିତ କରାଯାଇଥିଲା। ଏହାସହ ତାଙ୍କୁ ଖଣ୍ଡଗିରି ଥାନା ଭିତରେ ରହିବା ପାଇଁ ବାସଗୃହ ଯୋଗାଇ ଦିଆଯାଇଥିଲା। ତେବେ ଏହି ରାୟ ପ୍ରକାଶ ପାଇଲା ପରେ ରୁନୁ ଏଥିରେ ସନ୍ତୁଷ୍ଟ ନୁହନ୍ତି ବୋଲି କହିଛନ୍ତି। ସ୍ୱାମୀ ଜୀବନ ମୃତ୍ୟୁକୁ ନେଇ ବହୁ ଯନ୍ତ୍ରଣା ପାଇଥିଲେ ମଧ୍ୟ ଅଭିଯୁକ୍ତ ସେଭଳି କଷ୍ଟ ପାଇବ ନାହିଁ। ଦୋଷୀ ସ୍ନେହଙ୍କୁ ଫାଶୀ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ରୁନୁ ଗଣମାଧ୍ୟମ ଜରିଆରେ କହିଛନ୍ତି।

## ସାରଳା ଦାସ ଓଡ଼ିଆ ଭାଷା କୋଣାର୍କର ନିର୍ମାତା



ଆଦିକବିଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)

ଓଡ଼ିଆ ଭାଷା ଓ ସାହିତ୍ୟର ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଛି। ଆୟୋଜିତ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରି ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଭାବେ ସାରଳା ଦାସଙ୍କ ସାମଗ୍ରିକ ସାହିତ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଅନୁବାଦକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଯୋଗଦେଇ ସାରଳା ଦାସଙ୍କୁ ଓଡିଆ ଭାଷା କୋଣାର୍କର ନିର୍ମାତା ଭାବେ ଅଭିହିତ କରିବା ସହ ତାଙ୍କ ସାହିତ୍ୟକୃତି ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ସୁରେନ୍ଦ୍ର ନାଥ ଦାସ ଆଦିକବିଙ୍କ ଓଡ଼ିଆ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣ ରଚନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକତା ଓ ଏହାର ସାହିତ୍ୟିକ ଓ ସାଂସ୍କୃତିକ ପ୍ରଭାବ ସମ୍ପର୍କରେ ବହୁ ଅନାଲୋଚିତ ତଥ୍ୟ ଉପସ୍ଥାପନା କରିଥିଲେ। ବରିଷ୍ଠ ସାହିତ୍ୟିକ ପ୍ରଫେସର ବିଜୟାନନ୍ଦ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାଷା ଓ ଭୂମି ସମ୍ପର୍କରେ ଆଲୋଚନା କରି ସାରଳା ଦାସଙ୍କ ଓଡ଼ିଆ ଓ ସାହିତ୍ୟକୁ ଅନନ୍ୟ ଅବଦାନ ବିଷୟରେ କହିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ଡ, ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ। ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶାରଳା ବନ୍ଦନା ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ଼. ଜ୍ଞାନ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ଯାଁଳା,୧୬।୨(ବୁଲା ବାରିକ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମଦନପୁର ଗାଁ ବଜାରରେ ଶୁକ୍ରବାର ପୂର୍ବ ଶତ୍ରୁତାରୁ କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ମଦନପୁର ଗ୍ରାମର ଲିଙ୍କନ ବଳିୟାରସିଂହ ଓରଫ ବାପି। ତାଙ୍କ ଗୋଡ଼, ହାତ ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଖେଳ କରିବ ବୋଲି ଭିଡିଓ ଭାଇରାଲ କରି ଧମକ ଦେଇଥିବା ପୁତୁଲ ନାମକ ଯୁବକ ଏହି କାଣ୍ଡ ଘଟାଇଛନ୍ତି ବୋଲି ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ପୁତୁଲ ଓ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ବାପି ମାଛ କିଣି ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ଠିକଣା ପଚାରିବା ବାହାନାରେ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ବାପି ସ୍କୁଟି ଅଟକାଇବା ମାତ୍ରେ ଆଉ ଦୁଇଟି ବାଇକ୍ ସେଠାରେ ପହଞ୍ଚିଥିଲା। ବାଇକ୍ ପଛରେ ବସିଥିବା ଦୁର୍ବୃତ୍ତମାନେ ହଠାତ୍ ଖଣ୍ଡା ବାହାରକରି ବାପିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ବାପି ସ୍କୁଟି ସହ ତଳେ ପଡ଼ିଯାଇଥିଲେ। ଚିତ୍କାର ଶୁଣି କେତେଜଣ ଲୋକ ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।



କିଟ୍ ବିଶ୍ୱବିଦ୍ୟାଳୟର ୨୦ତମ ପ୍ରତିଷ୍ଠା ଦିବସରେ ରାମକ୍ରିଷ୍ଣ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଗୋବିନ୍ଦ ଭାଇ ଲାଲ୍‌ଜୀ ଭାଇ ଢୋଲକିଆ ଓ ଗୁଏଟ୍‌ମାଲାର ପୂର୍ବତନ ଉପରାଷ୍ଟ୍ରପତି ସେସାର ଗୁଲେରମୋ କାସିଲେ ରେୟେସଙ୍କୁ ‘କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ’ ପ୍ରଦାନ କରାଯାଉଛି।

## ସେସାର ରେୟେସ, ଗୋବିନ୍ଦ ଭାଇ ଢୋଲକିଆଙ୍କୁ ‘କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ’

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ଗୁଏଟ୍‌ମାଲାର ପୂର୍ବତନ ଉପରାଷ୍ଟ୍ରପତି ସେସାର ଗୁଲେରମୋ କାସିଲେ ରେୟେସ ଓ ରାମକ୍ରିଷ୍ଣ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡ୍‌ରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଗୋବିନ୍ଦ ଭାଇ ଲାଲ୍‌ଜୀ ଭାଇ ଢୋଲକିଆଙ୍କୁ ‘କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ’ ପ୍ରଦାନ କରାଯାଇଛି। କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଓ କୁଳପତି ପ୍ରଫେସର ଦୀପକ ବେହେରାଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ କିସ୍ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଢୋଲକିଆ କହିଲେ, ପୂର୍ବରୁ ସେ କେବେ ବି ଏତେ ବଡ଼ ଅନୁଷ୍ଠାନ ଓ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଏକାଠି ଦେଖି ନ ଥିଲେ। ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ସ୍ଥାନରେ ଏକାଠି ଦେଖିବା ତାଙ୍କ ଜୀବନରେ ପ୍ରଥମ ବୋଲି ସେ କହିଥିଲେ। କିସ୍‌ର ଛାତ୍ରୀଛାତ୍ର ଭାଗ୍ୟବାନ ହୋଇଥିବାରୁ ଏଠାରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ପ୍ରତିଷ୍ଠାତା ଡ. ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସେ ଜଣେ ଦ୍ୱିତୀୟ ମହାପୁରୁଷଙ୍କ ସାକ୍ଷାତ ପାଇଲେ ବୋଲି ଢୋଲକିଆ କହିଥିଲେ। ସେହିପରି ରେୟେସ ତାଙ୍କ ବକ୍ତବ୍ୟରେ ଅଚ୍ୟୁତ ସାମନ୍ତଙ୍କ ଭଳି ବ୍ୟକ୍ତିତ୍ୱ ଆମେ ଆମ ଦେଶରେ ଆବଶ୍ୟକ କରୁଛୁ ବୋଲି କହିଥିଲେ। ତାଙ୍କ ଭଳି ଜଣେ ବ୍ୟକ୍ତି ପାଇଲେ ଆମେ କିସ୍ ଭଳି ଏକ ଅନୁଷ୍ଠାନ ତିଆରି କରିପାରିବୁ ଓ ତୁମମାନଙ୍କ ଭଳି ଆମ ଦେଶର ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିପାରିବୁ। ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇ ସେ କହିଲେ, ଛାତ୍ରୀଛାତ୍ର ଭଲ ସ୍ୱପ୍ନ ଦେଖନ୍ତୁ ଓ ତାହାକୁ ସାକାର କରନ୍ତୁ। ନିଜକୁ ଜଣେ ଜଣେ ଭଲ ନାଗରିକଭାବେ ଗଢିତୋଳି ପିତାମାତା, ସମାଜ ଓ ଦେଶର ଗୌରବ ବୃଦ୍ଧି କରନ୍ତୁ ବୋଲି ସେସାର ଛାତ୍ରୀଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ‘ଅପ୍ରୀତିକର ପରିସ୍ଥିତି ଆସିଲେ ପ୍ରତିବାଦ କର’

### ‘ଗୁଡ୍ ଟଚ୍, ବ୍ୟାଡ୍ ଟଚ୍’ କର୍ମଶାଳା

ଭୁବନେଶ୍ୱର, ୧୬।୨(ଅସମାପିକା ସାହୁ)

ବିଚାର ଭାରତୀ ଟ୍ରଷ୍ଟର ଶ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଶୁକ୍ରବାର ଖଣ୍ଡଗିରି ନିକଟସ୍ଥ ତପୋବନ ହାଇସ୍କୁଲରେ ଛାତ୍ରୀମାନଙ୍କୁ ନେଇ ‘ଗୁଡ୍ ଟଚ୍, ବ୍ୟାଡ୍ ଟଚ୍’ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦିକା ପ୍ରୀତିଛନ୍ଦା ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନସ୍ତତ୍ତ୍ୱବିତ୍ ଡ. ନିଧି ଗର୍ଗ ଯୋଗଦେଇ ଛାତ୍ରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରି କିପରି ଏଥିରୁ ସେମାନେ ନିଜକୁ ସୁରକ୍ଷା ଦେଇପାରିବେ ସେନେଇ ମତ ରଖିଥିଲେ। ଟ୍ରଷ୍ଟର ସଂଗଠନ ସମ୍ପାଦକ ଲାଲା ସୁନୀଲ୍ କୁମାର ରଥ ଏବଂ ସଂଘମିତ୍ରା ପାଢ଼ୀ ଯୋଗଦେଇ ଛାତ୍ରୀମାନଙ୍କୁ ମାନସିକ ସ୍ତରରେ ଭୟଶୂନ୍ୟ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ଆସିଲେ ଏହାର ପ୍ରତିବାଦ କରିବା ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତା ବିଶ୍ୱାଳ ଓ ଅନୁସୂୟା ଭଞ୍ଜ ଯୋଗଦେଇ ଛାତ୍ରୀଙ୍କ ପାଇଁ ବିଚାର ଭାରତୀ ଟ୍ରଷ୍ଟର ଏଭଳି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀମାନଙ୍କୁ କିପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ତପୋବନ ହାଇସ୍କୁଲରେ ‘ଗୁଡ୍ ଟଚ୍, ବ୍ୟାଡ୍ ଟଚ୍’ ସମ୍ପର୍କିତ କର୍ମଶାଳାରେ ଛାତ୍ରୀଙ୍କ ସହ ଅତିଥି ଓ ଅନ୍ୟମାନେ।

## ଦିବ୍ୟାଙ୍ଗଙ୍କ ସଶକ୍ତୀକରଣ ପାଇଁ ପରାମର୍ଶଦାତା ବୋର୍ଡ ବୈଠକ



ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୨(ଅସମାପିକା ସାହୁ)

ଭିନ୍ନକ୍ଷମ ସଶକ୍ତୀକରଣ ପାଇଁ ଗଠିତ ରାଜ୍ୟ ପରାମର୍ଶଦାତା ବୋର୍ଡର ତୃତୀୟ ବୈଠକ ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରି ରାଜ୍ୟରେ ଦିବ୍ୟାଙ୍ଗଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସାମାଜିକ–ଆର୍ଥିକ ମୂଳସ୍ରୋତରେ ସାମିଲ କରିବା ନିମନ୍ତେ ସରକାର ଉଦ୍ୟମ କରୁଛନ୍ତି ବୋଲି କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ବିଭିନ୍ନ ସରକାରୀ ବିଭାଗଗୁଡ଼ିକର ସହଯୋଗକ୍ରମେ ସମନ୍ୱିତ ଉଦ୍ୟମ ବଳରେ ଦିବ୍ୟାଙ୍ଗଙ୍କର ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟରେ ଦିବ୍ୟାଙ୍ଗଙ୍କୁ ନେଇ ୨୯୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଥିବା ଦର୍ଶାଇଥିଲେ। ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ସଙ୍ଗଠନର ପ୍ରତିନିଧିତ୍ୱ କରିଥିବା କସ୍ତୁରୀ ମହାପାତ୍ର, ବିଜୟ ପରିଡ଼ା, ନାରାୟଣ ପତି, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ମତ ଓ ପ୍ରସ୍ତାବମାନ ରଖିଥିଲେ।

## ପୃଥକ୍ ଦୁର୍ଘଟଣା: ୨ ଜୀବନ ଗଲା

ଜଟଣୀ/ଗମ୍ଭାରୀମୁଣ୍ଡା,୧୬।୨ (ରବୀନ୍ଦ୍ରନାଥ ମହାକୁଡ଼/ଦିଲୀପ ସ୍ୱାଇଁ)

ଜଟଣୀ ମୁଖ୍ୟ ରାସ୍ତା ହରିଭାଇନା ଛକଠାରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ହଟସାହିର ଅରୁଣ ନାହାକ। ଖୋର୍ଦ୍ଧାରୁ ଜଟଣୀ ଅଭିମୁଖେ ଅରୁଣ ଓ ତାଙ୍କ ସ୍ତ୍ରୀ ବିଜୁଳି ବାଇକ୍‌ରେ ଆସୁଥିଲେ। କୌଣସି କାରଣରୁ ବାଇକ୍‌ଟି ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ଉଭୟେ ଛିଟିକି ପଡ଼ିଥିଲେ। ଏହି ସମୟରେ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକର ଚକା ତଳକୁ ଅରୁଣ ପଶିଆସିବାରୁ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ନାରୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା କଉଡିଆ ଛକ ପେଟ୍ରୋଲ ପମ୍ପଠାରେ ଟ୍ରାକ୍ଟର ଧକ୍କାରେ କୁମାଣ୍ଡଳ ଗ୍ରାମର ଦମୟନ୍ତୀ ପ୍ରଧାନଙ୍କ ମୃତ୍ୟୁ ଘଟିଛି।

## ‘ମହିଳାମାନେ ଆଗକୁ ବଢ଼ିଲେ, ଗାଁର ବିକାଶ ହେବ’

ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

ଓସାଫି ପକ୍ଷରୁ ପଞ୍ଚମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ମହିଳା ଉଦ୍ୟୋଗୀ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ନରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ରାଜ୍ୟରେ ୭୦ଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ସେବା ପ୍ରଦାନକାରୀ ଅନୁଷ୍ଠାନ, ବ୍ୟାଙ୍କ ଓ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡିକ ୪୦ ଲକ୍ଷ ମହିଳାଙ୍କ ପାଇଁ ୨୧, ୮୦୦ କୋଟି ଟଙ୍କାର ଋଣର ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀକୁ ନାବାର୍ଡ ସିଜିଏମ୍ ଡ. ସୁଧାଂଶୁ କେକେ ମିଶ୍ର ଉଦ୍‌ଘାଟନ କରିଥିଲେ। ମହିଳାମନେ ଆଗକୁ ବଢ଼ିଲେ ଗାଁ ଆଗକୁ ବଢ଼ିବ। ବିକାଶ ହେବ। ତେଣୁ ମହିଳାମାନେ ସ୍ୱାବଲମ୍ବୀ ହେବା ନିହାତି ଆବଶ୍ୟକ ବୋଲି ଡ. ମିଶ୍ର କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଡିବିର ସିଜିଏମ ୱାଇ କୁମାରୀ, ଏମ୍‌ଫିନର ମୁଖ୍ୟ ଡ. ଆଲୋକ ମିଶ୍ର, ସାଧନର ମୁଖ୍ୟ ଜି. ଜି. ମେନନ, ସିୱାଇଏସ୍‌ଡିର ମୁଖ୍ୟ ଜଗଦାନନ୍ଦ ପ୍ରମୁଖ ଯୋଗଦେଇ ମହିଳାଙ୍କ ଉଦ୍ୟୋଗ ବିକାଶ ପାଇଁ ସରକାରୀ , ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡିକର ବିଭିନ୍ନ ଯୋଜନାରେ ସମସ୍ତ ଗ୍ରାମୀଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ଜଳବାୟୁ ସହନଶୀଳ ସମାଜ ଗଠନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ତଥା ସାମାଜିକ ଓ ଆର୍ଥିକ ବିକାଶ ଅନୁଷ୍ଠାନଗୁଡିକ ମଧ୍ୟରେ ଅନୁବନ୍ଧନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମିଳନୀରେ ଓଡ଼ିଶାର ୩୦ଟି ଜିଲାରୁ ୫୦୦ ପ୍ରତିନିଧି ଯୋଗ ଦେଇଥିଲେ। ଓସାଫି ପକ୍ଷରୁ ସୁଧାଂଶୁ ଦାସ, ଆଶିଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଓସାଫି ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ପଞ୍ଚମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ମହିଳା ଉଦ୍ୟୋଗୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ଆଫୋର୍ଡେବଲ ହାଉସିଂ ପ୍ରକଳ୍ପରେ ୭ହଜାର ଲୋକଙ୍କୁ ଘର ମିଳିବ


ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)

ଆଫୋର୍ଡେବ୍‌ଲ ହାଉସିଂ ପ୍ରକଳ୍ପରେ ସହରର ଭିନ୍ନଭିନ୍ନ ସ୍ଥାନରେ ହିତାଧିକାରୀ ଥଇଥାନ ହେବେ। ଏଥିଲାଗି ମୋଟ ୭ହଜାର ୟୁନିଟ ଘର ପ୍ରସ୍ତୁତ ହୋଇଥିବାବେଳେ ମାର୍ଚ୍ଚ ସୁଦ୍ଧା ସବୁ ଘର ଆଲଟ୍‌ମେଣ୍ଟ ଜରିଆରେ ପ୍ରଦାନ କରାଯିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବେ ୩ରୁ ୪ ହାଉସିଂ ପ୍ରକଳ୍ପ ହାତକୁ ନେଇଛି। ଏହି କ୍ରମରେ ଖୁବ୍‌ଶୀଘ୍ର କେୟାର ହସ୍ପିଟାଲ ନିକଟରେ ‘ନୀଳମାଧବ ନିବାସ’କୁ ଲୋକାର୍ପିତ କରାଯିବ। ସେହିପରି ଘାଟିକିଆରେ ମଧ୍ୟ ଚାଲୁ ରହିଥିବା ହାଉସିଂ ପ୍ରୋଜେକ୍ଟକୁ ଲୋକର୍ପଣ କରିବାକୁ ବିଡିଏ ଯୋଜନା କରିଥିବା ଉପାଧ୍ୟକ୍ଷ ବଲୱନ୍ତ ସିଂହ ସୂଚନା ଦେଇଛନ୍ତି। ଚଳିତବର୍ଷର ସିଟି ଫେଷ୍ଟ ‘ଏକାମ୍ର ଉତ୍ସବ’ର ସଫଳ ଆୟୋଜନରେ ବିଡିଏର ଭୂମିକା ସହ ଦେଖାଦେଥିଲବା ଚ୍ୟାଲେଞ୍ଜ ବିଷୟରେ ସିଂହ କହିଥିଲେ। ଏହି ଅବସରରେ ବିଡିଏ ଦ୍ୱାରା ସହରରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଫେବୃଆରୀ ଶେଷ ସୁଦ୍ଧା ବରମୁଣ୍ଡା ବସ୍ ଟର୍ମିନାଲ ଲୋକାର୍ପଣ ଲକ୍ଷ୍ୟ ରଖାଯାଇଛି।

### ପ୍ରମୁଖ ପାର୍କରେ ହେବ ଲାଇବ୍ରେରି

ଏକାମ୍ର ଉତ୍ସବରେ କାହାଣୀ ଉତ୍ସବର ଲୋକପ୍ରିୟତା ଦେଖି ବିଡିଏ ପକ୍ଷରୁ ସହରରେ ଥିବା ଲାଇବ୍ରେରିଗୁଡିକର ପୁନରୁଦ୍ଧାର କରିବାକୁ ଯୋଜନା କରିଛି। ସେହିପରି ସବୁ ଜୋନ୍‌ରେ ପାଠାଗାର ନିର୍ମାଣ କରିବାକୁ ପ୍ରସ୍ତୁତ ହେଉଛି। ଫେବୃଆରୀ ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର କରିବେ। ରାଜ୍ୟ ଖଣି ନିଗମର ସିଏସ୍‌ଆର ପାଣ୍ଠିରେ ଏହା କରାଯିବ। ସେହିପରି ବାପୁଜୀ ନଗରରେ ଥିବା ଆଇପିଏସ୍‌ଇ କୋଠାର ୨ମହଲାରେ ଜୋନ୍ ପାଠାଗାର ଉଦ୍‌ଘାଟନ କରାଯିବ। ପର୍ଯ୍ୟାୟକ୍ରମେ ଭୁବନେଶ୍ୱରର ପ୍ରତ୍ୟେକ ଜୋନ୍‌ରେ ପାଠାଗାର ରହିବ।

### ୯୦ ଏକର ଜମିରେ ଲେକ୍ ପ୍ରୋଜେକ୍ଟ

ଗୋଟିଏ ସ୍ଥାନରେ ସାଇକେଲିଂ ଟ୍ରାକ୍, ୱାକିଂ ଓ ଜଗିଂ ଟ୍ରାକ ସହ ଓପନ ଜିମ୍, ବସିବା, ମନୋରଞ୍ଜନ ସହ ସହରବାସୀଙ୍କୁ ଓ ପାରମ୍ପରିକ ଖାଦ୍ୟ ମିଳିବ। ଏକାମ୍ର ଉତ୍ସବରେ ସହରବାସୀଙ୍କ ପାରମ୍ପରିକ ଖାଦ୍ୟ ପ୍ରତି ଥିବା ରୁଚିକୁ ଦେଖି ଆଗକୁ ଲୋକାର୍ପିତ ହେବାକୁ ଥିବା ଲେକ୍ ପ୍ରୋଜେକ୍ଟ (ଡ୍ରେନ ନଂ.୧୦ ନିକୋପାର୍କ ପଛପଟ)ରେ ଏହି ସୁବିଧା ଦେବାକୁ ବିଡିଏ ଲକ୍ଷ୍ୟ ରଖିଛି। ଲେକ୍‌ଜୋନ୍ ପ୍ରୋଜେକ୍ଟରେ ମୋଟ ୮୦ରୁ ୯୦ ଏକର ଭଳି ଜମିର ପୁନରୁଦ୍ଧାର କରାଯିବ। ଏଠାରେ ପ୍ରତି ଶନିବାର–ରବିବାର ପାରମ୍ପାରିକ ଖାଦ୍ୟ ବିକ୍ରି କରାଯିବ।

### ମାର୍ଚ୍ଚ ଶେଷ ସୁଦ୍ଧା ରାଇଟ୍ ପାରାଲାଲ ରୋଡ୍

ମାର୍ଚ୍ଚ ଶେଷ ସୁଦ୍ଧା ରାଇଟ୍‌ପାରାଲାଲ ରୋଡ୍‌ର ୨ଟି ରାସ୍ତା କାର୍ଯ୍ୟକ୍ଷମ ହେବ। ପଟିଆ ବିଗ୍‌ବଜାରଠାରୁ ପଟିଆ ଷ୍ଟେଶନ ଯାଏ ସଂଯୋଗ କରୁଥିବା ରାସ୍ତାର ପୁନରୁଦ୍ଧାର କାମ ଶେଷ ପର୍ଯ୍ୟାୟରେ ଥିବାବେଳେ ସୈନିକ ସ୍କୁଲ ପଛ ଯାଏ ଲମ୍ବିଥିବା ରାସ୍ତା କାମ ମଧ୍ୟ ତ୍ୱରାନ୍ୱିତ ହେଉଛି। ମାସ ଶେଷ ସୁଦ୍ଧା ଏହି ୨ରାସ୍ତା ଖୋଲିବାକୁ ବିଡିଏ ଯୋଜନା ରଖିଛି।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

■ ସୂର୍ଯ୍ୟ ଦର୍ଶନରେ ବାଧକ ସାଜିଲା ଘନକୁହୁଡ଼ି
■ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼

କୋଣାର୍କ, ୧୬।୨ (ଜ୍ୟୋତିରାଜ ମହାନ୍ତି)

ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ଭୋର ୪ଟା ୩୪ ମିନିଟରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଘନକୁହୁଡ଼ି ଯୋଗୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସମବେତ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପବିତ୍ର ମାଘ ସପ୍ତମୀରେ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଏବଂ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱରଙ୍କୁ ସମ୍ପୃକ୍ତ ସେବାୟତମାନେ ଗୁରୁବାର ଷଷ୍ଠୀ ରାତ୍ରି ୯ଟା ୩୦ରେ ସୁସଜ୍ଜିତ ବିମାନରେ ବିଜେ କରାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ପରେ ତିନି ମହାଦେବଙ୍କୁ ନିଜ ନିଜ ପୀଠରୁ ବେହେରା ସେବକମାନେ ବିରାଟ ପଟୁଆରରେ ଆଣି ଭୋଗମଣ୍ଡପଠାରେ ରାତ୍ର ୧୨ଟା ୩୦ରେ ପହଞ୍ଚିଥିଲେ। ସେଠାରେ ତିନି ମହାଦେବ ବିଜେ କରିବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍‌ଏସି ପରିସରରେ ଆଧ୍ୟାତ୍ମିକ ଓ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାକାର ପରିବେଶକୁ ଭକ୍ତିପୂର୍ଣ୍ଣ କରିଦେଇଥିଲା। ପରେ ତ୍ରିଶମ୍ଭୁଙ୍କୁ ବିରାଟ ଶୋଭାଯାତ୍ରାରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ନିଆଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ ସହ ଭୋଗ ଲାଗି କରାଯାଇଥିଲା। ତ୍ରିଶମ୍ଭୁଙ୍କୁ ବେହେରା ସେବକମାନେ କାନ୍ଧରେ ବୋହି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। କୋଣାର୍କ ଡାକବଙ୍ଗଳା ଛକଠାରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ନାଚଗୀତ ତାଳେ ତାଳେ ତ୍ରିଶମ୍ଭୁଙ୍କୁ ପଟୁଆରରେ ନିଆଯିବାବେଳେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମବିଭୋର ହୋଇପଡ଼ିଥିଲେ। ଗୁରୁବାର ରାତି ୩ଟାରେ ତ୍ରିଶମ୍ଭୁ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ଅବସ୍ଥାନ କରିଥିଲେ। ପ୍ରାଚୀନ ଚନ୍ଦ୍ରଭାଗା ନଦୀ ତଥା ବର୍ତ୍ତମାନର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜକମାନେ ପବିତ୍ର ଜଳ ଆଣିବା ପରେ ତିନି ମହାଦେବଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ସମ୍ପାଦନ କରାଯାଇଥିଲା। ତିନି ମହାଦେବଙ୍କ ପବିତ୍ର ଜଳକୁ ତୀର୍ଥ ପୁଷ୍କରିଣୀରେ ପକାଯାଇଥିଲା। ଏହାପରେ ତିନି ମହାଦେବଙ୍କ ସେବାୟତ ଓ ସାଧୁସନ୍ଥମାନେ ସ୍ନାନ କରିଥିଲେ। ପରେ ସମବେତ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ ସହ ସୂର୍ଯ୍ୟନାରାୟଣଙ୍କ ଉପାସନା କରି ଜଳ ଅର୍ପଣ କରିଥିଲେ। ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଦର୍ଶନ ପାଇଁ ସମବେତ ହୋଇଥିଲେ। ମାତ୍ର ଘନ କୁହୁଡ଼ି ଯୋଗୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରରେ ପ୍ରବେଶ ଶୁଳ୍କ ଛାଡ଼ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ସେମାନଙ୍କ ପରିବାରର ରିଷ୍ଟ ଖଣ୍ଡନ ଓ ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଆଦି ସମ୍ପାଦନ କରୁଥିବା ପରିଲକ୍ଷିତ ହୋଇଥିଲା।


ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

## ସଂକ୍ଷେପରେ

### ସପ୍ତମ ବାର୍ଷିକ ଭାଗବତ ମଣ୍ଡଳୀ ଉତ୍ସବ

ବାଙ୍କୀ, ୧୬।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଡମପଡ଼ା ପଞ୍ଚାୟତସ୍ଥ ବ୍ରାହ୍ମଣିଆ ଗାଁରେ ସପ୍ତମ ବାର୍ଷିକ ମା'ମଙ୍ଗଳା ମହିଳା ଭାଗବତ ମଣ୍ଡଳୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାନଦୀ କୂଳ ନିକଟବର୍ତ୍ତୀ ରାମଚନ୍ଦ୍ରପୁର ଘାଟ ନିକଟରୁ ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଘଟ ସ୍ଥାପନା କରାଯାଇଥିଲା। ପରେ କଳସ ଯାତ୍ରୀମାନେ ଗ୍ରାମ ପରିକ୍ରମା କରି ପୂଜା ପୀଠ ନିକଟରେ ପହଞ୍ଚି ଥିଲେ। ସଦା ପଲେଇ ପୌରୋହିତ୍ୟ କରିଥିବା ବେଳେ ଗୁରୁ ମେଘ ଭୋଇ, ସୁଦର୍ଶନ ସାମଲ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଗ୍ରାମର ୫ଟି କୀର୍ତ୍ତନ ମଣ୍ଡଳୀ ଆସି ୨୪ ପ୍ରହର ନାମଯଜ୍ଞ ଓ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। କୈଳାସ ସାମଲ, ବିପନ ନାୟକ, ସୁନୀଲ କୁମାର ସାମଲ, ବାବୁ ଭୋଇ, ନଖରା ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ମା'ଶାରଳାଙ୍କ ମେଳା

ନିଶ୍ଚିନ୍ତକୋଇଲି, ୧୬।୨ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ମା'ଶାରଳାଙ୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭକ୍ତମାନେ ଏକ ବିରାଟ ଶୋଭାଯାତ୍ରାରେ ଆସି ଚିତ୍ରୋତ୍ପଳା ନଦୀରୁ କଳସ ଉଠାଇଥିଲେ। କଳସ ଗୁଡ଼ିକୁ ଯଜ୍ଞସ୍ଥଳରେ ସ୍ଥାପନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା ପ୍ରମୁଖ ଯୋଗଦେଇ ମା'ଶାରଳାଙ୍କ କୃପାଲାଭ କରିଥିଲେ। ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ହରିହାଟ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ପଣ୍ଡା କର୍ତ୍ତା ଓ ତାଙ୍କ ସ୍ତ୍ରୀ କର୍ତ୍ତୀରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ।

### ମଣିନାଗେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ତିଗିରିଆ, ୧୬।୨ (ଜାଫର ଖାଁ)

ତିଗିରିଆ ବ୍ଲକ ସୋମପଡ଼ା ପଞ୍ଚାୟତ ଅନ୍ତର୍ଗତ ମହୁଲଡ଼ିପ ଗ୍ରାମସ୍ଥିତ ମଣିନାଗେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ୩ ଦିନ ଧରି ଚାଲିବ। ଯଜ୍ଞର ପ୍ରଥମ ଦିବସ ପୂର୍ବରୁ ଗୁରୁବାର ଅଙ୍କୁରା ରୋପଣ ନୀତି ଶେଷ ହୋଇଥିବା ବେଳେ ଶୁକ୍ରବାର କଳସ ଯାତ୍ରା ଓ ଅଗ୍ନିସ୍ଥାପନ ନୀତି ଶେଷ ହୋଇଛି। ଶନିବାର ଗୀତା ଯଜ୍ଞ, ଅଭିଷେକ ଓ ଚଣ୍ଡୀ ପାଠ ଅନୁଷ୍ଠିତ ହେବାକୁ ଥିବାବେଳେ ଶେଷ ଦିନ ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ ପରିଚାଳନା ମୁଖ୍ୟ ଡ. ରମେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।ଏହି ଯଜ୍ଞରେ କର୍ତ୍ତାଭାବେ ସୁରେଶ୍ୱର ପ୍ରଧାନ ଓ ସ୍ତ୍ରୀ ସ୍ୱାତୀ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଅବିନାଶ ଦାଶ, ପଣ୍ଡିତ ପ୍ରଦୀପ କୁମାର ମିଶ୍ର, ପଣ୍ଡିତ ହୃଷିକେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ ଓ ପଣ୍ଡିତ ବିଭୂତି ଭୂଷଣ ନନ୍ଦ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମହୁଲଡ଼ିପ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଛନ୍ତି।

## ବାଙ୍କୀରେ ୧୮୩ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଲେ

ବାଙ୍କୀ, ୧୬।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଉଚ୍ଚ ମାଧ୍ୟମିକ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ କଳାପଥର, ଧଳାପଥର ଆଞ୍ଚଳିକ ବିଦ୍ୟାଳୟର ୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ପରୀକ୍ଷା ପରିଚାଳକ ସମୀର କୁମାର ମହାପାତ୍ର, ଉପପରିଚାଳକ ନିରଞ୍ଜନ ରାଉତରାୟ, କଲେଜ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଡ. ସରୋଜ କୁମାର ସାହୁ, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ବୃନ୍ଦାବନ ପ୍ରଧାନ, ଅଧ୍ୟାପକ ଆଶିଷ କୁମାର ପାଢୀ, ସଜିତ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ସେହିପରି କଳାପଥର, ଧଳାପଥର ଆଞ୍ଚଳିକ ବିଦ୍ୟାଳୟଠାରେ ପରୀକ୍ଷା ପରିଚାଳକ ତଥା ବିଦ୍ୟାଳୟର ଅଧ୍ୟକ୍ଷ ସୁନନ୍ଦ କୁମାର ଛାଟୋଇ ଓ ପରୀକ୍ଷା ପର୍ଯ୍ୟବେକ୍ଷକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି।

## ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳାରେ ୩୭୨ ଆବେଦନ

ବାଙ୍କୀ, ୧୬।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କଚେରୀ ପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ସଂସ୍ଥା, ଜିଲା ପ୍ରଶାସନ ଓ ଜିଲା ନିୟୋଜନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବବର୍ଗ ପାଇଁ ଏହା ଏକ ଅପୂର୍ବ ସୁଯୋଗ ବୋଲି ସେ କହିଥିଲେ। ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବାଙ୍କୀ ବ୍ଲକ ସହକାରୀ ବିଡିଓ ସୁଚିସ୍ମିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ଲକ ଜୀବିକା ମିଶନ ସଂଯୋଜକ ଅକ୍ଷୟ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନିଯୁକ୍ତି ମେଳାରେ କଟକ ଜିଲାର ୩୭୨ଜଣ ବେକାରୀ ଯୁବକ ଯୁବତୀ ଦରଖାସ୍ତ କରି ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ମେଳାରେ ୪୦ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାର ଷ୍ଟଲରେ ସ୍ଥାନ ପାଇଥିଲା। ଦରଖାସ୍ତକାରୀଙ୍କ ମଧ୍ୟରୁ ଯୋଗ୍ୟ ପାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ଜିଲା ନିଯୁକ୍ତି ନିୟୋଜନ ଅଧିକାରୀ ପ୍ରକାଶ କରିଛନ୍ତି।

## 'ସରକାର ବସ୍ତିବାସିନ୍ଦାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣୁଛନ୍ତି'

ଚୌଦ୍ୱାର, ୧୬।୨ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡ ବିଜୁ ଆଦର୍ଶ କଲୋନୀରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବସ୍ତିବାସିନ୍ଦା ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଗୋଛାୟତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ବିକାଶ ରାଜ୍ୟ ସରକାରଙ୍କ ସଂକଳ୍ପ ବୋଲି କହିଛନ୍ତି। ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣୁଥିବା ସେ କହିଛନ୍ତି। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପ୍ରେମଚାନ୍ଦ ନାୟକ, ବିଷ୍ଣୁଚରଣ ପରିଡା, ବିମଳ କୁମାର ବେଉରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ବସ୍ତିର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌରପାଳିକାର ନୋଡାଲ ଅଫିସର ଚନ୍ଦନ ଦାସ, ସିଟି ମିଶନ ମ୍ୟାନେଜର ସ୍ନିଗ୍ଧା ମହାନ୍ତି, ଶୁଚିସ୍ମିତା ମହାନ୍ତି, ରଶ୍ମିରଞ୍ଜନ ଦାସ, ଅଜୟ ନାୟକ, ଶିବାନନ୍ଦ ସାହୁ, ପ୍ରତିମା ବେହେରା, ପ୍ରହ୍ଲାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ



ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

ନିଶ୍ଚିନ୍ତକୋଇଲି, ୧୬।୨ (ଅଶୋକ କୁମାର ମହାପାତ୍ର)

ଭାରତୀୟ କ୍ଷେତ ମଜଦୁର ୟୁନିୟନ ଓ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ପକ୍ଷରୁ ଡକାଯାଇଥିବା ଧର୍ମଘଟର ଆଂଶିକ ପ୍ରଭାବ ନିଶ୍ଚିନ୍ତକୋଇଲିରେ ପଡ଼ିଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ବସଷ୍ଟାଣ୍ଡ ନିକଟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ପ୍ରତିବାଦ ସଭାରେ କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ମାରଣା ନୀତିକୁ କଟୁ ସମାଲୋଚନା କରାଯାଇଥିଲା। ଏଥିସହ ୫ ଦଫା ଦାବି କରାଯାଇଥିଲା। କମ୍ରେଡ୍ ତ୍ରୈଲୋକ୍ୟ ନାଥ, ବିକେଏମୟୁ ଜିଲା ସମ୍ପାଦକ କମ୍ରେଡ ହିମାଂଶୁ ଶେଖର ଭୂୟାଁ, କୃଷକ ନେତା କସ୍ତୁରୀ ଚରଣ ପାତ୍ର, ସିପିଆଇ ଜୋନ ସମ୍ପାଦକ ଅରବିନ୍ଦ ପଣ୍ଡା, ମାଗୁଣୀ ଚରଣ ନାୟକ, ସେକ ଅମଜାଦ ଅଲ୍ଲୀ,ହୃଷୀକେଷ ପଣ୍ଡା, ଶିବରାମ ବସ୍ତିଆ,ରମେଶ ଚନ୍ଦ୍ର ସାହୁ,ତପନ କୁମାର ସୁତାର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ତିଗିରିଆ, ୧୬।୨ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ବୁଦ୍ଧଜୟନ୍ତୀପୁର ବୌଦ୍ଧବିହାର ଠାରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଯୋଗ ଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଭୋଗଡା ସରପଞ୍ଚ ଶର୍ମିଳା ନାୟକ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ସରପଞ୍ଚଙ୍କ ପ୍ରତିନିଧି ସମସୁର ଅଲ୍ଲୀ ଖାଁ, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ମହମ୍ମଦ ଖାଲିଦ, ସାହାଦତ ଖାଁ, ବୈକୁଣ୍ଠ ବିହାରୀ ନନ୍ଦୀ, ନିରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ତିଗିରିଆ ବ୍ଲକ ନିର୍ବାହୀ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ, ଜେମାଦେଇପୁର ପଞ୍ଚାୟତ ପିଇଓ ମାଗୁଣି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ବିଭିନ୍ନ ଷ୍ଟଲ ଲାଗିଥିବା ବେଳେ ଲସି, ମାଣ୍ଡିଆ ଚା' ଓ ମାଣ୍ଡିଆ ସରବତ ଷ୍ଟଲରେ ଭିଡ ଦେଖିବାକୁ ମିଳିଥିଲା।

## ତୁଳସୀପୁରରେ ମହାଯଜ୍ଞ ଉଦ୍‌ଯାପିତ

ବାଙ୍କୀ, ୧୬।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁରସ୍ଥିତ ଶ୍ରୀଶ୍ରୀ ନିଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୧୮ଦଶ ବାର୍ଷିକ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଫୁଲବାଣୀ ଚକାପାଦ କଲ୍ୟାଣ ଆଶ୍ରମ, ସଂସ୍କୃତ ମହାବିଦ୍ୟାଳୟ ଓ ପୁରୀ ବେଦବିଦ୍ୟାଳୟର ୫୪ଜଣ ବେଦବିଶାରଦ ଉକ୍ତ ଯଜ୍ଞକୁ ସମ୍ପାଦନ କରିଥିଲେ। ଏଥିସହ ନଗର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁଳସୀପୁର ଗ୍ରାମବାସୀ ସହଯୋଗ କରିଥିଲେ।

## 'ସରକାରୀ ଯୋଜନା ଲୋକଙ୍କୁ ଜଣାଅ'



କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ମାହାଙ୍ଗା, ୧୬।୨ (ଯଯାତି ସିଂହ)

ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ ପ୍ରଥମେ ଛେଦାଠାରୁ ବଉଲାକୁ ସଂଯୋଗୀକରଣ ପାଇଁ ସାନ ଗେଙ୍ଗୁଟୀ ନଦୀ ଉପରେ ଏକ ନୂତନ ସେତୁର ଶୁଭ ଶିଳାନ୍ୟାସ କରିବା ସହ ଆଖଣ୍ଡଳମଣୀ ଖେଳ ପଡ଼ିଆଠାରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକମରେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ସରପଞ୍ଚ ଶୈଳବାଳା ବେହେରା, ସମିତିସଭ୍ୟା ବନଲତା ଦଳାଇ, କମଳାକାନ୍ତ ରାଉତ, ମହିଳା ଫେଡେରେଶନ ସଭାନେତ୍ରୀ ସସ୍ମିତା ମହାନ୍ତି, ସମ୍ପାଦିକା ମମତା ରାଉତ, ନାରାୟଣ ବେହେରାଙ୍କ ପ୍ରମୁଖଙ୍କ ସମେତ ବହୁ ଜନସାଧାରଣ ଓ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବାବେଳେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ମଉଦା ପଞ୍ଚାୟତରେ ସୂର୍ଯ୍ୟକାନ୍ତ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜେନା ଯୋଗଦେଇ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲେ। ଏଥିରେ ଅତିଥି ଭାବେ ବିଡିଓ ଅମୀୟ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ସୁସ୍ମିତା ଦାସ, ସରପଞ୍ଚ ଚିନ୍ମୟୀ ବରାଳ, ସମିତସିଭ୍ୟ ପ୍ରଭାତୀ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ସେଠୀ, ସମୀର କେଶରୀ ବର୍ମା, ତପନ ମିଶ୍ର, ମାନସ ରଞ୍ଜନ ବେହେରା, କ୍ରିଷ୍ଣାଶିଷ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ସହରାଞ୍ଚଳରେ ମୁକ୍ତା ମାଧ୍ୟମରେ ବିକାଶ, ନବୀକରଣ ହେଉଛି

ବାଙ୍କୀ, ୧୬।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା ସହରାଞ୍ଚଳ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ କରାଯାଇଛି। ଏହିକ୍ରମରେ ବାଙ୍କୀ ଏନ୍‌ଏସି ପକ୍ଷରୁ ଆମ ବସ୍ତି ଅଞ୍ଚଳରେ ୨ଟି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ୱାର୍ଡ ନଂ. ୧୦ରୁ ୬ନଂ. ୱାର୍ଡ ପର୍ଯ୍ୟନ୍ତ ଶିଶୁଆ ପ୍ରସ୍ତାବିତ ବସଷ୍ଟାଣ୍ଡ ପଡ଼ିଆଠାରେ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର କ'ଣ ଯୋଜନା ମିଶନ ଶକ୍ତିଠାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଭାଗିତାରେ ଆନ୍ତର୍ଜାତିକ ପୁରସ୍କାରପ୍ରାପ୍ତ କାର୍ଯ୍ୟକ୍ରମ ମୁକ୍ତା ମାଧ୍ୟମରେ ବିକାଶ ଓ ନବୀକରଣ ହୋଇପାରୁଛି ବୋଲି ସୂଚନା ଦେଇଥିଲେ। ଆମ ପୋଖରୀ ଯୋଜନାରେ ଜଳାଶୟ ନବୀକରଣରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପକାରିତା ବିଷୟରେ ବିଧାୟକ ତ୍ରିପାଠୀ ଆଲୋକପାତ କରିଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, କାଉନସିଲର ସବିତା ନନ୍ଦ, ପ୍ରତୀମା ରାଉତ, ଅଶାନ୍ତି ରାଉତ, ସାଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମହାସଂଘ ସଭାନେତ୍ରୀ ପ୍ରଭାତି ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

୪ ନଂ. ୱାର୍ଡ କାଉନସିଲର ସନାତନ ବେହେରା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ଉପନଗରପାଳ ଭାଗୀରଥି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୱାର୍ଡ ନଂ. ୧୪ଠାରୁ ୧୭ନଂ. ୱାର୍ଡର କାର୍ଯ୍ୟକ୍ରମ ସାହାଡ଼ାପଦା ୧୫ନଂ. ୱାର୍ଡ ଅନ୍ତର୍ଗତ ବକ୍ରେଶ୍ୱର ମନ୍ଦିର ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଉପନଗରପାଳ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳର ସଫଳତା ପୁସ୍ତକ ଉନ୍ମୋଚନ କରିଥିଲେ। ନଗରପାଳ ମାଣିକ ସାହୁ, କାଉନସିଲର ଚନ୍ଦନଗଣ୍ଡିଆ, ବିଳାସ ବେହେରା, ବିକଳ ଗୋଛି, ବବିତା ମନ୍ତ୍ରୀ, ରାଜେନ୍ଦ୍ର ମହାପାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୧୫ନଂ. ୱାର୍ଡର ପ୍ରତୀମା ସ୍ୱାଇଁ, ୧୪ନଂ. ୱାର୍ଡର ମିନାକ୍ଷୀ ମହାରଣା, ଧର୍ମାନନ୍ଦ ସ୍ୱାଇଁ, ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ଆଇନଜୀବୀ ତଥା ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବାଙ୍କୀ ଏନ୍‌ଏସି ଅଞ୍ଚଳରେ କେଉଁ ଯୋଜନାରେ କେତେ ସଂଖ୍ୟକ ଲାଭାର୍ଥୀ, କି କି ଉନ୍ନୟନମୂଳକ କାର୍ଯ୍ୟ ହେଉଛି ଏବଂ ହେବାକୁ ଯାଉଛି ସେ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ଗୋଷ୍ଠୀ ସଙ୍ଗଠିକା ମଧୁସ୍ମିତା ଦାଶ, ସିଏମ୍‌ଏମ୍ ଅଭିଜିତ୍ ଖୁଣ୍ଟିଆ, ପରିମଳ ବିଶେଷଜ୍ଞ ସୁନୀଲ ସେଠୀ, ବିଜୟ ରାଜ, ସାନ୍ତନୁ ବେହେରା, ବନୀତା ନାୟକଙ୍କ ସମେତ ଅନ୍ୟ ୱାର୍ଡ ଅଫିସର, କର୍ମଚାରୀ, ସ୍ୱଚ୍ଛସାଥୀ, ସୁପରଭାଇଜରମାନେ ଯୋଗଦେଇ ସହଯୋଗ କରିଥିଲେ। ସାଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।


ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ପୁସ୍ତକ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର ଘଟଣା : ଏନ୍ଏଚ୍ଆର୍ସିରେ ମାମଲା

**କଟକ,୧୬।୨ (କାର୍ତ୍ତିକ ସାହୁ):** ମଧୁପାଟଣା ଥାନା ଅଧୀନ ନୂଆପଡ଼ା ବାଲିସାହି ଅଞ୍ଚଳରେ ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ରେ ଶୁକ୍ରବାର ଏକ ମାମଲା ରୁଜୁ ହୋଇଛି। ପୀଡ଼ିତା ନାବାଳିକାଙ୍କ ବୟାନ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ସରସ୍ୱତୀ ପୂଜାରେ ନାବାଳିକା ଜଣଙ୍କ ଏକ ଦୋକାନକୁ ଯାଉଥିବାବେଳେ ସାଇକେଲରୁ ତଳେ ପଡ଼ି ଯାଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ୩ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ମେଡିକାଲ ନେବା ପାଇଁ କହି ଏକ ନିଛାଟିଆ ବଣକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ପ୍ରବଳ ରକ୍ତସ୍ରାବ ହେବାରୁ ପରିବାର ଲୋକେ ପଚାରିଥିଲେ। ତେଣୁ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିଥିଲେ। ପରେ ନାବାଳିକାଙ୍କୁ ଧରି ପରିବାର ଲୋକେ ମଧୁପାଟଣା ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏ ନେଇ ଦଫା ୩୭୬, ୩୪ ଏବଂ ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୫୨/୨୪ ରୁଜୁ ହୋଇଛି। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ପୋଲିସ ତାଙ୍କୁ ଏସ୍ସିବି ମେଡିକାଲରେ ଭର୍ତ୍ତି କରିଛି। ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ମାମଲାରେ ତଦନ୍ତ ଜାରି ରହିଛି। ପୀଡ଼ିତା ନାବାଳିକା ଓ ସାକ୍ଷୀମାନଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ପରେ ସତ୍ୟାସତ ସାମ୍ନାକୁ ଆସିବ।

### ଆଫୋର୍ଡେବ୍ଲ ହାଉସିଂ ପ୍ରକଳ୍ପରେ ୭ହଜାର ଲୋକଙ୍କୁ ଘର ମିଳିବ

**ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ):** ଆଫୋର୍ଡେବ୍ଲ ହାଉସିଂ ପ୍ରକଳ୍ପରେ ସହରର ଭିନ୍ନଭିନ୍ନ ସ୍ଥାନରେ ହିତାଧିକାରୀ ଥଇଥାନ ହେବେ। ଏଥିଲାଗି ମୋଟ ୭ହଜାର ୟୁନିଟ ଘର ପ୍ରସ୍ତୁତ ହୋଇଥିବାବେଳେ ମାର୍ଚ୍ଚ ସୁଦ୍ଧା ସବୁ ଘର ଆଲଟ୍ମେଣ୍ଟ ଜରିଆରେ ପ୍ରଦାନ କରାଯିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବେ ୩ରୁ ୪ ହାଉସିଂ ପ୍ରକଳ୍ପ ହାତକୁ ନେଇଛି। ଏହି କ୍ରମରେ ଖୁବ୍ଶୀଘ୍ର କେୟାର ହସ୍ପିଟାଲ ନିକଟରେ 'ନୀଳମାଧବ ନିବାସ'କୁ ଲୋକାର୍ପିତ କରାଯିବ। ସେହିପରି ଘାଟିକିଆରେ ମଧ ଚାଲୁ ରହିଥିବା ହାଉସିଂ ପ୍ରୋଜେକ୍ଟକୁ ଲୋକର୍ପଣ କରିବାକୁ ବିଡିଏ ଯୋଜନା କରିଥିବା ଉପାଧ୍ୟକ୍ଷ ବଲୱନ୍ତ ସିଂହ ସୂଚନା ଦେଇଛନ୍ତି। ଚଳିତବର୍ଷର ସିଟି ଫେଷ୍ଟ 'ଏକାମ୍ର ଉତ୍ସବ'ର ସଫଳ ଆୟୋଜନରେ ବିଡିଏର ଭୂମିକା ସହ ଦେଖାଦେଥିଲବା ଚ୍ୟାଲେଞ୍ଜ ବିଷୟରେ ସିଂହ କହିଥିଲେ। ଏହି ଅବସରରେ ବିଡିଏ ଦ୍ୱାରା ସହରରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଫେବୃଆରୀ ଶେଷ ସୁଦ୍ଧା ବରମୁଣ୍ଡା ବସ୍ ଟର୍ମିନାଲ ଲୋକାର୍ପଣ ଲକ୍ଷ୍ୟ ରଖାଯାଇଛି। ବିଡିଏ ପକ୍ଷରୁ ସହରରେ ଥିବା ଲାଇବ୍ରେରୀଗୁଡ଼ିକର ପୁନରୁଦ୍ଧାର କରିବାକୁ ଯୋଜନା କରିଛି।

# ଖୋର୍ଦ୍ଧାରେ ଗଡ଼ିଲା ଲକ୍ଷ୍ମୀ ବସ୍

- ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ
- ୫ ଟଙ୍କାରେ ଯାତ୍ରା କରିବେ ମହିଳା, ଛାତ୍ରୀଛାତ୍ର

**ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)**




ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧାରେ ଲକ୍ଷ୍ମୀ ବସ୍ ସେବା ଶୁକ୍ରବାର ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ହାବେଳି ପଡ଼ିଆରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍ସିଂ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ସୁଦୃଢ଼ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି



ଅବସରରେ ମୁଖ୍ୟମନ୍ତ୍ରୀ ୧୩ଟି ବସ୍ର ଉଦ୍ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨ଟି(ବିନା ଶୀତତାପ)ବସ୍ ୬ଟି ବ୍ଲକକୁ ୨ଟି ଲେଖାଏ ଯୋଗାଇ ଦିଆଯାଇଥିବା ବେଳେ ସହରାଞ୍ଚଳରେ ଗୋଟିଏ ଶୀତତାପ ବସ୍ ଯାତାୟାତ କରିବ। ଦ୍ୱିତୀୟ ପର୍ଯ୍ୟାୟରେ ୨ସପ୍ତାହ ମଧ୍ୟରେ ଅବଶିଷ୍ଟ ୯ଟି ବସ୍ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଯୋଗାଇଦେବାକୁ ପ୍ରସ୍ତାବ ରଖିଛନ୍ତି। ଜିଲାର ୬ଟି ବ୍ଲକ ସହ ପଞ୍ଚାୟତରେ ପହଞ୍ଚିବ ଲକ୍ଷ୍ମୀ ବସ୍। ମହିଳା ଏବଂ ଛାତ୍ରୀଛାତ୍ରମାନେ ୫ ଟଙ୍କାରେ ଯାତ୍ରା କରିବେ। ଗ୍ରାମାଞ୍ଚଳର ଲୋକଙ୍କୁ ସିଧାସଳଖ ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହଇରାଣ ହେବାକୁ ପଡ଼ିବ ନାହିଁ। ସୁଲଭ ଏବଂ ସ୍ୱଳ୍ପ ସମୟ ତଥା ସୁରକ୍ଷିତ ଭାବେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିପାରିବେ। ସାରା ରାଜ୍ୟରେ ୧ହଜାରରୁ ଊର୍ଦ୍ଧ୍ୱ ବସ୍ ଚଳାଚଳ କରିବା ଯୋଜନା ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ହାଣ୍ଡିଶାଳ, ଘର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ସମାଜ ଆଢୁଆଳରେ ରହିଯାଉଥିବା ମହିଳାଙ୍କୁ ସରକାର ଅଗ୍ରାଧିକାର ଦେଉଛନ୍ତି। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଲକ୍ଷ୍ମୀ ବସ୍ରେ ମହିଳା ଓ ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯାଇଛି। ଏଣିକି ମହିଳାମାନେ ସୁରକ୍ଷିତ ଭାବେ ଯେକୌଣସି ସ୍ଥାନକୁ ଯାତ୍ରା କରିପାରିବେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟଙ୍କ ସମେତ ସମସ୍ତ ବ୍ଲକର ଜନପ୍ରତିନିଧି, କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

# ଏମ୍ପିଙ୍କ ଅସହଯୋଗ ନେଇ ଅସନ୍ତୋଷ

**ବେଗୁନିଆ,୧୬।୨(ହର ପ୍ରସନ୍ନ ପଣ୍ଡା)**

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏନେଇ ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସର ନେତା ଏବଂ କର୍ମୀମାନେ ଘର ଘର ବୁଲିବା ଆରମ୍ଭ କରିଦେଲେଣି। ହେଲେ ଭାରତୀୟ ଜନତା ପାର୍ଟିର ପୁରୁଣା କର୍ମୀମାନଙ୍କ ପ୍ରତି ଏମ୍ପିଙ୍କ ଅସହଯୋଗ ଆଗାମୀ ନିର୍ବାଚନରେ ମହଙ୍ଗା ସାବ୍ୟସ୍ତ ହେବା ଆଶଙ୍କା କରି କର୍ମୀମାନଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏମ୍ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଶୁକ୍ରବାର ପାଞ୍ଚଗଡ଼ ମଣ୍ଡଳର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ବେଗୁନିଆ ସଦର ମହକୁମାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା କର୍ମକର୍ତ୍ତା ଶାନ୍ତି ଶେଖର ମହାପାତ୍ର ଏବଂ ଦକ୍ଷିଣ ମଣ୍ଡଳର ପୂର୍ବତନ ସଭାପତି ସଞ୍ଜୟ ପ୍ରସାଦ ଛୁଆଲସିଂହଙ୍କ ସଂଯୋଜନାରେ ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଦକ୍ଷିଣ ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ବାହିନୀପତି, ଧନେଶ୍ୱର ପ୍ରଧାନ, ପ୍ରଦୀପ ମହାଭୋଇ, ଦୟାନିଧି ବେହେରା, ସୁରେଶ ପ୍ରଧାନ, ପ୍ରଫୁଲ୍ଲ କୁମାର ରଥ, ସୁଧାକର ମାର୍ଥା, ପ୍ରମୋଦ ରାଉତରାୟ, ସହଦେବ ବେହେରା ଓ ଅରକ୍ଷିତ ସାମଲ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ ଦଳ ମଜଭୁତ ହେବା ସହ ବିଜୟଲାଭ କରିପାରିବ ସେନେଇ ଆଲୋଚନା କରିଥିଲେ। ଏମ୍ପିଙ୍କ ମନମୁଖି କାର୍ଯ୍ୟ ଯୋଗୁ ଦଳୀୟ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ଏହାର ପ୍ରତିବାଦରେ ରାଜ୍ୟର ନେତୃମଣ୍ଡଳୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ସାଧାରଣ ସମ୍ପାଦକ ଧ୍ରୁବ ଚରଣ ବାହିନୀପତି କ୍ଷୋଭ ପ୍ରକାଶ କରିଛନ୍ତି।



ବୈଠକରେ ଭାଜପା ନେତା ଓ କର୍ମୀମାନେ।




କଟକ ମଙ୍ଗଳାବାଗସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ସମ୍ମୁଖରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## 'ମହିଳାମାନେ ଆଗକୁ ବଢ଼ିଲେ, ଗାଁର ବିକାଶ ହେବ'

**ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)**

ଓସାଫି ପକ୍ଷରୁ ପଞ୍ଚମ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ମହିଳା ଉଦ୍ୟୋଗୀ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ନରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ରାଜ୍ୟରେ ୭୦ଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ସେବା ପ୍ରଦାନକାରୀ ଅନୁଷ୍ଠାନ, ବ୍ୟାଙ୍କ ଓ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ୪୦ ଲକ୍ଷ ମହିଳାଙ୍କ ପାଇଁ ୨୧, ୮୦୦ କୋଟି ଟଙ୍କାର ଋଣର ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀକୁ ନାବାର୍ଡ ସିଜିଏମ ଡ. ସୁଧାଂଶୁ କେକେ ମିଶ୍ର ଉଦ୍ଘାଟନ କରି କହିଥିଲେ, ମହିଳାମାନେ ଆଗକୁ ବଢ଼ିଲେ ଗାଁର ବିକାଶ ହେବ,ତେଣୁ ମହିଳାମାନେ ସ୍ୱାବଲମ୍ବୀ ହେବା ଆବଶ୍ୟକ। ସିଡିବିର ସିଜିଏମ ୱାଇ କୁମାରୀ, ଏମ୍ଫିନର ମୁଖ୍ୟ ଡ. ଆଲୋକ ମିଶ୍ର, ସାଧନର ମୁଖ୍ୟ ଜି. ଜି. ମେନନ, ସିଓ୍ୱାଇଏସ୍ଡିର ମୁଖ୍ୟ ଜଗଦାନନ୍ଦ ଯୋଗଦେଇ ମହିଳାଙ୍କ ଉଦ୍ୟୋଗ ବିକାଶ ପାଇଁ ସରକାରୀ , ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକର ବିଭିନ୍ନ ଯୋଜନାରେ ସମସ୍ତ ଗ୍ରାମୀଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରିଥିଲେ।

# ଦେଶମାତୃକାର ସେବା କରିବା ପାଇଁ ଆହ୍ୱାନ

**ଟାଙ୍ଗୀ,୧୬।୨(ରଘୁନାଥ ସାହୁ)**

କନ୍ଦନୟାଗଡ଼ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ମୁଖ୍ୟବକ୍ତା ଗାୟତ୍ରୀ ପରିବାରର ପରିବ୍ରାଜକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଘରୋଇ ବିଦ୍ୟାଳୟ ସଂଘ ସଭାପତି ପ୍ରଭାତ ପ୍ରଧାନ, ସମ୍ପାଦକ ଛାୟାକାନ୍ତ ମହାପାତ୍ର, ଉପସଭାପତି ନିରଞ୍ଜନ ତରାସ, ବିଦ୍ୟାଳୟ ସମ୍ପାଦକ ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ସୁନାଗରିକ ହେବା ସହ ଦେଶମାତୃକାର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରଦ୍ଧାଞ୍ଜଳି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉଦ୍ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ପୃଥକ୍ ଦୁର୍ଘଟଣା: ୨ ଜୀବନ ଗଲା

**ଜଟଣୀ/ଗମ୍ଭାରୀମୁଣ୍ଡା,୧୬।୨
(ରବୀନ୍ଦ୍ରନାଥ ମହାକୁଡ଼/ଦିଲୀପ ସ୍ୱାଇଁ)**

ଜଟଣୀ ମୁଖ୍ୟ ରାସ୍ତା ହରିଭାଇନା ଛକଠାରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ହଟସାହିର ଅରୁଣ ନାହାକ। ସୂଚନା ମୁତାବକ, ଖୋର୍ଦ୍ଧାରୁ ଜଟଣୀ ଅଭିମୁଖେ ଅରୁଣ ଓ ତାଙ୍କ ସ୍ତ୍ରୀ ବିଜୁଳି ବାଇକ୍ରେ ଆସୁଥିଲେ। କୌଣସି କାରଣରୁ ବାଇକ୍ଟି ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ଉଭୟେ ଛିଟିକି ପଡ଼ିଥିଲେ। ଏହି ସମୟରେ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକର ଚକା ତଳକୁ ଅରୁଣ ପଶିଆସିବାରୁ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଟଣୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି। ସେହିପରି ନାଚୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା କଉଡିଆ ଛକ ପେଟ୍ରୋଲ ପମ୍ପଠାରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କୁମାଣ୍ଡଳ ଗ୍ରାମର ଦମୟନ୍ତୀ ପ୍ରଧାନ। ସୂଚନା ମୁତାବକ, ଆୟତପୁର ପଞ୍ଚାୟତ ବେଲଡିହ ଗ୍ରାମରୁ ଦମୟନ୍ତୀ ସମ୍ପର୍କୀୟ ପୁତୁରାଙ୍କ ସହିତ ବାଇକ୍ରେ କୁମାଣ୍ଡଳ ଯାଉଥିବା ବେଳେ ଉକ୍ତ ପେଟ୍ରୋଲ ପମ୍ପଠାରେ ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦମୟନ୍ତୀଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ର ଶେଖର ଜେନା, ଗମ୍ଭାରୀମୁଣ୍ଡା ବିଟ୍ ହାଉସ ଉପନିରୀକ୍ଷକ କେଶବ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ମାଣ୍ଡିଆ ମଣ୍ଡି ଉଦ୍ଘାଟିତ

**ଟାଙ୍ଗୀ,୧୬।୨ (ରଘୁନାଥ ସାହୁ):** ଟାଙ୍ଗୀ କୃଷି ଜିଲା କାର୍ଯ୍ୟାଳୟ ପକ୍ଷରୁ କୁହୁଡ଼ି ପ୍ରାଥମିକ ସମବାୟ ସମିତିଠାରେ ଶୁକ୍ରବାର ମାଣ୍ଡିଆ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ଓଡ଼ିଶା ମିଲେଟ୍ସ ମିଶନରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ସରକାରୀସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଟାଙ୍ଗୀ ବ୍ଲକରେ ପ୍ରଥମକରି ମାଣ୍ଡିଆ ମଣ୍ଡି ଖୋଲାଯାଇଥିବାରୁ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ମୁଖ୍ୟ ଜିଲା କୃଷି ଅଧିକାରୀ ଶରତ କୁମାର ପରିଡ଼ା ଯୋଗଦେଇ ମଣ୍ଡିକୁ ଉଦ୍ଘାଟନ କରିଥିଲେ। ଖୋର୍ଦ୍ଧା ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଟାଙ୍ଗୀ ସହକାରୀ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ଚିଲିକା ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଖୋର୍ଦ୍ଧା ସହକାରୀ ନିବନ୍ଧକ ପ୍ରଭାସ କୁମାର ମଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ସମବାୟ ସଂଘର ଡାଇରେକ୍ଟର ପବିତ୍ର କୁମାର ଭୁଜବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଉଦ୍ଯାପିତ

**ଗମ୍ଭାରୀମୁଣ୍ଡା,୧୬।୨(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ନାଚୁଣୀ ସଲପଡିହ ନିକଟ କଓସାଗଡ ସ୍ଥିତ ବ୍ରଜ ବିହାରରେ ବିଜେ ମା'ପାଣ୍ଡବାଶୁଣୀଙ୍କ ପୀଠରେ ୩ଦିନ ଧରି ଚାଲିଥିବା ବିଶ୍ୱଶାନ୍ତିଚଣ୍ଡୀ ମହାଯଜ୍ଞ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ମାତୃଦ୍ୱେକ ବ୍ରଜକିଶୋର ମହାରଣା କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ମାନସିକଧାରୀ ପୁରୁଷ ମହିଳା ସଂକଳ୍ପ ନେଇ ଜଳକୁମ୍ଭ ସ୍ଥାପନ କରି ଆରାଧନାରେ ରହିଥିଲେ। ପ୍ରବଚକଙ୍କ ଦ୍ୱାରା ଭାଗବତ ପୁରାଣ ବ୍ୟାଖ୍ୟାନ ଓ ଭଜନ ପରିବେଷଣ କରାଯାଇଥିଲା। ସଭାପତି ପ୍ରଦୋଷ ଦାସଙ୍କ ସହିତ ମନ୍ଦିର ଓ ଯଜ୍ଞ ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିଲା।

# ଦେଉଳିରେ ଆମ ପୋଲିସ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅଧିକାରୀ ଏବଂ ଅନ୍ୟମାନେ।

**ବେଗୁନିଆ,୧୬।୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ତହସିଲଦାର ତାପସ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଗୋବିନ୍ଦପୁର ପ୍ରାଥମିକ ଚିକିତ୍ସାଳୟର ଡା.ଦେବୀ ପ୍ରସାଦ ଦାଶ ଓ ପ୍ରଧାନ ଶିକ୍ଷକ ଦାଶରଥି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ନାଗରିକମାନେ ସଚେତନ ହେଲେ ଗାଁଠୁ ଦେଶ ପର୍ଯ୍ୟନ୍ତ ସବୁଠି ଶାନ୍ତି ପ୍ରତିଷ୍ଠିତ ହୋଇପାରିବ। ଶୃଙ୍ଖଳା, ଆଚରଣ ଓ ବ୍ୟବହାରରେ ସଂଯମତା ରକ୍ଷା କରି ଗାଁ ପରିବେଶକୁ ସୁରକ୍ଷା ଦେବା ପୋଲିସର ମୌଳିକ ଧର୍ମ। ତେଣୁ ସାଧାରଣ ଜନତା ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ବୋଲି ଅତିଥି ବିଶି ଉଦ୍ବୋଧନ ଦେଇଥିଲେ। ସେହିପରି ପାଖେଇ ଆସୁଛି ଜାଗର ଯାତ୍ରା। ଉକ୍ତ ପଞ୍ଚାୟତ ଅନ୍ତର୍ଗତ ଗୋଡା ଗ୍ରାମର ଆରାଧ୍ୟ ଦେବତା ଲୋକନାଥ ଦେବଙ୍କ ପୀଠ ଚଳଚଞ୍ଚଳ ହେବ। କିପରି ଶାନ୍ତିଶୃଙ୍ଖଳାରେ ଉତ୍ସବ ପାଳନ ହେବ ଏବଂ ପୋଲିସର ସହଯୋଗ ରହିବ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**କୋଣାର୍କ, ୧୬।୨(ଜ୍ୟୋତିରାଜ ମହାନ୍ତି)**

ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ଭୋର ୪ଟା ୩୪ ମିନିଟରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଘନକୁହୁଡ଼ି ଯୋଗୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସମବେତ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପବିତ୍ର ମାଘ ସପ୍ତମୀରେ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଏବଂ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱରଙ୍କୁ ସମ୍ପୃକ୍ତ ସେବାୟତମାନେ ଗୁରୁବାର ଷଷ୍ଠୀ ରାତ୍ରି ୯ଟା ୩୦ରେ ସୁସଜ୍ଜିତ ବିମାନରେ ବିଜେକରାଇ ରୀତିନୀତିଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ପରେ ତିନି ମହାଦେବଙ୍କୁ ନିଜ ନିଜ ପୀଠରୁ ବେହେରା ସେବକମାନେ ବିରାଟ ପଟୁଆରରେ ଆଣି ଭୋଗମଣ୍ଡପଠାରେ ରାତ୍ର ୧୨ଟା ୩୦ରେ ପହଞ୍ଚିଥିଲେ।



ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

ସେଠାରେ ତିନି ମହାଦେବ ବିଜେ କରିବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍ଏସି ପରିସରରେ ଆଧାତ୍ମିକ ଓ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାକାର ପରିବେଶକୁ ଭକ୍ତିପୂର୍ଣ୍ଣ କରିଦେଇଥିଲା। ପରେ ତ୍ରିଶମ୍ଭୁଙ୍କୁ ବିରାଟ ଶୋଭାଯାତ୍ରାରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ନିଆଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ ସହ ଭୋଗ ଲାଗି କରାଯାଇଥିଲା। ତ୍ରିଶମ୍ଭୁଙ୍କୁ ବେହେରା ସେବକମାନେ କାନ୍ଧରେ ବୋହି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। କୋଣାର୍କ ଡାକବଙ୍ଗଳା ଛକଠାରୁ ଆଧାତ୍ମିକ ବାତାବରଣ ମଧ୍ୟରେ ନାଚଗୀତ ତାଳେ ତାଳେ ତ୍ରିଶମ୍ଭୁଙ୍କୁ ପଟୁଆରରେ ନିଆଯିବାବେଳେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମବିଭୋର ହୋଇପଡ଼ିଥିଲେ। ଗୁରୁବାର ରାତି ୩ଟାରେ ତ୍ରିଶମ୍ଭୁ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ଅବସ୍ଥାନ କରିଥିଲେ। ପ୍ରାଚୀନ ଚନ୍ଦ୍ରଭାଗା ନଦୀ ତଥା ବର୍ତ୍ତମାନର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜକମାନେ ପବିତ୍ର ଜଳ ଆଣିବା ପରେ ତିନି ମହାଦେବଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ସମ୍ପାଦନ କରାଯାଇଥିଲା। ତିନି ମହାଦେବଙ୍କ ପବିତ୍ର ଜଳକୁ ତୀର୍ଥ ପୁଷ୍କରିଣୀରେ ପକାଯାଇଥିଲା। ଏହାପରେ ତିନି ମହାଦେବଙ୍କ ସେବାୟତ ଓ ସାଧୁସନ୍ଥମାନେ ସ୍ନାନ କରିଥିଲେ। ପରେ ସମବେତ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ ସହ ସୂର୍ଯ୍ୟନାରାୟଣଙ୍କ ଉପାସନା କରି ଜଳ ଅର୍ପଣ କରିଥିଲେ। ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଦର୍ଶନ ପାଇଁ ସମବେତ ହୋଇଥିଲେ। ମାତ୍ର ଘନ କୁହୁଡ଼ି ଯୋଗୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିରରେ ପ୍ରବେଶ ଶୁଳ୍କ ଛାଡ଼ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ସେମାନଙ୍କ ପରିବାରର ରିଷ୍ଟ ଖଣ୍ଡନ ଓ ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଆଦି ସମ୍ପାଦନ କରୁଥିବା ପରିଲକ୍ଷିତ ହୋଇଥିଲା।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/ 2024

# ଗୁରଜନ୍ତଙ୍କ ଗୋଲରେ ଭାରତ ବିଜୟୀ



ଗୋଲ୍ ଦେବା ପରେ ଗୁରଜନ୍ତ ସିଂ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୬।୨

(ତପନ ସ୍ୱାଇଁ)

ଶେଷ କ୍ଷଣରେ ଗୁରଜନ୍ତ ସିଂଙ୍କ ଫିଲ୍ଡ ଗୋଲ ଭାରତର ସମ୍ମାନ ରଖିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ଭାରତ ୧-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୮ ପଏଣ୍ଟ ପାଇ ଘରୋଇ ଦଳ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଏଥିସହିତ ପ୍ରୋ ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟ ଶେଷ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୧୯ ତାରିଖରୁ ଆରମ୍ଭ ହେବ। ସେଠାରେ ପ୍ରଥମ ଦିନରେ ଆୟର୍ଲାଣ୍ଡ-ନେଦରଲାଣ୍ଡ୍ସ ଏବଂ ଭାରତ-ସ୍ପେନ୍ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୧ଶ ସ୍ଥାନରେ ଥିବା ଆୟର୍ଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ ୪ର୍ଥ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ଭାରତକୁ କଡ଼ା ଟକ୍କର ଦେଇଥିଲା। ଫଳରେ ଭାରତ ପ୍ରଥମ କ୍ୱାର୍ଟରରେ ଗୋଟିଏ ଓ ଦ୍ୱିତୀୟ କ୍ୱାର୍ଟରରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଅନୁରୂପ ଫଳ ମିଳିଥିଲା। ୪୨ତମ ମିନିଟରେ

## ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍

ଭାରତ ପେନାଲ୍ଟି କର୍ନର ସୁଯୋଗର ସଦୁପଯୋଗ କରିପାରି ନ ଥିଲା। ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭାରତର ୨ଟି ଏବଂ ଆୟର୍ଲାଣ୍ଡର ୩ଟି ପେନାଲ୍ଟି ସୁଯୋଗ ବ୍ୟର୍ଥ ହୋଇଥିଲା। ମ୍ୟାଚଟି ଗୋଲଶୂନ୍ୟ ରହିବା ସହ ଶୁଟ୍‌ଆଉଟକୁ ଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଭାରତର ଗୁରଜନ୍ତ ସିଂ ଏକ ଗୋଲ ଦେଇ ଭାରତୀୟ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଆୟର୍ଲାଣ୍ଡ ପାଇଁ ଆଉ ପ୍ରତ୍ୟାବର୍ତ୍ତନ ପାଇଁ ଭାବିବାର ସୁଯୋଗ ନ ଥିଲା। ୫୧ତମ ମିନିଟରେ ଆୟର୍ଲାଣ୍ଡର ଜେରେମି ଡନ୍‌କାନ୍ ଏକମାତ୍ର ଗ୍ରୀନ୍ କାର୍ଡ ପାଇଥିଲେ। ଆୟର୍ଲାଣ୍ଡ ୪ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଥିଲେ ହେଁ ଏଠାରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇ ମନୋବଳ ବୃଦ୍ଧି କରିପାରିଛି।

# ଗଗନେନ୍ଦୁ ଦାଶଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୧୬।୨

(ତପନ ସ୍ୱାଇଁ)

ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ସିକିମ, ନାଗାଲାଣ୍ଡ ଓ ତ୍ରିପୁରାରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ବକ୍ସିଂ, ଫେନ୍‌ସିଂ, ଫୁଟବଲ, ହକି, ଜୁଡୋ,



ଗଗନେନ୍ଦୁ ଦାଶ

କବାଡ଼ି, ମାଲଖମ୍ଭ, ରଗ୍‌ବୀ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟେନିସ, ଭଲିବଲ, ଭାରୋତ୍ତୋଳନ, ରେସ୍‌ଲିଂ ଓ ଯୋଗାସନ ଆଦି ୨୦ଟି ଇଭେଣ୍ଟ (ମହିଳା ଓ ପୁରୁଷ)ରେ ପ୍ରତିଯୋଗିତା ହେବ। ଏହି ଇଭେଣ୍ଟଗୁଡ଼ିକରେ ପାଖାପାଖି ୪୫୦୦ ଆଥଲେଟ୍ ସେମାନଙ୍କ ଭାଗ୍ୟପରୀକ୍ଷା କରିବେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅଭିଜ୍ଞତାକୁ ଦୃଷ୍ଟିରେ ରଖି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଟେନିସ (ମହିଳା ଓ ପୁରୁଷ) କ୍ରୀଡ଼ାର ସଂଯୋଜକଭାବେ ମନୋନୀତ କରାଯାଇଛି। ଏଥିପାଇଁ ଗଗନେନ୍ଦୁ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌କୁ ଧନ୍ୟବାଦ ଦେବାସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

# ଶୁଭ୍ରାଂଶୁଙ୍କ ଶତକ, ଶାନ୍ତନୁଙ୍କ ଅର୍ଦ୍ଧଶତକ

ଭୁବନେଶ୍ୱର, ୧୬।୨

(ତପନ ସ୍ୱାଇଁ)

ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ

## ରଣଜୀ ଟ୍ରଫି: ଓଡ଼ିଶା ୩୧୪/୪

ବେଳକୁ ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୩୧୪ ରନ ସଂଗ୍ରହ କରିଛି। ଶୁଭ୍ରାଂଶୁ ୧୦୯ ଓ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୪୦ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ପ୍ରଥମ ଉଇକେଟରେ ୫୮ ରନ ଯୋଗକରି ସ୍ୱସ୍ତିକ ସାମଲ ଓ ଶାନ୍ତନୁ ମିଶ୍ର ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ସ୍ୱସ୍ତିକ ୪୦ ବଲ୍‌ରୁ ୩୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଫର୍ମରେ ଥିବା ସନ୍ଦୀପ ପଟ୍ଟନାୟକ ମାତ୍ର ୧୨ ରନରେ ଆଉଟ ହୋଇଥିବାବେଳେ ଶାନ୍ତନୁ ଓ ଶୁଭ୍ରାଂଶୁ ତୃତୀୟ ଉଇକେଟରେ ୮୦ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ଏଠାରେ ୧୫ଶ ପ୍ରଥମ ଶ୍ରେଣୀ ଅର୍ଦ୍ଧଶତକ ହାସଲ କରିଥିବା



ଶତକ ହାସଲକାରୀ ଶୁଭ୍ରାଂଶୁ ସେନାପତି।

ଶାନ୍ତନୁ ୧୨୯ ବଲ୍‌ରୁ ୭୬ ରନକରି ପ୍ୟାଭିଲିୟନ ଫେରିଥିଲେ। ତେବେ ଆତ୍ମବିଶ୍ୱାସର ସହ ବ୍ୟାଟିଂ ଜାରି ରଖି ଶୁଭ୍ରାଂଶୁ ଚତୁର୍ଥ ଉଇକେଟରେ ଗୋବିନ୍ଦ ପୋଦ୍ଦାର (୨୭)ଙ୍କ ସହ ୬୮ ଓ ଅସମାପ୍ତ ୫ମ ଉଇକେଟରେ ବିପ୍ଳବ ସାମନ୍ତରାୟଙ୍କ ସହ ୮୧ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଛନ୍ତି। ୧୮୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶୁଭ୍ରାଂଶୁ ନିଜ ଶତକୀୟ ଇନିଂସ ମଧ୍ୟରେ ୧୩ ଚୌକା ମାରିଛନ୍ତି। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ପ୍ରଂଶୁ ବିଜୟରନ ଓ ପ୍ରଥମ ପଦାର୍ପଣକାରୀ ସୁମିତ ମାଥୁର ୨ଟି ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୧୪/୪ (ଶୁଭ୍ରାଂଶୁ ସେନାପତି-୧୦୯*, ଶାନ୍ତନୁ ମିଶ୍ର-୭୬, ବିପ୍ଳବ ସାମନ୍ତରାୟ-୪୦*, ପ୍ରଂଶୁ ବିଜୟରନ-୨/୬୪, ସୁମିତ ମାଥୁର-୨/୬୭)।

# ନେଦରଲାଣ୍ଡ୍ସକୁ ହରାଇଲା ଅଷ୍ଟ୍ରେଲିଆ

ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)

ଚମତ୍କାର ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ଦିବସରେ ଦମ୍‌ଦାର ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ଏହି ଦଳ ଟେବୁଲ ଟପ୍ପର ନେଦରଲାଣ୍ଡ୍ସକୁ ୬-୪ ଗୋଲରେ ପରାସ୍ତ କରିଛି। ମ୍ୟାଚର ୬ଷ୍ଠ ମିନିଟରେ ଡୁକୋ ଟେଲଗେନ୍‌କାମ୍ପ ଏବଂ ୧୨ଶ ଓ ୨୦ତମ ମିନିଟରେ କୋଏନ ବିଜେନଙ୍କ ଡବଲ ଗୋଲ ବଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସ ୩-୦ରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଚାପକୁ ନ ଆସି ଦ୍ୱିତୀୟାର୍ଦ୍ଧରେ ଅସଲ ଖେଳ ଦେଖାଇଥିଲା ଅଷ୍ଟ୍ରେଲିଆ। ତୃତୀୟ କ୍ୱାର୍ଟରରେ ବ୍ଲେକ ଗୋଭର୍ସ (୩୩ତମ ମିନିଟ) ଓ ଜେରେମି ହେୱାର୍ଡ (୪୦) ୨ଟି ଗୋଲ ପରିଶୋଧ କରି ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅସଲ ଲଢ଼େଇ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିବାବେଳେ ୪୮ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହେୱାର୍ଡ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚରେ ଏହାଥିଲା ହେୱାର୍ଡଙ୍କ ଦ୍ୱିତୀୟ ଗୋଲ। ସେହିପରି ୫୩ତମ ମିନିଟରେ ଗୋଭର୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପ୍ରଥମଥରପାଇଁ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିଲେ। ୩ ମିନିଟ ପରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ନେଦରଲାଣ୍ଡ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜିପ୍ ଜାନସେନ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ମାତ୍ର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଗୁରୁବାର ଭାରତ ବିପକ୍ଷ ମ୍ୟାଚରେ ଏକଦା ୨-୪ରେ ପଛୁଆ ରହିଥିଲେ ହେଁ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରି ୬-୪ ଗୋଲରେ ବିଜୟୀ ହୋଇଥିଲା।



ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଆନାବେଲ୍‌ଙ୍କ ଦ୍ରୁତତମ ଦ୍ୱିଶତକ

ପର୍ଥ,୧୬।୨(ପି.ଟି.)

ମହିଳା ଟେଷ୍ଟ କ୍ରିକେଟ ଇତିହାସରେ ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଦ୍ରୁତତମ ଦ୍ୱିଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟର ଦ୍ୱିତୀୟ ଦିବସରେ ସେ ୨୪୮ ବଲ୍‌ରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଦ୍ରୁତତମ ଦ୍ୱିଶତକ ରେକର୍ଡ କାରେନ୍ ରଲ୍‌ଟନଙ୍କ ନାମରେ ରହିଥିଲା। ୨୦୦୧ରେ ଲିଡ୍ସଠାରେ ସେ ଇଂଲଣ୍ଡ ବିପକ୍ଷରେ ୩୦୬ ବଲ୍‌ରେ ଦ୍ୱିଶତକ ହାସଲ କରି ରେକର୍ଡର ଅଧିକାରୀ ହୋଇଥିଲେ। ୨୨ ବର୍ଷୀୟା ଆନାବେଲ ୨୫୬ ବଲ୍‌ରୁ ୨୧୦ ରନ କରି ଆଉଟ ହୋଇଥିଲେ। ତାଙ୍କର ଏହି ଆକର୍ଷଣୀୟ ବ୍ୟାଟିଂ ସହାୟତାରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସକୁ ୫୭୫/୯ ରେ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସରେ ମାତ୍ର ୭୬ ରନ କରିଥିବା ଦକ୍ଷିଣ ଆଫ୍ରିକା ଏହାର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୬୭ ରନ କରିଛି। ଘରୋଇ ଦଳଠାରୁ ଦଳ ଆହୁରି ୪୩୨ ରନ ପଛରେ ରହିଛି। ମହିଳା ଟେଷ୍ଟ କ୍ରିକେଟର ଜଣେ ଅଷ୍ଟ୍ରେଲୀୟ କ୍ରିକେଟର ହିସାବରେ ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବୋଚ୍ଚ ରନ ସଂଗ୍ରହ କରିବା ରେକର୍ଡ ଅଷ୍ଟ୍ରେଲିଆର ଏଲିସ୍ ପେରୀଙ୍କ ନାମରେ ରହିଛି। ୨୦୧୭ରେ ସେ ୨୧୩ ରନ କରିଥିଲେ। ଆନାବେଲ ଏହି ରେକର୍ଡଠାରୁ ମାତ୍ର ୩ ରନ ପଛରେ ରହିଯାଇଥିଲେ। ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆନାବେଲ ଦକ୍ଷିଣ ଆଫ୍ରିକୀୟ ବୋଲରମାନଙ୍କୁ ଧୂଳେଇ କରି ୨୭ ଚୌକା ଓ ୨ ଛକା ଲଗାଇଥିଲେ। ମାତ୍ର ୩ଜଣ ମହିଳା ଟେଷ୍ଟରେ ବଡ଼ ସ୍କୋର କରିଛନ୍ତି। ସେମାନେ ହେଲେ ୨୦୦୪ରେ ପାକିସ୍ତାନର କିରଣ ବାଲୁଚ୍ (୨୪୨), ୨୦୦୨ରେ ଭାରତର ମିଥାଲୀ ରାଜ (୨୧୪) ଏବଂ ପେରୀ। ଆନାବେଲ ଆହୁରି ମଧ୍ୟ ଏହି ମାଇଲଖୁଣ୍ଟ ହାସଲ କରିବାରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ମହିଳା ଏବଂ ଓଭରଅଲ ଦ୍ୱିତୀୟ ସର୍ବକନିଷ୍ଠ।

# ଏସ୍‌ଆର୍ ଚେସ୍ ପକ୍ଷରୁ ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ

ଭୁବନେଶ୍ୱର,୧୬।୨

(ବିଜୟ ରଣା)

ଚେସ୍ ଖେଳ ମାଧ୍ୟମରେ ଖୋର୍ଦ୍ଧା ଜେଲରେ ଥିବା ଅନ୍ତେବାସୀମାନଙ୍କ ଅନ୍ତର୍ନିହିତ ଦକ୍ଷତାକୁ ଚିହ୍ନଟ କରି ସେମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ ଆର୍ ଚେସ୍ ସେଣ୍ଟର ପକ୍ଷରୁ ଗୁଣାତ୍ମକ ଚେସ ପ୍ରଶିକ୍ଷଣ ଦିଆଯାଉଛି। ଭାରତୀୟ ତୈଳ ନିଗମ ସହଯୋଗରେ 'ପ୍ରିଜନ ଟୁ ପ୍ରାଇଡ୍' ଶୀର୍ଷକ ଏହି କାର୍ଯ୍ୟକ୍ରମ ପନ୍ଦର ଦିନ ଧରି ଚାଲିବ। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା ଏହି ନିଆରା ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ତୈଳ ନିଗମର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ମୁଖ୍ୟ ମହାପ୍ରବନ୍ଧକ ପୀୟୂଷ ମିତଲ, ମାନବ ସମ୍ବଳ ମହାପ୍ରବନ୍ଧକ ଡି.ପି. ଶତପଥୀ, ଜି. ସି. ପ୍ରଧାନ (ଡିଜିଏମ୍ ଏଚ୍‌ଆର ) ଓ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

'ପ୍ରିଜନ ଟୁ ପ୍ରାଇଡ' କାର୍ଯ୍ୟକ୍ରମରେ କାରାଗାରର ଅନ୍ତେବାସୀଙ୍କୁ ଏସ୍‌ଆର୍ ଚେସ ପକ୍ଷରୁ ଅଧ୍ୟକ୍ଷ ସୁଭାଶିଷ ପଟ୍ଟନାୟକ ଓ ଅନ୍ତର୍ଜାତୀୟ ପ୍ରଶିକ୍ଷକ ତଥା ଏସ୍ ଆର୍ ଚେସ ସେଣ୍ଟର ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ କୋଚ୍ ଅବିନାଶ ଦାଶ, ସତ୍ୟଜିତ ପଟ୍ଟନାୟକ, ସୁବାସ ଚନ୍ଦ୍ର ଶତପଥୀ ଓ ମନୋଜ କୁମାର ରାୟ ପ୍ରମୁଖ ଜେଲ୍‌କୁ ଯାଇ ସ୍ୱତନ୍ତ୍ର ଚେସ ପ୍ରଶିକ୍ଷଣ ଦେଉଛନ୍ତି। ଆଇଓସିଏଲ୍‌ର ବରିଷ୍ଠ କ୍ରୀଡା ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ସିଧାସଳଖ ସର୍ବଭାରତୀୟ ଅନ୍‌ଲାଇନ କାରାଗାର ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ଗତବର୍ଷ ଭୁବନେଶ୍ୱରର ଝାରପଡ଼ା କାରାଗାର ସର୍ବଭାରତୀୟ କାରାଗାର ଚେସ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ବିଶ୍ୱ କାରାଗାର ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରି ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କ ପ୍ରଶଂସାଭାଜନ ହୋଇଥିଲେ।

# ୫୦୦ ଟେଷ୍ଟ ଉଇକେଟ କ୍ଲବରେ ଅଶ୍ୱିନ

ରାଜକୋଟ, ୧୬।୨ (ପି.ଟି.)

ଭାରତର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁକ୍ରବାର ୫୦୦ ଟେଷ୍ଟ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ଅନିଲ କୁମ୍ବଲେଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ସଫଳତା ପାଇଛନ୍ତି।



ଅନ୍ତର୍ଜାତୀୟ କ୍ରିକେଟରେ ୫୦୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ହାସଲ କରିବାରେ ସେ ହେଉଛନ୍ତି ୯ମ ବୋଲର। ତେବେ ତୃତୀୟ ଅଫ୍ ସ୍ପିନର ଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଅନ୍ୟ ଦୁଇ ଅଫ୍ ସ୍ପିନର ହେଲେ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ନାଥାନ ଲିୟନ। ରାଜକୋଟରେ ଚାଲିଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଦିବସରେ ଇଂଲଣ୍ଡର ଜ୍ୟାକ କ୍ରଲିଙ୍କ ଉଇକେଟ ନେଇ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରିଥିବା ଅଶ୍ୱିନ ପରେ ମିଡିୟମ ପେସ୍ ବୋଲିଂ ପାଇଁ ପ୍ରୟାସ କରିବା ପରେ ଅଫ୍ ସ୍ପିନ୍‌କୁ ଆପଣେଇ ନେଇଥିଲେ। ୩୭ ବର୍ଷୀୟ ଚେନ୍ନାଇର ଏହି ଇଞ୍ଜିନିୟରିଂ ଗ୍ରାଜୁଏଟ୍ ୨୦୧୧ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

## ମ୍ୟାଚ୍ ଅଧାରୁ ଓହରିଗଲେ

ରବୀଚନ୍ଦ୍ରନ୍ ଅଶ୍ୱିନ ମା'ଙ୍କ ଅସୁସ୍ଥତା କାରଣରୁ ତୃତୀୟ ଟେଷ୍ଟ ଅଧାରୁ ଓହରିଯାଇଛନ୍ତି। ୫୦୦ ଟେଷ୍ଟ ଉଇକେଟ ହାସଲ କରିବାର କିଛି ଘଣ୍ଟା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବିସିସିଆଇ ତରଫରୁ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏହି ସୂଚନା ଦିଆଯାଇଛି। ଖବର ଅନୁସାରେ ରାଞ୍ଚି (ଫେବୃଆରୀ ୨୫ରୁ ୨୯) ଓ ଧର୍ମଶାଳାରେ (ମାର୍ଚ୍ଚ ୭ରୁ ୧୧) ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ସିରିଜର ଅବଶିଷ୍ଟ ଦୁଇ ଟେଷ୍ଟ ମ୍ୟାଚ ପାଇଁ ସେ ଉପଲବ୍ଧ ହୋଇ ନ ପାରିନ୍ତି।

**ଟେଷ୍ଟ କ୍ରିକେଟରେ ସର୍ବାଧିକ ଉଇକେଟ**

| ଉଇକେଟ | ଖେଳାଳି | ଦେଶ | ମ୍ୟାଚ | ଇନିଂସ |
|---|---|---|---|---|
| ୮୦୦ | ମୁଥୟା ମୁରଲୀଧରନ | ଶ୍ରୀଲଙ୍କା | ୧୩୩ | ୨୩୦ |
| ୭୦୮ | ଶେନ ୱର୍ନ | ଅଷ୍ଟ୍ରେଲିଆ | ୧୪୫ | ୨୭୩ |
| ୬୯୬* | ଜେମ୍ସ ଆଣ୍ଡରସନ | ଇଂଲଣ୍ଡ | ୧୮୫ | ୩୪୪ |
| ୬୧୯ | ଅନିଲ କୁମ୍ବଲେ | ଭାରତ | ୧୩୨ | ୨୩୬ |
| ୬୦୪ | ଷ୍ଟୁଆର୍ଟ ବ୍ରଡ୍ | ଇଂଲଣ୍ଡ | ୧୬୭ | ୩୦୯ |
| ୫୬୩ | ଗ୍ଲେନ ମ୍ୟାକଗ୍ରା | ଅଷ୍ଟ୍ରେଲିଆ | ୧୨୪ | ୨୪୩ |
| ୫୧୯ | କର୍ଟନି ୱାଲ୍ସ | ୱେଷ୍ଟଇଣ୍ଡିଜ | ୧୩୨ | ୨୪୨ |
| ୫୧୭ | ନାଥାନ ଲିୟନ | ଅଷ୍ଟ୍ରେଲିଆ | ୧୨୭ | ୨୩୮ |
| ୫୦୦* | ରବିଚନ୍ଦ୍ରନ ଅଶ୍ୱିନ | ଭାରତ | ୯୮ | ୧୮୪ |

# ଡକେଟଙ୍କ ଶତକ: ଇଂଲଣ୍ଡ ୨୦୭/୨

ରାଜକୋଟ, ୧୬।୨ (ପି.ଟି.)

ବେନ୍ ଡକେଟଙ୍କ ପାୱାର-ପ୍ୟାକେଡ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟ କ୍ରିକେଟରେ ନିଜର ସ୍ଥିତି ମଜଭୁତ କରିଛି। ଭାରତର ପ୍ରଥମ ଇନିଂସ ୪୪୫ ରନରେ ସୀମିତ ରହିବା ପରେ ଇଂଲଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ୨ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଛି। ମାତ୍ର ୮୮ ବଲ୍‌ରୁ ନିଜର ତୃତୀୟ ଟେଷ୍ଟ ଶତକ ପୂରଣ କରିଥିବା ଡକେଟ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ୧୩୩ ଓ ଜୋ ରୁଟ୍ ୯ ରନରେ ଅପରାଜିତ ରହିଛନ୍ତି। ସେ ୧୧୮ ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୨୧ ଚୌକା ଓ ୨ ଛକା ମାରିଛନ୍ତି। ଗୋଟିଏ ସମୟରେ ଡକେଟ ଟେଷ୍ଟ କ୍ରିକେଟରେ ଦ୍ରୁତତମ ଶତକର ଅଧିକାରୀ ଗିଲବର୍ଟ ଜୋସେଫଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଥିଲେ। ଇଂଲଣ୍ଡର ଗିଲବର୍ଟ ୧୯୦୨ରେ ମାତ୍ର ୭୭ ବଲ୍‌ରୁ ଟେଷ୍ଟ ଶତକ ହାସଲ କରି ରେକର୍ଡର ଅଧିକାରୀ ଅଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ଏବେ ଭାରତର ପ୍ରଥମ ଇନିଂସଠାରୁ ୨୩୮ ରନ ପଛରେ ରହିଛି। ଭାରତର ରବିଚନ୍ଦ୍ରନ ଅଶ୍ୱିନଙ୍କ ୫୦୦ ଉଇକେଟ ପୂରଣ ଥିଲା ଦିବସର ଅନ୍ୟତମ ଚର୍ଚ୍ଚିତ ଘଟଣା।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୨୬/୫ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସରେ ୪୪୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରବୀନ୍ଦ୍ର ଜାଡେଜା ନିଜର ପୂର୍ବ

## ତୃତୀୟ ଟେଷ୍ଟ

### ଭାରତ ପ୍ରଥମ ଇନିଂସ ୪୪୫ରେ ସୀମିତ

ଦିନର ସ୍କୋରରେ ଆଉ ମାତ୍ର ୨ ରନ ଯୋଗକରି ୧୧୨ରେ ଏବଂ କୁଲଦୀପ ଯାଦବ ୪ ରନକରି ଆଉଟ ହୋଇଥିଲେ। କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ଧ୍ରୁବ ଜୁରେଲ ୪୬, ରବିଚନ୍ଦ୍ରନ ଅଶ୍ୱିନ ୩୭ ଓ ଯଶପ୍ରୀତ୍ ବୁମ୍‌ରା ୨୬ ରନ କରିବାକୁ ସକ୍ଷମ ହୋଇଥିଲେ।

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ କ୍ରିକେଟରେ ଶୁକ୍ରବାର ଭାରତକୁ ୫ ରନ ପେନାଲ୍ଟି ହୋଇଛି। ମ୍ୟାଚ ସମୟରେ ଭାରତୀୟ ବ୍ୟାଟର ଦୁଇ ଥର ପିଚ୍‌ର ମଧ୍ୟ ଭାଗରେ ଦୌଡ଼ି ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ଏହି ପେନାଲ୍ଟିର ଅର୍ଥ ଇଂଲଣ୍ଡ ପ୍ରଥମ ଇନିଂସ ବେଳେ ଗୋଟିଏ ହେଲେ ବଲ୍ ନ ପଡ଼ି ୫/୦ ସ୍କୋରରୁ ଖେଳ ଆରମ୍ଭ ହୋଇଛି।



ଶତକ ହାସଲପରେ ବେନ୍ ଡକେଟ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୪୫/ଅଲ୍‌ଆଉଟ (ରୋହିତ ଶର୍ମା-୧୩୧, ରବୀନ୍ଦ୍ର ଜାଡେଜା-୧୧୨, ସର୍ଫରାଜ ଖାଁ-୬୨, ଧ୍ରୁବ ଜୁରେଲ-୪୬, ମାର୍କ ଉଡ୍-୪/୧୧୪, ରେହନ ଅହମଦ-୨/୮୫, ଜେମ୍ସ ଆଣ୍ଡରସନ-୧/୬୧, ଟମ୍ ହାର୍ଟଲେ-୧/୧୦୯, ଜୋ ରୁଟ୍-୧/୭୦)। ଇଂଲଣ୍ଡ ପ୍ରଥମ ଇନିଂସ: ୨୦୭/୨ (ବେନ୍ ଡକେଟ-୧୩୩*, ଓଲି ପୋପ୍-୩୯, ରବିଚନ୍ଦ୍ରନ ଅଶ୍ୱିନ-୧/୩୭, ମହମ୍ମଦ ସିରାଜ-୧/୫୪)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ